
# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦ (୨୦ ପୃଷ୍ଠା) Sambalpur, Friday, March 20 / 2020 ★★

୧୬୫ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

DHARITRI
ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦ | Sambalpur, Friday, March 20 / 2020 | ପୃଷ୍ଠା-୧



## ୩୭ ବର୍ଷରେ ପାଦ ଥାପିଲେ ତନୁଶ୍ରୀ

ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଗୁରୁବାର ୩୭ ବର୍ଷରେ ପଦାର୍ପଣ କରିଛନ୍ତି। ଫିଲ୍ମ 'ଆସିକି ବନାୟା ଆପ୍‌ନେ'ରେ ଇମ୍‌ରାନ୍‌ଙ୍କ ସହ ତାଙ୍କ ଲିପ୍‌ଲକ୍ ସିନ୍ ବେଶ୍ ଚର୍ଚ୍ଚିତ ଥିଲା।

୧୪

୧୬

## ଆଣ୍ଡ୍ର୍ୟୁ ଏଲିସ୍‌ଙ୍କ ଅବସର

ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀ ତଥା ନ୍ୟୁଜିଲାଣ୍ଡ ବୋଲିଂ ଅଲ୍‌ରାଉଣ୍ଡର ଆଣ୍ଡ୍ର୍ୟୁ ଏଲିସ୍ ଗୁରୁବାର ଅବସର ଘୋଷଣା କରିଛନ୍ତି।



# ଆଜିଠୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ



## କରୋନା ପାଇଁ ବଡ଼ ନିଷ୍ପତ୍ତି

- ଏପ୍ରିଲ ପହିଲା ଯାଏ ମନ୍ଦିରକୁ ଯାଇପାରିବେନି ଭକ୍ତ
- ମହାପ୍ରଭୁଙ୍କ ସେବା ଓ ନୀତିକାନ୍ତି ସ୍ୱାଭାବିକ ଭାବେ ଚାଲିବ
- ସେବାୟତଙ୍କ ପାଇଁ ରହିଛି ପ୍ରବେଶ ଅନୁମତି

ପୁରୀ ଅଫିସ,୧୯।୩

କରୋନା ଭୂତାଣୁ ସଂକ୍ରମଣରୁ ଜନସାଧାରଣଙ୍କୁ କିପରି ସୁରକ୍ଷା ଦିଆଯାଇ ପାରିବ ସେନେଇ ସରକାର ସବୁପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ବିଭିନ୍ନ ଧର୍ମାନୁଷ୍ଠାନରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏହି କ୍ରମରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଉପରେ ନିଆଯାଇଛି ବଡ଼ ନିଷ୍ପତ୍ତି। ଶୁକ୍ରବାରଠାରୁ ଏପ୍ରିଲ୍ ପହିଲା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯିବ। ହେଲେ ଦୈନନ୍ଦିନ ଭଳି ମହାପ୍ରଭୁଙ୍କ ନୀତିକାନ୍ତି ଜାରି ରହିବ। କେବଳ ସେବାୟତମାନେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ସେବାପୂଜା କରିପାରିବେ। ଭକ୍ତ, ସେବାୟତଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ କରୋନା ଭୂତାଣୁର ଭୟାବହତାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ବଲ୍‌ୱନ୍ତ ସିଂ ସୂଚନା ଦେଇଛନ୍ତି।

ଓଡ଼ିଶାରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଅଧିକ ସତର୍କ ହୋଇପଡିଛନ୍ତି। ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଜନ ସମାବେଶକୁ ବାରଣ କରାଯାଇଥିବାବେଳେ ସଭାସମିତି, କର୍ମଶାଳା ଆଦିକୁ ବନ୍ଦ ରଖାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାମାଜିକ ଦୂରତ୍ୱ ରକ୍ଷା କରିବା। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା ଜାରି ହୋଇଥିଲା। ଗତ ଚାରିଦିନ ହେଲା କଟକଣା ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ଚାଲିଥିବାବେଳେ ଦର୍ଶନାର୍ଥୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଘଟିଥିଲା। ସେହିପରି ହୁଣ୍ଡିରେ ବି କରୋନା କଟକଣାର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ଗାଇଡ୍‌ଲାଇନ ଅନୁଯାୟୀ ସାମାଜିକ ଦୂରତା ରକ୍ଷା କରିବା କଷ୍ଟକର ହୋଇପଡ଼ିବାରୁ ପ୍ରଶାସନ ପକ୍ଷରୁ ଭକ୍ତ, ସେବାୟତ, ମନ୍ଦିର କର୍ମଚାରୀ, ପୋଲିସ ସମସ୍ତଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣ ଦର୍ଶନକୁ ଶୁକ୍ରବାରଠାରୁ ବନ୍ଦ ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଭକ୍ତଙ୍କ ଏଥିରେ ସହଯୋଗ ପୃଷ୍ଠା-୨

# ଫେରିଲା ମହାପ୍ରଭୁଙ୍କ ଟଙ୍କା

- ପ୍ରଥମ ପର୍ଯ୍ୟାୟରେ ୩୯୭.୨୩ କୋଟି ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଆସିଲା
- ୩୮୯କୋଟି ମୂଳ ଜମାରେ ମିଳିଲା ୮.୨୩କୋଟି ସୁଧ
- ୩୦ ତାରିଖରେ ସୁଧ ସହ ବାକି ୧୫୬ କୋଟି ଟଙ୍କା ଫେରିବ

ପୁରୀ ଅଫିସ,୧୯।୩

ଘରୋଇ ୟେସ୍ ବ୍ୟାଙ୍କର କାରବାର ଉପରେ ଆର୍‌ବିଆଇ କଟକଣା ଲାଗୁ କରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫କୋଟି ଟଙ୍କା ଜମାକୁ ନେଇ ଯେଉଁ ବିବାଦ ଲାଗି ରହିଥିଲା ତା'ର ଅବସାନ ଘଟିଛି। ଗୁରୁବାର ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିରର ଆକାଉଣ୍ଟକୁ ଫେରିଛି। ୩୮୯ କୋଟି ମୂଳ ଜମା ସହ ୮କୋଟି ୨୩ଲକ୍ଷ ୨୭ହଜାର ୬୩୬ ସୁଧ ଟଙ୍କା ଆସିଛି। ଆସନ୍ତା ୩୦ ତାରିଖରେ ୧୫୬ କୋଟି ଟଙ୍କାର ମାଚ୍ୟୁରିଟି (ଅବଧି) ଶେଷ ହେଉଥିବାରୁ ସେହିଦିନ ବାକି ସବୁ ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିବ ବୋଲି ୟେସ୍ ବ୍ୟାଙ୍କର ବରିଷ୍ଠ ଉପସଭାପତି ପୃଷ୍ଠା-୨

# ଆଜି ଫାଶୀଖୁଣ୍ଟରେ ଝୁଲିବେ ନିର୍ଭୟା ଦୋଷୀ



ନୂଆଦିଲ୍ଲୀ,୧୯।୩(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ସକାଳ ୫ଟା ୩୦ରେ ଫାଶୀ ଦିଆଯିବ। ଏଥିପାଇଁ ତିହାର ଜେଲ୍ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ଏକାଧିକ ଥର ଫାଶୀର ଡମି କରାଯାଇଥିଲା। ଅଫଜଲ ଗୁରୁ ଫାଶୀ ପାଇବାର ୭ ବର୍ଷ ପରେ ତିହାର ଜେଲ ଏକସଙ୍ଗେ ୪ ଜଣଙ୍କୁ ଫାଶୀ ଦେବାକୁ ଯାଉଛି।

ପଟିଆଲା ହାଉସ୍ କୋର୍ଟ ଅପରାଧୀମାନଙ୍କ ସମସ୍ତ ପିଟିଶନକୁ ଗୁରୁବାର ଖାରଜ କରିଦେଇଥିଲେ। ସେମାନଙ୍କର ଆଉ କୌଣସି ଆଇନଗତ ସହାୟତା ବାକି ନାହିଁ। ପବନ ଓ ଅକ୍ଷୟଙ୍କ ଦ୍ୱିତୀୟ କ୍ଷମା ଆବେଦନକୁ ରାଷ୍ଟ୍ରପତି ଅଗ୍ରାହ୍ୟ କରିଦେଇଥିବା ସରକାରୀ ଓକିଲ ଇର୍‌ଫାନ ଅହମଦ ଅଦାଲତଙ୍କୁ କହିଥିଲେ। କୋର୍ଟ ବାହାରେ ମଧ୍ୟ ଡ୍ରାମାବାଜି ଦେଖିବାକୁ ମିଳିଥିଲା। ଛାଡ଼ପତ୍ର ପାଇଁ ଆବେଦନ କରିଥିବା ଅକ୍ଷୟଙ୍କ ସ୍ତ୍ରୀ କୋର୍ଟ ବାହାରେ ମୂର୍ଚ୍ଛା ଯାଇଥିଲେ। ସେହିପରି ମୁକେଶ ସିଂଙ୍କ ପିଟିଶନ ଗୁରୁବାର ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ଅପରାଧ ସଂଘଟିତ ସମୟରେ ସେ ଦିଲ୍ଲୀରେ ନ ଥିଲେ ବୋଲି ଦାବି କରି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ଅତି ବୀଭତ୍ସ ଭାବେ ଆକ୍ରମଣ କରି ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ୧୪ ଦିନ ଧରି ମୃତ୍ୟୁ ସହ ସଂଘର୍ଷ କରିବା ପରେ ପୀଡ଼ିତା ସିଙ୍ଗାପୁରର ଏକ ହସ୍ପିଟାଲରେ ଆଖି ବୁଜିଥିଲେ। ଏହି ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ୪ ଅପରାଧୀ ମୁକେଶ ସିଂ(୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା(୨୬) ଏବଂ ଅକ୍ଷୟ କୁମାର ସିଂ(୩୧)ଙ୍କୁ ୨୦ ତାରିଖ (ଶୁକ୍ରବାର) ସକାଳ ୫ଟା ୩୦ରେ ଫାଶୀ ଦେବା ପାଇଁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ୫ ତାରିଖରେ ମୃତ୍ୟୁ ପରୱାନା ଜାରି କରିଥିଲେ। ଏହା ପୂର୍ବରୁ ୩ ଥର ଡେଥ୍ ୱାରେଣ୍ଟ ଜାରି ହୋଇଥିଲେ ହେଁ ଅପରାଧୀମାନେ ବିଭିନ୍ନ ବାହାନା କରି ଅଦାଲତଙ୍କ ଦ୍ୱାରସ୍ଥ ହେବା ସହ କ୍ଷମା ଆବେଦନ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା।

## ଭାରତରେ ଚତୁର୍ଥ ମୁଣ୍ଡ ନେଲା କରୋନା

**ନୂଆଦିଲ୍ଲୀ, ୧୯।୩:** ପ୍ରାଣଘାତୀ କରୋନା ଭାଇରସ୍ କ୍ରମଶଃ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଗୁରୁବାର ଏହା ଆଉ ଏକ ମୁଣ୍ଡ ଗଡ଼ାଇ ଥିବାବେଳେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି। ମୃତକ ଜଣକ ପଞ୍ଜାବର ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦିଲ୍ଲୀ, କର୍ଣ୍ଣାଟକ, ମହାରାଷ୍ଟ୍ର ପରେ ପଞ୍ଜାବରେ କରୋନା ମୃତ୍ୟୁଲୀଳା ଦେଖିବାକୁ ମିଳିଛି। ଦେଶରେ ଏବେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୭୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୨୫ ବିଦେଶୀ ଥିବା ଜଣାପଡ଼ିଛି। ୧୭ ଜଣ ଇଟାଲିର ହୋଇଥିବା ବେଳେ ଫିଲିପାଇନ୍ସର ୩, ବ୍ରିଟେନର ୨, କାନାଡ଼ା, ପୃଷ୍ଠା-୨

## ଓଡ଼ିଶାରେ ଦ୍ୱିତୀୟ କରୋନା ରୋଗୀ ଚିହ୍ନଟ

ଭୁବନେଶ୍ୱର,୧୯।୩(ବ୍ୟୁରୋ):ଓଡିଶାରେ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗୁରୁବାର ଭୁବନେଶ୍ୱର ଆରଏମଆରସିକୁ ୧୪ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ଗୋଟିଏ କୋଭିଡ-୧୯ ପଜିଟିଭ ଥିବା ଜଣାପଡିଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଏହି ସଂକ୍ରମିତ ବ୍ୟକ୍ତିଜଣକ କରୋନା ପ୍ରଭାବିତ ଦେଶରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ବ୍ୟକ୍ତିଙ୍କ ସଂସ୍ପର୍ଶରେ କେଉଁ ବ୍ୟକ୍ତିମାନେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ଷ୍ଟେଟ ସର୍ଭେଲାନ୍ସ ୟୁନିଟ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ଏହି ବ୍ୟକ୍ତି ଜଣକ କେଉଁ ଅଞ୍ଚଳର ତାହା ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜଣାପଡି ନାହିଁ। ପ୍ରଥମ କରୋନା ରୋଗୀ ମାର୍ଚ୍ଚ ୧୫ ତାରିଖରେ ଚିହ୍ନଟ ହୋଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବଡଗଡ ଅଞ୍ଚଳର ଏହି ବ୍ୟକ୍ତି ଇଟାଲିରୁ ଫେରିଥିଲେ।

## ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷା ବାତିଲ

**ଭୁବନେଶ୍ୱର,୧୯।୩(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ୍ସ (ସିଆଇଏସ୍‌ସିଇ) ବୋର୍ଡ ଦ୍ୱାରା ପରିଚାଳିତ ଦଶମ (ଆଇସିଏସ୍‌ଇ) ଓ ଦ୍ୱାଦଶ (ଆଇଏସ୍‌ସି) ଶ୍ରେଣୀ ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ମାର୍ଚ୍ଚ ୧୯ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉଭୟ ଶ୍ରେଣୀର ପରୀକ୍ଷାକୁ ବାତିଲ କରାଯାଇଛି। ବାତିଲ ହୋଇଥିବା ପରୀକ୍ଷାଗୁଡ଼ିକ କେବେ ହେବ ସେନେଇ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଆତ୍ମଘାତୀ ନୀତି

# ରବିବାର ଜନତା କର୍ଫ୍ୟୁ



### କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ,୧୯।୩(ପି.ଟି.)

ମହାମାରୀ କରୋନା ଭୂତାଣୁ ନେଇ ସୃଷ୍ଟ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ୨୨ ତାରିଖ (ରବିବାର) ଦେଶରେ ଜନତା କର୍ଫ୍ୟୁ ପାଳନ କରିବା ଲାଗି ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଜନତା କର୍ଫ୍ୟୁ ଅର୍ଥ ଜନସାଧାରଣଙ୍କ ଦ୍ୱାରା ସେମାନଙ୍କ ପାଇଁ ନିଜ ଉପରେ ଲଗାଯାଇଥିବା କର୍ଫ୍ୟୁ। ସେଦିନ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକେ ଘରୁ ନ ବାହାରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

କରୋନା ଭୂତାଣୁ ଏବେ ବିଶ୍ୱର ଅନେକ ଦେଶକୁ ବ୍ୟାପିଲାଣି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଯେତେ ସଂଖ୍ୟାରେ ଦେଶ ପ୍ରଭାବିତ ହୋଇ ନ ଥିଲେ କରୋନା ଭୂତାଣୁ ତା'ଠାରୁ ଅଧିକ ଦେଶକୁ ପ୍ରଭାବିତ କରିଛି। ଏହି ଭୂତାଣୁକୁ ନେଇ ଏବେ ଦେଶ ସଙ୍କଟ ଦେଇ ଗତି କରୁଛି। ଏହି ରୋଗରୁ ରକ୍ଷା ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ କିମ୍ବା ଔଷଧ ଏପର୍ଯ୍ୟନ୍ତ ବାହାରିନାହିଁ। ତେଣୁ ଏହାକୁ ନେଇ ଚିନ୍ତା ବଢ଼ିବା ସ୍ୱାଭାବିକ। ସଂକ୍ରମଣଠାରୁ ଦୂରେଇ ରହିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଏକମାତ୍ର ଉପାୟ ବୋଲି ଗୁରୁବାର ରାତିରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ସେଥିପାଇଁ ଅନ୍ୟମାନଙ୍କ ସଂସ୍ପର୍ଶରେ ନ ଆସିବାକୁ ଏବଂ ଗହଳି ସ୍ଥାନଠାରୁ ଯଥାସମ୍ଭବ ଦୂରେଇ ରହିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କରୋନା ସଂକ୍ରମିତ କେତେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଆଇସୋଲେଶନରେ ରଖିଛନ୍ତି। ଭାରତ ଭଳି ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଉପରେ କରୋନାର ଏହି ସଙ୍କଟ ସାମାନ୍ୟ କଥା ନୁହେଁ। ବିକଶିତ ଦେଶରେ ଏହାର ପ୍ରଭାବ ପଡୁଥିଲାବେଳେ ଭାରତରେ କୌଣସି ପ୍ରଭାବ ପଡିବ ନାହିଁ ଭାବିବା ଭୁଲ୍। ଏହାର ମୁକାବିଲା ପାଇଁ ଦୁଇଟି କଥା ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ହେଲା ସଙ୍କଳ୍ପ ଓ ଦ୍ୱିତୀୟରେ ସଂଯମତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସଂକ୍ରମଣଠାରୁ ଦୂରେଇ ରହିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବା ଆବଶ୍ୟକ। ସାମାଜିକ ଦୂରତ୍ୱ ରକ୍ଷା କରିବା, ଭିଡ଼ରୁ ଦୂରେଇ ରହିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ଅତି ଜରୁରୀ ନ ଥିଲେ ବାହାରକୁ ନ ଯିବାକୁ ମୋଦି କହିଛନ୍ତି। ୨୨ ତାରିଖ ଜନତା କର୍ଫ୍ୟୁ ଦିନ ଯେଉଁମାନେ ଅତ୍ୟାବଶ୍ୟକ କାର୍ଯ୍ୟରେ ଜଡିତ ସେମାନେ ବାହାରକୁ ଯାଇପାରିବେ। କିନ୍ତୁ ଅନ୍ୟମାନେ ନିଜକୁ ଘର ଭିତରେ ରଖିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିବା ସହ ଆଜିଠାରୁ ଏହି ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ କହିଛନ୍ତି। ପ୍ରତ୍ୟେକ ଫୋନ୍ ମାଧ୍ୟମରେ ୧୦ ଜଣଙ୍କୁ ଏ ସମ୍ପର୍କରେ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି। କରୋନା ବିରୋଧରେ ଲଢ଼େଇ ପାଇଁ ଏହା ଏକ ପ୍ରସ୍ତୁତି। ଆଜିର ପରିସ୍ଥିତିରେ ଦେଶ ପାଇଁ ଦିନରାତି କାର୍ଯ୍ୟ କରୁଥିବା ଡାକ୍ତର, ନର୍ସ, ସଫେଇ କର୍ମଚାରୀ, ରେଳ କର୍ମଚାରୀ, ହୋମ୍ ଡେଲିଭରି କରୁଥିବା ଲୋକ, ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

# ନକଲି ରିଲିଜ ଅର୍ଡ଼ର ବଳରେ ଜେଲରୁ ଖସିଗଲେ ୨ବନ୍ଦୀ

**କୋର୍ଟରେ ହାଜର ନ ହେବାରୁ ସତ ପଦାକୁ ଆସିଲା**

ବରଗଡ଼ ଅଫିସ,୧୯।୩

ନକଲି ରିଲିଜ ଅର୍ଡ଼ର ବଳରେ ବରଗଡ଼ ଉପ କାରାଗାର(ସବଜେଲ୍)ର ୨ଜଣ ବିଚାରାଧୀନ ବନ୍ଦୀ ମୁକ୍ତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ ଛତିଶଗଡ଼ ରାଜ୍ୟ ଦୁର୍ଗ ଜିଲା ସୁପେଲା ଥାନା ରାମନଗର ନିବାସୀ ପ୍ରଦୀପ ଠାକୁର(୨୬) ଓ ଜାଞ୍ଜିର ଚାମ୍ପା ଜିଲା ହସୌଦ ନିବାସୀ ସାହିଲ ଓରଫ ଉତ୍ତର କୁମାର ଖୁଟେ(୩୦)। ଚଞ୍ଚକତାର ସହିତ ଉକ୍ତ ଦୁଇ ବନ୍ଦୀ ସବ୍‌ଜେଲରୁ ଖସିଯାଇ ଥିବାବେଳେ ପରବର୍ତ୍ତୀ ସମୟରେ କୋର୍ଟର ଆଦେଶ ସତ୍ତ୍ୱେ ସେମାନଙ୍କୁ ସବ୍‌ଜେଲ କର୍ତ୍ତୃପକ୍ଷ କୋର୍ଟରେ ହାଜର ନ କରିବାରୁ ଘଟଣାଟି ପଦାକୁ ଆସିଛି । ଏ ସମ୍ପର୍କରେ ସବ୍‌ଜେଲ ଅଧୀକ୍ଷକ ନୀଳିମା କୁଲୁଙ୍କୁ ପଚାରିବାରୁ ରିଲିଜ ଅର୍ଡ଼ର ମିଳିବା ପରେ ସେମାନଙ୍କୁ ସବ୍‌ଜେଲରୁ ମୁକ୍ତ କରାଯାଇଛି । ମାତ୍ର ସେହି ରିଲିଜ ଅର୍ଡ଼ର ଅସଲି ନା ନକଲି ଥିଲା, ଆମେ କିଭଳି ଜାଣିବୁ ବୋଲି କହିଥିଲେ । ସେହିପରି ସେମାନେ କିଭଳି ମୁକ୍ତ ହେଲେ ସେ ନେଇ କୋର୍ଟରୁ କିଛି ପୃଷ୍ଠା-୨



ଖସି ଯାଇଥିବା ୨ ଅଭିଯୁକ୍ତ (ଫାଇଲ ଫଟୋ) ।








Vencobb CHICKEN — Taste the difference!

19.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

Issued in the Interest of Consumers

*Conditions Apply

VIT®
Vellore Institute of Technology
(Deemed to be University under section 3 of UGC Act, 1956)

QS WORLD UNIVERSITY RANKINGS by subject

VIT is ranked within the top 450 Universities in the World and No. 1 Private Institution in India in Engineering and Technology as per QS subject ranking, 2020.



VIT Chancellor receiving Atal Ranking of Institutions on Innovation Achievements Award from President of India - 2019

VIT received the Most Innovative Private Institution award (ARIIA award 2019) from Govt. of India

Govt. of India has recognised VIT as an Institution of Eminence (IoE)

In 2005, VIT was the first University in India to undergo the IET, UK accreditation

In 2010, VIT was the first University in India to undergo the ABET, USA accreditation

VIT - The 18th Ranked Engineering Institution of India (NIRF Ranking 2019, MHRD, Govt. of India)

VITEEE - 2020

Last Date to Apply for B.Tech. admission: 22nd March, 2020

Apply now at www.vit.ac.in/viteee

Vellore | Chennai | AP | Bhopal

VIT - A place to learn; A chance to grow

**କିଛି ତଥ୍ୟ**
ଗ୍ରାମୀଣ ଭିତ୍ତିଭୂମି ବିକାଶ ଲାଗି ନାବାର୍ଡ ଆର୍ଥିକ ବର୍ଷ ୨୦୨୦ରେ ୪୨,୩୧୩ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛି।
– ଅର୍ଥ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
ଖୁବ୍‌ଶୀଘ୍ର ବିରୋଧୀମାନେ ମୋତେ ସ୍ୱାଗତ କରିବେ।
– ରଞ୍ଜନ ଗୋଗୋଇ, ପୂର୍ବତନ ସିଜେଆଇ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଚିନ୍ମୟ ପତି
ପରିବାରବର୍ଗ


ଦିବ୍ୟଜ୍ୟୋତି
ପରିବାରବର୍ଗ


ମୌସୁମୀ
ପରିବାରବର୍ଗ


ସୋମେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସମଲେଇ ମନ୍ଦିର ଦର୍ଶନ ବନ୍ଦ

ସମ୍ବଲପୁର,୧୯।୩ ବ୍ୟୁରୋ): କରୋନା ଭୂତାଣୁ ସଂକ୍ରମଣକୁ ନେଇ ଗୁରୁବାର ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କ ଦର୍ଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦିଆଯାଇଛି। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏକ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି। ସଭାପତି ସଞ୍ଜୟ ପ୍ରେସ ବିବୃତିରେ ଉଲ୍ଲେଖ କରିଛନ୍ତି ଯେ, ଦେବୀଙ୍କ ପୂଜାର୍ଚ୍ଚନା ରୀତିନୀତି ଓ ପରମ୍ପରା ଚାଲୁ ରହିବ। ହେଲେ କୌଣସି ଭକ୍ତ ମା'ଙ୍କ ଦର୍ଶନ କରିପାରିବେ ନାହିଁ। କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଭକ୍ତଙ୍କ ସହ ଟ୍ରଷ୍ଟ ବୋର୍ଡ ଓ ପୂଜକମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଫେରିଲା ମହାପ୍ରଭୁଙ୍କ...

ଜୟଦେବ ଦାସ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କୁ ଚିଠି ଲେଖି ଜଣାଇଛନ୍ତି। ମହାପ୍ରଭୁଙ୍କ ଟଙ୍କା ଫେରିବା ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି।

ମହାପ୍ରଭୁଙ୍କ ଟଙ୍କା ଫେରିବା ସଂକ୍ରାନ୍ତରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନର ୫୪୫କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଫିକ୍ସଡ ଡିପୋଜିଟ୍ ରହିଥିଲା। ଗୁରୁବାର ୩୮୯କୋଟି ଟଙ୍କାର ଜମା ଅବଧି ଶେଷ ହୋଇଛି। ତେଣୁ ୟେସ୍ ବ୍ୟାଙ୍କ ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ଇ-ଟ୍ରାନ୍ସଫର କରିଛି। ପୂର୍ବରୁ ୩ଟି କ୍ୱାର୍ଟରର ସୁଧ ମିଳିଥିବାବେଳେ ଚତୁର୍ଥ କ୍ୱାର୍ଟର (ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ)ର ସୁଧ ଟଙ୍କା ଏବେ ମୂଳ ସହ ମିଶି ଆସିଛି। ମୂଳଧନର ସୁରକ୍ଷା ପାଇଁ ସମସ୍ତ ୫୪୫କୋଟି ଟଙ୍କା ଉଠାଇବା ପାଇଁ ୟେସ୍ ବ୍ୟାଙ୍କକୁ ଚିଠି କରିଥିଲୁ। କିନ୍ତୁ ଆର୍‌ବିଆଇ ଗାଇଡ୍‌ଲାଇନ ଏହାକୁ ପରମିଟ୍ କରୁନାହିଁ ବୋଲି ୟେସ୍ ବ୍ୟାଙ୍କ ଜଣାଇଛି। ଆସନ୍ତା ୩୦ରେ ୧୫୬କୋଟିର ମାଚ୍ୟୁରିଟି ଶେଷ ହେବା ପରେ ସୁଧ ସହ ଏହି ଟଙ୍କା ଫେରାଇବେ ବୋଲି ବ୍ୟାଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିବା ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଜମାକୁ ନେଇ ଗତ କିଛିଦିନ ଧରି ହୋ ହଲ୍ଲା ଚାଲିଥିଲା । ଗତ ୫ ତାରିଖରେ ଆର୍‌ବିଆଇ ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିବା ପରେ ଏହି ଟଙ୍କାକୁ ନେଇ ଆଶଙ୍କା ଉପୁଜିଥିଲା। ଏତେଗୁଡ଼ିଏ ଟଙ୍କା କିପରି ଫେରସ୍ତ ଅଣାଯିବ ତାକୁ ନେଇ ସନ୍ଦେହରେ ପଡିଥିଲେ ସମସ୍ତେ। ମନ୍ଦିର ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବଦଳରେ କାହିଁକି ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀ ପ୍ରଶ୍ନ କରିଥିଲେ। ଏପରି କି ଏହି ଘଟଣାକୁ ବିରୋଧୀ ଦଳଗୁଡ଼ିକ ବିଧାନସଭା ଅଧିବେଶନରେ ହଟ୍ଟଗୋଳ କରିଥିଲେ। ବେଆଇନ ଭାବେ ଯେଉଁମାନେ ଚକ୍ରାନ୍ତ କରି ଏହି ଟଙ୍କା ୟେସ୍ ବ୍ୟାଙ୍କରେ ଜମା କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା। ଶେଷରେ ସରକାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ମଧ୍ୟ ଗଠନ କରିଥିଲେ। ମହାପ୍ରଭୁଙ୍କ ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମଧ୍ୟ ପତ୍ର ଲେଖିଥିଲେ। ଓଡ଼ିଶାର ଏମ୍‌ପିମାନେ ବି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଦାବିପତ୍ର ଦେଇଥିଲେ। ୟେସ୍ ବ୍ୟାଙ୍କରୁ ଅର୍ଥ ଉଠାଇବା ଉପରେ ଆର୍‌ବିଆଇ ଯେଉଁ କଟକଣା ଜାରି କରିଥିଲା ତାକୁ ବୁଧବାର ଉଠାଇ ଦେବା ପରେ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ଏହି ଅର୍ଥ ଫେରିପାଇଛି।

### ଆଜିଠୁ ଶ୍ରୀମନ୍ଦିରରେ...

ରହିଲେ ସମସ୍ତେ ମିଶି ଏହି ମହାମାରୀର ସଫଳ ମୁକାବିଲା କରିବା ସହ ଖୁବ୍‌ଶୀଘ୍ର ମହାପ୍ରଭୁଙ୍କ ଦର୍ଶନ ମିଳିପାରିବ ବୋଲି ଜିଲାପାଳ ସିଂ ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ତେବେ ଏହି ସମୟରେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ସୁବିଧା ଅସୁବିଧା ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି।

### ଭାରତରେ ଚତୁର୍ଥ...

ଇଣ୍ଡୋନେସିଆ ଓ ସିଙ୍ଗାପୁରର ଜଣେ ଲେଖାଏ ଅଛନ୍ତି। ଭାରତର ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଅଦ୍ୟାବଧି ରାଜଧାନୀ ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୧୨ରେ ପହଞ୍ଚିଥିବା ବେଳେ ଉତ୍ତରପ୍ରଦେଶରେ ୧୯, ମହାରାଷ୍ଟ୍ରରେ ୪୯, କେରଳରେ ୨୭, କର୍ନାଟକରେ ୧୪, ଲଦାଖରେ ୮, ଜମ୍ମୁ-କଶ୍ମୀରରେ ୪, ତେଲଙ୍ଗାନାରେ ୬, ରାଜସ୍ଥାନରେ ୭, ତାମିଲନାଡୁ, ପଞ୍ଜାବରେ ୨ଜଣ ଲେଖାଏ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ପୁଡୁଚେରି ଓ ଚଣ୍ଡିଗଡ଼ରେ ଜଣେ ଲେଖାଏ ସଂକ୍ରମିତ ବ୍ୟକ୍ତି ଥିବା ଜଣାପଡ଼ିଛି। ହରିୟାଣାରେ ୧୭ ଜଣ ସଂକ୍ରମିତ ଥିବାବେଳେ ସେମାନଙ୍କ ମଧ୍ୟରେ ୧୪ ବିଦେଶୀ ଥିବା ପ୍ରକାଶ।

### ଆଇସିଏସ୍‌ଇ...

ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଏ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କୁ ଅବଗତ କରାଇବା ପାଇଁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସିଆଇଏସ୍‌ସିଇ ଅଧୀନରେ ଓଡ଼ିଶାରେ ମୋଟ ୯୬ଟି ବିଦ୍ୟାଳୟ ଥିବାବେଳେ ଉଭୟ ଶ୍ରେଣୀର ପ୍ରାୟ ୮ ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥାନ୍ତେ।

### ନକଲି ରିଲିଜ...

ରିପୋର୍ଟ ମଗାଯାଇଛି କି ବୋଲି ପଚାରିବାରୁ ସବ୍‌ଜେଲ ଅଧୀକ୍ଷକ କୁଲୁ ତାକୁ ସ୍ୱୀକାର କରିଥିଲେ ଏବଂ ସେ ନେଇ ଆମେ କୋର୍ଟକୁ ଉତ୍ତର ଦେବୁ ବୋଲି କହିଥିଲେ । ସୂଚନା ଅନୁଯାୟୀ, ଜଣେ ଯୁବତୀଙ୍କୁ ଡ଼ାଲ କରି ଉକ୍ତ ଦୁଇ ଅଭିଯୁକ୍ତ ଛତିଶଗଡ଼ ରାଜ୍ୟ ଜାଞ୍ଜିର ଚାମ୍ପା ଜିଲା ଆମଗାଁ ନିବାସୀ ବିଷ୍ଣୁପ୍ରସାଦ ଚନ୍ଦ୍ରା(୩୭)ଙ୍କୁ ବରଗଡ଼ ସହରରୁ ଅପହରଣ କରି ୨୫ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ । ୨୦୧୯ ଜୁଲାଇ ୫ରେ ବରଗଡ଼ ଟାଉନ ଥାନା ପୋଲିସ ବିଷ୍ଣୁପ୍ରସାଦଙ୍କୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ଦୁଇ ଅପହର୍ତ୍ତାଙ୍କୁ ଗିରଫ କରିଥିଲା। ସେତେବେଳେ ସେମାନଙ୍କ ପାଖରୁ ଏକ କାର୍ (ନଂ.ଏମଏଚ୪୩ଏକ୍ସ-୭୩୦୪) ଏବଂ ଏକ ବାଇକ୍ (ନଂ.ସିଜି୧୧ଏଆର-୪୬୦୫) ଜବତ ହୋଇଥିଲା। ଏ ନେଇ ବରଗଡ଼ ଟାଉନ ଥାନାରେ ଦଫା ୩୬୩, ୩୬୪(ଏ) ଆଇପିସିରେ ଏକ ମାମଲା (ନଂ.୩୧୨/୧୯) ରୁଜୁ ହୋଇଥିବାବେଳେ ଗତବର୍ଷ ଜୁଲାଇ ୫ତାରିଖରୁ ଗିରଫ ଅଭିଯୁକ୍ତମାନେ ବରଗଡ଼ ସବ୍‌ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଗତ ୧୭ ତାରିଖରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ କୋର୍ଟରେ ହାଜର ହେବାର ଥିଲା। ମାତ୍ର ସେହିଦିନ ସେମାନେ କୋର୍ଟରେ ହାଜର ହୋଇ ପାରି ନ ଥିଲେ। ଅନ୍ୟପଟେ କୋର୍ଟରେ ମଧ୍ୟ ସେମାନଙ୍କ ରିଲିଜ (ମୁକ୍ତ) ନେଇ କିଛି ରେକର୍ଡ଼ ନ ଥିବା ଜଣାପଡ଼ିବା ପରେ ଘଟଣାଟି ପଦାକୁ ଆସିଥିଲା ।

# ତୃତୀୟ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛୁଟି

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ସମ୍ଭାବ୍ୟ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଛୁଟି ଘୋଷଣା କରିଛନ୍ତି। ମାର୍ଚ୍ଚ ୩୧ ତାରିଖ ଯାଏ ସେମାନେ ଛୁଟିରେ ରହିବେ। ଏହି ସମୟରେ କର୍ମଚାରୀମାନେ ନିଜକୁ ଘର ଭିତରେ ସୀମିତ ରଖିବେ। ଜନଗହଳି ସ୍ଥାନ କିମ୍ବା କୌଣସି ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ। ଏହାକୁ ଅମାନ୍ୟ କଲେ ସମ୍ପୃକ୍ତ କର୍ମଚାରୀଙ୍କର ଛୁଟି ଅବଧିକୁ ବିନା ଦରମାର ଛୁଟି ଭାବେ ବିବେଚନା କରାଯିବ। ସେହିପରି ଜିଲାସ୍ତରରେ ଏହି ବର୍ଗର କର୍ମଚାରୀମାନଙ୍କ ମଧ୍ୟରୁ କିଏ ଆସିବେ ତାହା ଜିଲାପାଳ ଓ ନିର୍ଦ୍ଦେଶକସ୍ତରର ଅଫିସର ସ୍ଥିର କରିବେ। ଅତି ଜରୁରୀ ଥିଲେ ସେମାନଙ୍କୁ ଓସ୍ୱାସ ମାଧ୍ୟମରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରାଯିବ। ତେବେ ସେହି କର୍ମଚାରୀମାନଙ୍କୁ ଆବଶ୍ୟକ ସ୍ଥଳେ ରୋଟେଶନ କରି ପ୍ରଶାସନିକ କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିବାକୁ କୁହାଯାଇଛି। ତେବେ ଏହି ଦୁଇ ବର୍ଗ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କର୍ମଚାରୀମାନେ ନିୟମିତ ଅଫିସ ଆସିବେ। କାର୍ଯ୍ୟାଳୟ ଆସିବା ବେଳେ ସେମାନେ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ କୁହାଯାଇଛି। ଲୋକସେବା ଭବନକୁ ସର୍ବସାଧାରଣଙ୍କ ପାଇଁ ମଧ୍ୟ ବାରଣ କରାଯାଇଛି।

# ଏସ୍‌ବିଆଇରେ ରହିବ ଫାଉଣ୍ଡେଶନ ଫଣ୍ଡ

**ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରହିବ ଜମା, ଆଜି ଖୋଲାଯିବ ଟେଣ୍ଡର**

ପୁରୀ ଅଫିସ,୧୮।୩

ଜଗନ୍ନାଥଙ୍କ ଟଙ୍କା ଫେରିବା ପରେ ଏହାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରଖାଯିବାକୁ ଆଇନ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ୍ ଏସ୍‌ବିଆଇରେ ରଖାଯିବ। କିନ୍ତୁ କର୍ପସ ଫଣ୍ଡ ଏବଂ ଟେମ୍ପୁଲ ଫଣ୍ଡ ଲାଗି ଟେଣ୍ଡର ଡକାଯିବ। ଏଥିଲାଗି ବୁଧବାର ଟେଣ୍ଡର ଡକାଯାଇଥିବାବେଳେ ଶୁକ୍ରବାର ଏହା ଖୋଲାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ଟେମ୍ପୁଲ ଫଣ୍ଡ ଓ କର୍ପସ ଫଣ୍ଡର ୫୦ ପ୍ରତିଶତ ଜମା ରହିବ। ବାକି ୫୦ ପ୍ରତିଶତ ଦ୍ୱିତୀୟ ଏବଂ ତୃତୀୟରେ ଥିବା ବ୍ୟାଙ୍କ ଦ୍ୱୟରେ ରଖାଯିବ। ଏହି ବ୍ୟାଙ୍କ ଦ୍ୱୟକୁ ପ୍ରଥମ ବ୍ୟାଙ୍କ ଯେତିକି ସୁଧ ଦେବ ସେତିକି ଦେବା ଲାଗି କୁହାଯିବ। ଯଦି ସେମାନେ ରାଜି ନ ହୁଅନ୍ତି ତେବେ ପ୍ରଥମ ବ୍ୟାଙ୍କରେ ସବୁ ଟଙ୍କା ରଖାଯିବା ଲାଗି ଆଇନ ବିଭାଗ ଅନୁମୋଦନ ଦେଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଗତ ଫେବୃୟାରୀ ୫ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିର ଟଙ୍କାକୁ କେଉଁ ବ୍ୟାଙ୍କରେ ରଖାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହାର ବିବରଣୀକୁ ଆଇନ ବିଭାଗକୁ ପଠାଯାଇଥିଲା। ବୁଧବାର ଆଇନ ବିଭାଗ ଏହାକୁ ଅନୁମୋଦନ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାପଗ୍ରସ୍ତ ମଙ୍ଗଳଜନିତ ସ୍ୱାସ୍ଥ୍ୟ ହାନିଜନିତ ହତୋତ୍ସାହିତ ହୋଇପାରନ୍ତି। ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ, ଆପଣ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ କିଛି ଅସୁବିଧା ହେବନାହିଁ। ଦ୍ୱିଜା ନକ୍ଷତ୍ର ବାଣିଜ୍ୟ, ନିର୍ମାଣ, ପରିବହନ, ବ୍ୟବସାୟିକ ସ୍ଥିତି, ସଭା ସମିତି, ମନୋରଞ୍ଜନ, କଳା,ସାହିତ୍ୟ ସବୁ ଦିଗରୁ ଖୁସି ରହିପାରନ୍ତି।

**ବୃଷ**
ରୋହିଣୀ ନକ୍ଷତ୍ର ପାଇଁ ଆଜିର ପ୍ରତ୍ୟୁଷ ଯାତ୍ରା, ନୂତନ ବାଣିଜ୍ୟାରମ୍ଭ, ପ୍ରଶାସନିକ ଆଲୋଚନା, ବନ୍ଧୁ ମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହୋଇ କାମ ହାସଲ ପାଇଁ ଖୋରାକ ଯୋଗାଇବ। କୌଣସି ଆଲୋଚନାରେ ତର୍କ ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ।

**ମିଥୁନ**
ଅନଟନ ଦୂର ହେବ କିନ୍ତୁ ବିବାଦୀୟ ସ୍ଥିତିରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବାକି ଥିବା ଲୋକଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବ୍ୟବସାୟ, ପରିବହନରେ ସମସ୍ୟା ଦେଖା ଦେଇପାରେ। ପୁନର୍ବସୁ ନକ୍ଷତ୍ରର ରାସ୍ତାରେ ଯିବା ସମୟରେ କୌଣସି ଅଜଣା ଲୋକ ସହ ବାକ୍ ବିତଣ୍ଡା ସୃଷ୍ଟି ହୋଇପାରେ।

**କର୍କଟ**
ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ମିଳିବ।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ନାସ୍ତି ସୂଚକ ବାକ୍ୟ ଶୁଣି ବିଷାଦଗ୍ରସ୍ତ ହେବେ। ମଘା ନକ୍ଷତ୍ର ହଜି ଯାଇଥିବା ଜିନିଷ ପୁଣି ଫେରି ପାଇବେ, ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡ଼ିବ। ପରିବହନ, ବ୍ୟବସାୟ, ନିର୍ମାଣ, ସଙ୍ଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ।

**କନ୍ୟା**
କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ବାଧ୍ୟ ହେବେ। ବ୍ୟବସାୟ, ପରିବହନ, ଲୋକ ସମ୍ପର୍କ, ଗଠନମୂଳକ କାମରୁ ସୁଫଳ ମିଳିବ। ପୂର୍ବାଫାଲ୍‌ଗୁନୀ ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**ତୁଳା**
ମଙ୍ଗଳଙ୍କ ଅଶୁଭତ୍ୱ କାରଣରୁ ଆବଶ୍ୟକୀୟ ଟଙ୍କା ଯୋଗାଡ଼ କରିବା ସକାଶେ ବହୁତ ହଇରାଣ ହେବାକୁ ପଡ଼ିବ। ସ୍ୱାତୀ ନକ୍ଷତ୍ର ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମହୋତ୍ସବ, ସଙ୍ଗୀତ ଆସରରେ ନିଜକୁ ସାମିଲ କରି ପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରତିଯୋଗିତା, ମାଲିମକଦ୍ଦମା କ୍ଷେତ୍ରରେ ଲକ୍ଷ୍ୟପୂରଣ ହୋଇପାରିବ।

**ବିଛା**
ରବି ନକ୍ଷତ୍ରସ୍ଥ ରାଶ୍ୟାଧିପ ଯୋଗୁ କିଛି ନୂଆ କାମ ଆରମ୍ଭ କରିବା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟଚର୍ଚ୍ଚା, ସଭାସମିତିରେ ଆପଣଙ୍କ ଅବଦାନ ରହିବ। ପାରିବାରିକ କ୍ଷେତ୍ର, ଆର୍ଥିକ ସ୍ଥିତି, ବନ୍ଧୁସମ୍ପର୍କ ଭଲ ରହିବା ସହ ଅପବ୍ୟୟ ଓ ଶତ୍ରୁତା ଦୁଃଶ୍ଚିନ୍ତାର କାରଣ ହୋଇପାରେ।

**ଧନୁ**
ରାଶ୍ୟାଧିପତି ସହ କେତୁ ଗ୍ରହ ଯୋଗୁ ସ୍ୱାସ୍ଥ୍ୟ ସଚେତନତା ଆପଣଙ୍କ ସକାଶେ ଜରୁରୀ ହୋଇପଡ଼ିବ। କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡ଼ିପାରନ୍ତି। ବ୍ୟବସାୟିକ ଦିଗଟି ମନ୍ଦ ହେବନି ଏବଂ ଯାତ୍ରା, କଳା ଓ ସାହିତ୍ୟାଦିରେ ପ୍ରଶଂସିତ ହେବେ।

**ମକର**
ବିଶେଷ ଅସୁବିଧା ନ ହେଲେ ମଧ୍ୟ ରାଶିରେ ଶନି ଓ ଚନ୍ଦ୍ର ହେତୁ ଅଣ୍ଡାରୋଗ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ସ୍ୱନକ୍ଷତ୍ରସ୍ଥ ଶୁକ୍ର ଚତୁର୍ଥ ସ୍ଥାନସ୍ଥ ଯୋଗୁ ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। କାର୍ଯ୍ୟରେ ପ୍ରତିବନ୍ଧକ କିମ୍ବା ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇ ପାରେ।

**କୁମ୍ଭ**
ଶୁକ୍ର ମିତ୍ରରାଶିରେ ରହି ଭାଗ୍ୟସ୍ଥାନକୁ ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖାନଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ,ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନରେ ଆଶାନୁଯାୟୀ ଫଳ ପାଇବେ। ଶତଭିଷା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ, ପରିବହନ, ଭ୍ରମଣ, ସଭାସମିତି, ଆଲୋଚନା ଓ ବନ୍ଧୁ ମିଳନରୁ ଖୁସି ରହିବେ।

**ମୀନ**
ବୃହସ୍ପତି ସହ କେତୁ ଓ ମଙ୍ଗଳଙ୍କ ପ୍ରଭାବରେ ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମିଥୁନସ୍ଥ ରାହୁଙ୍କ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ଅଜୀର୍ଣ୍ଣ ଦେଖାଦେଇପାରେ। ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କ ରହିବା ଭଲ।

ଆଜି ଚୈତ୍ର କୃଷ୍ଣପକ୍ଷ ଦ୍ୱାଦଶୀ ଶୁକ୍ରବାର, ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସନ୍ଧ୍ୟା ଘ୫।୦୪ମି. ଗତେ ଧନିଷ୍ଠା ନକ୍ଷତ୍ର,ବିଛା, ଧନୁ ଓ ମୀନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୫।୫୪ମି. ଗତେ ଘ୬।୪୨ମି. ମଧ୍ୟେ, ଘ୭।୩୦ମି. ଗତେ ଘ୯।୫୪ମି. ମଧ୍ୟେ, ଦିବା ଘ୧୨।୧୮ମି. ଗତେ ଘ୨।୪୨ମି. ମଧ୍ୟେ, ଦିବା ଘ୪।୧୮ମି. ଗତେ ଘ୫।୫୪ମି. ମଧ୍ୟେ, ସନ୍ଧ୍ୟା ଘ.୭।୩୦ମି ଗତେ ଘ. ୯.୦୫ମି ମଧ୍ୟେ, ରାତ୍ର ଘ୧।୫୪ମି. ଗତେ ଘ୩।୨୯ମି. ମଧ୍ୟେ ଅମୃତ ବେଳା, ରାତ୍ର ଘ୯।୦୫ମି. ଗତେ ଘ୯।୫୩ମି. ମଧ୍ୟେ, ରାତ୍ର ଘ୩।୨୯ମି. ଗତେ ଘ୪।୧୭ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୧୦।୨୪ମି. ଗତେ ଘ୧୧।୫୪ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

**automobile**
**SALE**

Car for sale Fiat Avventura White, 2015. 8339036335, 9937995461. D-69259

**real estate**
**SALE**

2000sqft. corner plot having double side road for sale in Kateni Square, Bhubaneswar. 9583749747. D-68799

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright) 7894433357, 9348232008. D-69111

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/- ବିକ୍ରିହେବ। 9439270333.** D-69108

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ **1,2,3,4BHK flat, simplex, duplex** ଅଛି। **8327785834, 9658122456.** D-69114

Plot for sale at Govt. rate Mouza Sahaspur (Sundarpada), Bhubaneswar. Contact: 9124721060. D-67550

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

Demarcated plots under CMC, 800 mtr from NH Balikuda-8658182243. D-68076

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Booking open for 3BHK duplex near ITER college Bhubaneswar. Contact: 7978751719. D-67549

ଭୁବନେଶ୍ୱର ପାତ୍ରପଡା **Amber** ପଛପଟେ **30'Road** ଘରବାରି ପ୍ଲଟ୍ ମିଳୁଅଛି। **Direct owner. 6370292040.** D-69106

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

**2BHK flat 1120sqft adjecent to Mountlitera Zee School Kateni Bhubaneswar for sale @ 18,50,000/-** 9937162220.** D-17206

3BHK flat for sale, @ 65Lac near Patia Big Bazaar, direct owner contact- 8249928110. D-68343

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-17135

**to-let**

3 storied building near Puri Bus Stand (outer gate) each floor 1450sqft. with parking area, lift provision, preffered for office or guest house. Contact: 9437231973, 9938811066, 9439009236. D-17159

**healthcare**

Relaxing body massage by trend lady, gents therapist. 9861193818. D-60879

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Herbal full body massage by smart / expert therapist. Contact: 8338067247. D-69255

Experience winter therapeutic Abhyanga massage feeling refreshing energetic: Appointment-9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69257

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Monalisa massage: All types body massage with hiprofile smart lady air condition rooms available. 9708545108. D-17180

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I , Prasanta Kumar Baral also known as Kalu Baral, age 45 years, S/o- Jugal Baral & H.M. Baral (Mother) of Village- Dangura, P.O- Mahura, Via- Gabakunda, P/S- Satyabadi, Dist- Puri, have taken oath vide affidavit before Executive Magistrate Satyabadi on dt. 24.02.2020 to concern both the names are a same person. D-67617

By Virtue of an affidavit before the Magistrate, Bhubaneswar. I have changed my name from N.HARRI PRASAD to N.HARI PRASAD. Henceforth I shall be known as N.HARI PRASAD for all purpose. D-69260

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦



## ସଂକ୍ଷେପରେ

### ଘୁଞ୍ଚିଲା ଓଜେଇଇ ଆବେଦନ ତାରିଖ


**ଭୁବନେଶ୍ୱର,୧୯।୩(ବ୍ୟୁରୋ):** ମେ' ପ୍ରଥମ ସପ୍ତାହରେ ହେବାକୁ ଥିବା ଓଜେଇଇ ପରୀକ୍ଷା (ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ) ପାଇଁ ଆବେଦନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏଥିପାଇଁ ଆବେଦନ ପ୍ରକ୍ରିୟା ୨୦ତାରିଖ ପର୍ଯ୍ୟନ୍ତ ରହିଥିବାବେଳେ ଏବେ ତାହାକୁ ୨୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦିଆଯାଇଛି। ଛାତ୍ରୀଛାତ୍ରମାନେ ୨୭ ମାର୍ଚ୍ଚ ମଧ୍ୟରେ ଅନ୍‌ଲାଇନରେ ଆବେଦନ ଏବଂ ମାର୍ଚ୍ଚ ୩୧ ମଧ୍ୟରେ ଅନ୍‌ଲାଇନରେ ଫି ଦାଖଲ କରିପାରିବେ। ଏପ୍ରିଲ ୨୦ରୁ ପରୀକ୍ଷାର୍ଥୀମାନେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ଏବଂ କଲେଜର ବି.ଫାର୍ମା, ଏମ୍‌ବିଏ, ଏମ୍‌ସିଏ, ଏମ୍.ଟେକ୍, ଏମ୍. ଟେକ୍ ପାର୍ଟଟାଇମ୍, ଏମ୍. ଆର୍କିଟେକ୍, ଏମ୍. ପ୍ଲାନ୍, ଏମ୍ ଫାର୍ମା, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି ବି.ଟେକ୍/ବି.ଫାର୍ମାରେ ନାମ ଲେଖାଇବା ଲାଗି ଓଜେଇଇ ହେବ। ଏହି ପରୀକ୍ଷାକୁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ(ସିବିଟି) ଫର୍ମାଟରେ କରାଯିବ। ଅଧିକ ବିବରଣୀ ପାଇଁ ଛାତ୍ରୀଛାତ୍ରମାନେ www.ojee.nic.in/www.odishajee.com ୱେବ୍‌ସାଇଟ୍ ଦେଖିବାକୁ ଗୁରୁବାର ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

### ୨୦ କୁଇଣ୍ଟାଲ ପଲିଥିନ ଜବତ
#### ୭୦ ହଜାର ଜରିମାନା ଆଦାୟ



**କଟକ ଅଫିସ,୧୯।୩:** ମାଲଗୋଦାମ ଥାନା ଅଞ୍ଚଳର ଦୁଇଟି ପଲିଥିନ ଗୋଦାମ ଉପରେ ସ୍ଥାନୀୟ ପୋଲିସ ଓ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସେଠାରେ ଗଚ୍ଛିତ ଥିବା ୨୦ କୁଇଣ୍ଟାଲ ପଲିଥିନ ଜବତ କରାଯିବା ସହ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରଭାକର ସାହୁ କହିଛନ୍ତି। ଏହି ଚଢ଼ାଉ କାର୍ଯ୍ୟକ୍ରମରେ ଡେପୁଟି କମିଶନର ଅବିନାଶ ରାଉତ, ପ୍ରଦୀପ କୁମାର ସାହା, ପ୍ରଭାକର ସାହୁ, ରଞ୍ଜିତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ଆଜିଠୁ ସମସ୍ତ ଧର୍ମପୀଠ ବନ୍ଦ




# ୩ କରୋନା ସନ୍ଦିଗ୍ଧ ଏମ୍‌କେସିଜିରେ ଭର୍ତ୍ତି

**ବ୍ରହ୍ମପୁର ଅଫିସ,୧୯।୩**

କରୋନା ଆତଙ୍କ ଏବେ ବିଶ୍ୱକୁ ଦୋହଲାଇ ଦେଇଛି। ସଚେତନତା ହିଁ ଏହାର ପ୍ରତିକାର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏ ନେଇ ଜିଲାସ୍ତରରେ ମଧ୍ୟ ସତର୍କତା ଆରମ୍ଭ ହୋଇଛି। ବ୍ରହ୍ମପୁର ବଡ ମେଡିକାଲରେ ଗତ ୫ ଦିନ ଭିତରେ ବିଭିନ୍ନ ସ୍ଥାନରୁ ୮ ଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ସେହିପରି ଗୁରୁବାର ହିଞ୍ଜିଳିକାଟୁ ଅଞ୍ଚଳର ଗୋଟିଏ ପରିବାରର ୩ କରୋନା ସନ୍ଦିଗ୍ଧ ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି ବୋଲି ଅଧୀକ୍ଷକ ପ୍ରଫେସର ଡ଼.ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ପୁଅ ଭର୍ତ୍ତି ହୋଇଥିବା ଜଣାପଡିଛି। ଗତ କିଛିଦିନ ତଳେ ସେମାନେ କୌଣସି କାମରେ ମୁମ୍ବାଇ ଯାଇଥିଲେ। ନିକଟରେ ସେମାନେ ଘରକୁ ଫେରି କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନେ ସମସ୍ତେ ଏବେ ସ୍ୱତନ୍ତ୍ର କରୋନା କକ୍ଷରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯିବ ବୋଲି ଅଧୀକ୍ଷକ କହିଛନ୍ତି।

୨ଟି ପର୍ଯ୍ୟାୟରେ ପୂର୍ବରୁ ଭର୍ତ୍ତି ହୋଇଥିବା ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ୟପଟେ ବୁଧବାର ଏମ୍‌କେସିଜିରେ ସ୍ୱତନ୍ତ୍ର କରୋନା ଆଉଟଡୋର ଖୋଲିବା ପରେ ୨ ଦିନ ଭିତରେ ୫୦ ରୁ ଊର୍ଦ୍ଧ୍ୱ ରୋଗୀଙ୍କ କରୋନା ଭାଇରସ୍‌ର ଲକ୍ଷଣ ଅଛି କି ନାହିଁ ତାର ପରୀକ୍ଷା କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଚିକିଟି ଓ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ୨ ଜଣ ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ଇଞ୍ଜିନିୟରିଂ ଛାତ୍ର ଓ ଦିଗପହଣ୍ଡି ଅଞ୍ଚଳର ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ମଧ୍ୟ ଛାଡି ଦିଆଯାଇଥିବା ସେ କହିଛନ୍ତି।

ବଢନ୍ତୁ ଏକାଠି ପ୍ରଗତିର ପଥରେ CAT® ରେଞ୍ଜର ପ୍ରଡକ୍ଟ ଏବଂ ସର୍ଭିସ୍ ସହ

CAT® LET'S DO THE WORK.

*ଇଆଝ ଫାଇନାନ୍‌ସିଆଲ୍ ତରଫରୁ ବିଶେଷ ଅଫର୍
ଏକ ଇଆଝ ଏକ୍ସକାଭାଟୋର କିଣନ୍ତୁ ଅତି କମ୍ 1,22,138* ଟଙ୍କାର EMI ରେ ଇକ୍ୱିପ୍‌ମେଣ୍ଟ ଭାଲ୍ୟୁର 90% ପର୍ଯ୍ୟନ୍ତ ଫଣ୍ଡିଙ୍ଗ୍ ସହ । ମାଗଣା 2 ବର୍ଷ ଏକ୍ସଟେଣ୍ଡେଡ୍ ପ୍ରୋଟେକ୍‌ସନ୍‌କୁ ମିଶାଇ ।
31 ମାର୍ଚ୍ଚ 2020 ପର୍ଯ୍ୟନ୍ତ ଅଫର ବୈଧ




କାଟରପିଲାର୍ ସହ ହୋଲି ଉତ୍ସବ ପାଳନ୍ତୁ ଏବଂ ଜିତନ୍ତୁ ଆକର୍ଷଣୀୟ ପୁରସ୍କାର
ଦୟାକରି ବିଶେଷ ଅଫର୍ ପାଇଁ ଆମକୁ କଲ୍ କରନ୍ତୁ : 93190 81300
ନିୟମ ଏବଂ ସର୍ତ୍ତାବଳୀ ଲାଗୁ ।
©2020 କାଟରପିଲାର । ସମସ୍ତ ଅଧିକାର ସଂରକ୍ଷିତ । CAT, କାଟରପିଲାର୍, ଲେଟ୍‌ସ୍ ଡୁ ଦି ୱାର୍କ, ସେମାନଙ୍କ ଯଥାଯଥ ଲୋଗୋ, "କାଟରପିଲାର୍ ୟେଲୋ", "ପାୱାର୍ ଏଜ୍" ଏବଂ Cat "ମଡର୍ଣ୍ଣ ହେକ୍ସ" ଟ୍ରେଡ୍ ଡ୍ରେସ୍ ସହିତ କର୍ପୋରେଟ୍ ଏବଂ ପ୍ରଡକ୍ଟର ପରିଚୟ, କାଟରପିଲାର୍‌ର ଟ୍ରେଡ୍‌ମାର୍କ ଏଠାରେ ବ୍ୟବହାର ହୋଇଥାଏ ଏବଂ ଅନୁମତି ବିନା ବ୍ୟବହାର ହୋଇ ନପାରେ ।

# ଯୁକ୍ତ ୨ ପରୀକ୍ଷା ବାତିଲ

- କରୋନା ଲାଗି ବନ୍ଦ ନିଷ୍ପତ୍ତି
- ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା
- ଅଟକିଲା ମାଟ୍ରିକ ଖାତା ମୂଲ୍ୟାୟନ
- ଏସ୍‌ଏସ୍‌ସି, ବିପିଯୁଟି, ଭିସୁଟ୍ ପରୀକ୍ଷା ସ୍ଥଗିତ
- ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ଆସନ୍ତା ୨୩ ତାରିଖରୁ ଯୁକ୍ତ ୨ ପରୀକ୍ଷାକୁ ବାତିଲ କରାଯାଇଥିବା ବେଳେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନକୁ ମଧ୍ୟ ବନ୍ଦ ରଖାଯାଇଛି। କରୋନା ସଂକ୍ରମଣ ବଢ଼ିବା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଛନ୍ତି। କେବେଠାରୁ ଖାତା ମୂଲ୍ୟାୟନ ହେବ ସେନେଇ ସରକାର ପରବର୍ତ୍ତୀ ସମୟରେ ଜଣାଇବେ ବୋଲି କହିଛନ୍ତି। ରାଜ୍ୟର ୬୧ କେନ୍ଦ୍ରରେ ପ୍ରାୟ ୧୬ହଜାର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ମାଟ୍ରିକ୍ ପରୀକ୍ଷା ଖାତାଦେଖା ଆରମ୍ଭ ହୋଇଥିଲା। ସକାଳ ସାଢ଼େ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୩ ପର୍ଯ୍ୟାୟରେ ମୂଲ୍ୟାୟନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ସେହିପରି ଯୁକ୍ତ ୨ ପରୀକ୍ଷାକୁ ମଧ୍ୟ ସରକାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ପ୍ରାୟ ସାଢେ ୩ଲକ୍ଷ ଛାତ୍ରୀଛାତ୍ର ଏବେ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି। ଏହା ଗତ ୩ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲିଥାନ୍ତା। ହେଲେ ଏହାକୁ ମଧ୍ୟ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସରକାର ସ୍ଥଗିତ ରଖିବା ସହିତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବିପିଯୁଟି ଓ ଭିସୁଟ୍ ଦ୍ୱାରା ପରିଚାଳିତ ସମସ୍ତ ସେମିଷ୍ଟର ଏବଂ ଫାଇନାଲ ପରୀକ୍ଷା ଆସନ୍ତା ସୋମବାରଠାରୁ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ଏସବୁ ପରୀକ୍ଷା ଲାଗି ପରବର୍ତ୍ତୀ ସମୟରେ ତାରିଖ ଘୋଷଣା ହେବ। ସେହିପରି ଷ୍ଟାଫ ସିଲେକ୍ସନ କମିଶନ(ଏସ୍‌ଏସ୍‌ସି)ର ସମସ୍ତ ପ୍ରକାର ନିଯୁକ୍ତିଭିତ୍ତିକ ପରୀକ୍ଷାକୁ ଶୁକ୍ରବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ବାତିଲ କରି ଦିଆଯାଇଛି।

ଅନ୍ୟପଟେ ସରକାର ରାଜ୍ୟର ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନଗୁଡିକୁ ମଧ୍ୟ ଖୋଲିବା ଉପରେ କଟକଣା ଜାରି କରିଛନ୍ତି। ଶୁକ୍ରବାରଠାରୁ ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସରକାରୀ, ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ ଦେବା ସତ୍ତ୍ୱେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ଏହାକୁ ବେଖାତିର କରୁଥିବା ଦୃଷ୍ଟିକୁ ଆସିବା ପରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏସବୁ ବନ୍ଦ ରଖିବାକୁ ସରକାର କହିଛନ୍ତି। ଏହାସହ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସ୍କୁଲ ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଆବଶ୍ୟକ ଅନୁଯାୟୀ ଯେଉଁ ସ୍କୁଲ କର୍ମଚାରୀ ଏବଂ ଶିକ୍ଷକଙ୍କୁ ଅନୁଷ୍ଠାନର ପ୍ରଧାନଶିକ୍ଷକ ଡାକିବେ, କେବଳ ସେମାନେ ହିଁ ଯିବେ ବୋଲି କୁହାଯାଇଛି। ଏଥିଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ମାର୍ଚ୍ଚ ୩୧ ଯାଏ ବନ୍ଦ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

ମାରାତ୍ମକ କରୋନା(କୋଭିଡ-୧୯)କୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଭିତରକନିକା ଅଭୟାରଣ୍ୟ ସମେତ ରାଜ୍ୟର ସମସ୍ତ ପରିବେଶ ପର୍ଯ୍ୟଟନସ୍ଥଳୀର ରାତ୍ର ରହଣି ବ୍ୟବସ୍ଥାର ବୁକିଂ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ପରିବେଶ ପର୍ଯ୍ୟଟନସ୍ଥଳୀଗୁଡିକର ଦିନ ଭ୍ରମଣ ବ୍ୟବସ୍ଥାକୁ ମଧ୍ୟ ସାମୟିକ ଭାବେ ସ୍ଥଗିତ କରାଯାଇଛି। ଏହି ସମୟ ମଧ୍ୟରେ ବୁକିଂ କରିଥିବା ସମସ୍ତ ପର୍ଯ୍ୟଟକଙ୍କୁ ସେମାନଙ୍କ ଅଗ୍ରିମ ଶତପ୍ରତିଶତ ଅର୍ଥ ଫେରସ୍ତ ଦିଆଯିବ। ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ବର୍ତ୍ତମାନ ପାଇଁ ବନ୍ଦ ରହିବ। ସେହିଭଳି ଭୁବନେଶ୍ୱର ସ୍ଥିତ ଜୟଦେବ ବାଟିକାକୁ ମଧ୍ୟ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ କରିବାକୁ ଘୋଷଣା କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ସ୍ଥିତ ବଟାନିକାଲ ଗାର୍ଡେନ ସର୍ବସାଧାରଣଙ୍କ ପାଇଁ ବର୍ତ୍ତମାନ ପ୍ରତ୍ୟହ ଦିନ ୨ଟା ପରେ ବନ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରୟାଣର ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଡ଼ା. ସୁବାସ ଚନ୍ଦ୍ର ରଥ
ଆବିର୍ଭାବ : ତା ୧୧.୦୯.୧୯୪୮ ତିରୋଧାନ : ତା ୦୨.୦୪.୨୦୧୯
ମା' ଶକ୍ତି ହସ୍‌ପିଟାଲ ଓ ଡ୍ରିମ୍‌ସ ପରିବାର
ରଥ ପରିବାର ସଦସ୍ୟବୃନ୍ଦ ଏବଂ ବନ୍ଧୁବର୍ଗ ।

HONDA

BIGGEST DEALS ON YOUR FAVOURITE HONDA CARS.
Rush to your nearest Honda dealership, today.

Limited stock of BS4 variants available



| CITY | WR-V | CIVIC | AMAZE | JAZZ | BR-V |
|---|---|---|---|---|---|
| BENEFITS UP TO ₹ 86 000* | BENEFITS UP TO ₹ 65 000* | BENEFITS UP TO ₹ 1 56 000* | BENEFITS UP TO ₹ 62 000* | BENEFITS UP TO ₹ 70 000* | BENEFITS UP TO ₹ 1 34 000* |

Guaranteed buyback* price @ 52% at the end of 36 months available in CIVIC Diesel.

Special offers for Government employees, pensioners, CSD & CPC customers, select corporates and self employed professionals (Doctors, CAs, Lawyers & Teachers). T&C apply.

Available in Petrol and Diesel
• i-VTEC • i-DTEC • CVT
For more information, SMS <Honda> to 53030 www.hondacarindia.com hondacarindia hondacarindia

Offers are model, fuel type and variant specific. Offers are valid for limited period or till stock lasts. For Corporate Sales enquiries, write to corporatesales@hondacarindia.com. To exchange any existing car with a Honda car, write to autoterrace@hondacarindia.com. Features are grade specific. Images used are computer generated/enhanced for creative representation purpose and may vary from actual product images. Please check and experience the actual product at the dealership for more details. *T&C apply.

LOYALTY BONUS for existing Honda owners

Central Honda - Bhubaneshwar, Unit – 9, PH: 9078000333, 8599005859, Sambalpur, Bareipalli Industrial Estate, PH: 7077732222, 7682857806, Angul, Nalconagar, PH: 8599005924, 8599005896, Highway Honda – Bhubaneshwar, Rudrapur, PH: 7873999907, 7873999819, Lewis Road, Gauri Temple, PH: 7873999962, Infosys Road, Near Patia Square, Patia, PH: 7873999881, Cuttack, Cantonment Road, PH: 7873999589, 7873999603, Jajpur, Mirzapur, Pani Koili, PH: 7873999226, Krishna Honda – Rourkela Beldihi, PH: 7852941758.

ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ।
-ଶ୍ରୀଅରବିନ୍ଦ



# ଆତ୍ମଘାତୀ ନୀତି

ଟେଲିକମ୍ କମ୍ପାନୀଗୁଡିକ ଉପରେ ବାକି ଥିବା ଆଡ୍‌ଜଷ୍ଟେଡ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ଦେୟର ପୁନର୍ଗଣନା ଲାଗି ଚେଷ୍ଟା କରିବା ଯୋଗୁ ସୁପ୍ରିମ୍‌କୋର୍ଟ ବୁଧବାର ଦୂରସଞ୍ଚାର ବିଭାଗ (ଡିଓଟି) ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ସରକାର ଟେଲିକମ୍ ସଂସ୍ଥାଗୁଡ଼ିକ ସହିତ ଦ୍ୱିପାକ୍ଷିକ ଭାବରେ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇ ୨୦ ବର୍ଷ ମଧ୍ୟରେ କିସ୍ତି କିସ୍ତି କରି ସେମାନଙ୍କ ଦେୟ ପରିଶୋଧ କରିବାକୁ ଅନୁମତି ଦେବା ହେଉଛି ଅଦାଲତଙ୍କ ଅସନ୍ତୋଷର କାରଣ। କୋର୍ଟଙ୍କ ମତରେ ମାମଲା ବିଚାରାଧୀନ ଥିବାରୁ ସରକାର ଏପରି କରିବା ଉଚିତ ନ ଥିଲା। ଦିଆଯାଇଥିବା ସମୟସୀମା ମଧ୍ୟରେ ଏଜିଆର୍ ଦେୟ ପଇଠ କରିବାକୁ ଟେଲିକମ୍ ସଂସ୍ଥାଗୁଡ଼ିକୁ ଶୀର୍ଷ କୋର୍ଟ କହିଥିଲେ। ସରକାରଙ୍କ ଦ୍ୱାରା ଏହି ବିଷୟର କୁପରିଚାଳନା ଯୋଗୁ ଟେଲିକମ୍ ପ୍ରସଙ୍ଗ ଦିନକୁ ଦିନ ଅଧିକ ଗୋଳମାଳିଆ ହେବାରେ ଲାଗିଛି। ୧୯୯୯ ମସିହାରେ ଟେଲିକମ୍ ସଂସ୍ଥାଗୁଡ଼ିକୁ ସ୍ଥାୟୀ ଲାଇସେନ୍ସ ବ୍ୟବସ୍ଥାରୁ ରାଜସ୍ୱ ଶେୟାରିଂ ମଡେଲକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେବା ପରଠାରୁ ଏହା ଉପରେ ସରକାରଙ୍କ ଆଗ୍ରହ ବୃଦ୍ଧି ପାଇଛି। ବିଭିନ୍ନ କେନ୍ଦ୍ର ସରକାର ଏହି ସମସ୍ୟାର ଯେପରି ପରିଚାଳନା କରୁଥିଲେ ସେଥିରେ ଟେଲିକମ୍ କମ୍ପାନୀଗୁଡ଼ିକ ଖୁସି ନ ଥିଲେ। ୨୦୦୩ ପରଠାରୁ ଏଜିଆର୍ ପ୍ରସଙ୍ଗ ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ରହିଆସିଛି ଏବଂ ଟେଲିକମ୍ କମ୍ପାନୀଗୁଡିକ ସବୁବେଳେ ଅଦାଲତରୁ ନିଜ ସପକ୍ଷରେ ଅନୁକୂଳ ରାୟ ପାଇ ଆସୁଥିଲେ। ତେବେ ଟେଲିକମ୍ କମ୍ପାନୀଗୁଡ଼ିକର ଏଜିଆର ବକେୟାର ସଂଜ୍ଞା ସମ୍ପର୍କରେ ସରକାର ସ୍ଥିର ରହିଆସିଛନ୍ତି ଏବଂ ସୁପ୍ରିମ୍‌କୋର୍ଟ ମଧ୍ୟ ତାକୁ କାଏମ୍ ରଖିଛନ୍ତି। ଅର୍ଥାତ୍ ଟେଲିକମ୍ ଅପରେଟରମାନେ ସରକାରଙ୍କ ରାଜକୋଷକୁ ପ୍ରାୟ ୧.୪୭ ଲକ୍ଷ କୋଟି ବକେୟା ଟଙ୍କା ଦେବାକୁ ବାଧ୍ୟ। ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ରାୟ ଯୋଗୁ କେତେକ କମ୍ପାନୀର ମେରୁଦଣ୍ଡ ଭାଙ୍ଗିବାକୁ ବସିଛି। ସରକାର ୨୦ ବର୍ଷର ଲମ୍ବା ଅବଧି ମଧ୍ୟରେ କମ୍ପାନୀଗୁଡ଼ିକୁ ଦେୟ କ୍ଲିୟର କରିବାକୁ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ନିବେଦନ କରି ଏହି ଧକ୍କାକୁ ପ୍ରଶମନ କରିବାକୁ ଚେଷ୍ଟା କରିଛନ୍ତି। ତେବେ ସରକାର ଏହି କଥା ବହୁ ଡେରିରେ ହୃଦୟଙ୍ଗମ କରିଛନ୍ତି।

ନ୍ୟାୟିକ ପ୍ରକ୍ରିୟା ଚାଲିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ଉପରେ ଦୋଷ ଦେବା ଅର୍ଥ ପରିସ୍ଥିତିକୁ ଠିକ୍‌ଭାବେ ବୁଝି ନ ପାରିବା। ଟେଲିକମ୍ ସଂସ୍ଥାଗୁଡ଼ିକ ସମସ୍ତ ଏଜିଆର୍ ଦେୟ ପଇଠ କରିବାକୁ କୋର୍ଟ ଜିଦ ଧରିବା ଠିକ୍ କି ନୁହେଁ ତାହା ଏବେ ଦେଖିବା ଦରକାର ନାହିଁ। ପ୍ରଥମ କଥା ହେଲା କୋର୍ଟ ପରେ କୋର୍ଟଙ୍କ ପ୍ରତିକୂଳ ନିଷ୍ପତ୍ତି ସତ୍ତ୍ୱେ ଟେଲିକମ୍ ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ଦେୟ ପଇଠ କରିବା ଲାଗି ସରକାର କାହିଁକି ଜିଦ୍ ଧରିଥିଲେ? ଅପରେଟରମାନଙ୍କଠାରୁ ଯେଉଁ ବିପୁଳ ପରିମାଣର ଅର୍ଥ ଦାବି କରାଯାଇଥିଲା ତାହା ଯଦି ସେମାନେ ଦେଇଥାନ୍ତେ ତେବେ ଏହା ସେମାନଙ୍କ ସ୍ୱାସ୍ଥ୍ୟକୁ ଦୁର୍ବଳ କରିଦେଇଥାନ୍ତା ଏବଂ ଏହି କ୍ଷେତ୍ର ପାଇଁ ଅନ୍ଧକାର ରାତ୍ରି ଆସିଯାଇଥାନ୍ତା। ଭୋଡାଫୋନ ଆଇଡିଆ କହିଛି ଯେ, ଏହା ତା'ର ଦୋକାନ ବନ୍ଦ କରିପାରେ କାରଣ ଏହାର ଭାରତ ଅପରେଶନ ଆଉ ଚଳାଇବା ସମ୍ଭବ ହେବ ନାହିଁ।

## ଆଜିର ଅର୍ଥନୀତି

ଯଦି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୁଏ, ତେବେ ଟେଲିକମ୍ କ୍ଷେତ୍ରଟି ବହୁ ଚାପରେ ରହିବ। ବ୍ୟାଙ୍କରୁ ବିପୁଳ ଋଣ ନେଇଥିବା ଟେଲିକମ୍ କମ୍ପାନୀମାନେ ସେମାନଙ୍କର ଋଣ ପଇଠ କରିବାରେ ବିଫଳ ହେବେ। ଏହା ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ, ଯାହା ପୂର୍ବରୁ ବହୁତ ଚାପରେ ଅଛି। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଶକ୍ତି ହ୍ରାସ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଏହାର ଅଭିବୃଦ୍ଧିରେ ପ୍ରତିକୂଳ ପ୍ରଭାବ ପକାଇବ। ସରକାର ଏହି ଟଙ୍କାକୁ ଉଚିତ ବ୍ୟବହାର କରିବା ପରିବର୍ତ୍ତେ ବ୍ୟାଙ୍କଗୁଡିକର ପୁନଃପୁଞ୍ଜୀକରଣ କରିବାକୁ ଚେଷ୍ଟା କରିପାରନ୍ତି। ଏକ ଅସୁସ୍ଥ ଟେଲିକମ୍ କ୍ଷେତ୍ର ଗ୍ରାହକ ସେବା ଓ ଅନୁଭବ ଉପରେ ମଧ୍ୟ କୁପ୍ରଭାବ ପକାଇବ। ଦୁଇ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଘରୋଇ କମ୍ପାନୀ ସହ ପ୍ରତିଯୋଗିତା କରିବାକୁ ଅକ୍ଷମ। ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକ ବୈଷୟିକ ଜ୍ଞାନକୌଶଳର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାବେଳେ ଭାରତ ପଛରେ ରହିବ। ଏହା ସିଧାସଳଖ ସରକାରଙ୍କ ନିଜସ୍ୱ ଡିଜିଟାଲ ଉଦ୍ୟମକୁ ପ୍ରଭାବିତ କରିବ। ନିବେଶର ଲକ୍ଷ୍ୟସ୍ଥଳ ଭାବରେ ଭାରତ ନିଜର ସ୍ଥିତି ହରାଇବ। ବର୍ତ୍ତମାନ ପରିସ୍ଥିତିରେ ସରକାର ସବୁଠୁ ବଡ଼ କ୍ଷତି ସହିବେ। ସରକାର ନିଜ ଗୋଡ଼କୁ ନିଜେ କୁରାଢ଼ୀ ମାରିଛନ୍ତି। ଏଣୁ ଟେଲିକମ୍ କ୍ଷେତ୍ରକୁ ବଞ୍ଚାଇବା ପାଇଁ ଉପାୟ ଏବଂ ମାଧ୍ୟମ ଖୋଜିବା ବର୍ତ୍ତମାନ ସରକାରଙ୍କ ପ୍ରମୁଖ ଦାୟିତ୍ୱ। ସୁପ୍ରିମ୍‌କୋର୍ଟରେ ଏଜିଆର୍ ଦେୟ ଆଦାୟ ଉପରେ ଚାପ ପକାଇ ସରକାର ଏହି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ତେଣୁ ସରକାର ହିଁ ଏହାର ସମାଧାନ ବାହାର କରିବା ଦରକାର। ଜନସାଧାରଣ ଆଶା କରୁଛନ୍ତି, ସରକାର ଫ୍ରାଙ୍କେନ୍‌ଷ୍ଟାଇନ ରାକ୍ଷସ ରୂପେ ପରିଣତ ହେବାରୁ ନିଜକୁ ରକ୍ଷା କରିବେ।

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ।
(ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | B | | | | 8 | | | | | | | 4 |
| 3 | | 9 | 1 | D | 2 | 6 | | | A | 4 | | | | |
| | | | 8 | | | B | | | 2 | | C | | A | D |
| 4 | 2 | | | | 5 | | 3 | D | B | | | 7 | C | |
| 5 | | | | | 3 | | | | 8 | E | | | | |
| | A | | E | | | | | 9 | | 6 | | 1 | | |
| | C | | 4 | | | | B | | | | | | | 8 |
| 0 | | E | | C | | | | | 5 | | | 4 | | B |
| B | 5 | D | | | | 0 | 7 | | | | | | | 9 |
| | | 6 | | | 8 | | | E | | | | 3 | | |
| C | | | | | 6 | 5 | | | | | | | | |
| 2 | 0 | | | | 4 | | | | E | | 5 | 6 | | A |
| | | 5 | | | | 7 | | | | | 6 | E | 2 | |
| 8 | | | 0 | | 9 | 2 | | | | A | | | D | |
| 6 | E | | 2 | 8 | D | | | | 9 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 7 | 0 | E | 4 | 6 | D | A | C | 8 | B | 5 | 1 | 9 |
| B | 4 | 0 | 5 | 1 | 2 | 7 | C | E | 6 | D | 9 | A | 8 | 3 |
| A | 5 | 6 | 3 | 7 | C | 4 | 9 | 8 | 2 | 1 | 0 | D | B | E |
| E | C | D | 8 | B | 9 | 1 | 0 | 3 | 5 | 7 | A | 4 | 6 | 2 |
| 8 | 1 | 9 | A | 6 | D | 5 | 2 | B | E | 3 | 4 | 0 | C | 7 |
| 9 | 3 | 2 | B | C | E | 8 | 6 | 0 | 4 | A | 5 | 7 | D | 1 |
| 6 | A | E | D | 9 | 8 | C | 4 | 2 | 1 | B | 7 | 3 | 5 | 0 |
| 5 | 8 | 1 | 7 | 2 | A | 3 | B | 9 | D | 0 | E | C | 4 | 6 |
| C | 7 | 4 | 6 | 0 | 1 | A | 5 | D | 8 | 2 | 3 | 9 | E | B |
| 0 | D | B | 4 | 3 | 5 | E | 1 | 7 | 9 | C | 6 | 2 | A | 8 |
| 4 | 0 | 3 | 9 | 5 | 6 | D | 8 | 1 | 7 | E | C | B | 2 | A |
| 1 | 9 | 5 | C | 8 | B | 0 | 7 | 4 | A | 6 | 2 | E | 3 | D |
| D | 6 | A | 2 | 4 | 7 | B | E | 5 | 3 | 9 | 1 | 8 | 0 | C |
| 7 | B | C | E | D | 3 | 2 | A | 6 | 0 | 4 | 8 | 1 | 9 | 5 |
| 2 | E | 8 | 1 | A | 0 | 9 | 3 | C | B | 5 | D | 6 | 7 | 4 |

ଗତକାଲିର ଉତ୍ତର

# ଆତଙ୍କବାଦ ବିରୋଧରେ ଟ୍ରମ୍ପ କାର୍ଡ



ଅରୁଣ କୁମାର ପଣ୍ଡା

ପ୍ରତିରକ୍ଷା, ଶକ୍ତି, ବୈଷୟିକ ଜ୍ଞାନକୌଶଳ ଏବଂ ସଞ୍ଚାର କ୍ଷେତ୍ରରେ ପରସ୍ପର ବୁଝାମଣା ସହିତ ଉଭୟ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତି ଭାରତ-ଆମେରିକା ସମ୍ପର୍କ କ୍ଷେତ୍ରରେ ଏକ ମାଇଲଖୁଣ୍ଟ କୁହାଯାଇପାରେ। ଇସ୍‌ଲାମିକ ଆତଙ୍କବାଦ ବିରୋଧରେ ଆମେରିକା ଭାରତ ସହ ନିର୍ଣ୍ଣାୟକ ଲଢେଇ କରିବ ବୋଲି ଘୋଷଣା କରି ଉଭୟ ଦେଶ ମଧ୍ୟରେ ଗଭୀର ବନ୍ଧୁତାର ମହତ୍ତ୍ୱପୂର୍ଣ୍ଣ ସଙ୍କେତ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଅବଶ୍ୟ ଟ୍ରମ୍ପ ଆମେରିକାବାସୀଙ୍କ ଭିତରେ ତାଙ୍କର ଭାରତ ଗସ୍ତକୁ ନେଇ ଏକ ଭାବାବେଶ ସୃଷ୍ଟି କରିବାକୁ ଚାହୁଁଥିଲେ। ଆମେରିକା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆମେରିକାରେ ଥିବା ପ୍ରବାସୀ ଭାରତୀୟଙ୍କ ମନରେ ତାଙ୍କ ପ୍ରତି ବିଶ୍ୱାସ ସୃଷ୍ଟି କରିବା ଏହି ଗସ୍ତର ଭିତ୍ତିରି ଉଦ୍ଦେଶ୍ୟ ଥିଲେ ମଧ୍ୟ ଗତ ଆମେରିକା ରାଷ୍ଟ୍ରପତିମାନଙ୍କ ଭାରତ ଗସ୍ତଠାରୁ ଟ୍ରମ୍ପଙ୍କ ଯାତ୍ରା ଅଧିକ ଫଳପ୍ରଦ ପ୍ରମାଣିତ ହୋଇଛି।

ଟ୍ରମ୍ପଙ୍କ ଭାରତ ଗସ୍ତ ବେଳେ ବହୁ ପ୍ରତୀକ୍ଷିତ ବାଣିଜ୍ୟିକ ବୁଝାମଣା ହେଲା ନାହିଁ କିମ୍ବା ସେଭଳି କୌଣସି ନାଟକୀୟ ଘୋଷଣା କରାଗଲା ନାହିଁ। ପରନ୍ତୁ ଯାହା ହେଲା ତାହା କିଛି କମ୍ ନୁହେଁ। ଅତିକମ୍‌ରେ ଚାରୋଟି କ୍ଷେତ୍ରରେ ଟ୍ରମ୍ପଙ୍କ ଭାରତ ଯାତ୍ରା ବେଶ୍ କିଛି ଉଲ୍ଲେଖନୀୟ ଫଳଶ୍ରୁତି ଦେଇଛି। ସେଗୁଡ଼ିକ ହେଲା- ସାଂସ୍କୃତିକ, ରାଜନୈତିକ, ସାମରିକ ଓ ଆର୍ଥିକ, ଯାହାର ଦୂରଗାମୀ ପ୍ରଭାବ ଭବିଷ୍ୟତରେ ଦେଖିବାକୁ ମିଳିବ। ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ରାଜନୀତି କ୍ଷେତ୍ରରେ ଦୁଇ ଜଣ ମଜଭୁତ ରାଜନେତା ଭାବରେ ଉଭା ହୋଇଛନ୍ତି ଏବଂ ଏହି ଦୁଇଦେଶ ମଧ୍ୟରେ ଭାଗୀଦାରି ଶକ୍ତିଶାଳୀ ହୋଇଛି। ଏ ପର୍ଯ୍ୟନ୍ତ ଆମେ ଛୋଟମୋଟ ଦେଣନେଣ ବା କାରବାର କରୁଥିଲୁ। ଆମେରିକା ସହିତ ଯାହାକୁ ଜେନେରାଲାଇଜ୍‌ଡ ସିଷ୍ଟମ୍ ପ୍ରିଫରେନ୍ସ (ଜିଏସ୍‌ପି) କୁହାଯାଏ। ଏହା ଅନୁସାରେ ଭାରତକୁ ପୂର୍ବରୁ ମିଳୁଥିବା ସୁବିଧା ଆଦି ପୁଣି ପ୍ରଦାନ କରିବା, କୃଷି ଏବଂ ଦୁଗ୍ଧ ଉତ୍ପାଦ ପାଇଁ ଭାରତୀୟ ବଜାର ଖୋଲିବା ଲାଗି ପ୍ରୟାସ ଆଦି ଅନ୍ତର୍ଭୁକ୍ତ ରହିବ। ରାଷ୍ଟ୍ରପତିଙ୍କ ଗସ୍ତ ପରେ ଏ କ୍ଷେତ୍ର ଆହୁରି ବ୍ୟାପକ ହେବ ବୋଲି ଆଶା କରାଯାଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରୁ ସର୍ବାଧିକ ରପ୍ତାନି ଆମେରିକାକୁ ହିଁ ହୋଇଥାଏ। ସେହି ଅନୁସାରେ ଆମେରିକୀୟ ସାମଗ୍ରୀ ଭାରତକୁ ଆସୁନାହିଁ। ରାଷ୍ଟ୍ରପତି ଟ୍ରମ୍ପ ଏହି ଅସନ୍ତୁଳନକୁ ଦୂର କରିବା ପାଇଁ ଭାରତର ତୈଳ ସମସ୍ୟାର ସମାଧାନ ଦୃଷ୍ଟିରୁ ପେଟ୍ରୋଲିୟମ୍ ଉତ୍ପାଦ ଭାରତକୁ ରପ୍ତାନି କରିବା ସମ୍ପର୍କରେ ବିଚାର କରୁଛନ୍ତି। ଏବେ ଆମେରିକା ଶିଳାତୈଳ (ସେଲ୍ ଅଏଲ)ର ଟେକ୍ନିକ୍ ହାସଲ କରି ଏହାର ପ୍ରଚୁର ଉତ୍ପାଦନ କରୁଛି। ଏହା ପରମ୍ପରାଗତ ଅଶୋଧିତ ପେଟ୍ରୋଲ ବା ଖଣିଜତୈଳର ବିକଳ୍ପ ଭାବେ ଉଭା ହୋଇଛି। ଏହି ଶିଳାତେଲ ବିଶେଷ ପ୍ରକାରର ଚଟାଣରୁ ଉତ୍ପାଦିତ ହୋଇଥାଏ। ଆଗରୁ ଆମେରିକା ଅନ୍ୟ ଦେଶରୁ ତୈଳ ଆମଦାନି କରୁଥିଲା। ଏବେ ରପ୍ତାନି କରୁଛି। ଏହି ନୂତନ ତେଲର ବହୁ ବଡ ବଡ ଭଣ୍ଡାର ଆମେରିକାରେ ରହିଛି। ଟେକ୍‌ସାସ ନିକଟବର୍ତ୍ତୀ ବାମିୟନ ବେସିନ ଅଞ୍ଚଳରେ ଆଜିକାଲି ପ୍ରଚୁର ପରିମାଣରେ ଏହି ତୈଳ ଉତ୍ପାଦିତ ହେଉଛି। ଏହି ଉଦ୍ୟୋଗ ଯେତେ ଜୋରରେ ବଢି ଚାଲିଛି, ସେହି ଅନୁସାରେ ପାଇପ୍ ଲାଇନର ଅଭାବ ଦେଖାଦେଉଛି। ଏବେ ଆମେରିକା ବିଶ୍ୱର ଏକ ବଡ ଖଣିଜ ତେଲ ଉତ୍ପାଦକ ଦେଶରେ ପରିଣତ ହୋଇଛି। ଏହି ତୈଳ ରପ୍ତାନି ପାଇଁ ଭାରତରେ ବଡବଜାର ସୃଷ୍ଟି କରିବାକୁ ଆମେରିକା ଲକ୍ଷ୍ୟ ରଖିଛି।

ଏବେ ଭାରତର ସବୁଠାରୁ ବଡ ଆବଶ୍ୟକତା ନିଜର ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବା ଏବଂ ବିଶେଷ ନିର୍ମାଣ କ୍ଷେତ୍ରରେ ଆଗକୁ ବଢିବା। ଏହା ସହିତ ଆମକୁ ଶ୍ରେଷ୍ଠତମ ବୈଷୟିକ ଜ୍ଞାନକୌଶଳର ମଧ୍ୟ ଆବଶ୍ୟକତା ରହିଛି। ଆମେରିକା କମ୍ପାନୀଗୁଡିକର ସହଯୋଗରେ ଭାରତର ଔଦ୍ୟୋଗିକ ବିକାଶ ଗତିଶୀଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ଏବେ ଟିକେ ପଛକୁ ଚାହିଁବା, ଯାହାକୁ ସିଂହାବଲୋକନ କୁହାଯାଏ। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ସେପ୍ଟେମ୍ବର ମାସରେ ଆମେରିକା ଯିବା ପୂର୍ବରୁ ନରେନ୍ଦ୍ର ମୋଦି 'ୱାଲ ଷ୍ଟ୍ରିଟ୍ ଜର୍ନାଲ' ପତ୍ରିକାରେ ପ୍ରକାଶିତ ଲେଖାରେ ନିଜ ସ୍ୱପ୍ନର ଭାରତ ସମ୍ପର୍କରେ ଉଲ୍ଲେଖ କରି ଲେଖିଥିଲେ ଯେ, ଆମେରିକା ସମେତ ବିଶ୍ୱର ଅନ୍ୟ ବିକଶିତ ରାଷ୍ଟ୍ରମାନଙ୍କୁ ଭାରତରେ ନିବେଶ କରିବା ପାଇଁ ସେ ଆମନ୍ତ୍ରଣ କରୁଛନ୍ତି। ସେ ଲେଖିଥିଲେ- ଠିକ୍ କାମ କରିବା ଯେତିକି ଜରୁରୀ, କାମକୁ ଠିକ୍ କରିବା ମଧ୍ୟ ସେତିକି ଆବଶ୍ୟକ।' ମୋଦିଙ୍କ ଆମେରିକା ଗସ୍ତର ଅବ୍ୟବହିତ ପୂର୍ବରୁ ଦେଶରେ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନର ଠିକ୍ ଗୋଟିଏ ଦିନ ଆଗରୁ ଭାରତର ବୈଜ୍ଞାନିକମାନେ ମଙ୍ଗଳୟାନ ଅଭିଯାନ ସଫଳ ହେବା ଘୋଷଣା କରିଥିଲେ। ଏହି ସମୟ ମୋଦିଙ୍କ 'ଗ୍ଲୋବାଲ-କନେକ୍ଟ' କାର୍ଯ୍ୟକ୍ରମ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଥିଲା। ପ୍ରଥମେ ଜାପାନ, ପୁଣି ଚାଇନା ଏବଂ ଏହା ପରେ ଆମେରିକା ସରକାରଙ୍କ ସହ କଥାବାର୍ତ୍ତା କରି ସେ ବୈଶ୍ୱିକ ମଞ୍ଚରେ 'ନୂଆ ଭାରତ ଆଗମନ'ର ଘୋଷଣା କରିଥିଲେ। ଆମେରିକା ସହିତ ଯେତେବେଳେ ଭାରତର ପରମାଣୁ ସନ୍ଧି ହୋଇଥିଲା, ସେତେବେଳେ ଆମେରିକାରେ କମ୍ପାନୀମାନେ ଆଶା କରିଥିଲେ ଯେ, ଭାରତ ସହିତ ପ୍ରାୟ ୧୪୦ ନିୟୁତ ଡଲାରର ରିଆକ୍ଟର ଏବଂ ଅନ୍ୟ ଉପକରଣର ସଉଦା ହେବ। ପରମାଣୁ ଅପ୍ରସାର ଲବିର କଡା ବିରୋଧ ସତ୍ତ୍ୱେ ଆମେରିକା ଭାରତକୁ ସମର୍ଥନ କଲା ; ପରନ୍ତୁ ପ୍ରତିବଦଳରେ କିଛି ହିଁ ମିଳିଲା ନାହିଁ। ଆମେରିକାର ଏହି ଦୁଃଖ ଆଜି ବି ରହିଛି। ଟ୍ରମ୍ପଙ୍କ ଏହି ଭାରତ ଯାତ୍ରା ବେଳେ ରିଆକ୍ଟର କ୍ରୟ ଓ ଅନ୍ତରୀକ୍ଷ ଅନୁସନ୍ଧାନ କ୍ଷେତ୍ରରେ ସହଯୋଗ ପାଇଁ ପୁଣିଥରେ କଥାବାର୍ତ୍ତା ଆରମ୍ଭ ହୋଇଛି। ଦେଶର ଦୂରସଞ୍ଚାର କ୍ରାନ୍ତିରେ ମଧ୍ୟ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଶା କରାଯାଉଛି।

ଯଦି ସ୍ଥିତି ଠିକ୍ ରହିବ ତେବେ ଭାରତରେ ପୁଞ୍ଜି ନିବେଶ ପାଇଁ ଆମେରିକୀୟ କମ୍ପାନୀଗୁଡିକୁ ପ୍ରୋତ୍ସାହିତ କରାଯାଇପାରିବ। ଭାରତକୁ ପୁଞ୍ଜି ସହିତ ଉଚ୍ଚସ୍ତରୀୟ କାରିଗରି ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଏହି ଟେକ୍ନୋଲୋଜି ପ୍ରତିରକ୍ଷା ସହିତ ଚିକିତ୍ସା, ବୈଜ୍ଞାନିକ ଅନୁସନ୍ଧାନ ତଥା ଉପଭୋକ୍ତା ସାମଗ୍ରୀ ଆଦି ପାଇଁ ବିନିଯୋଗ ହୋଇପାରିବ। ଭାରତ ନିଜର ଅର୍ଥ ବ୍ୟବସ୍ଥାକୁ ଦୃଢ଼ କରିବାରେ ବିଳମ୍ବ କରିଛି ତଥା ଆଧୁନିକ ବେପାର ପାଇଁ ପର୍ଯ୍ୟାପ୍ତ ଢାଞ୍ଚା ପ୍ରସ୍ତୁତିରେ ମଧ୍ୟ ଅଗ୍ରଗତି କରିନାହିଁ। କେବଳ ଜାତୀୟ ରାଜପଥ, ବନ୍ଦର ଏବଂ ରେଳବାଇ କ୍ଷେତ୍ରରେ ଆମେ କିଛି ଅଗ୍ରଗତି କରିଛୁ।

ଚାଇନାକୁ ଟକ୍କର ଦେବା ପାଇଁ ଆମେରିକା ସାମରିକ କ୍ଷେତ୍ରରେ ଭାରତକୁ ସହଯୋଗ କରିବା ପାଇଁ ଆଗ୍ରହୀ। ଚାଇନା-ପାକିସ୍ତାନ ମଧ୍ୟରେ ଗଠବନ୍ଧନକୁ ଦେଖି ଭାରତକୁ ନିଜର ସେନା କ୍ଷମତା ବୃଦ୍ଧି କରିବାକୁ ପଡୁଛି। ସାମୁଦ୍ରିକ ବେପାର ମାର୍ଗର ମହତ୍ତ୍ୱକୁ ଉପଲବ୍ଧି କରି ଭାରତ ମହାସାଗରଠାରୁ ଆରମ୍ଭ କରି ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଭାରତୀୟ ନୌସେନାର କ୍ଷେତ୍ରୀୟ ସୁରକ୍ଷାକୁ ନେଇ ଭୂମିକା ବଢ଼ିଛି। କିଛି ବର୍ଷ ମଧ୍ୟରେ ଭାରତ-ଆମେରିକା ମଧ୍ୟରେ ସାମରିକ ସମ୍ବନ୍ଧ ଅତି ମହତ୍ତ୍ୱପୂର୍ଣ୍ଣ ହୋଇଉଠିଛି। ଟ୍ରମ୍ପଙ୍କ ଭାରତ ଗସ୍ତ ସମୟରେ ତିନି ନିୟୁତ ଡଲାରର ରକ୍ଷା ବୁଝାମଣା ଉପରେ ହସ୍ତାକ୍ଷର ହୋଇଛି। ଏହା ଭିତରେ ନୌସେନା ପାଇଁ ୨୩ ଏମ୍‌ଏଚ୍-୬୦ ରୋମିଓ ହେଲିକପ୍ଟର ଏବଂ ସ୍ଥଳସେନା ପାଇଁ ୬ଏଏଚ୍‌୬୪-ଇ ଆପାଚି ହେଲିକପ୍ଟର ସାମିଲ ଅଛି। ଦେଶର ଆବଶ୍ୟକତାକୁ ଚାହିଁ ଭବିଷ୍ୟତରେ ଆହୁରି କିଛି ବୁଝାମଣା ହୋଇପାରେ।

ଟ୍ରମ୍ପଙ୍କ ମୁହଁରୁ ଭାରତବାସୀ ଯାହା ଶୁଣିବାକୁ ଚାହୁଁଥିଲେ ତାଙ୍କ ଯାତ୍ରାର ଦ୍ୱିତୀୟ ଦିବସରେ ଦିଲ୍ଲୀରେ ସେ ଖୋଲାଖୋଲି ତାହା କହିଲେ। କଠୋରପନ୍ଥୀ ଇସ୍‌ଲାମିକ ଆତଙ୍କବାଦ ବିରୋଧରେ ଆମେରିକା-ଭାରତ ମିଳିତ ଭାବେ ସଂଗ୍ରାମ କରିବେ ବୋଲି ସେ ଘୋଷଣା କଲେ। ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ପାକିସ୍ତାନକୁ କହିଥିବା କଥା ମଧ୍ୟ ଟ୍ରମ୍ପ ପ୍ରକାଶ କରିଥିଲେ। ଇତିମଧ୍ୟରେ ତାଲିବାନ ସହିତ ଆମେରିକାର ବୁଝାମଣା ହୋଇଛି। ଏଥିରେ ପାକିସ୍ତାନ ଆମେରିକାକୁ ସହାୟତା କରିଥିବାରୁ ଟ୍ରମ୍ପ ଇମ୍‌ରାନଙ୍କୁ ସାଥିରେ ରଖିବାକୁ ଚାହୁଁଛନ୍ତି। ପରନ୍ତୁ ଆତଙ୍କବାଦକୁ ନେଇ ସେ ପାକିସ୍ତାନକୁ ବାରମ୍ବାର କଠୋରବାଣୀ ଶୁଣାଇଛନ୍ତି। ଆଫଗାନିସ୍ତାନ ପ୍ରସଙ୍ଗରେ ମଧ୍ୟ ଟ୍ରମ୍ପ ଭାରତର ସହଯୋଗ ଚାହିଁଛନ୍ତି। ସର୍ବତୋ ଭାବରେ ଟ୍ରମ୍ପଙ୍କ ଭାରତ ଗସ୍ତ ଆମ ପାଇଁ ସକାରାତ୍ମକ ହୋଇଛି।

ସେକ୍ଟର-୬, ସିଡିଏ, କଟକ,
ମୋ-୯୪୩୭୨୭୦୬୦୫

# ପରିବେଶ ପ୍ରହରୀ ଘରଚଟିଆ




ପୀତାମ୍ବର ରାଉତ

ବିଶିଷ୍ଟ ପରିବେଶବିତ୍ ମହମ୍ମଦ ଦିଲ୍‌ୱାର୍‌ଙ୍କ ଉଦ୍ୟମରେ ୨୦୧୦ ମସିହାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ଘରଚଟିଆର ବୈଜ୍ଞାନିକ ନାମ ପାସୋରିଡ୍। ଉତ୍ପତ୍ତିସ୍ଥଳ ଭୂମଧ୍ୟସାଗରୀୟ ଅଞ୍ଚଳଠାରୁ ଆରମ୍ଭକରି ବ୍ରିଟେନ୍, ଫ୍ରାନ୍ସ, ପ୍ୟାରିସ୍, ଜର୍ମାନୀ, ବେଲ୍‌ଜିୟମ୍, ଇଟାଲି, ନେଦରଲାଣ୍ଡ, ଫିନ୍‌ଲାଣ୍ଡରେ ଏମାନେ ବସବାସ କରୁଥିଲେ ହେଁ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ୨୦୦୪ ମସିହାରେ ବିଶ୍ୱ ଜୈବ ସଂରକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଆଧାରରେ ବିଗତ ୪୦-୫୦ ବର୍ଷ ମଧ୍ୟରେ ଶତକଡା ୯୦ ଭାଗ ଘରଚଟିଆ ବିଲୁପ୍ତ ହୋଇଯାଇଛନ୍ତି। ବାକି ଶତକଡା ୧୦ ଭାଗ ଜୀବିତ ପକ୍ଷୀଙ୍କ ଯତ୍ନ ନେବା ଆମ ପାଇଁ ଅତି ଜରୁରୀ। ଦିଲ୍ଲୀ ରାଜ୍ୟ ସରକାର ୨୦୧୨ ମସିହାରେ ଘରଚଟିଆକୁ ଦିଲ୍ଲୀ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି।

ଘରଚଟିଆ ଧୂସର ରଙ୍ଗର କ୍ଷୁଦ୍ର ପକ୍ଷୀଟିଏ। ଏମାନେ ପ୍ରାୟତଃ ଚାଳଘରେ ରୁହନ୍ତି। ଗଛ, ପାହାଡ଼ଖୋଲ, ପୋଲ, ନଦୀକୂଳ ଇତ୍ୟାଦି ଜାଗାରେ ମଧ୍ୟ ବସା ବାନ୍ଧନ୍ତି। ରହଣି ସ୍ଥାନରୁ ୧.୫ରୁ ୨ ମାଇଲ୍ ପର୍ଯ୍ୟନ୍ତ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି। ଘରଚଟିଆ ପକ୍ଷୀର ଲମ୍ବ ୧୪ରୁ ୧୫ ସେ.ମି.। ଡେଣାର ଲମ୍ବ ୧୯-୨୮ ସେ.ମି.। ପୁରୁଷ ଘରଚଟିଆର ମଥା, ଗଳା ଧୂସର ବା ଈଷତ୍ କଳାରଙ୍ଗର। ଏମାନଙ୍କ କଳରବ କ୍ଷୁଦ୍ର ଏବଂ ଅବିଶ୍ରାନ୍ତ। ଅଣ୍ଡାରୁ ଛୁଆ ଫୁଟିବାକୁ ୧୦ରୁ ୧୨ଦିନ ଲାଗିଥାଏ।

ମାତ୍ର ଆଜିର ଅସନ୍ତୁଳିତ ପରିବେଶ, ଜଙ୍ଗଲ ପରିମାଣ ହ୍ରାସ, ପକ୍କାଘର, ରାସାୟନିକ ସାର ବ୍ୟବହାର, କୀଟନାଶକ, ପେଟ୍ରୋଲ, ଡିଜେଲ ଧୂଆଁ, ଗାଡ଼ିର ହର୍ନ ଏବଂ ମୋବାଇଲ୍ ଟାୱାରର ବିକିରଣ ପ୍ରଭାବରେ ଏମାନଙ୍କ ଅବସ୍ଥା ବିଲୋପ ଆଡ଼କୁ ଗତି କରୁଛି। ଇଣ୍ଡିଆନ୍ କ୍ରେନ୍ସ ଆଣ୍ଡ ୱେଟ୍‌ଲ୍ୟାଣ୍ଡସ୍ ୱାର୍କିଂ ଗ୍ରୁପ୍‌ର କେ.ଏସ୍. ଗୋପୀସୁନ୍ଦରଙ୍କ ମତରେ ଚାଷ ଜମିରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଯୋଗୁ ଘରଚଟିଆଙ୍କ ଖାଦ୍ୟ ଉପଯୋଗୀ କୀଟ, ପୋକ ମରିଯାଉଛନ୍ତି। ତେଣୁ ଖାଦ୍ୟ ଅଭାବ ସେମାନଙ୍କ ମୃତ୍ୟୁର ମୁଖ୍ୟ କାରଣ।

### ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ



ଘରଚଟିଆଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେବା ବାଞ୍ଛନୀୟ। ନ ହେଲେ ଶାଗୁଣା ଭଳି ଏମାନଙ୍କୁ ବାହାର ରାଜ୍ୟରୁ ଆଣି ଚିଡ଼ିଆଖାନାରେ ରଖିବାକୁ ହେବ। ୧୯୯୯ ମହାବାତ୍ୟାଠାରୁ ଶାଗୁଣା ଦେଖିବାକୁ ମିଳୁନାହାନ୍ତି।

ମଣିଷ ସମାଜ ପାଇଁ ଘରଚଟିଆ ଏକ ଅତ୍ୟନ୍ତ ଉପକାରୀ ପକ୍ଷୀ। ଶସ୍ୟକ୍ଷେତ୍ରରେ ଅପକାରୀ କୀଟ ଯଥା- ଉଇ, ଝିଣ୍ଟିକା, ଲେଡି ପୋକ ଆଦିକୁ ଖାଇଦିଅନ୍ତି। ତେଣୁ ଏହି କ୍ଷୁଦ୍ର ପକ୍ଷୀଟି କୃଷକର ବନ୍ଧୁ। ଏବେ ବି କଟକର ସିଡିଏ ଅଞ୍ଚଳ ଓ ମହାନଦୀ ପଠାରେ ବୁଦାଗଛରେ ବହୁ ସଂଖ୍ୟାରେ ଏ ପକ୍ଷୀ ଦୃଶ୍ୟମାନ ହେଉଛି। ସୂର୍ଯ୍ୟାସ୍ତ ପୂର୍ବରୁ ଘରଚଟିଆର ନୀଡ଼ବାହୁଡ଼ା ଦୃଶ୍ୟ ଅତ୍ୟନ୍ତ ମନୋରମ।

ତେବେ ପ୍ରଶ୍ନ ଉଠେ ରାଜ୍ୟ ସରକାରଙ୍କ ଯୋଜନା କ'ଣ କେବଳ ମଣିଷମାନଙ୍କ ପାଇଁ! ପଶୁପକ୍ଷୀ, ପରିବେଶର ଦାୟିତ୍ୱ ନେବ କିଏ? ବିନା ପଶୁପକ୍ଷୀ ଓ ବିନା ଜଙ୍ଗଲରେ ଆମେ ବଞ୍ଚିପାରିବା ନାହିଁ। ତେଣୁ ସେମାନଙ୍କୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ବାସ ଓ ଖାଦ୍ୟ ଅଭାବରୁ ବାଘ, ହାତୀ ସହର ଆଡକୁ ମୁହାଁଉଛନ୍ତି। ସରକାର ଏକା ନୁହନ୍ତି, ଆମେ ସାଧାରଣ ମଣିଷ ଏବଂ ସ୍କୁଲ ପିଲା ମିଳିମିଶି ପ୍ରତିଦିନ ମୁଠିଏ ଚାଉଳ ଘର ଅଗଣା କିମ୍ବା ଛାତ ଉପରେ ଥୋଇବା। ପାଖରେ ପାଣି ପାତ୍ରଟିଏ ରଖିବା। ସରକାରୀ ନିର୍ଦ୍ଦେଶ ଏମିତି ହୁଅନ୍ତାନି- ସର୍ବଶିକ୍ଷାରେ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳରୁ ମାତ୍ର ୨ ମୁଠା ପ୍ରତିଦିନ ପିଲାଏ ଦେଲେ ପରିବେଶ ବିଜ୍ଞାନ ବୁଝିବା ସହଜ ହେବା ସହ ସେମାନଙ୍କୁ ନୈତିକ ଶିକ୍ଷା ମିଳିପାରିବ। ସୁଖର କଥା କଟକସ୍ଥିତ ସିଡିଏ କାର୍ଯ୍ୟାଳୟର ଜନୈକ ଅଧିକାରୀ ତଥା ପରିବେଶବିତ୍‌ଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଅଫିସ୍ ଛାତରେ ପକ୍ଷୀମାନଙ୍କ ପାଇଁ ଗହମ, ଚାଉଳ, ସୋରିଷ ଏବଂ ପାଣିକୁଣ୍ଡର ବ୍ୟବସ୍ଥା ହୋଇଛି। ଏପରି କାର୍ଯ୍ୟ ଅନ୍ୟ ସରକାରୀ ତଥା ବେସରକାରୀ ଅଫିସରେ କରାଗଲେ ତାହା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ ହେବ। ବ୍ୟାସସ୍ମୃତି (୩/୩୬) କହିଛି- ପଶୁପକ୍ଷୀମାନଙ୍କୁ କିଛି କିଛି ଖାଦ୍ୟ ନିତ୍ୟ ଦାନ କରିବା ଉଚିତ, ଏହାଦ୍ୱାରା ଆମର ରିଷ୍ଟ ଖଣ୍ଡନ ହେବା ସହିତ ଚଳାପଥ କୁସୁମିତ ହେବ। ଆମ ଲୋକପ୍ରିୟ ସରକାର ଘରଚଟିଆ ପକ୍ଷୀକୁ ରାଜ୍ୟ ପକ୍ଷୀର ମାନ୍ୟତା ପାଇଁ ବିଚାରକରି ସବୁ ସରକାରୀ ଓ ବେସରକାରୀ ଅଫିସ୍ ଛାତରେ ପାଣି ଓ ଖାଦ୍ୟର ବ୍ୟବସ୍ଥା କଲେ ପକ୍ଷୀ ବଂଶ ବୃଦ୍ଧିରେ ସହାୟକ ହେବ।

ଆବାହକ, ଓଡ଼ିଶା ବାୟାଚଢ଼େଇ ସୁରକ୍ଷା ଅଭିଯାନ, ନିଆଳି, କଟକ,
ମୋ: ୯୯୩୭୬୬୨୧୮୭

## ଏଇ ଭାରତରେ

ଝାଡ଼ଖଣ୍ଡର ଦୁର୍ଗମ ଗ୍ରାମାଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ସ୍କୁଲଗୁଡ଼ିକର ପରିବେଶ ତଥା ଶିକ୍ଷାରେ ଉନ୍ନତି ଆଣି ଆଇଏଏସ୍ ଅଧିକାରୀ ଆଦିତ୍ୟ ରଞ୍ଜନ ସଭିଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ପଶ୍ଚିମ ସିଂହଭୂମ ଜିଲା ଉନ୍ନୟନ ଅଧିକାରୀ ଭାବେ ନିଯୁକ୍ତି ପାଇବା ପରେ ସେ ଜିଲାରେ ଅଙ୍ଗନୱାଡ଼ିର ଅବସ୍ଥା ଭଲ ନ ଥିବା ଲକ୍ଷ୍ୟ କରିଥିଲେ। ୨୦୧୮ରେ ସେ ନିଜ ଦରମାରୁ କିଛି ଖର୍ଚ୍ଚ କରି ଚାଇଁବାସା ଅଞ୍ଚଳରେ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ପରେ ପଶ୍ଚିମ ସିଂହଭୂମ ଜିଲାରେ ଏଭଳି ୬୫୦ କେନ୍ଦ୍ରର ଅବସ୍ଥା ସୁଧାରି ଦେଇଛନ୍ତି। ୨୦୧୫ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀଙ୍କର ପ୍ରଥମେ ଦେଓଘରରେ ନିଯୁକ୍ତି ହୋଇଥିଲା। ସେଠାରେ ସେ ସ୍ଥାନୀୟ ଶିଶୁମାନଙ୍କୁ ପଢାଇବା ଆରମ୍ଭ କରିଥିଲେ। କିନ୍ତୁ ପଶ୍ଚିମ ସିଂହଭୂମକୁ ତାଙ୍କ ବଦଳି ହେବା ପରେ ସେ ଜିଲାର ସବୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଏମିତି ଗଢିଛନ୍ତି ଯେ, ସେଠାରେ ସେବିକା ଓ ସହାୟିକାମାନେ କେନ୍ଦ୍ର ମଧ୍ୟରେ ପିଲାମାନଙ୍କୁ ଗାଧୋଇ ଦେଉଛନ୍ତି, ସେମାନଙ୍କୁ ଖୁଆଇ ଦେଉଛନ୍ତି। ସବୁ କେନ୍ଦ୍ରକୁ ଦୁଇ ହଳ ୟୁନିଫର୍ମ, ନେଲ୍ କଟର, ସାନିଟେଶନ କିଟ୍, ପାନିଆ, ଟିସ୍ୟୁପେପର ଆଦି ଯୋଗାଇ ଦିଆଯାଉଛି ବୋଲି କହନ୍ତି ରଞ୍ଜନ। ୨୦୨୦ ଶେଷ ସୁଦ୍ଧା ସେ ଜିଲାରେ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ସଂଖ୍ୟା ୧ ହଜାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି । ମାସକୁ ଦୁଇଥର ସେ ସବୁ କେନ୍ଦ୍ରରେ ସମୀକ୍ଷା ପାଇଁ ବି ପହଞ୍ଚିଯାଉଛନ୍ତି। ଗ୍ରାମାଞ୍ଚଳରେ ହାଇସ୍କୁଲ ପିଲା ଓ ୧୦ମ ପାସ୍ ପରେ ଯେଉଁମାନେ ବିଜ୍ଞାନ ପଢୁଛନ୍ତି ସେମାନଙ୍କ ପାଇଁ ଭ୍ରାମ୍ୟମାଣ ବିଜ୍ଞାନାଗାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହି ବିଜ୍ଞାନାଗରର ନାମ ଦେଇଛନ୍ତି 'ୱଣ୍ଡର ଅଫ୍ ହ୍ୱିଲ'। ଏହାଦ୍ୱାରା ପ୍ରତିଦିନ ୧୨୯ଟି ହାଇସ୍କୁଲର ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୯୫

- ଗେଗଙ୍ଗ ଅପାଙ୍ଗ ଅରୁଣାଚଳ ପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ।
- ଲେଖିକା ସୁସ୍ମିତା ବାଗ୍‌ଚୀ ତାଙ୍କର ଗଳ୍ପ ସଙ୍କଳନ 'ଆକାଶ ଯେଉଁଠିକଥାକହେ' ପାଇଁ ୧୯୯୨ ମସିହାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡିଆ ପାଇଁ ଲଜ୍ଜା

ମହାଶୟ,

ଧରିତ୍ରୀ ମୁଖ୍ୟପୃଷ୍ଠାରେ ସମ୍ପାଦକ ତଥାଗତ ସତପଥୀଙ୍କ ଲେଖା 'ଓଡିଆ ପାଇଁ ଲଜ୍ଜା' ସମୟ ଉପଯୋଗୀ। ମା', ମାଟି ତଥା ଜାତି ପାଇଁ ଲଢେଇ କରିବା ପ୍ରାୟ ୯୯ ଭାଗ ରାଜନେତାଙ୍କର ଆଉ ସର୍ବଶ୍ରେଷ୍ଠ କାର୍ଯ୍ୟ ହୋଇ ନାହିଁ। ଦେଶ ତଥା ମାଟି ପ୍ରୀତି ଅପେକ୍ଷା ସମସ୍ତେ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ରାଜନେତାମାନେ ମନମୁଖି ନିଷ୍ପତ୍ତି ନେବାର ଦୁଃସାହସ କରୁଛନ୍ତି। ଫଳରେ ରାଜ୍ୟସଭାକୁ ଯାଉଥିବା ନେତାମାନେ ନିଜର ଭାଷା ଓ ସଂସ୍କୃତିକୁ ଭୁଲି ଯାଉଛନ୍ତି। ମାନ୍ୟବର ଧରତ୍ରୀ ସଂପାଦକଙ୍କ ଓଡିଆ ଭାଷା ପାଇଁ ସ୍ୱର ପ୍ରଶଂସାଯୋଗ୍ୟ।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ବିଦ୍ୟୁତ୍ କର୍ମଚାରୀଙ୍କୁ ପରିଚୟପତ୍ର ଦିଅନ୍ତୁ

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇ ଇଲେକ୍ଟ୍ରି ବୋର୍ଡ ଲଗାଇବା, ମିଟର ଦେଖିବା ଇତ୍ୟାଦି ବାହାନାରେ ଗୃହ ଭିତରେ ପ୍ରବେଶ କରି କିଛି ଦୁର୍ବୃତ୍ତ ଛିନ୍‌ତାଇ ଓ ଲୁଟ କରୁଛନ୍ତି। ଏବେ ଗଙ୍ଗପଡା ଅଞ୍ଚଳରେ ଲୁଟେରାମାନେ ଏହି ଉପାୟରେ ଜଟିଳା ସାମନ୍ତରାୟ ନାମ୍ନୀ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଛନ୍ତି। ଏଣୁ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ପ୍ରଦାନ କଲେ ସେମାନଙ୍କୁ ସନ୍ଦେହ କରିବାର ଅବକାଶ ରହିବ ନାହିଁ, ଯଦ୍ୱାରା ବିଦ୍ୟୁତ୍ ଗ୍ରାହକଙ୍କ ପରିବାର ଧନଜୀବନ କ୍ଷତିରୁ ରକ୍ଷା ପାଇପାରିବେ।

ବିଦ୍ୟୁତ୍‌ପ୍ରଭା ମହାନ୍ତି, ମହିଳା ସଙ୍ଗଠନ ସମ୍ପାଦକ, ପୁରୁଣା ଭୁବନେଶ୍ୱର

### ଓଡ଼ିଆ ଭାଷା ସମୃଦ୍ଧ ହେଉ

ଦୈନିକ ଧରିତ୍ରୀ(୧୦।୨)ରେ ପ୍ରକାଶିତ 'ଭାଷା ବଗିଚାକୁ ଗାଉଁଲି ଚାରା' ପ୍ରବନ୍ଧଟି ପାଠକରି ଖୁସି ହେଲି। ପ୍ରାବନ୍ଧିକ ପଦ୍ମନାଭ ସାହୁଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଟି ଓଡିଆ ଭାଷା ସାହିତ୍ୟ ପ୍ରତି ଏକ ସମୟୋଚିତ ଆହ୍ୱାନ। ଓଡିଆ ଶବ୍ଦଭଣ୍ଡାରର ସମୃଦ୍ଧି ପାଇଁ ଓଡିଆ ଭାଷା ସାହିତ୍ୟର ପ୍ରଥିତଯଶା ସାହିତ୍ୟିକମାନଙ୍କର ଆନ୍ତରିକ ଉଦ୍ୟମ ଯେପରି ଜରୁରୀ, ଆମ ରାଜ୍ୟରେ ଥିବା ବିଭିନ୍ନ ସାହିତ୍ୟାନୁଷ୍ଠାନ (ଉଭୟ ସରକାରୀ ଏବଂ ବେସରକାରୀ)ର ଏ ଦିଗରେ କର୍ତ୍ତବ୍ୟ ମଧ୍ୟ ସେହିପରି ଜରୁରୀ। ଆମର ଆଶା ଓ ବିଶ୍ୱାସ ଏ ଦିଗରେ ଉଦ୍ୟମ ଏବଂ କର୍ତ୍ତବ୍ୟ ନିଭାଇବା ପାଇଁ ସମସ୍ତ ଓଡ଼ିଆପ୍ରେମୀ ଆଗଭର ହେବେ।

ସତୀଶ ଚନ୍ଦ୍ର ବେହେରା, ସୁନନ୍ଦା ବେହେରା, ସମୀକ୍ଷା ପ୍ରିୟଦର୍ଶିନୀ, ସୁରଭି ପ୍ରିୟଦର୍ଶିନୀ, ରଘୁନାଥପୁର, ବାରିପଦା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସୁସ୍ଥ ସରକାରୀ କର୍ମଚାରୀଙ୍କୁ ୧୪ ଦିନ ଛୁଟି

ଭୁବନେଶ୍ୱର,୧୯।୩(ବ୍ୟୁରୋ)

**କୋଭିଡ୍-୧୯ ସଚେତନତା**
- ଜାରି ହେଲା ଆଉ ଏକ ଗାଇଡ୍‌ଲାଇନ୍
- ଘରେ ରହି କାର୍ଯ୍ୟ କରିବାକୁ ବେସରକାରୀ ସଂସ୍ଥା କର୍ମଚାରୀଙ୍କୁ ପରାମର୍ଶ
- ସେଲୁନ୍, ସ୍ପା, ବିୟୁଟି ପାର୍ଲର ବନ୍ଦ
- ପୋଖରୀ ପାଣି ବ୍ୟବହାର କରିବା ମନା
- ସାମାନ୍ୟ ଅସୁସ୍ଥ ଥିଲେ ଡାକ୍ତରଖାନା ନ ଯିବାକୁ ପରାମର୍ଶ

କରୋନା(କୋଭିଡ୍-୧୯)ର ଭୟାବହତା ସମଗ୍ର ବିଶ୍ୱକୁ ଥରହର କରିଛି। ଏହି ମାରାତ୍ମକ ଭୂତାଣୁ କବଳରୁ ବଞ୍ଚିବାର ଏକମାତ୍ର ଉପାୟ ସଚେତନତା। ରାଜ୍ୟ ସରକାର ପ୍ରତିକାର ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା ପରେ ସରକାର କର୍ମଚାରୀଙ୍କ ପାଇଁ ସତର୍କତା ଜାରି କରିଛନ୍ତି। ଯଦି କୌଣସି ସରକାରୀ କର୍ମଚାରୀଙ୍କୁ ଥଣ୍ଡା, କାଶ କିମ୍ବା ଜ୍ୱର ହୁଏ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୪ ଦିନ ଛୁଟି ମିଳିବ। ଏହି ସୂଚନା ଦେଇଛନ୍ତି ସାଧାରଣ ପ୍ରଶାସନ ବିଭାଗ ସଚିବ ସଞ୍ଜୀବ ଚୋପ୍ରା। ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ପାଇଖାନା, ଦପ୍ତର ସମେତ ସବୁ ସ୍ଥାନକୁ ଜୀବାଣୁମୁକ୍ତ ରଖିବା ପାଇଁ ସମସ୍ତ ବିଭାଗକୁ ଏ ନେଇ ସୂଚନା ଦିଆଯାଇଛି ବୋଲି ଚୋପ୍ରା କହିଛନ୍ତି।

ରାଜ୍ୟ ସରକାର ସାମାଜିକ କଟକଣା ନେଇ ଆଉ ଏକ ଗାଇଡଲାଇନ୍ ଜାରି କରିଛନ୍ତି। ସାମାଜିକ ଦୂରତ୍ୱ ନେଇ ନିଜ ବିଭାଗର ଯଦି କୌଣସି ପ୍ରସ୍ତାବ ଥିବ ତେବେ ତାହା ଜଣାଇବାକୁ ସମସ୍ତ ବିଭାଗ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ନିଜର ପ୍ରସ୍ତାବ ସୋସିଆଲ ଡିଷ୍ଟାନ୍ସିଂ କମିଟି ମୁଖ୍ୟ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ନିକଟକୁ ପଠାଇପାରିବେ। ଯେଉଁ ସରକାରୀ କର୍ମଚାରୀ ବିଦେଶରୁ ଫେରି ମାର୍ଚ୍ଚ ୪ ତାରିଖ ପରେ ଘରେ ନିଜ ପରିବାର ସହ ରହୁଛନ୍ତି, ସେମାନଙ୍କୁ ମଧ୍ୟ ୧୪ ଦିନ ଛୁଟି ଦିଆଯିବ। ଏହି ସମୟସୀମାଠାରୁ ଯଦି ଅଧିକ ଦରକାର ପଡ଼ିବ ତେବେ ସେସବୁକୁ ମଧ୍ୟ ସାଧାରଣ ଛୁଟି ଭାବେ ଗଣାଯିବ। ସେହିପରି ଘରୋଇ କର୍ମଚାରୀମାନଙ୍କୁ ନିଜ ଘରେ ରହି କାର୍ଯ୍ୟ କରିବା ପାଇଁ ଅନୁମତି ଦେବାକୁ ଘରୋଇ ତଥା ବେସରକାରୀ ସଂସ୍ଥାଗୁଡ଼ିକୁ ସରକାର ପରାମର୍ଶ ଦେଇଛନ୍ତି। ଜେଲରେ ରହୁଥିବା କଏଦୀ ଏବଂ କର୍ମଚାରୀଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବାକୁ ପରାମର୍ଶ ଦିଆଯାଇଛି। ଜେଲ୍ ପରିସରରେ ସମସ୍ତ କବାଟ, ଗେଟ୍, ରେଲିଂ, ଡୋର୍ ହ୍ୟାଣ୍ଡେଲ ଆଦିକୁ ସୋଡିୟମ ହାଇପୋକ୍ଲୋରାଇଟରେ ନିୟମିତ ବ୍ୟବଧାନରେ ସଫା କରିବାକୁ କୁହାଯାଇଛି। ଯାନବାହନ ଆଦି ସଫା ରଖିବା ସହ ଜ୍ୱର, ସର୍ଦ୍ଦି ହୋଇଥିଲେ ଜେଲ କର୍ମଚାରୀଙ୍କୁ କାର୍ଯ୍ୟ ନ କରିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି କଏଦୀଙ୍କୁ ଜ୍ୱର, କାଶ ଥଣ୍ଡା ହୁଏ ତୁରନ୍ତ ତାଙ୍କୁ ଏକାକୀ ଗୋଟିଏ ରୁମ୍‌ରେ ରଖିବାକୁ ପରାମର୍ଶ ଦିଆଯାଇଛି। ଜେଲ ପରିସରକୁ କୌଣସି ପରିଦର୍ଶକ, ଦଳ କିମ୍ବା ଏନ୍‌ଜିଓକୁ ପ୍ରବେଶ ପାଇଁ ବାରଣ କରାଯାଇଛି। ମଦ ଦୋକାନରେ ଭିଡକୁ ହ୍ରାସ ପାଇଁ ଗାଇଡ୍‌ଲାଇନ୍‌ରେ ପରାମର୍ଶ ଦିଆଯାଇଛି। ଗ୍ରାହକମାନେ ୧ ମିଟର ପର୍ଯ୍ୟନ୍ତ ଦୂରତାରେ ଧାଡିରେ ଛିଡ଼ା ହେବେ। କରୋନା ସମ୍ପର୍କରେ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀକୁ ମଦ ଦୋକାନ ମାଲିକ ଦୋକାନ ସମ୍ମୁଖରେ ଝୁଲାଇବେ। ଦୋକାନ କର୍ମଚାରୀ ନିଜ ହାତକୁ ସାନିଟାଇଜର ମାଧ୍ୟମରେ ସଫା କରିବେ। ଜରୁରୀ ନ ଥିଲେ ଡାକ୍ତରଖାନାକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଜରୁରିକାଳୀନ ରୋଗୀଙ୍କ ବ୍ୟତୀତ ଅନ୍ୟ ରୋଗୀମାନେ ଆଉଟ୍‌ଡୋରରେ ଭିଡ ନ ଜମାଇବାକୁ କୁହାଯାଇଛି। ଦାନ୍ତ ଚିକିତ୍ସା ସମେତ ଅନ୍ୟାନ୍ୟ ସାମାନ୍ୟ ଅସୁସ୍ଥତା ପାଇଁ ଡାକ୍ତରଖାନା ନ ଯିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ସେଲୁନ୍, ବିୟୁଟି ପାର୍ଲର ଏବଂ ସ୍ପା ବନ୍ଦ କରିବା ନିର୍ଦ୍ଦେଶ ଦିଆଯାଇଛି। ଏଗୁଡ଼ିକରେ ଗ୍ରାହକମାନେ ବସିବାକୁ ୧ ମିଟର ଦୂରତା ନ ଥିବାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେଗୁଡିକୁ ବନ୍ଦ ରଖିବାକୁ କୁହାଯାଇଛି। ପୋଖରୀ କିମ୍ବା ଡ୍ରେନରେ ଗାଧୋଇବା କିମ୍ବା ବ୍ୟବହାର ଉପରେ କଟକଣା ଲଗାଯାଇଛି। ପୋଖରୀର ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଗ୍ରାମପଞ୍ଚାୟତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପରିବର୍ତ୍ତେ ଲୋକମାନେ ନଳକୂପ ଓ ପାଇପ୍ ପାଣି ବ୍ୟବହାର କରିବାକୁ କୁହାଯାଇଛି। ଜ୍ୱର, କାଶ ହେଉଥିଲେ ନଳକୂପରୁ ପାଣି ନ ନେବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ରାଜ୍ୟ ସରକାର କଟକଣା ଲଗାଇଛନ୍ତି। ସମସ୍ତ ମ୍ୟୁଜିୟମ, ଲାଇବ୍ରେରି, ଥିଏଟର ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏ ବନ୍ଦ ରଖିବାକୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

# ବଜ୍ରପାତ ନେଲା ୧୦ ଜୀବନ

ଭୁବନେଶ୍ୱର,୧୯।୩(ବ୍ୟୁରେ)

- ବଲାଙ୍ଗୀର, ନବରଙ୍ଗପୁର, କେନ୍ଦୁଝର, ଜଗତସିଂହପୁର, ବରଗଡ଼ ଓ ପୁରୀ ଜିଲାରେ ଜଣେ ଲେଖାଏ ମୃତ
- ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲାରେ ୨ଜଣ ଲେଖାଏ ମୃତ

ଗୁରୁବାର ଅପରାହ୍ଣରେ ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଆମ କଣ୍ଟାବାଞ୍ଜି ଖବରଦାତାଙ୍କ ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ ତୁରେକେଲା ବ୍ଲକ ଶର୍ଗୁଲ ଗାଁରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯୁଗେଶ୍ୱର ପରାଭୁଏ(୩୪)। ଅପରାହ୍ଣ ପ୍ରାୟ ୨।୩୦ ସମୟରେ ଯୁଗେଶ୍ୱର ତାଙ୍କ ଇନ୍ଦିରା ଆବାସ ଘର ନିର୍ମାଣ ପାଇଁ ଇଟା ତିଆରି କରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ପାପଡାହାଣ୍ଡି/ମଇଦଲପୁର ଖବରଦାତାଙ୍କ ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ ବଟକରି ଗ୍ରାମରେ ବଜ୍ରପାତ ଘଟି ବିଦ୍ୟାଧର ଗୌଡ଼ (୧୫)ଙ୍କ ମୃତ୍ୟୁ ଘଟିଛି। ବିଦ୍ୟାଧର ନିକଟସ୍ଥ ଜମିରେ ଗାଈ ଓ ମଇଁଷି ଚରାଉ ଥିଲେ। ଅପରାହ୍ଣରେ ପବନ ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ବିଦ୍ୟାଧରଙ୍କ ସହ ଗୋଟିଏ ମଇଁଷିର ମୃତ୍ୟୁ ଘଟିଥିଲା। ଝୁମ୍ପୁରା/କେନ୍ଦୁଝର ଖବରଦାତା ଜଣାଇଛନ୍ତି,କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମରେ ବଜ୍ରପାତ ଘଟି କାଳନ୍ଦୀ ନାୟକ (୫୨)ଙ୍କର ମୃତ୍ୟୁ ଘଟିଛି। କାଳନ୍ଦୀ ଖମାର ପଡିଆରେ ବଳଦ ଚରାଉ ଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ କାଳନ୍ଦୀ ଟଳିପଡିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଭଞ୍ଜନଗର ଖବରଦାତାଙ୍କ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅଞ୍ଚଳରେ ଗୁରୁବାର ବଜ୍ରପାତରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ହାତୀଗୁଡ଼ାର ଟିକି ପୋଲେଇ (୧୮) ଓ ବ୍ରାହ୍ମଣପଦରର ନୟନୀ ନାୟକ (୫୨)। ଟିକି ମା'ଙ୍କ ସହ ବିଲକୁ ମୁଗ ତୋଳିବାକୁ ଯାଇଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ନୟନୀ ଗ୍ରାମ ନିକଟ ଖଜୁରି ଗଛରୁ ବାହୁଙ୍ଗା କାଟୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଗ୍ରାମର ଜଣେ ବ୍ୟକ୍ତି ବିଲକୁ ଯାଉଥିବାବେଳେ ନୟନୀ ସେଠାରେ ମରି ପଡ଼ିଥିବା ଦେଖିଥିଲେ। ଆମ ସୁନ୍ଦରଗଡ଼ ଖବରଦାତାଙ୍କ ସୂତ୍ରରୁ ପ୍ରକାଶ ଯେ ଜିଲାରେ ଗୁରୁବାର ଅପରାହ୍ଣରେ ପବନ ସହ ବର୍ଷା ହୋଇଛି। ଏହି ସମୟରେ ବଜ୍ରପାତରେ ସୁନ୍ଦରଗଡ଼ ସଦର ବ୍ଲକର ଧରୁଆଡିହି ଥାନା ଅଧୀନ ଘଣ୍ଟିବୁଡ ଗ୍ରାମର ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମଙ୍ଗଲୁ ନାଏକ(୩୦) ଓ ବବଲୁ କିଷାନ(୩୧)। ଅନ୍ୟ ଜଣେ ଯୁବକ ରଘୁନନ୍ଦନ କିଷାନ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏମାନେ କେନ୍ଦୁପତ୍ର ଗୋଛା କାଟୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ପଞ୍ଚାୟତ ଚାନ୍ଦିପୋଷ ଗ୍ରାମରେ ବଜ୍ରପାତରେ ୮ଗୋରୁଙ୍କ ମୃତ୍ୟୁ ଘଟିଛି।

ସେହିପରି ଆମ ବାଲିକୁଦା ଖବରଦାତା ଜଣାଇଛନ୍ତି, ଗୁରୁବାର ଅପରାହ୍ଣରେ ବଜ୍ରପାତ ଘଟି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଫାଣ୍ଡରା ଗ୍ରାମର ବାପି ନାୟକ(୩୨)ଙ୍କ ମୃତ୍ୟୁ ଘଟିଛି। ସେ ଭୁବନେଶ୍ୱରରେ ରହି ଏସି ମେକାନିକ ଭାବେ କାମ କରୁଥିଲେ। ଗତ କିଛିଦିନ ତଳେ ସେ ଗାଁକୁ ଆସିଥିଲେ। ଗୁରୁବାର ସେ ଗାଁରେ ଇଟା ପକାଇବା କାମ ତଦାରଖ କରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ଆମ କୃଷ୍ଣପ୍ରସାଦ ପ୍ରତିନିଧି ଜଣାଇଛନ୍ତି, ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଖୋଲବନ୍ଧ ଗାଁରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜମ୍ବୁବତୀ ଦେଈ(୫୦)। ମାଙ୍କଡ଼ ଚିନାବାଦାମ ଖାଇ ଯାଉଥିବାରୁ ସେ ଜମିରେ ଜଗି ରହିଥିଲେ। ଅପରାହ୍ଣରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଟଲି ଖବରଦାତା ଜଣାଇଛନ୍ତି, ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ନଳିଚୂଆଁ ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର କୁଶ ଖାଡ଼ିଆ(୩୫)। କୁଶ ଘର ଦୁଆରେ ଛିଡ଼ାହୋଇ ଥିବାବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଗଛକଟା ଉପରେ ରୋକ ଲଗାଇଲେ ଏନ୍‌ଜିଟି

ସମ୍ବଲପୁର,୧୯।୩(ବ୍ୟୁରୋ)



ସମ୍ବଲପୁର ଜିଲା ତଳାବିରା କୋଇଲାଖଣିରେ କଟାଯାଇଥିବା ଗଛ ।

**ଏନ୍‌ଏଲସି କମ୍ପାନୀକୁ ଝଟକା**
- ଝାରସୁଗୁଡ଼ା, ସମ୍ବଲପୁର ଡିଏଫ୍‌ଓଙ୍କୁ ନୋଟିସ
- ଆବେଦନକାରୀ ପକ୍ଷ ରଖିବେ

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି ୧ ଓ ୨ରେ କୋଇଲା ଉତ୍ତୋଳନ କରିବା ପାଇଁ ନିଗଭେଲି ଲିଗ୍‌ନାଇଟ ଲିମିଟେଡ(ଏନ୍‌ଏଲ୍‌ସି) କମ୍ପାନୀ ନେଇଛି। କୋଇଲା ଉତ୍ତୋଳନକୁ ନେଇ ପୂର୍ବରୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ହେଲେ କମ୍ପାନୀ ପକ୍ଷରୁ ପୋଲିସ ଲଗାଇ କୋଇଲା ଉତ୍ତୋଳନ କାମ ଆରମ୍ଭ ହୋଇଥିଲା। ଏଭଳିସ୍ଥିତିରେ କମ୍ପାନୀକୁ ଏକ ବଡ ଝଟକା ଲାଗିଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ଗଛ କାଟିବା ଉପରେ ରୋକ ଲଗାଯାଇଛି। ଗ୍ରୀନ ଟ୍ରିବ୍ୟୁନାଲ ଏପ୍ରିଲ ୧୬ ତାରିଖରେ ପକ୍ଷ ରଖିବାକୁ ସମ୍ବଲପୁର ଓ ଝାରସୁଗୁଡ଼ା ଡିଏଫ୍‌ଓଙ୍କୁ ନୋଟିସ ଜାରି କରିଛନ୍ତି। ଏପରି କି ଆବେଦନକାରୀ ପ୍ରମୋଦ ଡୋରାଙ୍କୁ ତଥ୍ୟ ପ୍ରମାଣ ସହିତ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ପରବର୍ତ୍ତି ଶୁଣାଣୀ ନ ହେବା ପର୍ଯ୍ୟନ୍ତ ଗଛକଟା କାମ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ରହିଛି।

ମିଳିଥିବା ସୂଚନା ମୁତାବକ, ଏନ୍‌ଏଲ୍‌ସି କମ୍ପାନୀକୁ କୋଇଲା ଉତ୍ତୋଳନ ପାଇଁ ୧୭ ହଜାର ଗଛ କାଟିବା ପାଇଁ ଅନୁମତି ମିଳିଥିଲା। ହେଲେ କମ୍ପାନୀ ୪୦ ହଜାରରୁ ଅଧିକ ମୂଲ୍ୟବାନ ଗଛ କାଟି ଥିବା ନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲରେ ଡୋରା ଅଭିଯୋଗ କରିଥିଲେ। ଏପରି କି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ନୂଆଦିଲ୍ଲୀସ୍ଥିତ ଗ୍ରୀନ୍ ଟ୍ରିବ୍ୟୁନାଲ କାର୍ଯ୍ୟାଳୟ ପକ୍ଷରୁ ମାର୍ଚ୍ଚ ୧୮ ରେ ଏକ ଚିଠି କରାଯାଇଛି। ଚିଠିରେ ଜଷ୍ଟିସ ଏସ୍.ପି .ୱାଙ୍ଗଡି ଏବଂ ସଦସ୍ୟ ସିଦ୍ଧାର୍ଥ ଦାସଙ୍କ କମିଟି ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ନେଇ ବିସ୍ଥାପିତ ଓ ଜଙ୍ଗଲ ସୁରକ୍ଷା କରୁଥିବା ଲୋକମାନଙ୍କ ପାଇଁ ଆଶ୍ୱସ୍ତି ମିଳିଛି । ଏ ସମ୍ପର୍କରେ ସମ୍ବଲପୁର ଡିଏଫ୍‌ଓ ଡ.ସଞ୍ଜୀତ କୁମାରଙ୍କୁ ପଚାରିବାରୁ ଗ୍ରୀନ ଟ୍ରିବ୍ୟୁନାଲ ପକ୍ଷରୁ ନିର୍ଦ୍ଦେଶ ନେଇ ଅବଗତ ରହିଛି। ହେଲେ ବର୍ତ୍ତମାନ ଚିଠି ମିଳି ନାହିଁ। ଚିଠି ପାଇବା ପରେ ପକ୍ଷ ରଖିବେ ବୋଲି କହିଥିଲେ।

ସୂଚନାଯୋଗ୍ୟ, ତଲବିରା ୧ ଓ ୨ କୋଇଲା ଖଣିକୁ ସ୍ଥାନୀୟ ଲୋକେ ବିରୋଧ କରି ବିଭିନ୍ନ ସମୟରେ ଆନ୍ଦୋଳନ କରୁଛନ୍ତି। ସେପ୍ଟମ୍ବର ୫ ତାରିଖରେ ଜଣେ ରାଜନେତା କିଛି ସମର୍ଥକଙ୍କ ସହ ଜନଶୁଣାଣିରେ ସାମିଲ ହୋଇଥିଲେ। ପରେ ୬ ତାରିଖରୁ ପୋଲିସ ସୁରକ୍ଷା ବ୍ୟବସ୍ଥାରେ ଗଛ କଟା ଆରମ୍ଭ ହୋଇଥିଲା । ପ୍ରାୟ ୧୭ ହଜାର ୭୦୪ ଗଛ କଟାଯିବ ବୋଲି ବନ ବିଭାଗ ରିପୋର୍ଟ ଦେଇଥିଲା । ହେଲେ ବାସ୍ତବରେ ପ୍ରାୟ ୪୦ ହଜାର ଛୋଟ ବଡ ଗଛ କଟାଯାଇଛି । ଏପର୍ଯ୍ୟନ୍ତ ବିସ୍ଥାପିତମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ହେଲେ କମ୍ପାନୀ ବ୍ଲାଷ୍ଟିଂ କରି ମାଟି ଖନନ କରୁଛି । ଏନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଅନ୍ୟପକ୍ଷେ ସ୍ଥାୟୀ ନିଯୁକ୍ତି, କ୍ଷତିପୂରଣ ଦାବି ନେଇ ବିସ୍ଥାପିତମାନେ କମ୍ପାନୀ ସମ୍ମୁଖରେ ଧାରଣା ଓ ଆନ୍ଦୋଳନ କରିଆସୁଛନ୍ତି।

# 'ଓଡ଼ିଆକୁ ଛତିଶଗଡ଼ର ଦ୍ୱିତୀୟ ରାଜଭାଷା କର'

ଭୁବନେଶ୍ୱର,୧୯।୩(ବ୍ୟୁରୋ)

**ବାଘେଲାଙ୍କୁ ଚିଠି ଲେଖିଲେ ନିରଞ୍ଜନ**

ଛତିଶଗଡ଼ରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷା ଭାବେ ଗ୍ରହଣ କରିବା ପାଇଁ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଏହାକୁ ସମର୍ଥନ କରି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲାଙ୍କୁ ଏକ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଛତିଶଗଡ଼ରେ ଏକ କୋଟିରୁ ଅଧିକ ଲୋକଙ୍କ ମାତୃଭାଷା ଓଡ଼ିଆ। ଛତିଶଗଡ଼ ସରକାର ମଧ୍ୟ ପୂର୍ବ ଦାବି ଅନୁଯାୟୀ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାକୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ସେହିପରି ଛତିଶଗଡ଼ ହାଇକୋର୍ଟ ମଧ୍ୟ ସ୍ଥାନୀୟ ସରକାର ଓଡ଼ିଆ ଭାଷାଭାଷୀମାନେ ଯେପରି ଓଡ଼ିଆ ପଢ଼ି ପାରିବେ ସେଥିପାଇଁ ଆଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟ ଭଳି ଛତିଶଗଡ଼ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷା ଭାବେ ଘୋଷଣା କରିବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି।

**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

No: OJEE / 106 Date: 19.03.2020

**NOTICE REGARDING EXTENSION OF LAST DATE FOR ONLINE APPLICATION**

Candidates who wish to take admission in B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/ M.Pharm/ Int. MBA and Lateral Entry to B.Tech/ B.Pharm Courses in Government and Private Universities and Colleges of Odisha have to appear

**OJEE - 2020,**

Entrance Examination for all the above Course will be Computer Based Test (CBT).


Last dates for online application is hereby extended as follows

| | |
|---|---|
| Tentative Dates for OJEE (CBT ) | : 1st Week of May, 2020 (Exact dates shall be notified later) |
| Last date to fill-up Online Application form | : 27th March, 2020 |
| Last date of online application fee payment | : 31st March, 2020 |
| Downloading of admit card | : 20th April, 2020 onwards |

For other details, please visit our website: www.ojee.nic.in/ www.odishajee.com.

Sd/-
CHAIRMAN,
OJEE, Odisha

# ଜିଲା ଚିଠି



## ଦେବଗଡ଼

## ବାଇପାସ୍ ଚିନ୍ତା

ଦେବଗଡ଼ ଜିଲା ସଦର ମହକୁମା ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହାର ପ୍ରଶସ୍ତୀକରଣ ବିଳମ୍ବିତ ହେବାରେ ଲାଗିଛି। ରାଜପଥରେ ଯାନବାହନ ବୃଦ୍ଧି ସହିତ ସହରର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଦୁର୍ଘଟଣା ମଧ୍ୟ ବଢୁଛି। ଫଳରେ ରାଜପଥ ପ୍ରଶସ୍ତୀକରଣ ବେଳେ ରାଜପଥକୁ ସହର ବାହାର ଦେଇ ଅର୍ଥାତ୍ ବାଇପାସ୍ ରାଜପଥ ନିର୍ମାଣ ପାଇଁ ଦାବି ହୋଇଥିଲା। ଦେବଗଡ଼ବାସୀ ଏନେଇ ବହୁବାର ଆନ୍ଦୋଳନ, ରାସ୍ତାରୋକୋ କରିଥିଲେ। ଲୋକଙ୍କ ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜପଥ କର୍ତ୍ତୃପକ୍ଷ ସହର ବାହାର ଦେଇ ବାଇପାସ ରାଜପଥ ନିର୍ମାଣ କରୁଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବାରୁ ସହରବାସୀଙ୍କ ସମସ୍ୟା ବଢିଚାଲିଛି। ବର୍ତ୍ତମାନ ସହର ଭିତରେ ଯାଇଥିବା ରାଜପଥ ବି ମରାମତି କରାଯାଉନି। ଯାହା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ରାଜପଥ ମରାମତି ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଥିଲେ ମଧ୍ୟ ରାସ୍ତା ନିର୍ମାଣକାରୀ ସଂସ୍ଥା ଶୁଣୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଏପରି କି ଉକ୍ତ ସମସ୍ୟା ଦୂର ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରୁ ନାହିଁ। କେନ୍ଦୁଝରସ୍ଥିତ ଭାରତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ଅଧିକାରୀ ଓ ଦେବଗଡ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ସହ ସମ୍ପୃକ୍ତ ଠିକାସଂସ୍ଥା କର୍ମକର୍ତ୍ତାଙ୍କୁ ସହର ଭିତର ଦେଇ ଯାଇଥିବା ରାଜପଥର ତୁରନ୍ତ ମରାମତି ଏବଂ ରାଜପଥ ଉପରେ ପ୍ରତିଦିନ ପାଣି ଛିଞ୍ଚନ ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ନିର୍ମାଣକାରୀ ସଂସ୍ଥା ସମ୍ପୂର୍ଣ୍ଣ ଅଣଦେଖା କରୁଛି। ରାସ୍ତାରେ ପାଣି ନ ଦେଇ ନିଜର ମନଇଚ୍ଛା ଉକ୍ତ ରାସ୍ତାର ଖାଲଗୁଡ଼ିକରେ କ୍ରଶର୍ ଡଷ୍ଟ ପକାଇ ଦେଉଛି। ଫଳରେ ରାସ୍ତାରେ ଧୂଳି ଉଡୁଛି। କିଛି ଦିନ ପରେ ପୁଣି ଖାଲ ହୋଇଯାଉଛି। ଜାତୀୟ ରାଜପଥର ପୁରୁଣାଗଡ଼ ଛକରୁ ସିମିଳିଆବାହାଳ ସର୍କିଟ ହାଉସ ପର୍ଯ୍ୟନ୍ତ ଦୀର୍ଘଦିନ ହେଲା ଖାଲଖମା ସହ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି। ବିଭାଗ ତରଫରୁ ଏହାକୁ ସଜଡା ଯାଉନାହିଁ। ବିଭିନ୍ନ ଖାଲରେ ପକାଇଥିବା କ୍ରଶର୍ ଡଷ୍ଟ ଯୋଗୁ ଲୋକେ ଧୂଳିଧୂସର ଖାଇ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ୪୯ନଂ. ଜାତୀୟ ରାଜପଥର ବାଇପାସ କାମ ସରିଗଲେ ସହର ଭିତରେ ଗାଡ଼ିମୋଟର ଯିବାଆସିବା କମିଯିବ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। କିନ୍ତୁ ବାଇପାସ କାମ ଚାଲିଥିବା ବେଳେ କାମ ଶେଷ ହେବାର ନାଁ ଧରୁନି। ସହରବାସୀଙ୍କ ଲାଗି ବାଇପାସ ରାଜପଥ ଚିନ୍ତା ପାଲଟିଛି। ଫଳରେ ସହର ଭିତରେ ଗାଡ଼ିମୋଟର ଯାଉଥିବାରୁ ଅଧିକାଂଶ ଦିନ ଦୁର୍ଘଟଣା ଘଟୁଛି। ନିକଟରେ ଦୁର୍ଘଟଣାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ଯଦି ବାଇପାସ ବିଳମ୍ବ ହେଉଛି, ତେବେ ସହର ଭିତରେ ଯାଇଥିବା ରାଜପଥ ମରାମତି କରିବା କଥା। କିନ୍ତୁ ରାଜପଥ କର୍ତ୍ତୃପକ୍ଷ କେଉଁଟା ବି କରୁନାହିଁ। ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

– ଶଶାଙ୍କ ଶେଖର ଝାଙ୍କର

# ପଞ୍ଜାବରୁ ଫେରିଲେ ୧୪୦ ଓଡ଼ିଆ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୯।୩(ବ୍ୟୁରୋ)

କରୋନା ଯୋଗୁ ପଞ୍ଜାବର ଭଟିଣ୍ଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଫସିରହିଥିବା ଓଡିଆ ଛାତ୍ରୀଛାତ୍ରମାନେ 'ଓଡିଶା ମୋ ପରିବାର' ସହାୟତାରେ ଓଡିଶା ଫେରିଛନ୍ତି। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ତାଙ୍କ ନିର୍ବାଚନମଣ୍ଡଳୀର ୫ଜଣ ଛାତ୍ରଙ୍କ ସହିତ ଓଡିଶାର ମୋଟ୍ ୧୪୦ ଛାତ୍ରୀଛାତ୍ର ଉପରୋକ୍ତ ବିଶ୍ୱବିଦ୍ୟାଳୟରେ ଫସି ରହିଥିବା ଓଡିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣିବା ସହିତ ସେମାନଙ୍କୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଏହା ଜଣାପଡିବା ପରେ ତୁରନ୍ତ ଘଟଣା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରୁ ଅବଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ ନୂଆଦିଲ୍ଲୀଠାରେ ଥିବା ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରବିକାନ୍ତଙ୍କୁ ଏ ଦିଗରେ ପଦକ୍ଷେପ ନେବାପାଇଁ କୁହାଯିବା ପରେ ସେ ତୁରନ୍ତ ରେଳବାଇ ବୋର୍ଡ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଏହି ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଫେରିବା ପାଇଁ ସୁରକ୍ଷିତ ବ୍ୟବସ୍ଥା କରିବାକୁ କହିଥିଲେ। ଓଡ଼ିଶା ଫେରିବା ପାଇଁ ୩୫ଜଣ ଛାତ୍ରୀଙ୍କ ସହିତ ମୋଟ୍ ୬୯ଜଣଙ୍କ ଲାଗି ମାର୍ଚ୍ଚ ୧୭ ତାରିଖରେ ଭଟିଣ୍ଡାରୁ ନୂଆଦିଲ୍ଲୀ ରେଳଷ୍ଟେଶନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବସ ବ୍ୟବସ୍ଥା ହୋଇଥିଲା। ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରବିକାନ୍ତ ନିଜେ ବ୍ୟକ୍ତିଗତ ଭାବେ ନୂଆଦିଲ୍ଲୀ ରେଳଷ୍ଟେଶନରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନେ ଆସିବାକୁ ଥିବା ବଗିକୁ ସାନିଟାଇଜ କରାଇଥିଲେ। ଛାତ୍ରୀଛାତ୍ରମାନେ ପୁରୁଷୋତ୍ତମ ଏକ୍ସପ୍ରେସରେ ଆସି ଗୁରୁବାର ସକାଳ ୪ଟା ୨୦ରେ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ଓଡିଶା ମୋ ପରିବାରର ଆବାହକ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ସେମାନଙ୍କୁ ସ୍ୱାଗତ କରିଛନ୍ତି। ଶେଷରେ ସେମାନଙ୍କୁ ସତର୍କ ହୋଇ ରହିବାକୁ ପରାମର୍ଶ ଦିଆଯାଇ ଘର ଅଭିମୁଖେ ଯାତ୍ରା କରିଛନ୍ତି।

**OFFICE OF THE**
**PANCHAYAT SAMITI, SINAPALI, DISTRICT- NUAPADA**
No. 680 / Dev., Date: 19.03.2020

**CORRIGENDUM-No.1**

In the Bid Identification No. PS, Sinapali/01/2019-20 vide No. 565/DEV/ Dated 06.03.2020 & No. 567/DEV/ Dated 06.03.2020, the following dates are hereby changed due to unavoidable circumstances.

1. Last date of receipt the Bid documents: 21.03.2020 upto 5.00 PM.
2. Date of opening the Bids : 23.03.2020 at 11.30 AM.

All other terms and conditions remain unchanged.

*Sd./- Block Development Officer, Sinapali*

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷତଃକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ଆଜାଦ ଅଲ୍ଲୀ ଖାନ୍,** ପିତା: ମୁରସିଦ ଅଲ୍ଲୀ ଖାନ୍ ଏବଂ ପାୱାର ଅଫ୍ ଆଟର୍ଣ୍ଣି ହୋଲ୍ଡର: ନସିମା ଚାସ୍ମି, ସ୍ୱାମୀ: ଆଜାଦ ଅଲ୍ଲି ଖାନ୍, ସା: ପ୍ଲଟ୍ ନଂ.: ଏଲ୍‌୧-୧୫୮, ଫେଜ୍-୩, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | **ଆଜାଦ ଅଲ୍ଲୀ ଖାନ୍,** ପିତା: ମୁରସିଦ ଅଲ୍ଲୀ ଖାନ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୭/୧୨୬୪, ପରିମିତ କ୍ଷେତ୍ର: ୭.୯୯୦ ଏକର ଏବଂ ପ୍ଲଟ୍ ନଂ.: ୮୭/୧୨୬୩/୧୮୦୨, ପରିମିତ କ୍ଷେତ୍ର: ୪.୦୧୦ଏକର, ଖାତା ନଂ.: ୪୨୧, ଉଭୟ ପରିମିତ କ୍ଷେତ୍ର: ୧୨ ଏକର, ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ଆବାସିକ ଆପାର୍ଟମେଣ୍ଟ ଟାୱାର ନଂ.: ୦୦୯, ତଳ ମହଲା, ଫ୍ଲାଟ୍ ନଂ.: ୦୨, କ୍ଷେତ୍ର: ୧୦୯୯ ବର୍ଗଫୁଟ, ଟାଟା ଆରିଆନା ପ୍ରକଳ୍ପ, ଭୁବନେଶ୍ୱର | ତା.୧୩.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ସହିତ ଟ.୪୬,୨୦,୭୦୮/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୪.୦୧.୨୦୨୦ / ୧୮.୦୩.୨୦୨୦ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୯.୦୩.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁଶାନ୍ତ


ସତ୍ୟଜିତ୍



ସନା


ଟିଙ୍କୁନ୍

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# କରୋନା: ୬୧ରୁ ୬୦ ନମୁନା ନେଗେଟିଭ୍

ଭୁବନେଶ୍ୱର,୧୯।୩(ବ୍ୟୁରୋ)


ସୁବ୍ରତୋ ବାଗ୍‌ଚୀ

- ସୂଚନା ଦେଲେ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ
- ସମସ୍ତ ଧାର୍ମିକସ୍ଥଳୀରେ ପ୍ରବେଶ କଟକଣା
- ଚିକିତ୍ସାରେ ସହଯୋଗ କରୁଛନ୍ତି ଏକମାତ୍ର ସଂକ୍ରମିତ
- ସଂକ୍ରମିତ ବାପାଙ୍କ ନମୁନା ନେଗେଟିଭ, ଭଉଣୀ ମଧ ବିପଦମୁକ୍ତ
- ସାରା ରାଜ୍ୟରେ ୩୧୮୩ ଆଇସୋଲେଶନ୍
- ଗ୍ରାମାଞ୍ଚଳରେ ୭,୧୭୬ ଅସ୍ଥାୟୀ ଚିକିତ୍ସା ଶିବିର

ରାଜ୍ୟରେ ନୂତନ ଭାବେ କୌଣସି କରୋନା ପଜିଟିଭ୍ ମିଳି ନାହିଁ। ଏଯାବତ୍ ପରୀକ୍ଷା କରାଯାଇଥିବା ୬୧ଟି କରୋନା ନମୁନା ପରୀକ୍ଷା ମଧ୍ୟରୁ ୬୦ ନେଗେଟିଭ ରହିଛି। ମାତ୍ର ଜଣେ ପଜିଟିଭ୍ ଥିବା କିଛିଦିନ ପୂର୍ବେ ଚିହ୍ନଟ ହୋଇଥିଲେ। ବୁଧବାର ୫ ନମୁନା ପରୀକ୍ଷା କରାଯାଇଥିଲା। ଏହା ନେଗେଟିଭ୍ ଆସିଛି। ଗୁରୁବାର ଅପରାହ୍ଣ ୨ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଏକମାତ୍ର କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୨୩ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଡାକ୍ତରଖାନାରେ ଆଇସୋଲୋଶନ୍‌ରେ ରଖାଯାଇଛି। କରୋନାସମ୍ପର୍କରେଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ରାଜ୍ୟର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଚିକିତ୍ସାରେ ବ୍ୟକ୍ତିଜଣଙ୍କ ଡାକ୍ତରଙ୍କୁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ସେ ଠିକ୍ ଭାବେ ଖାଇବା ପିଇବା ଜାରି ରଖିଥିବା ଜଣାପଡିଛି। କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ତାଙ୍କର କୌଣସି ପରିବାର ସଦସ୍ୟ ଏଥିରେ ଆକ୍ରାନ୍ତ ହୋଇ ନାହାନ୍ତି। ତାଙ୍କ ପିତାଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ନେଗେଟିଭ୍ ଆସିଛି। ସେହିପରି ତାଙ୍କ ଭଉଣୀଙ୍କଠାରେ ମଧ ସଂକ୍ରମଣର କୌଣସି ଲକ୍ଷଣ ଦେଖାଯାଇନାହିଁ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ୩୧୮୩ ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ଅଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ହେଲ୍ପ ଲାଇନ୍‌କୁ ୧୨,୨୬୮ କଲ୍ ଆସିଛି। ଗୁରୁବାର ଅପରାହ୍ଣ ୨ଟା ସୁଦ୍ଧା ୨୬୨୬ ବିଦେଶ ଫେରନ୍ତାଙ୍କ ନାମ ପଞ୍ଜୀକୃତ ହୋଇସାରିଛି। ସହରାଞ୍ଚଳରେ ୪୫୦ କୋଠା ଚିହ୍ନଟ କରାଯାଇଛି ଯେଉଁଥିରେ କି ୫୧,୧୬୦ ଜଣ ବ୍ୟକ୍ତି ଏହାର ସୁବିଧା ନେଇପାରିବେ। ରାଜ୍ୟର ୬,୭୯୮ ଗ୍ରାମପଞ୍ଚାୟତରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କି ରାଜ୍ୟର ୨,୩୭,୦୦୦ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିବା ବାଗ୍‌ଚୀ କହିଥିଲେ। ସେହିଭଳି ସରକାରଙ୍କ ପକ୍ଷରୁ ବୁଧବାର ଧର୍ମାନୁଷ୍ଠାନଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ରାଜ୍ୟର ଜିଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ସମସ୍ତ ଧର୍ମାନୁଷ୍ଠାନ ଗୁଡ଼ିକ ପାଇଁ ମଧ ସେହିଭଳି ମାର୍ଗଦର୍ଶିକା ବଳବତ୍ତର ରଖିବାକୁ ପରାମର୍ଶ ଦେଇଛନ୍ତି। ମନ୍ଦିର, ମସଜିଦ୍, ଗୀର୍ଜା ଓ ଗୁରୁଦ୍ୱାରାଗୁଡ଼ିକ ୨୦ମାର୍ଚ୍ଚ(ଶୁକ୍ରବାର)ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରବେଶକୁ ବାରଣ କରାଯାଇଛି। ହେଲେ ଏହି ସମୟରେ ଧାର୍ମିକ ରୀତିନୀତି ବିନା ପ୍ରତିବନ୍ଧକରେ ଚାଲୁରହିବ ବୋଲି ବାଗ୍‌ଚୀ କହିଛନ୍ତି। ରାଜ୍ୟର ୬୭୯୮ ଗ୍ରାମପଞ୍ଚାୟତରେ ୭,୧୭୬ ଅସ୍ଥାୟୀ ଚିକିତ୍ସା ଶିବିର ସ୍ଥାପନ ହୋଇଛି। ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଉଥିବା ମୋଟ ୪୮,୩୮,୫୪୮ ହିତାଧିକାରୀଙ୍କୁ ଅଗ୍ରିମ ସହାୟତା ପ୍ରଦାନ କରାଯାଇଛି। ଜରୁରିକାଳୀନ ସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଆବାସିକ କଲ୍ୟାଣ ସଂଘ (ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନ୍)ଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଦ୍ରବ୍ୟ ଓ ସାମଗ୍ରୀ ନେଇ ଚଳାଚଳ କରୁଥିବା ବସ୍, ଟ୍ରେନ୍ ଏବଂ ଗାଡ଼ିଗୁଡ଼ିକ ରାଜ୍ୟ ଭିତରେ କିମ୍ବା ଆନ୍ତଃରାଜ୍ୟ ସୀମାରେ ବନ୍ଦ ହେବ ନାହିଁ। ଏ ନେଇ ଶୁକ୍ରବାର ସରକାର କିଛି ନିଷ୍ପତ୍ତି ନେଇପାରନ୍ତି ବୋଲି ଜଣାପଡିଛି। କୁକୁଡ଼ା, କୁକୁଡ଼ା ଅଣ୍ଡା ସହ ଅନ୍ୟ କୁକ୍କୁଟଜାତ ଉତ୍ପାଦ ନିରାପଦ ଅଟେ। ଏହିସବୁ ପରିବହନ ଓ ବ୍ୟବହାର ସମୟରେ ଆବଶ୍ୟକ ପରିଚ୍ଛନ୍ନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

# କରୋନା ମୁକାବିଲା: ଭିତ୍ତିଭୂମି ସମ୍ପ୍ରସାରଣ କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ରାଜ୍ୟରେ କରୋନା ସମ୍ପର୍କିତ ବିଭିନ୍ନ ସୂଚନା ପାଇଁ ୨୪ ଘଣ୍ଟିଆ ଟେଲିଫୋନ ସେବା ବ୍ୟବସ୍ଥା କରାଯାଇଛି। ୧୦୪କୁ କଲ୍ କରି ଯେ କୌଣସି ବ୍ୟକ୍ତି ସମସ୍ତ ସୂଚନା ପାଇପାରୁଛନ୍ତି। ଶୁକ୍ରବାର ସୁଦ୍ଧା କଲ୍ ସେଣ୍ଟରରେ ଯେପରି ୧୫୦ ଜଣ ସେବା ପାଇବେ, ସେ ନେଇ ବ୍ୟବସ୍ଥା କରାଯାଉଛି। ଗୁରୁବାର ଅପରାହ୍ଣ ସୁଦ୍ଧା ଏହି ସଂଖ୍ୟା ୮୦ରୁ ୮୮ରେ ପହଞ୍ଚିଛି। ଦିନକୁ ଦିନ କଲ୍ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଉଛି। ଅବସରପ୍ରାପ୍ତ ଡାକ୍ତର ସରୋଜ ନାୟକଙ୍କ ଅଧକ୍ଷତାରେ ଏକ ଟିମ୍ ଗଠନ କରାଯାଇଛି। ତାଙ୍କ ସହ ୧୪ ଜଣ ଅନ୍ୟ ଡାକ୍ତର ମଧ ରହିଛନ୍ତି। ଏହିପରି ଭାବେ ମୋଟ ୧୫ ଜଣ ଡାକ୍ତର ଦୈନିକ ୩ଟି ସିଫ୍ଟରେ ଏକ୍ସପର୍ଟ ଭାବେ କାର୍ଯ୍ୟ କରିବେ। ଯଦି ଆବଶ୍ୟକ ହୁଏ, ଦ୍ୱିତୀୟ ପର୍ଯ୍ୟାୟରେ ଅନୁରୂପ ଭାବେ ଆଉ ଏକ କଲ୍ ସେଣ୍ଟର ଖୋଲାଯିବ ବୋଲି ଆଇଏଏସ୍ ଅଧିକାରୀ କ୍ରିଷ୍ଣନ କୁମାର ସୂଚନା ଦେଇଛନ୍ତି।

ଦିନକୁ ଦିନ ବିଦେଶ ଫେରନ୍ତା ତଥା କରୋନା ସଂକ୍ରମିତ ମନେ କରୁଥିବା ବ୍ୟକ୍ତିବିଶେଷଙ୍କ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସେମାନଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଉଛି। ଏହାକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ୧୦୪ ଟୋଲ ଫ୍ରି କୁ ବାଦ୍ ଦେଇ ପଞ୍ଜୀକୃତଙ୍କ ସେବା ପାଇଁ ଆଉଟ୍ ବୋର୍ଡ କଲ୍ ସେଣ୍ଟର(ଓସିସି) ପକ୍ଷରୁ ୧୦୦ ଜଣଙ୍କୁ ନେଇ ୨ଟି ସିଫ୍ଟରେ କାର୍ଯ୍ୟ କରାଯିବ। ପ୍ରଫେସର ଡାକ୍ତର ବ୍ରଜ ଦାଶ ଏହା ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ଏହା ଓକାକ୍‌ରେ କାର୍ଯ୍ୟ କରିବ। ଅନୁରୂପ ଭାବେ ବିଏମ୍‌ସି ଭବାନୀ ମଲ୍‌ର ୫ମ ମହଲାରେ ସେଲ୍ଥ ହେଲ୍‌ଥ କଣ୍ଟ୍ରୋଲ ରୁମ୍(ଏସ୍‌ଏଚ୍‌ସିଆର୍) କାର୍ଯ୍ୟ କରିବ। ଏହିଠାରୁ ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ସମନ୍ୱୟ ରଖାଯିବ। ଜଣେ ଅଭିଜ୍ଞ ଡାକ୍ତରଙ୍କ ସହ ନିର୍ଦ୍ଦେଶକ, ଅନ୍ୟ ସହ ଅଧିକାରୀ ରହିବେ। ପୋଲିସ ମହାନିର୍ଦ୍ଦେଶକ ଏହି କାର୍ଯ୍ୟାଳୟ ପାଇଁ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ନିଯୁକ୍ତି ଦେବେ। ଏହି ଅଧିକାରୀ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଯୋଗାସୂତ୍ର ରକ୍ଷା କରିବେ। ଇଟାଲି ଏବଂ ଇରାନ୍‌ରେ ଚତୁର୍ଥ ଏବଂ ପଞ୍ଚମ ସପ୍ତାହରେ ଅଧିକ ମାତ୍ରାରେ କରୋନା ଭୂତାଣୁ ସେହି ଦେଶର ନାଗରିକଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିଥିଲା। ଭାରତରେ ଆମେ ଚତୁର୍ଥ ସପ୍ତାହରେ ଆସି ପହଞ୍ଚିଛେ। ତେଣୁ ଏହି ସମୟରେ ସତର୍କତା ଅବଲମ୍ବନ କଲେ ବଡ ଧରଣର ସଂକ୍ରମଣଙ୍କୁ ଏଡାଇ ଦିଆଯାଇପାରିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି।

# ୧୦ ଟ୍ରେନ୍ ବାତିଲ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଆବଶ୍ୟକତାଠାରୁ କମ୍ ସଂଖ୍ୟକ ଯାତ୍ରୀଙ୍କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଯାତାୟାତ କରୁଥିବା ୫ ଯୋଡ଼ା ଅର୍ଥାତ୍ ମୋଟ ୧୦ଟି ଟ୍ରେନ୍‌କୁ ବାତିଲ କରାଯାଇଛି। ମିଳିଥିବା ସୂଚନା ମୁତାବକ, ମାର୍ଚ୍ଚ ୨୩, ୨୫ ଓ ୩୦ ତାରିଖରେ ପୁରୀ-ହାୱଡ଼ା ଗରିବ ରଥ ଏକ୍ସପ୍ରେସ୍ ପୁରୀଠାରୁ ବାତିଲ୍ ହେବାକୁ ଥିବାବେଳେ ମାର୍ଚ୍ଚ ୨୪, ୨୬ ଓ ୩୧ ତାରିଖରେ ଏହା ହାୱଡ଼ା ପଟୁ ବାତିଲ ହେବ। ସେହିଭଳି ମାର୍ଚ୍ଚ ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର-ଧାନବାଦ ଗରିବ ରଥ ଏକ୍ସପ୍ରେସ୍ ଭୁବନେଶ୍ୱରଠାରୁ ଏବଂ ୨୧ରୁ ୩୦ ତାରିଖ ମଧ୍ୟରେ ଏବଂ ଏପ୍ରିଲ ପହିଲାରେ ଧାନବାଦଠାରୁ ବାତିଲ ହେବ। ମାର୍ଚ୍ଚ ୨୫ରେ ଭୁବନେଶ୍ୱର-ନୂଆଦିଲ୍ଲୀ ଦୂରନ୍ତୋ ଏକ୍ସପ୍ରେସ୍ ଭୁବନେଶ୍ୱରଠାରୁ ଓ ୨୬ ତାରିଖରେ ନୂଆଦିଲ୍ଲୀଠାରୁ ଏବଂ ମାର୍ଚ୍ଚ ୨୦ରୁ ୩୧ ତାରିଖ ମଧ୍ୟରେ ପୁରୀ-ହାୱଡ଼ା ଶତାବ୍ଦୀ ଏକ୍ସପ୍ରେସ୍‌କୁ ଉଭୟ ପୁରୀ ଓ ହାୱଡ଼ାଠାରୁ ବାତିଲ କରାଯାଇଛି। ମାର୍ଚ୍ଚ ୨୦ରୁ ୨୯ତାରିଖ ମଧ୍ୟରେ ତିରୁପତି-ବିଶାଖାପଟନମ୍ ଏକ୍ସପ୍ରେସ୍‌କୁ ତିରୁପତିଠାରୁ ଏବଂ ୨୧ରୁ ୩୦ତାରିଖ ମଧ୍ୟରେ ବିଶାଖାପଟନମ୍‌ଠାରୁ ବାତିଲ୍ କରାଯାଇଛି। ନିୟମିତଭାବେ ଯାତ୍ରୀମାନଙ୍କ ଟିକେଟ୍ ବୁକିଂକୁ ସମୀକ୍ଷା କରାଯାଉଥିବାବେଳେ ଯାତ୍ରୀଙ୍କ ସଂଖ୍ୟାକୁ ନଜରରେ ରଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

ବିଶାଖାପଟନମ୍-ସିକନ୍ଦରାବାଦ୍ ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପଟନମ୍‌ରୁ ମାର୍ଚ୍ଚ ୧୭, ୨୪ ଓ ୩୧ ତାରିଖରେ ବାତିଲ ହୋଇଥିବାବେଳେ ସିକନ୍ଦରାବାଦ୍‌ଠାରୁ ୧୮, ୨୫ ଓ ଏପ୍ରିଲ୍ ୧ରେ ବାତିଲ ହୋଇଛି। ମାର୍ଚ୍ଚ ୨୩ ଓ ୩୦ରେ ବିଶାଖାପଟନମ୍-ତିରୁପତି ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପଟନମ୍ ଠାରୁ ଏବଂ ମାର୍ଚ୍ଚ ୨୪ ଓ ୩୧ରେ ତିରୁପତିରୁ ବାତିଲ ହୋଇଛି। ମାର୍ଚ୍ଚ ୧୮ ଓ ୨୫ରେ ସମ୍ବଲପୁର-ବନଶୱାଡ଼ି ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁରଠାରୁ ଏବଂ ୧୯ ଓ ୨୬ରେ ବନଶୱାଡ଼ିଠାରୁ ବାତିଲ ହୋଇଛି। ମାର୍ଚ୍ଚ ୧୯ ଓ ୨୬ରେ ଭୁବନେଶ୍ୱର-ସିକନ୍ଦରାଦ ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରଠାରୁ ଏବଂ ୨୦ ଓ ୨୭ ତାରିଖରେ ସିକନ୍ଦରାବାଦରୁ ବାତିଲ ରହିବ। ପୁରୀ-ସାନ୍ତ୍ରାଗାଛି-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ୨୦ ଓ ୨୭ରେ ପୁରୀରୁ ଏବଂ ୨୧ ଓ ୨୮ରେ ସାନ୍ତ୍ରାଗାଛିଠାରୁ ବାତିଲ ରହିବ। ମାର୍ଚ୍ଚ ୨୪ ଓ ୩୧ରେ ଇନ୍ଦୋର-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଇନ୍ଦୋରଠାରୁ ଏବଂ ମାର୍ଚ୍ଚ ୨୫ ଓ ଏପ୍ରିଲ ୧ରେ ପୁରୀଠାରୁ ବାତିଲ ହେବ। ସାନ୍ତ୍ରାଗାଛି-ଚେନ୍ନାଇ ସ୍ୱତନ୍ତ୍ର ଟ୍ରେନ୍ ମାର୍ଚ୍ଚ ୨୦ ଓ ୨୭ରେ ସାନ୍ତ୍ରାଗାଛିରୁ ଏବଂ ୨୧ ଓ ୨୮ରେ ଚେନ୍ନାଇରୁ ବାତିଲ ରହିବ।

ଅନ୍ୟପକ୍ଷରେ କରୋନା ସଂକ୍ରମଣର ବ୍ୟାପକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଲୱେ ଛାତ୍ରୀଛାତ୍ର, ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କ ବ୍ୟତୀତ ମାର୍ଚ୍ଚ ୨୦ ତାରିଖ ରାତି ୧୨ଟାରୁ ଅନ୍ୟ ସମସ୍ତ ଯାତ୍ରୀଙ୍କ ସଂରକ୍ଷିତ ଏବଂ ଅସଂରକ୍ଷିତ ବର୍ଗର ଟିକେଟ୍ ବୁକିଂ ରିହାତିକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଆବଶ୍ୟକ ନ ଥିଲେ ଟ୍ରେନ୍‌ରେ ଯାତ୍ରା ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କମ୍ ଯାତ୍ରୀ ସଂଖ୍ୟା ଥିବା ୧୫୫ ଯୋଡ଼ା ଟ୍ରେନ୍‌କୁ ବାତିଲ କରିଦିଆଯାଇଛି। ଯାତ୍ରୀମାନଙ୍କୁ ଅସୁବିଧା ନ ହେବା ଲାଗି ଅନ୍ୟ ବିକଳ୍ପକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ବାତିଲ ହୋଇଥିବା ଟ୍ରେନ୍‌ର ଯାତ୍ରୀମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦେବାର ବ୍ୟବସ୍ଥା ହୋଇଛି। ସେହିପରି ଦେଶର ଦକ୍ଷିଣ ଭାଗରେ ଫଶି ରହିଥିବା ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଘରକୁ ଫେରିବାର ବ୍ୟବସ୍ଥା କରାଯାଇଛି। ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଅସୁସ୍ଥ ଅନୁଭବ କଲେ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପାଇଁ ତୁରନ୍ତ ରେଳ କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଣ୍ଡି ଖାଇ !**
**ଗୋଡ଼ରେ ପଡ଼ିଲେ ଯାଏ ଗାଧୋଇ ।**

ହାଣ୍ଡିରୁ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ମହିଳା ଗୋଡ଼ରେ ଅଇଁଠା ଲାଗିବାରୁ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ କଥା ହୋଇଥାଏ। ପରୋକ୍ଷରେ ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ଏକ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟସ୍ତବିବ୍ରତ ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତେ ଲମ୍ବରେ ଓଢ଼ଣା ପଡ଼ିଛି,**
**ଗାଁ ମୁଣ୍ଡ ଯାଏ ତୁଣ୍ଡ ଶୁଭୁଛି ।**

ଝିଅଟି ଯେବେ ବୋହୂ ହୋଇ ଶାଶୁଘରକୁ ଆସେ ସେତେବେଳେ ସେ ଓଢ଼ଣା ପକେଇ ରହିଥାଏ, କାହା ସହ ଉଚ୍ଚ ସ୍ୱରରେ କଥା ହୋଇ ନ ଥାଏ, ଯାହାକି ତା'ର ଲଜ୍ଜାଶୀଳା ଗୁଣକୁ ସୂଚାଉଥାଏ। ଲଜ୍ଜା ନାରୀର ଭୂଷଣ ହୋଇଥିବା ବେଳେ କେତେଜଣ ନାରୀ ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇବାର ଭୁଲ୍ କରିବସିଥାନ୍ତି। ଫଳରେ ନିଜ ଶାଳୀନତା ହରାଇ ବସି ସମାଜରେ ନିନ୍ଦିତ ହୋଇପଡ଼ିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କେରଳ ଫେରନ୍ତା ଦାଦନ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବଲାଙ୍ଗୀର ଅଫିସ, ୧୯।୩

କେରଳରେ କାମ କରୁଥିବା ୪ ଦାଦନ ଶ୍ରମିକ ଗୁରୁବାର ବଲାଙ୍ଗୀର ପହଞ୍ଚିବା ପରେ କରୋନା ସଂକ୍ରମଣକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇଥିଲେ । ସେମାନଙ୍କଠାରେ କୌଣସି ଲକ୍ଷଣ ନଥିବା ସତ୍ତ୍ୱେ ସେମାନେ ବାହାର ଜିଲାରୁ ଆସିଥିବାରୁ ସତର୍କତାମୂଳକ ପଦକ୍ଷେପ ଭାବେ ସମସ୍ତଙ୍କୁ ହୋମ ଆଇସୋଲେସନ୍‌ରେ କିଛି ଦିନ ରହିବା ପାଇଁ ପରାମର୍ଶ ଦିଆଯାଇଥିବା ମେଡିକାଲ କଲେଜ ହସପିଟାଲ ସୂତ୍ରରୁ ଜଣାପଡିଛି ।

## ବର୍ଷାପବନ: ଗଛ ପଡ଼ି, ଖୁଣ୍ଟି ଭାଙ୍ଗି ରାସ୍ତାଅବରୋଧ

ଲେଫ୍ରିପଡ଼ା, ୧୯।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଝଡ଼ବର୍ଷା ହୋଇଛି। ଜୋରରେ ପବନ ବୋହିବାରୁ ବିଭିନ୍ନ ସ୍ଥାନରେ ଗଛଡାଳ ଭାଙ୍ଗିପଡ଼ିଛି। କେତେକ ସ୍ଥାନରେ ଗଛ ଉପୁଡ଼ି, ଖୁଣ୍ଟି ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ମୋବାଇଲ ଟାୱାର ମଧ୍ୟ ପବନରେ ପ୍ରଭାବିତ ହୋଇଥିବାରୁ ମୋବାଇଲ ଫୋନସେବା ବ୍ୟାହତ ହୋଇଛି। ବିଦ୍ୟୁତ୍ ଖୁଣ୍ଟି ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍, ଟେଲିଫୋନ, କେବୁଲ ତାର ଛିଣ୍ଡି ପଡ଼ିଛି। ବିଦ୍ୟୁତ୍ ନ ଥିବାରୁ ଚାରିଆଡ଼େ ଅନ୍ଧକାର ଘେରି ରହିଛି। ପବନବର୍ଷା ଯୋଗୁ ବିଭିନ୍ନ ଫସଲର ବ୍ୟାପକ କ୍ଷତି ହୋଇଛି। ବିଶେଷକରି ଆମ୍ବ, ସଜନଛୁରି ଝଡ଼ି ଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

EDUCATION

FINANCE

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ASTROLOGY

ବିନାୟକ ଶିକ୍ଷା ମନ୍ଦିର
ଶାନ୍ତି ଉଦ୍ୟାନ, ଖଡ଼ିପଦା, ପୁରୀ-୨
Ph: 8249836330, www.bsm.org.in
ନାମଲେଖା ବିଜ୍ଞାପନ
ବିନାୟକ ଶିକ୍ଷା ମନ୍ଦିର ୨୦୨୦-୨୧ ଶିକ୍ଷାବର୍ଷ ନିମନ୍ତେ ବିଦ୍ୟାଳୟର ପ୍ରବେଶ ଶ୍ରେଣୀ ଶିଶୁ ପ୍ରାରମ୍ଭରେ ନାମଲେଖା ଉଭୟ Online ଓ Offline ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରୁଛି। ଯେଉଁ ଛାତ୍ରଛାତ୍ରୀମାନେ ତା୦୨।୦୩।୨୦୨୦ଠାରୁ ତା୩୧।୦୩।୨୦୨୦ରିଖ ମଧ୍ୟରେ ନାମ ପଞ୍ଜୀକରଣ କରାନ୍ତି, ଉକ୍ତ ଛାତ୍ରଛାତ୍ରୀମାନେ RCFC-୨୦୦୯ ଶିକ୍ଷା ଅଧିକାର ଆଇନ ଅନୁସାରେ ୨୫% ସ୍ଥାନ ଉକ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଏଣୁ ଅନ୍ତିମ ତାରିଖ ପୂର୍ବରୁ ନାମ ପଞ୍ଜୀକରଣ କରାଇବା ଆବଶ୍ୟକ।
ବି.ଦ୍ର.: ପଞ୍ଜୀକରଣ ନିମନ୍ତେ ବିସ୍ତୃତ ବିବରଣୀ ବିଦ୍ୟାଳୟ ନୋଟିସ୍ ବୋର୍ଡରୁ ଦେଖିବା ଏକାନ୍ତ ଆବଶ୍ୟକ।
-ବିନାୟକ ଶିକ୍ଷା ମନ୍ଦିରର ପରିଚାଳକ

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୦ ମାର୍ଚ୍ଚ, ୨୦୨୦




ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ



### ପଣ୍ଡିତ ଗୋବିନ୍ଦ ଶତପଥୀ ଙ୍କ ପରଲୋକ

**ସମ୍ବଲପୁର, ୧୯।୩ (ବ୍ୟୁରୋ)-** ସଂସ୍କୃତ ପଣ୍ଡିତ ତଥା ଜିଲା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଶତପଥୀଙ୍କ ଗୁରୁବାର ଅପରାହ୍ନ ୩ଟାରେ ପରଲୋକ ହୋଇଯାଇଛି । ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ଖବର ପାଇ ଶିକ୍ଷାବିତଙ୍କ ସମେତ ପୁରାତନ ଛାତ୍ରମାନେ ଗୋପାଳମାଳସ୍ଥିତ ବାସ ଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପୁରାତନ ଛାତ୍ର ସଂଘ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରାତ୍ରିରେ କମଳୀବଜାର ସ୍ଥିତ ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଚିରଞ୍ଜିବ, ସଞ୍ଜିବ ଓ ରାଜୀବଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ୧୯୩୩ରେ ଛତିଶଗଡ଼ ରାଜ୍ୟ ରାୟଗଡ଼ା ଜିଲା ବନୋରା ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ସେ ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ବୁର୍ଲା ସରକାରୀ ହାଇସ୍କୁଲ ଓ ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ଆଞ୍ଚଳିକ ଭାଷା, ସରଳ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ଭାଷାରେ ତାଙ୍କର ପାଣ୍ଡିତ୍ୟ ରହିଥିଲା ।

### ଯାତ୍ରୀବାହୀ ବସ୍‌ରେ କ୍ଷମତାରୁ ଅଧିକ ଯାତ୍ରୀ

**କୁଚିଣ୍ଡା, ୧୯।୩ (ଡି.ଏନ.ଏ.):** କୁଚିଣ୍ଡା ବସ୍‌ଷ୍ଟାଣ୍ଡରୁ ପ୍ରତିଦିନ ରାଉରକେଲା, ଝାରସୁଗୁଡ଼ା, ବାମରା, ସୁନ୍ଦରଗଡ଼, ବଣେଇ, ଲଇଡା, ସମ୍ବଲପୁର, ଦେବଗଡ଼, ଲଇମୁରା ଆଦି ସ୍ଥାନକୁ ୭୦ରୁ ଅଧିକ ବସ୍ ଚଳାଚଳ କରୁଛି। ହେଲେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯାତୀବାହୀ ବସ୍‌ରେ କ୍ଷମତାଠାରୁ ଅଧିକ କିମ୍ବା ଛିଡା କରାଇ କୌଣସି ଯାତ୍ରୀଙ୍କୁ ନ ନେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ହେଲେ ସରକାରଙ୍କ ଆଦେଶକୁ ବେଖାତିର କରି କୁଚିଣ୍ଡାରେ ଯାତ୍ରୀବାହୀ ବସ୍‌ଗୁଡିରେ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ନିଆଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ସଂକ୍ରମଣ ହେବା ମଧ ଆଂଶଙ୍କା ଦେଖାଦେଇଛି। ଏଥିପ୍ରତି ପୋଲିସ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### କରୋନା ମିଥ୍ୟା ଖବର ପ୍ରଚାର: ଜଣେ ଗିରଫ

**ସମ୍ବଲପୁର, ୧୯।୩(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳର ଜଣେ ଯୁବକ କରୋନା ଭୂତାଣୁ ସଂକ୍ରମଣକୁ ନେଇ ସୋସିଆଲ ମିଡିଆରେ ମିଥ୍ୟା ଖବର ପ୍ରଚାର କରିଥିଲେ। ଏ ନେଇ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଜଣେ ଯୁବକଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପୋଲିସ ପ୍ରଶାସନ ପକ୍ଷରୁ କରୋନା ସଚେତନତାରେ ଜନସାଧାରଣଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି ।

# କରୋନା ମୁକାବିଲା ପାଇଁ ସବୁଠି ତତ୍ପରତା

**ସମ୍ବଲପୁର, ୧୯।୩ (ବ୍ୟୁରୋ)**

- ପଥପ୍ରାନ୍ତ ସଭା, ଲିଫ୍‌ଲେଟ ବଣ୍ଟନ
- ବାହାରୁ ଆସିଥିବା ବ୍ୟକ୍ତିଙ୍କ ରିପୋର୍ଟ ସଂଗ୍ରହ

ବିଶ୍ୱରେ କରୋନା ମହାମାରୀକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି । ହେଲେ ସରକାରୀସ୍ତରରେ ଏହାର ମୁକାବିଲା ନେଇ ଉଦ୍ୟମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ଜିଲାପାଳଙ୍କ ଅଫିସ ପରିସରରେ ଏକ କରୋନା ସେଲ୍ ଖୋଲାଯାଇଛି । ଅନ୍ୟପକ୍ଷେ ମହାନଗର ନିଗମ ଓ ବ୍ଲକଗୁଡିକରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ବିଭିନ୍ନ ସଂଗଠନ ସଦସ୍ୟ, ସରକାରୀ କର୍ମଚାରୀ ଓ ଅଧିକାରୀମାନେ ସାମିଲ ହୋଇ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଏପରି କି ବିଭିନ୍ନ କମ୍ୟୁନିଟି ହଲ, କଲ୍ୟାଣ ମଣ୍ଡପ, କ୍ଲବ ଘର, ସ୍କୁଲରେ ଆଇସୋଲେଶନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ମିଳିଥିବା ସୂଚନା ମୁତାବକ, ଯୁଯୁମୁରା ବ୍ଲକର ଏକ ସ୍କୁଲରେ ଆଇସୋଲେଶନ କେନ୍ଦ୍ର ସ୍ଥାପନ କରି ୩ଜଣ ଯୁବକଙ୍କୁ ରଖାଯାଇଥିଲା। ସେମାନେ କେରଳରୁ ଦାଦନ ଖଟିବାକୁ ଯାଇଥିଲେ। କିଛି ଦିନ ତଳେ ଗାଁକୁ ଫେରିଥିଲେ। ଏନେଇ ସେମାନଙ୍କୁ ଆଇସୋଲେଶନ କେନ୍ଦ୍ରରେ ରଖାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଯାଞ୍ଚ ପରେ ସେମାନଙ୍କୁ ଛାଡି ଦିଆଯାଇଥିବା ଜଣାପଡିଛି । ସେହିପରି ୩ ଜଣ ଯୁବତୀ ଭୁବନେଶ୍ୱରରୁ କୌଣସି ତାଲିମ ନେଇ ଘରକୁ ଫେରିଥିଲେ। ହେଲେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଛାଡି ଦିଆଯାଇଛି। ଏପରି କି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ମହାନଗର ନିଗରର ବିଭିନ୍ନ ଅଞ୍ଚଳ ବୁଲି କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ଏବଂ ଏହାର ନିରାକରଣ ନେଇ ସଚେତନ କରିଥିଲେ ।

### ଜିଲାରେ ୬୧ ବିଦେଶ ଫେରନ୍ତାଙ୍କୁ ଯାଞ୍ଚ

**ସମ୍ବଲପୁର, ୧୯।୩ (ବ୍ୟୁରୋ):** କରୋନାକୁ ନେଇ ରାଜ୍ୟ ସରକାର ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କୁ ପଞ୍ଜିକରଣ କରିବାକୁ ୪୮ ଘଣ୍ଟା ମହଲତ ଦେଇଥିଲେ । ଏହା ସହ ଆର୍ଥିକ ରାଶି ଦେବାକୁ ଘୋଷଣା କରିଥିଲେ । ଏପରି ସ୍ଥିତିରେ ଜିଲାପ୍ରଶାସନ ପକ୍ଷରୁ ମଧ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୬୧ଜଣ ବିଦେଶ ଫେରନ୍ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଟିମ୍ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି। ମଡିକାଲ ଟିମ୍ ଦିନକୁ ୩ ଥର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ଦେଖାଦେଲେ ତୁରନ୍ତ ତାଙ୍କୁ ଡାକ୍ତାଖାନା ଆଇସୋଲେଶନ କେନ୍ଦ୍ରରେ ରଖାଯିବ ବୋଲି ଏଡିଏମ୍‌ଓ ଆଶୋକ ଦାସ କହିଛନ୍ତି।




କରୋନା କଟକଣା ପରେ ମା' ସମଲେଶ୍ୱରୀଙ୍କ ମନ୍ଦିର ଭକ୍ତ ଶୂନ୍ୟ।

### ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ସ୍ଥଗିତ

**ସମ୍ବଲପୁର, ୧୯।୩ (ବ୍ୟୁରୋ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାଙ୍କସ୍ଥଗିତ କରାଯାଇଛି । କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି । ପୂର୍ବରୁ ନିର୍ଦ୍ଧାରିତ ସମୟ ଅନୁସାରେ ଗୁରୁବାର ଗୋଟିଏ ଦିନ ପାଇଁ ସମ୍ବଲପୁର ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ଓ ବୁଢ଼ାରଜା ସରକାରୀ ହାଇସ୍କୁଲ କେନ୍ଦ୍ରରେ ଖାତା ମୂଲ୍ୟାଙ୍କନ ହୋଇଥିଲା।

# ଚେତିଲା ପ୍ରଶାସନ, ୪ ନଳକୂପ ମରାମତି



କର୍ମଚାରୀମାନେ ନଳକୂପ ମରାମତି କରୁଛନ୍ତି।

**ବାମରା, ୧୯।୩ (ଡି.ଏନ.ଏ.)**

ବାମରା ବ୍ଲକ ସଦର ମହକୁମାସ୍ଥିତ ଗୋବିନ୍ଦପୁର ପଞ୍ଚାୟତରେ ୨୦ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ହୋଇପଡିଥିଲା। ଫଳରେ ଲୋକେ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ସିସଲଫାର୍ମ ଟୁଙ୍ଗରିପଡ଼ାବାସିନ୍ଦା ନାଳର ଦୂଷିତ ପାଣି ପିଇବାକୁ ବାଧ ହେଉଥିଲେ। ଏନେଇ ଗଣମାଧ୍ୟରେ ଖବର ପ୍ରକାଶିତ ହେବାପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ବିଭାଗୀୟ କର୍ମଚାରୀମାନେ ଅଚଳ ନଳକୂପ ମରାମତି ପାଇଁ ଅଣ୍ଟା ଭିଡିଥିଲେ। ଗୁରୁବାର ପ୍ରଥମ ଦିନରେ ସିସଲଫାର୍ମ ଟୁଙ୍ଗରିପଡ଼ା, ମସ୍‌ଜିଦ ଗଳି, ବିଜୁ ପଟ୍ଟନାୟକ ଛକ ଏବଂ ନୂଆପଡ଼ାର ୪ଟି ନଳକୂପ ମରାମତି କରିଥିଲେ। ହେଲେ ଅନ୍ୟ ଅଚଳ ହୋଇପଡିଥିବା ନଳକୂପଗୁଡିକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ନଳକୂପ ମରାମତି ଦାୟିତ୍ୱରେ ଥିବା ଶରତ ସିଂଙ୍କୁ ପଚାରିବାରୁ ତୁରନ୍ତ ଅଚଳ ହୋଇପଡିଥିବା ନଳକୂପଗୁଡିକୁ ମରାମତି କରାଯିବ ବୋଲି କହିଥିଲେ।

### ୨୩ରେ ଚାଷୀଙ୍କ ଧାରଣା

**ପଦ୍ମପୁର, ୧୯।୩ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡର ଚାରପାଲି, କନସିଂହା, ସର୍ଗିବାହାଲ ଅଞ୍ଚଳର ଚାଷୀମାନେ ଆଗାମୀ ୨୩ ତାରିଖରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦିପ୍ତୀପୁର ଶାଖା ସମ୍ମୁଖରେ ଧାରଣା ଦେବେ ବୋଲି ଉପଜିଲାପାଳଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଚାଷୀମାନେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ୨୦୧୮ ଖରିଫ ଋତୁର ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ଧାରଣା ଦିଆଯିବ ବୋଲି ଦଳଗଞ୍ଜନ ଧରୁଆ, ରଜନୀ କୁମାର ସାହୁ, ରୂପଧର ପ୍ରଧାନ, ଦେବେନ୍ଦ୍ର ଧରୁଆ, ମୀନକେତନ ବିଶ୍ୱାଳ ସୂଚନା ଦେଇଛନ୍ତି।

### ପରିବା ଫସଲ ନଷ୍ଟ

**ବିଜେପୁର, ୧୯।୩ (ଡି.ଏନ.ଏ):** ବରଗଡ ଜିଲା ବିଜେପୁର ଅଞ୍ଚଳରେ ଗୁରୁବାର ଝଡତୋଫାନ ସହ ବର୍ଷା ହୋଇଛି। ଅପରାହ୍ନ ୪ଟାରେ ହଠାତ ଖୁବ୍ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା । ଏହା ସାଙ୍ଗକୁ କରକାପାତ ମଧ ହୋଇଥିଲା । ଫଳରେ ଏହି ଅଞ୍ଚଳରେ ହୋଇଥିବା ପନିପରିବା ଫସଲ ନଷ୍ଟ ହୋଇଛି। ଚଳିତ ବର୍ଷ ଏହି ଅଦିନିଆ ବର୍ଷା ବିଦ୍ଧାତ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି । ବାରମ୍ବାର କରକାପାତ ଯୋଗୁ ପନିପରିବା ଫସଲ ନଷ୍ଟ ହେଉଛି। ପ୍ରତିକୂଳ ପାଗ ଲାଗି ରହିଥିବାରୁ ଆମ୍ବ, ମହୁଲ, ଚାର ଫୁଲ କଷି ଝଡି ଯାଉଥିବା ଜଣାପଡିଛି ।

# ସରକାରୀ କାର୍ଯ୍ୟାଳୟରେ ହେଉନି କରୋନା ସଚେତନତା

**କୁଚିଣ୍ଡା, ୧୯।୩ (ଡି.ଏନ.ଏ.)**

ବିଶ୍ୱରେ କରୋନା ଭୟ। ଏଭଳିସ୍ଥିତିରେ ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣ କିପରି ସ୍ୱଚ୍ଛତା ଅବଲମ୍ବନ କରିବେ ସେ ନେଇ ଟିଭି, ଖବରକାଗଜରେ ପ୍ରଚାର ପ୍ରସାର କରାଯାଉଛି। ଏନେଇ ସମସ୍ତ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ, ଏଟିଏମ୍, ବ୍ୟବସାୟ ପ୍ରତିଷ୍ଠାନ ଆଗରେ କର୍ମଚାରୀଙ୍କ ପାଇଁ ହାତଧୋଇବାର ବ୍ୟବସ୍ଥା ସହ ସାନିଟାଇଜର ବ୍ୟବହାର କରି ସଫା ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ହେଲେ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଏହିସବୁର ବ୍ୟବସ୍ଥା ନ ଥିବା ବେଳେ ବହୁ ସରକାରୀ କାର୍ଯ୍ୟାଳୟ ଯଥା ତହସିଲ, ଉପଜିଲାପାଳ, ଆଇଟିଡିଏ, ବିଭିନ୍ନ ବ୍ୟାଙ୍କ ସମେତ ବ୍ୟବସାୟୀ ପ୍ରତିଷ୍ଠାନ କାର୍ଯ୍ୟାଳୟ ସମ୍ମୁଖରେ ହେଣ୍ଡୱାସ, ପାଣି, ସାନିଟାଇଜର ଆଦି ବ୍ୟବସ୍ଥା ଦେଖିବାକୁ ମିଳିନାହିଁ । କେବଳ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପାଣି ଓ ସାବୁନ ଖଣ୍ଡିଏ ଥୋଇଦେଇ ଦାୟୀତ୍ୱ ସାରି ଦେଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କରୋନା ନେଇ ସଚେତନତା ଲିଫ୍‌ଲେଟ ବଣ୍ଟନ

**ଟିପିଲିମା, ୧୯।୩ (ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏନେଇ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଚେତନ କରିବାକୁ ପ୍ରୟାସ ଜାରି ରହିଛି। ଏହି ଅବସରରେ ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଆଇସିଡିଏସ୍ ପକ୍ଷରୁ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି କରୋନା ଭୂତାଣୁ ସଂକ୍ରମଣରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ଜନସାଧାରଣଙ୍କୁ ସଚେତନ ସୃଷ୍ଟି କରଥିଲେ। ଏପରି କି କର୍ମୀମାନେ ମହିଳା ଗୋଷ୍ଠୀଙ୍କୁ ଲିଫ୍‌ଲେଟ ବଣ୍ଟନ କରି କରୋନା ସଂକ୍ରମଣରୁ ରକ୍ଷା ପାଇବାକୁ କେଉଁ ସବୁ ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ ସେନେଇ ପରାମର୍ଶ ଦେଇଥିଲେ। ଏଥିସହ ନିଜେ ସଚେତନ ହୋଇ ଆଖପାଖ ପଡୋଶୀ, ବନ୍ଧୁଜନଙ୍କୁ ସଚେତନ କରିବାକୁ ମହିଳା ଗୋଷ୍ଠୀଙ୍କୁ ଅବଗତ କରାଯାଇଥିଲା।



କରୋନା ଭୂତାଣୁ ସଚେତନତା ନେଇ ଲିଫ୍‌ଲେଟ ବଣ୍ଟନ।

# ସ୍କାଇପିରେ ହେଲା ସାକ୍ଷାତ୍‌କାର

**ଜିଏମ୍‌ୟୁରେ ଅଧ୍ୟାପକ ନିଯୁକ୍ତି ପ୍ରସଙ୍ଗ**

**ସମ୍ବଲପୁର, ୧୯।୩ (ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅନ୍ୟ ବିଭାଗର ଅଧ୍ୟାପକ ନିଯୁକ୍ତ ପ୍ରକ୍ରିୟା ଜାରି ରହିଛି । ହେଲେ କରୋନା ଭୂତାଣୁ ସଂକ୍ରମଣକୁ ନେଇ ରାଜ୍ୟସରକାର କଟକଣା ଲାଗୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାକ୍ଷାତକାର ପରୀକ୍ଷାକୁ ସ୍ଥଗିତ ନ କରି ସ୍କାଇପି ମାଧ୍ୟମରେ କରିବାକୁ ସୁଯୋଗ ଦେଇଥିଲେ । ୩ ଜଣଙ୍କ ଆବେଦନକାରୀଙ୍କ ସାକ୍ଷତକାର ହୋଇଥିଲା। ଏପରି କି କିଛି ପରୀକ୍ଷାର୍ଥୀ ବିଶ୍ୱବିଦ୍ୟାଳୟକୁ ସାକ୍ଷାତକାର ପରୀକ୍ଷା ପାଇଁ ଆସିଥିଲେ।

# କରୋନା ପାଇଁ ପୋଲିସର ସଚେତନତା



ଏକାମ୍ର ଛକରେ ପୋଲିସର ସଚେତନତା କାର୍ଯ୍ୟକ୍ରମ ।

**ବରଗଡ଼ ଅଫିସ୍, ୧୯।୩**

କରୋନା ମୁକାବିଲା ପାଇଁ ଗୁରୁବାର ବରଗଡ଼ ସଦର ଥାନା ପୋଲିସ ପକ୍ଷରୁ ସ୍ଥାନୀୟ ଏକାମ୍ର ଛକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦର ଥାନାର ପୋଲିସ ଅଧିକାରୀ, କର୍ମଚାରୀମାନେ ଯାତ୍ରୀମାନଙ୍କୁ ଅଟକାଇ ଲିଫଲେଟ୍ ବାଣ୍ଟିଥିଲେ । ଏହା ସହିତ ସାବୁନରେ ହାତଧୁଆ ଉପରେ ସେମାନେ ସଚେତନତା ସୃଷ୍ଟି କରିଥିଲେ ।

## ଫଟୋରେ ଖବର







ଗୁରୁବାର ସମ୍ବଲପୁର ବୁଢ଼ାରଜା ପରୀକ୍ଷା ଖାତା ମୂଲ୍ୟାଙ୍କନ କେନ୍ଦ୍ରରେ ଅଧିକାରୀମାନେ ଭିତରକୁ ଯିବା ପୂର୍ବରୁ ହାତ ଧୋଉଛନ୍ତି (ବାମ)। ସମ୍ବଲପୁର ବୁଢ଼ାରଜାଠାରେ ମୁକ୍ତ ସ୍କୁଲ ପରୀକ୍ଷା ଖାତା ମୂଲ୍ୟାଙ୍କନ କେନ୍ଦ୍ରରେ ଶିକ୍ଷୟିତ୍ରୀମାନେ (ମଝି)। ସମ୍ବଲପୁର ଜିଲାପାଳଙ୍କୁ କୁରାପାଲି ଉଚ୍ଚ ପ୍ରାଥମିକ ସ୍କୁଲ ବନ୍ଦ କରିବା ଦାବିରେ ଗ୍ରାମବାସୀ ସ୍ମାରକପତ୍ର ଦେବାକୁ ଆସିଛନ୍ତି ।

# ସଂକ୍ଷେପରେ

## କରୋନାରେ ଆକ୍ରାନ୍ତ ଦକ୍ଷିଣ ଆଫ୍ରିକୀୟ ଗଲ୍‌ଫର

ଲସ୍ ଏଞ୍ଜେଲ୍ସ, ୧୯।୩(ଏଏଫ୍‌ପି)- ଦକ୍ଷିଣ ଆଫ୍ରିକୀୟ ଗଲ୍‌ଫ ଖେଳାଳି ଭିକ୍ଟର ଲାଙ୍ଗେ କରୋନାରେ ପୀଡ଼ିତ। ତାଙ୍କ କୋଭିଡ୍-୧୯ ରିପୋର୍ଟରୁ ଏହା ଜଣାପଡ଼ିଛି। ଏ ନେଇ ପିଜିଏ ଟୁର୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମେକ୍ସିକୋଠାରେ ଅନୁଷ୍ଠିତ ପିଜିଏ ଟୁର ଲାଟିନ୍‌ଆମେରିକା ସର୍କିଟରୁ ଫେରିବା ପରେ ବିଶ୍ୱର ୧୩୧୫ତମ ମାନ୍ୟତା ପ୍ରାପ୍ତ ଖେଳାଳି ମାରାତ୍ମକ ଭାଇରସରେ ପୀଡ଼ିତ ଥିବା ଜଣାପଡ଼ିଛି। ତାଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଉ ନ ଥିଲା। ଜୋହାନ୍ସବର୍ଗର କ୍ୱାରାଣ୍ଟାଇନରେ ରହିବା ପରେ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି। ସେ ପିଜିଏ ଟୁର ଲାଟନଆମେରିକା ଟୁର୍ନାମେଣ୍ଟ ବେଳେ କୋରାନା ପୀଡ଼ିତାଙ୍କ ସଂସ୍ପର୍ଶରେ ଆସିଥାଇ ପାରନ୍ତି। ଖେଳାଳି ଓ ପ୍ରଶଂସକଙ୍କୁ ଏଥିନେଇ ସଚେତନ ହେବା ଆବଶ୍ୟକ। ଅନ୍ୟକୁ ବଞ୍ଚାଇବା ଲାଗି ଆମକୁ କିଛି ପରାମର୍ଶ ଓ ନିୟମ ମାନିବାକୁ ପଡ଼ିବ ବୋଲି ପିଜିଏ ଟୁର ପକ୍ଷରୁ କୁହାଯାଇଛି। ବିଶ୍ୱକୁ ଘାରିଥିବା କରୋନା ଭାଇରସ ଯୋଗୁ ସମସ୍ତ କ୍ରୀଡ଼ା ଇଭେଣ୍ଟ ସାଙ୍ଘାତିକ ଭାବେ ପ୍ରଭାବିତ ହୋଇଛି। ଗଲ୍‌ଫ ସିଜନର ପ୍ରଥମ ଦୁଇ ମେଜର ଟୁର୍ନାମେଣ୍ଟ ଦି ମାଷ୍ଟର୍ସ ଓ ଦ ପିଜିଏ ଚାମ୍ପିୟନଶିପ ସ୍ଥଗିତ ହୋଇଯାଇଛି।

## ପିଏସ୍‌ଏଲ ବେଳେ କରାଯାଇଥିବା ସମସ୍ତ ଟେଷ୍ଟ ନେଗେଟିଭ

କରାଚୀ,୧୯।୩- ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ରେ ଜଡ଼ିତ ଖେଳାଳି, ଷ୍ଟାଫ, ମ୍ୟାଚ୍ ଅଫିସିଆଲ, ଦଳ ମାଲିକ, ପ୍ରସାରଣକାରୀ କର୍ମକର୍ତ୍ତାଙ୍କ ସମେତ ମୋଟ ୧୨୮ ଜଣଙ୍କ କୋଭିଡ୍-୧୯ ଟେଷ୍ଟ କରାଯାଇଥିଲା। ସମସ୍ତ ଟେଷ୍ଟର ରିପୋର୍ଟ ନେଗେଟିଭ ଆସିଛି ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଗୁରୁବାର ଦାବି କରିଛି। ସମସ୍ତ ଟେଷ୍ଟ ଗତ ୧୭ ତାରିଖରେ କରାଯାଇଥିଲା। ମୁଲତାନ ସୁଲତାନ ଦଳର ୧୭ ଜଣ ଟେଷ୍ଟ ଦେଇଥିଲେ। ସେମାନଙ୍କ ରିପୋର୍ଟ ମଧ ନେଗେଟିଭ ଆସିଛି। ଲିଗ୍ ଶେଷ ହେବା ପର୍ଯ୍ୟନ୍ତ ଏଠାରେ ରହିବାକୁ ନିଷ୍ପତ୍ତି ନେଇଥିବା ଖେଳାଳି, ଷ୍ଟାଫ, ପ୍ରସାରଣକାରୀ ସଂସ୍ଥାର କର୍ମକର୍ତ୍ତାଙ୍କ ଟେଷ୍ଟ କରାଯାଇଥିଲା। ଖେଳାଳିମାନେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିନା ସେମାନଙ୍କ ପରିବାର ନିକଟକୁ ଫେରିଛନ୍ତି ବୋଲି ପିସିବି ମୁଖ୍ୟ କାର୍ଯ୍ୟକାରୀ ୱାସିମ ଖାଁ କହିଛନ୍ତି।

## ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବାସୁଦେବପୁର,୧୯।୩(ଡି.ଏନ.ଏ.) ଭଦ୍ରକ ଜିଲା ବାସୁଦେବପୁର ସହର ବାଲିକଲୋନୀରେ ରହୁଥିବା ବିନୋଦ ଦାସଙ୍କ ଘରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଅନ୍ୟ କେତେକ ଘରୋଇ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଗୁରୁବାର ବାସୁଦେବପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ଟିମ୍ ମଧ ଅନୁଧାନ କରିବା ସହିତ କିଭଳି ଭାବେ ଚୋରି ହୋଇଛି ତାହାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ବିନୋଦ ତାଙ୍କ ପରିବାର ସହିତ ବାଲିକେଲାନୀରେ ଭଡ଼ାରେ ରହି ଆସୁଛନ୍ତି। ସେ ଓ ତାଙ୍କ ପରିବାର ଲୋକ ଘରେ ନ ଥିବା ସୁଯୋଗରେ ଚୋରମାନେ ତାଲା କାଟି ଘରେ ପଶି ସୁନା, ରୁପା ଅଳଙ୍କାର ଚୋରି କରି ନେଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ରାସଗୋବିନ୍ଦପୁର,୧୯।୩ (ଡ଼ି.ଏନ୍.ଏ.) ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ସୁବାନଡିହ ଗ୍ରାମରେ ଗୁରୁବାର ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ସୁବାନଡିହି ଗ୍ରାମର ଫଦଲ କିସ୍କୁ ବସରେ ହେଲପର କାମ କରନ୍ତି। କିଛି ବର୍ଷ ତଳେ ସେ ମାଳତୀ କିସ୍କୁଙ୍କୁ ବିବାହ କରିଥିଲେ। ପାରିବାରିକ ସମସ୍ୟା ନେଇ ବିଭିନ୍ନ ସମୟରେ ଉଭୟଙ୍କ ମଧରେ କଳି ଝଗଡ଼ା ଲାଗି ରହୁଥିଲା। ଗୁରୁବାର ସକାଳେ ଫଦଲ ରୋଷେଇ କରିବାକୁ କହିବାରୁ ମାଳତୀ ରୋଷେଇ କରି ନ ଥିଲେ। ଏହି ଘଟଣାକୁ ନେଇ ଉତ୍କ୍ଷିପ୍ତ ଫଦଲ ଏକ ବାଉଁଶ ଠେଙ୍ଗାରେ ମାଳତୀଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ମାଳତୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୭/୨୦୨୦) ରୁଜୁ କରି ଅଭିଯୁକ୍ତ ଫଦଲଙ୍କୁ ଗିରଫ କରିଛି।


# ଜଳିଗଲା ନୀଳଚକ୍ର ବାନା

### ମହାଦୀପରୁ ଲାଗିଲା ନିଆଁ ଭକ୍ତଙ୍କ ମଧରେ ନାନା ଚର୍ଚ୍ଚା

ପୁରୀ ଅଫିସ,୧୯।୩

ଜଳିଗଲା ନୀଳଚକ୍ର ବାନା । ମହାଦୀପରୁ ନିଆଁ ଲାଗି ନୀଳଚକ୍ର ତଳେ ବନ୍ଧାଯାଇଥିବା ୨/୩ଟି ମାନସିକ ବାନା ପୋଡ଼ିଯାଇଛି। କରୋନା ମୁକାବିଲା ଉଦ୍ଦେଶ୍ୟରେ ଶୁକ୍ରବାରଠୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ କରିବାକୁ ଗୁରୁବାର ନିଷ୍ପତ୍ତି ନିଆଯିବାର କିଛି ଘଣ୍ଟା ପରେ ବାନା ପୋଡ଼ିଯିବାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଶୁଣିବାକୁ ମିଳୁଛି। କେହି କେହି ଏହାକୁ ଅଶୁଭ ବୋଲି କହୁଥିବାବେଳେ ଆଉ କେହି ପବନ ଯୋଗୁ ବାନାରେ ନିଆଁ ଲାଗିଥିବା କହିଛନ୍ତି ।

ପ୍ରତ୍ୟେକ ଏକାଦଶୀରେ ଶ୍ରୀମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥାଏ। ଜଗତର ମଙ୍ଗଳ କାମନା କରି ଅଁଳା ବେଢ଼ାରେ ଏହି ଦୀପ ଜଳାଯାଇଥାଏ। ଗୁରୁବାର ଏକାଦଶୀ ଥିବାରୁ ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଚୂନରା ସେବକ ମହାଦୀପ ନେଇ ଅଁଳା ବେଢାରେ ଜାଳିଥିଲେ। ମହାଦୀପ ଲାଗିବାର କିଛି ସମୟ ପରେ ହଠାତ୍ ପବନ ବହିଥିଲା। ଏହି ପବନ ଯୋଗୁ ନୀଳଚକ୍ର ତଳେ ବନ୍ଧାଯାଇଥିବା ମାନସିକ ବାନାରେ ନିଆଁ ଲାଗି ଯାଇଥିଲା। ପ୍ରାୟ ୨/୩ଟି ବାନାରେ ନିଆଁ ଲାଗିଯିବାରୁ ପବନରେ ନିଆଁ ଉଡ଼ିଥିଲା। ଭକ୍ତମାନେ ଏହା ଦେଖି ବାନା ପୋଡିଗଲା ବାଲି ପାଟି କରିଥିଲେ। ପରେ ଚୂନରା ସେବକ ଉପରକୁ ଯାଇ ନୀଳଚକ୍ର ତଳେ ବନ୍ଧା ଯାଇଥିବା ଅନ୍ୟ



ବାନାଗୁଡ଼ିକୁ ଖୋଲି ଆଣିଥିଲେ। ଏନେଇ ସେବାୟତ ମଧୁସୂଦନ ଦାସ ମହାପାତ୍ରଙ୍କୁ ପଚାରିବାରେ, ପ୍ରତ୍ୟେକ ଏକାଦଶୀରେ ନୀଳଚକ୍ର ତଳେ ବନ୍ଧାଯାଇଥିବା ବାନା ଖୋଲାଯାଇ ମହାଦୀପ ଉଠିଥାଏ। କିନ୍ତୁ ଗୁରୁବାର ଏହି ବାନାଗୁଡ଼ିକ ଖୋଲା ନଯାଇ ମହାଦୀପ ଉଠିଥିଲା। ପବନ ଅଧିକ ଜୋରରେ ବହିବାରୁ ୩/୪ଟି ବାନାରେ ନିଆଁ ଲାଗି ଉଡ଼ିଥିଲା ବୋଲି ଦାସମହାପାତ୍ର କହିଛନ୍ତି। । ଭକ୍ତ ଦିଲୀପ ବରାଳଙ୍କ କହିବା ହେଲା, ବାନାରେ ନିଆଁ ଲାଗିବା ପରେ ପବନରେ ନିଆଁ ଉଡ଼ିଥିଲା। ବଡ଼ଦାଣ୍ଡରେ ଭକ୍ତମାନେ ଠିଆ ହୋଇ ଏହାକୁ ଦେଖିଥିଲେ। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଏକାଦଶୀ ଯୋଗୁ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ପବନ ଯୋଗୁ ନୀଳଚକ୍ର ତଳେ ବନ୍ଧା ଯାଇଥିବା ବାନାରେ ନିଆଁ ଲାଗିଥିଲା। ଶ୍ରୀମନ୍ଦିର ସୁପରଭାଇଜର ଚୂନରା ସେବକଙ୍କୁ ଜଣାଇବା ପରେ ସେମାନେ ଯାଇ ମୁଖ୍ୟ ବାନାକୁ ଛାଡି ଅନ୍ୟ ବାନାକୁ ଖୋଲି ଆଣିଥିଲେ । ଯଦି ଏପରି ଘଟଣା ଘଟିଥିବ ତାହା ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି। ସେହିପରି ଶୁକ୍ରବାରଠାରୁ ଜିଲା ପ୍ରଶାସନ ଭକ୍ତଙ୍କ ଦର୍ଶନ ବନ୍ଦ କରୁଛି । ତା ପୂର୍ବରୁ ବାନା ପୋଡ଼ିଯିବା ବଡ଼ ଅଘଟଣକୁ ସୂଚାଉଛି ବୋଲି ଭକ୍ତ ଶ୍ରୀଧର ସାହୁ କହିଛନ୍ତି।

# ଇଣ୍ଡିଆନ୍ ଗ୍ରାଁ ପ୍ରି ବାତିଲ

ନୂଆଦିଲ୍ଲୀ, ୧୯।୩ (ପି.ଟି.)

ଗୁରୁବାର ଇଣ୍ଡିଆନ୍ ଗ୍ରାଁ ପ୍ରି ଆରମ୍ଭ ହେବାକୁ ମାତ୍ର କେଇ ଘଣ୍ଟା ବାକିଥିବାବେଳେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏହାକୁ ବାତିଲ ଘୋଷଣା କରିଛି। କୋଭିଡ୍-୧୯କୁ ନେଇ ସରକାରୀ ନିର୍ଦ୍ଦେଶନାମାକୁ ସମ୍ମାନ ଜଣାଇ ଏପରି ନିଷ୍ପତ୍ତି ନିଆଯାଇଛି। ଏହି ଇଭେଣ୍ଟ ଏନ୍‌ଆଇଏସ୍ ପଟିଆଲାରେ ଆୟୋଜିତ ହୋଇଥାନ୍ତା। ଅନ୍ୟପକ୍ଷରେ ଆସନ୍ତା ମାସରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ସିନିୟର ଚାମ୍ପିୟନଶିପ୍ (ଏପ୍ରିଲ ୧୦ରୁ ୧୩) ପଛକୁ ଘୁଞ୍ଚାଇ ଦିଆଯାଇଛି। ଟୋକିଓ ଅଲିମ୍ପିକ୍ସ ପାଇଁ ଏହା ଏକ କ୍ୱାଲିଫାଇଂ ଇଭେଣ୍ଟ। ଏଥିଲାଗି ପରେ ଦିନଧାର୍ଯ୍ୟ ହେବ। ଏପ୍ରିଲ ୧୫ ପର୍ଯ୍ୟନ୍ତ ପ୍ରତିଯୋଗିତା ଓ ଟ୍ରାଏଲ୍ସ ଆୟୋଜନ ବନ୍ଦ ରଖିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଜାତୀୟ ମହାସଂଘକୁ ନିର୍ଦ୍ଦେଶ ଆସିବାର କିଛି ଘଣ୍ଟା ପରେ ଏଏଫ୍‌ଆଇ ଏହି ନିଷ୍ପତ୍ତି ନେଇଥିଲା। ଟ୍ରେନିଂ କ୍ୟାମ୍ପରେ ଅଂଶଗ୍ରହଣ କରି ନ ଥିବା କୌଣସି ଆଥ୍‌ଲେଟଙ୍କ ସହ ମିଳାମିଶା ନ କରିବା ଲାଗି ଅଲିମ୍ପିକ୍ସ ପାଇଁ ମନୋନୀତ ଆଥଲେଟ୍‌ମାନଙ୍କୁ କୁହାଯାଇଛି। ଇଣ୍ଡିଆନ ଆଥଲେଟିକ୍ସ ହାଇପରଫର୍ମାନ୍ସ ନିର୍ଦ୍ଦେଶକ ଭୋଲକର ହର୍ମାନ ସରକାରଙ୍କ ନିର୍ଦ୍ଦେଶ ମାନିବାକୁ ଏଏଫ୍‌ଆଇ ବାଧ। ଖେଳ ଅପେକ୍ଷା ଭାରତୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେବେ ଶୁକ୍ରବାର ପ୍ରଥମ ଇଣ୍ଡିଆନ ଗ୍ରାଁ ପ୍ରି ଆୟୋଜିତ ହୋଇ ନ ପାରିଥିବାରୁ ଆମେ ଦୁଃଖିତ। ପଟିଆଲାରେ ଦ୍ୱିତୀୟ ଗ୍ରାଁ ପ୍ରି ମାର୍ଚ୍ଚ ୨୫ରୁ ହୋଇଥାନ୍ତା। ଏହାକୁ ମଧ ବାତିଲ କରାଯାଇଥିବା ହର୍ମାନ ପ୍ରକାଶ କରିଛନ୍ତି। ପୁନଶ୍ଚ ଏପ୍ରିଲ ୧୦ରୁ ୧୩ ପର୍ଯ୍ୟନ୍ତ ପଟିଆଲାରେ ହେବାକୁଥିବା ଫେଡେରେଶନ କପ୍‌କୁ ଘୁଞ୍ଚାଇ ଦିଆଯାଇଛି। ଆମେ ଏହାକୁ ମେ କିମ୍ବା ଜୁନ୍ ମାସରେ ଆୟୋଜନ କରିବା ଲାଗି ଚିନ୍ତା କରୁଛୁ। ତେବେ ସେତେବେଳର ପରିସ୍ଥିତିକୁ ଚାହିଁ ଯାହା ନିଷ୍ପତ୍ତି ନିଆଯିବ ବୋଲି ହର୍ମାନ ସୂଚନା ଦେଇଛନ୍ତି। ପ୍ରଥମ ଇଣ୍ଡିଆନ ଗ୍ରାଁ ପ୍ରି ପାଇଁ ସତର୍କତା ଅବଲମ୍ବନ କରାଯାଇଥିଲା। ଯେଉଁମାନେ ଜାତୀୟ କ୍ୟାମ୍ପରେ ଭାଗ ନେଇଥିଲେ ସେମାନଙ୍କୁ କେବଳ ଏଥିରେ ଅଂଶଗ୍ରହଣ ପାଇଁ ଅନୁମତି ଥିଲା।

# ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ରାଜ୍ୟ ଭାଜପା

### ଶ୍ରୀମନ୍ଦିର ଟଙ୍କା ଫେରିବା ପ୍ରସଙ୍ଗ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଶ୍ରୀମନ୍ଦିର ଜମା ଅର୍ଥକୁ ରାଜ୍ୟ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନ ରଖି ୟେସ୍ ବ୍ୟାଙ୍କ ଭଳି ଏକ ଘରୋଇ ବ୍ୟାଙ୍କରେ ରଖିଥିଲେ। ଶ୍ରୀମନ୍ଦିରର ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ରହିଥିଲା। ୟେସ୍ ବ୍ୟାଙ୍କ ସ୍ଥିତି ଖରାପ ହେବା ପରେ ସେହି ଟଙ୍କା କିପରି ଫେରିବ ତାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋର୍ ଧରିଥିଲା। ସେହି ଅର୍ଥ ଗୁରୁବାର ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭାଜପା ରାଜ୍ୟ ନେତୃବୃନ୍ଦ ଧନ୍ୟବାଦ ଜଣାଇଛନ୍ତି। ୟେସ୍ ବ୍ୟାଙ୍କରୁ ଜଗନ୍ନାଥଙ୍କର ୩୯୭ କୋଟି ୨୩ ଲକ୍ଷ ୨୭ ହଜାର ୬୩୬ ଟଙ୍କା ଜଗନ୍ନାଥ ମନ୍ଦିର କର୍ପସ ପାଣ୍ଠିର ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟକୁ ଆସିଛି। ଏହା କେବଳ ପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସମ୍ଭବ ହୋଇଛି ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଜଗନ୍ନାଥଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ କିପରି ରହିଲା ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଦରକାର। ପୂର୍ବରୁ ଶ୍ରୀମନ୍ଦିର ଟଙ୍କା ରାଜ୍ୟ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରଖୁଥିଲେ। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ନିର୍ଦ୍ଦେଶନାମା ଏବଂ ମନ୍ଦିର ପରିଚାଳନା ଅଧିନିୟମକୁ ବେଖାତିର କରି କାହିଁକି ଘରୋଇ ବ୍ୟାଙ୍କରେ ଜଗନ୍ନାଥଙ୍କ ଟଙ୍କା ରଖାଗଲା ଏବଂ ଏଥିପାଇଁ କିଏ ଦାୟୀ ତାହା ତଦନ୍ତ ପରିସରଭୁକ୍ତ କରାଯାଉ। ଏହା ସହ ଓଡ଼ିଶା ସରକାରଙ୍କ ଓଏମ୍‌ସି, ବିଭିନ୍ନ ସମବାୟ ବ୍ୟାଙ୍କର ଅର୍ଥ ଏବଂ ଅନ୍ୟ ବିଭାଗଗୁଡିକର କୋଟି କୋଟି ଅର୍ଥ ୟେସ୍ ବ୍ୟାଙ୍କରେ ରଖାଯାଇଛି। କେଉଁ କେଉଁ ଅଫିସର ଏହି ଘରୋଇ ବ୍ୟାଙ୍କରେ ଟଙ୍କା ରଖିବା ଘଟଣାରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପୃଥ୍ୱୀରାଜ ଦାବି କରିଛନ୍ତି।



ଶ୍ରୀମନ୍ଦିର ଟଙ୍କା ଫେରିବା ଖୁସିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ମିଠା ବଣ୍ଟନ କରାଯାଉଛି।

## ଫାଇନାଲରେ ରାମେଶ୍ୱର



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାର୍ଥସାରଥି ସାହୁଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର, ୧୯।୩ (କ୍ରୀଡ଼ା ପ୍ରତିନିଧି)

**ଯଦୁପୁର କପ୍ ଟି୨୦**

ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଯଦୁପୁର କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଯଦୁପୁର ପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ରାମେଶ୍ୱର ୫୩ ରନରେ ଜ୍ୟୋତି ମୋଟର୍ସକୁ ହରାଇ ଦେଇଛି। ରବିବାର ରାମେଶ୍ୱର ଓ ବାରଭୁଜା ଟିମ୍ ମଧରେ ଫାଇନାଲ ଅନୁଷ୍ଠିତ ହେବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୧୭.୫ ଓଭରରେ ୧୬୩ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୨୧ ବଲ୍‌ରୁ ସର୍ବାଧିକ ୩୧, ସସ୍ମିତ ସୌରଭ ବରାଳ ୧୬ ବଲ୍‌ରୁ ୨୯, ବିଶ୍ୱଜିତ ଭୂୟାଁ ୧୮ ବଲ୍‌ରୁ ୨୮ ଓ ଶ୍ରୀକାନ୍ତ ଗୌଡ଼ା ୧୯ ବଲ୍‌ରୁ ୨୨ ରନ କରିଥିଲେ। ପ୍ରତିପକ୍ଷ ଦଳର ସତ୍ୟଜିତ ସାବତ ୨୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ଜ୍ୟୋତି ମୋଟର୍ସ ୧୩.୧ ଓଭରରେ ୧୧୦ ରନ କରି ଅଲଆଉଟ ହୋଇଯାଇଥିଲା। ସଙ୍ଗୀତ ମହାନ୍ତି ୧୩ ବଲ୍‌ରୁ ସର୍ବାଧିକ ୨୨ରନ ସ୍କୋର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜୟୀ ଦଳର ପାର୍ଥସାରଥି ସାହୁ ୨୩ ରନରେ ୪ଟି, ଲାଲୁ ମହାନ୍ତି ୩୦ ରନରେ ୨ଟି ଏବଂ ରାକେଶ ଶର୍ମା ୨୮ ରନରେ ୨ଟି ଉଇକେଟ ନେଇଥିଲେ।

## ଓସ୍‌ଜା କ୍ରୀଡ଼ା ପୁରସ୍କାର ସ୍ଥଗିତ

ଭୁବନେଶ୍ୱର, ୧୯।୩ (ସ୍ପୋର୍ଟ୍ସ ବ୍ୟୁରୋ)

କୋଭିଡ-୧୯ ସଂକ୍ରମଣଜନିତ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ବାର୍ଷିକ ପୁରସ୍କାର କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ମାର୍ଚ୍ଚ ୨୧ ତାରିଖରେ ଏହି କାର୍ଯ୍ୟକ୍ରମ କଟକରେ ଅନୁଷ୍ଠିତ ହେବାର ଥିଲା। ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା ତାରକା ଖେଳାଳି ପ୍ରମୋଦ ଭଗତ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଆଥଲେଟିକ୍ କୋଚ୍ ପଞ୍ଚାନନ ଗନ୍ତାୟତଙ୍କୁ ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଯଥାକ୍ରମେ ଶ୍ରେଷ୍ଠ କ୍ରୀଡ଼ାବିତ୍ ଓ କ୍ରୀଡ଼ାକ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ପୁରସ୍କାର ପ୍ରଦାନ ଲାଗି ନିଷ୍ପତ୍ତି ହୋଇଥିଲା। ବିଶିଷ୍ଟ ଗଣମାଧମ ବ୍ୟକ୍ତିତ୍ୱ ହୃଦୟନାଥ ଦାସ ଓ ଶ୍ୟାମାକାନ୍ତ ପଟ୍ଟନାୟକଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ଭାଇରସ ସଂକ୍ରମଣଜନିତ ସ୍ଥିତିରେ ପରିବର୍ତ୍ତନ ଆସିଲେ ଏପ୍ରିଲ ୧୫ ତାରିଖ ପରେ ଏହାର ପୁନଃ ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ଅଧକ୍ଷ ସୁଶାନ୍ତ ମହାନ୍ତି ଓ ଓସଜା ସଭାପତି ସନ୍ଦୀପ ମିଶ୍ର ସୂଚନା ଦେଇଛନ୍ତି।

# ଟୁର୍ନାମେଣ୍ଟ, ଟ୍ରାଏଲ ଆୟୋଜନ ନ କରିବାକୁ ପରାମର୍ଶ

ନୂଆଦିଲ୍ଲୀ,୧୯।୩ (ପି.ଟି.)

ଅତିକମ୍‌ରେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ କୌଣସି ଟୁର୍ନାମେଣ୍ଟ ଓ ଟ୍ରାଏଲ ଆୟୋଜନ ନ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଦେଶର ସବୁ ଜାତୀୟ କ୍ରୀଡ଼ା ଫେଡେରେଶନକୁ ମନ୍ତ୍ରଣାଳୟ ଏ ନେଇ ସ୍ପଷ୍ଟ ସନ୍ଦେଶ ଦେଇଛି। ଏଥିସହିତ ଅଲିମ୍ପିକ୍ସରେ ସାମିଲ ହେବାକୁ ଥିବା ଆଥଲେଟ୍‌ଙ୍କୁ ଅନ୍ୟମାନଙ୍କଠାରୁ ଦୂରେଇ ରହିବା ବା ଆଇସୋଲେଟ ହେବା ପାଇଁ କୁହାଯାଇଛି।

କରୋନା ଭାଇରସ ସାରା ବିଶ୍ୱରେ ଏକ ମହାମାରୀ ରୂପେ ଉଭା ହୋଇଥିବାରୁ ମନ୍ତ୍ରଣାଳୟ ତରଫରୁ ନୂଆକରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଫଳରେ ପାଟିଆଲାରେ ଶୁକ୍ରବାର ଆୟୋଜନ ହେବାକୁ ଥିବା ଦିନିକିଆ ଇଣ୍ଡିଆନ ଗ୍ରାଁ ପ୍ରି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସବୁ କ୍ରୀଡ଼ା ସଂଗଠନ ଓ ସେମାନଙ୍କ ଅନୁବନ୍ଧିତ ୟୁନିଟ୍‌ଗୁଡିକୁ କୌଣସି ପ୍ରକାର କ୍ରୀଡ଼ା ଇଭେଣ୍ଟ ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ), ଜାତୀୟ ଫେଡେରେଶନ (ଏନ୍‌ଏଫ୍‌ଏସ୍) ସମେତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଜଣାଇଛି।

ଅଲିମ୍ପିକ ଟ୍ରେନିଂ କ୍ୟାମ୍ପକୁ ବିନା କୋଭିଡ-୧୯ କ୍ୱାରାଣ୍ଟାଇନ ପ୍ରୋଟୋକଲ୍ସରେ ଅନ୍ୟ ଆଥଲେଟମାନଙ୍କୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ଟ୍ରେନିଂ ଚାଲିଥିବା ବେଳେ ଆଥଲେଟମାନଙ୍କ ସହ ବାହାର ଲୋକଙ୍କୁ ମିଶିବାକୁ ଦିଆଯିବନାହିଁ। କ୍ୱାରାଣ୍ଟାଇନ୍ ପ୍ରୋଟୋକଲ ବିନା ଟ୍ରେନିଂ କ୍ୟାମ୍ପରେ ରହୁ ନ ଥିବା କୌଣସି ଆଥଲେଟ, କୋଚ୍, ଟେକ୍‌ନିକାଲ ତଥା ସପୋର୍ଟ ଷ୍ଟାଫ୍‌ଙ୍କୁ ଟ୍ରେନି ଆଥଲେଟଙ୍କ ସହ ମିଶିବାକୁ ଦିଆ ନ ଯିବା ପାଇଁ କୁହାଯାଇଛି। ଆଥଲେଟଙ୍କୁ କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। କୌଣସି ପ୍ରକାର ମିଳାମିଶା ତଥା ଜନସମାଗମକୁ ସମ୍ପୂର୍ଣ୍ଣରୂପେ ବାରଣ କରାଯାଇଛି। ତେବେ ଯେଉଁମାନେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ଓ ଯୋଗ୍ୟତା ହାସଲର ନିକଟବର୍ତ୍ତୀ ହୋଇଛନ୍ତି ସେମାନଙ୍କ ପାଇଁ ଟ୍ରେନିଂ ଜାରି ରଖିବାର ବ୍ୟବସ୍ଥା କରାଯାଇଛି। ଯଦି ଏମାନେ ଠିକ୍ ଭାବେ ଟ୍ରେନିଂ ଜାରି ନ ରଖନ୍ତି ତାହାଲେ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ରିଜିଜୁ କହିଛନ୍ତି।

# ଭଗବାନଙ୍କଠାରୁ ଭକ୍ତ ଅଲଗା

### ୩୨୮ବର୍ଷ ପରେ ଇତିହାସର ପୁନରାବୃତ୍ତି

ପୁରୀ ଅଫିସ,୧୯।୩

ଭକ୍ତ ପାଇଁ ଭଗବାନ। ଏମାନଙ୍କୁ କେହି ଅଲଗା କରିପାରିବେ ନାହିଁ। ଏମିତି ଆସ୍ଥା ଓ ବିଶ୍ୱାସ ନେଇ ପ୍ରତିଦିନ ଶ୍ରୀକ୍ଷେତ୍ରକୁ ହଜାର ହଜାର ଭକ୍ତ ଆସିଥାନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନିଜ ମନର କଥା ଗୁହାରି କରିଥାନ୍ତି। ହେଲେ ଦୀର୍ଘ ୩୨୮ବର୍ଷ ପରେ ଭକ୍ତ ପାଇଁ ଭଗବାନ ପ୍ରାସଙ୍ଗିକତାର କିଛିଟା ବ୍ୟତିକ୍ରମ ଘଟିବାକୁ ଯାଉଛି। ଶ୍ରୀକ୍ଷେତ୍ର ମାଟିରେ ଭଗବାନଙ୍କଠାରୁ ଭକ୍ତଙ୍କୁ ଦୂରେଇ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅତୀତରେ ଲୁଣ୍ଠନ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଉପରେ ଆକ୍ରମଣ ଯୋଗୁ ମହାପ୍ରଭୁଙ୍କ ଦର୍ଶନକୁ ବନ୍ଦ ରଖାଯାଇଥିବାବେଳେ ଏବେ କରୋନା ଭୂତାଣୁ ସଂକ୍ରମଣରୁ ଭକ୍ତଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ରତ୍ନସିଂହାସନରେ ବିରାଜମାନ ମହାପ୍ରଭୁଙ୍କ ଠାରୁ ଭକ୍ତଙ୍କୁ ଦୂରେଇ ଦିଆଯାଇଛି।

ଅତୀତରେ ଶ୍ରୀମନ୍ଦିର ଉପରେ ୧୮ଥର ଆକ୍ରମଣ ହୋଇଛି, ଯେଉଁଥିପାଇଁ ୨୨ଥର ମହାପ୍ରଭୁ ସ୍ଥାନାନ୍ତର ହୋଇଛନ୍ତି। ଶ୍ରୀକ୍ଷେତ୍ର ମଧରେ ଦୁଇଥର ସ୍ଥାନାନ୍ତର ହୋଇଥିବାବେଳେ



ଶ୍ରୀମନ୍ଦିର ଦର୍ଶନ ବନ୍ଦ ଘୋଷଣା ପରେ ପୁରୀ ରେଳ ଷ୍ଟେଶନ ଯାତ୍ରୀ ଶୂନ୍ୟ।

୨୦ଥର ପୁରୀ ବାହାରକୁ ସ୍ଥାନାନ୍ତର ହୋଇଛନ୍ତି ମହାପ୍ରଭୁ। ଚତୁର୍ଦ୍ଧାବିଗ୍ରହଙ୍କୁ ୨ଥର ପାତାଳି କରାଯିବା ସହ ୨ଥର ବ୍ରହ୍ମ ସ୍ଥାନାନ୍ତର ହୋଇଛି। ଆକ୍ରମଣ ସମୟରେ ଖାଲିପଡ଼ିଛି ରତ୍ନସିଂହାସନ। ୧୬୨ବର୍ଷ ୪ମାସରୁ ଅଧିକ ଦିନ ପୁରୀ ବାହାରେ କଟାଇଛନ୍ତି ମହାପ୍ରଭୁ। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇପାରି ନାହାନ୍ତି ଭକ୍ତ। ୧୬୯୨ରେ ଏକରାମ ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ସମ୍ରାଟ ଔରଙ୍ଗଜେବଙ୍କ ଆଦେଶ ଅନୁଯାୟୀ ମରମସ୍ତ ଖାଁ ଜମାଉଲ୍ଲାଙ୍କୁ ସାଙ୍ଗରେ ଧରି ଏକରାମ ଏହି ଆକ୍ରମଣ କରିଥିଲେ। ଆକ୍ରମଣ ଖବର ପାଇ ସିଂହଦ୍ୱାର ବନ୍ଦ କରାଯାଇଥିଲା। ସେମାନେ ସିଂହଦ୍ୱାର କବାଟ ଭାଙ୍ଗି ମନ୍ଦିର ଭିତରେ ପ୍ରବେଶ କରି ଭଣ୍ଡାର ଲୁଟ୍‌ପାଟ କରିଥିଲେ। ସେତେବେଳେ ତିନିଠାକୁରଙ୍କ ନକଲି ବିଗ୍ରହ ଏକରାମ୍ ଖାଁଙ୍କୁ ସମର୍ପି ଦିଆଯାଇ ବିଦା କରାଯାଇଥିଲା। ଗୋପନରେ ମହାପ୍ରଭୁଙ୍କୁ ବିମଳା ମନ୍ଦିର ପଛପଟକୁ ସ୍ଥାନାନ୍ତର କରାଯାଇଥିଲା। ଦେଉଳର ମୁଖଶାଳା ଭଙ୍ଗାଯାଇ ସିଂହଦ୍ୱାର ବାହାରପଟୁ ବନ୍ଦ କରି ଦିଆଯାଇଥିଲା। ନକଲି ମୂର୍ତ୍ତି ନେଇ ଏକରାମ୍ ଖାଁ କଟକ ଚାଲିଯିବାପରେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ବିଜେ କରାଯାଇଥିଲା। ଲୁଟ ସମୟରେ ଦକ୍ଷିଣ ଦ୍ୱାର ଚୋରା କବାଟ ବାଟେ ଯାଇ ସେବକମାନେ ଗୁପ୍ତରେ ପୂଜା କରୁଥିଲେ। ମାଦଳା ପାଞ୍ଜି ମତରେ ସେତେବେଳେ ଚନ୍ଦନ ଯାତ୍ରା ବନ୍ଦ ରହିଥିଲା। ରୁକ୍ମିଣୀ ହରଣ ନୀତି ମଧ ହୋଇ ପାରି ନ ଥିଲା । ଏକାଦଶୀ ତିଥିରେ ଉଠି ନ ଥିଲା ମହାଦୀପ। ରତ୍ନସିଂହାସନ ସାମ୍ନାରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏପରି କି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବନ୍ଦ ହୋଇଯାଇଥିଲା। ଶ୍ରୀମନ୍ଦିରରେ ମହାପ୍ରସାଦ ରନ୍ଧା ହେଉ ନ ଥିଲା। ଏହାସତ୍ତ୍ୱେ ନିରାଡମ୍ବର ଭାବେ ଗୋପନରେ ମହାପ୍ରଭୁଙ୍କ ସେବାପୂଜା ଅବ୍ୟାହତ ରହିଥିଲା। ପାଳିଆ ସେବକଙ୍କ ବ୍ୟତୀତ ଅନ୍ୟ କାହାରିକୁ ମନ୍ଦିର ଭିତରକୁ ଛଡ଼ାଯାଇ ନ ଥିଲା। ୧୮ଥର ଆକ୍ରମଣ ମଧରୁ ଏହି ଗୋଟିଏଥର ହଠାତ୍ ଆକ୍ରମଣ ହେବାରୁ ମହାପ୍ରଭୁଙ୍କୁ ସ୍ଥାନାନ୍ତର କରିବା ସମ୍ଭବ ହୋଇ ନ ଥିଲା। ଏବେ ୩୨୮ବର୍ଷ ପରେ ପୁଣି ସେହିଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ହସ୍ତକ୍ଷେପ ପରେ ବନ୍ଦ ହେଲା ଘରୋଇ ସ୍କୁଲ

**ରାଉରକେଲା ଅଫିସ,୧୯।୩:** ଜିଲା ପ୍ରଶାସନ ଓ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ ପରେ ବି ଦକ୍ଷିଣ ରାଉରକେଲାର ଏକାଧିକ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଗୁରୁବାର ବି କେତେକ ଘରୋଇ ସ୍କୁଲରେ ପାଠ ପଢ଼ା ଚାଲିଥିଲା। ଖବରପାଇ ସୁନ୍ଦରଗଡ ଜିଲା ଅଭିଭାବକ ସଂଘ କର୍ମକର୍ତ୍ତା ଟାଙ୍ଗରପାଲି ପୋଲିସକୁ ଖବର ଦେଇଥିଲେ। ଫଳରେ ଫର୍ଟିଲାଇଜର ଇ ବ୍ଲକ ଅନ୍ତର୍ଗତ ଉତ୍କଳ ନଗରଠାରେ ଥିବା ଏକ ଘରୋଇ ହାଇସ୍କୁଲରେ ପାଠ ପଢା ଚାଲିଥିବା ନଜରକୁ ଆସିଥିଲା। ଏହା ପରେ ଟାଙ୍ଗରପାଲି ଥାନା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚିବା ପରେ ସ୍କୁଲ ପରିସରରେ ଥିବା ଛାତ୍ରୀଛାତ୍ରଙ୍କୁ ପଦାକୁ ଅଣାଯାଇଥିଲା। ସମାନ ଭାବେ ସ୍ଥାନୀୟ ଅଞ୍ଚଳର ଅନ୍ୟ ଏକ ସ୍କୁଲରେ ପାଠ ପଢ଼ା ଚାଲିଥିବା ନଜରକୁ ଆସିଥିଲା। ଯାହାକୁ ନେଇ କର୍ମକର୍ତ୍ତା ଅମିୟ ମଲ୍ଲିକ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଦୀପ ତଳ ଅନ୍ଧାର ଭଳି ଦକ୍ଷିଣ ରାଉରକେଲା ଉପରେ ପ୍ରଶାସନିକ ନଜର ରହୁନି। ଏହାକୁ ସୁଯୋଗ ମନେକରି କେତେଜଣ ବ୍ୟକ୍ତି, ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ କୋଚିଂ କ୍ଲାସ ଚଳାଇବାକୁ ପଛାଉ ନାହାଁନ୍ତି। ଯେଉଁଠି ଶତାଧିକ ଛାତ୍ରୀଛାତ୍ରଙ୍କ ଭିଡ ଜମୁଛି। ଏବେ କରୋନା ଭାଇରସ ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରି ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ଘୋଷଣା କରିଥିବା ବେଳେ ସେହି ନିର୍ଦ୍ଦେଶକୁ ଉପରୋକ୍ତ ସ୍କୁଲ ଅବମାନନା କରୁଥିବା ଅଭିଯୋଗ ହୋଇଛି । ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

### ବ୍ରାହ୍ମଣୀନଦୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ଲହୁଣୀପଡା, ୧୯।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଲହୁଣୀପଡା ବ୍ଲକ ଦର୍ଜିଂ ପଞ୍ଚାୟତର ବିରତୋଲା ବ୍ରାହ୍ମଣୀ ନଦୀରୁ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଶବ ଜବତ କରି ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ରଖାଯାଇଛି। ବିରତୋଲାସ୍ଥିତ ଶିବ ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀର ଏକ ପଥରରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଲାଗିଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ ଏବଂ ଚାନ୍ଦିପୋଷ ଥାନାକୁ ଖବର ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କିଛି ଦିନ ପୂର୍ବରୁ ବ୍ରାହ୍ମଣୀ ନଦୀ ଜଳସ୍ତର ବୃଦ୍ଧି ପାଇଥିଲା। ସେତିକି ବେଳେ ମୃତଦେହ ଉପରମୁଣ୍ଡରୁ ଭାସି ଆସି ଏଠାରେ ଲାଗିଥିବା ପୋଲିସ ଅନୁମାନ କରୁଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶିଶୁ ଉଦ୍ୟାନରେ ଯୁବକଙ୍କ ଉତ୍ପାତ

**ବଣାଇ, ୧୯।୩(ସ୍ୱ.ପ୍ର.)**

- ମଦ୍ୟପଙ୍କ ପାଇଁ ସାଜିଛି ଆଡ୍ଡାସ୍ଥଳ
- ଉଦ୍ୟାନରେ ଲାଗିଥିବା ଲାଇଟ ଜଳୁନାହିଁ
- ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ

ବଣାଇଗଡ଼ ସହରର ମଧ୍ୟସ୍ଥଳରେ ଥିବା ଶିଶୁ ଉଦ୍ୟାନ ଦୀର୍ଘଦିନ ଧରି କେବଳ ନାଁକୁ ନେଇ ପଡି ରହିଛି। ଶିଶୁ ଉଦ୍ୟାନ ଶିଶୁଙ୍କ କାମରେ ଲାଗୁନି। ଏଠି ଯୁବକ, ମଦ୍ୟପଙ୍କ ଉତ୍ପାତ ଚାଲିଛି। ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ଅବସ୍ଥାରେ ରହିଛି। ଗତ ୨୦୧୫ରେ ତତ୍କାଳୀନ ଉପଜିଲାପାଳ ସୁରେନ୍ଦ୍ର ମୀନା ଏହାର ଉନ୍ନତି କାର୍ଯ୍ୟ ହାତକୁ ନେଇଥିଲେ। ରାଜାମୁଣ୍ଡାସ୍ଥିତ ବିକ୍ରମ ସ୍ୱଞ୍ଜ କାରଖାନାର ସାମାଜିକ ଦାୟିତ୍ୱ ବୋଧକ ପାଣ୍ଠିରେ ଏହାର ରକ୍ଷଣାବେକ୍ଷଣ କରାଯାଇଥିଲା। ସେତେବେଳେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଶିଶୁ ଉଦ୍ୟାନର ଚତୁପାର୍ଶ୍ୱକୁ ଲୌହବାଡରେ ଘେରାବନ୍ଧ କରାଯାଇ ଉନ୍ନତିକରଣ କରାଯାଇଥିଲା। ଶିଶୁ ଉଦ୍ୟାନ ପରିସରକୁ ମାଟି ପକାଇ ସମତୁଲ କରାଯାଇଥିଲା। ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳକୁଦର ଉପକରଣ ଲଗାଯାଇଥିଲା। ସେହିପରି ଶିଶୁ ଉଦ୍ୟାନର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣପାଇଁ ବିଦ୍ୟୁତ ଲାଇଟ ଲଗାଯିବା ସହିତ ଏହା ସନ୍ଧ୍ୟାବେଳେ ଆଲୋକିକରଣ କରାଯାଉଥିଲା।



ବଣାଇଗଡ଼ ସହରର ମଧ୍ୟସ୍ଥଳରେ ଥିବା ଶିଶୁ ଉଦ୍ୟାନ।

ପାଖରେ ଥିବା ଏକ ଘରୋଇ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ର ସମେତ ସହରର ବହୁ ସଂଖ୍ୟାରେ ଶିଶୁ ଏହି ଉଦ୍ୟାନକୁ ଯାଇ ସନ୍ଧ୍ୟାରେ ଭିଡ ଜମାଉଥିଲେ। ବିକ୍ରମ ସ୍ୱଞ୍ଜ ଏହି ଶିଶୁ ଉଦ୍ୟାନର ଉନ୍ନତିକରଣ ଅଧାପନ୍ତରିଆ ଭାବେ ସାରି ପରେ ଏହାର ଦାୟିତ୍ୱ ବଣାଇଗଡ଼ ଗ୍ରାମପଞ୍ଚାୟତକୁ ଦିଆଯାଇଥିଲା। ପ୍ରଥମେ ପ୍ରଥମେ ପଞ୍ଚାୟତ ଶିଶୁ ଉଦ୍ୟାନର ରକ୍ଷଣାବେକ୍ଷଣ କରିବା ସହିତ ବିଭିନ୍ନ ସମୟରେ ପାଇପ ଯୋଗେ ପାନୀୟ ଜଳ ଓ ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ପ୍ରଶାସନ ତଥା ପଞ୍ଚାୟତ କର୍ତ୍ତୃପକ୍ଷ ଏହି ଶିଶୁ ଉଦ୍ୟାନର ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଯଦ୍ୱାରା ଏବେ ସନ୍ଧ୍ୟାରେ ଲାଗିଥିବା ଲାଇଟଗୁଡିକ ଅଚଳ ହୋଇପଡିରହିଛି। ଏହାର ସୁଯୋଗନେଇ ଅସାମାଜିକ ବ୍ୟକ୍ତିମାନେ ସେଠାରେ ମଦ୍ୟପାନ କରି ପରିବେଶକୁ ଅଶାନ୍ତ କରିବା ସହ ସକାଳେ କୁଢକୁଢ ମଦବୋତଲ ଗଡୁଛି। ସେହିପରି ଲାଗିଥିବା ଦୋଳି ଓ ମନୋରଞ୍ଜନ ସାମଗ୍ରୀଗୁଡିକ ଭାଙ୍ଗିରୁଜି ଯାଇଛି। ଫଳରେ ଏବେ ଶିଶୁ ଉଦ୍ୟାନ ସମ୍ପୂର୍ଣ୍ଣ ଖାଁ ଖାଁ ଲାଗି ରହୁଛି। ଶିଶୁ ଉଦ୍ୟାନ ପାର୍ଶ୍ୱରେ ଥିବା ନିର୍ମାଣଧିନ ଅଦାଲତକୋଠା ଘରୋଇ ବିଦ୍ୟାଳୟ ଏବଂ ଅନ୍ୟପାର୍ଶ୍ୱରେ ରହୁଥିବା ସରକାରୀ କର୍ମଚାରୀଙ୍କ ବାସଗୃହଗୁଡିକ ଅସୁରକ୍ଷିତ ଭାବେ ରହି ଆସୁଥିବା ବେଳେ ସନ୍ଧ୍ୟା ସମୟରେ ସେମାନେ ପଦାକୁ ବାହାରିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶିଶୁ ଉଦ୍ୟାନର ପୂର୍ବ ଗାରିମାକୁ ଫେରାଇ ଆଣିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ବଜ୍ରପାତରେ ୮ ଗୋରୁ ମୃତ

### କୁଆଁରମୁଣ୍ଡା ଅଞ୍ଚଳରେ ବର୍ଷା ସହ ପବନ

**କୁଆଁରମୁଣ୍ଡା, ୧୯।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନ ୧ଟାରୁ ୧ଟା୩୦ ମଧ୍ୟରେ ଘଡ଼ଘଡି ସହ ବର୍ଷା ହୋଇଛି। ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦିପୋଷ ଗ୍ରାମ ନିକଟରେ ଏକ ଖୋଲାପଡ଼ିଆରେ ବୁଲୁଥିବା ୮ଟି ଗୋରୁ ବର୍ଷା ଯୋଗୁ ଏକ ଗୁହାଳ ଭିତରେ ଆଶ୍ରୟ ନେଇଥିଲେ। ମାତ୍ର ହଠାତ୍ ବଜ୍ରପାତରେ ଉକ୍ତ ୮ ଗୋରୁଙ୍କର ମୃତ୍ୟୁ ହୋଇଯାଇଛି। ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ସାମାଜିକ କର୍ମୀ ଟିକେଶ୍ୱର କାଲୋ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ କୁଆଁରମୁଣ୍ଡା ରାଜସ୍ୱ ନିରୀକ୍ଷକ, ଫାଣ୍ଡିକୁ ଖବର ଦେଇଥିଲେ। ରାଜସ୍ୱ କର୍ମଚାରୀ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସମ୍ପୃକ୍ତ ଗୋପାଳକମାନଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପରାମର୍ଶ ଦେଇଛନ୍ତି। ଏହାପରେ ସରପଞ୍ଚ ବିଜୟଲକ୍ଷ୍ମୀ କାଲୋଙ୍କ ଉପସ୍ଥିତିରେ ମୃତ ୮ଟି ଗୋରୁଙ୍କୁ ଗାତଖୋଳି ପୋତାଯାଇଛି। ମୃତ ଗୋରୁଗୁଡିକ ମଧ୍ୟରୁ ୬ଟି ବଳଦ ଓ ୨ଟି ଗାଈ ଥିଲେ ବୋଲି ଜଣାପଡିଛି।

# ଟୋକନ ପାଇ ମଧ୍ୟ ଧାନ ବିକିପାରୁ ନାହାନ୍ତି ଚାଷୀ

**ସୁନ୍ଦରଗଡ଼,୧୯।୩ (ଡି.ଏନ.ଏ)**

ଟୋକନ ପାଇ ମଧ୍ୟ ଧାନ ବିକି ପାରୁନାହାନ୍ତି ଚାଷୀ। ସୁନ୍ଦରଗଡ଼ ଜିଲାର ବିଭିନ୍ନ ଲ୍ୟାମ୍ପସରେ ଏହି ସମସ୍ୟା ଯୋଗୁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଲକ୍ଷ୍ୟ ଧାର୍ଯ୍ୟଠାରୁ ଧାନକ୍ରୟ ହୋଇଥିବା କହି ଲ୍ୟାମ୍ପସ ଅଧିକାରୀମାନେ ଚାଷୀମାନଙ୍କ ଠାରୁ ଧାନ କିଣିବାକୁ ମନା କରିଦେଉଛନ୍ତି। ଗୁରୁବାର ସଦର ବ୍ଲକ ଅନ୍ତର୍ଗତ ବିରିବିରା ଲ୍ୟାମ୍ପସ୍ ଅଧୀନ ଚାଷୀ ଟୋକନ ପାଇ ମଧ୍ୟ ଧାନ ବିକ୍ରି କରି ପାରି ନାହାନ୍ତି। ଚାଷୀମାନେ ଜିଲା ଯୋଗାଣ ବିଭାଗ ଅଧିକାରୀ ଓ ଜିଲା ସମବାୟ ବିଭାଗ ଅଧିକାରୀଙ୍କୁ ସାକ୍ଷାତ କରି ସେମାନଙ୍କ ଧାନ କିଣିବା ପାଇଁ ଦାବି କରିଛନ୍ତି। ଲ୍ୟାମ୍ପସ ଗୁଡିକୁ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇ ନ ଥିବା ଯୋଗୁ ସମ୍ପୃକ୍ତ ଅଧିକାରୀମାନେ ଦ୍ୱନ୍ଦରେ ପଡିଥିବା କହିଛନ୍ତି। ଜିଲାରେ ଚଳିତବର୍ଷ ୩୭ହଜାର ୯୫୨ଜଣ ଚାଷୀ ନିଜର ଧାନ ବିକ୍ରୟ ସକାଶେ ନାମପଞ୍ଜିକରଣ କରିଥିଲେ। ଚଳିତବର୍ଷ ୧୬ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ ପାଇଁ ଟାର୍ଗେଟ ଦିଆଯାଇଥିବା ବେଳେ ବର୍ତ୍ତମାନ ଆହୁରି ୭ହଜାର ମେଟ୍ରିକଟନ ଧାନ କ୍ରୟ ପାଇଁ ଜିଲାକୁ ସରକାରଙ୍କ ପକ୍ଷରୁ ଟାର୍ଗେଟ ଦିଆଯାଇଛି ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ଭିକାରି ଚରଣ ମଙ୍ଗରାଜ ସୂଚନା ଦେଇଛନ୍ତି। ଟୋକନ ପାଇଥିବା ଚାଷୀମାନଙ୍କ ଠାରୁ ଧାନ କିଣାଯିବ ବୋଲି କହିଛନ୍ତି।



ଧାନ ବିକ୍ରି କରିବାରୁ ବଞ୍ଚିତ ଥିବା ବିରିବିରା ଲ୍ୟାମ୍ପସର ଚାଷୀମାନେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଆସିଛନ୍ତି।

## ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଚାଳକ ମୃତ

**ଲଖନପୁର,୧୯।୩(ଡି.ଏନ୍.ଏ)**

ଅଧୀନ ପଞ୍ଚଗାଁ ନିକଟ ୪୯ ନଂ. ଜାତୀୟ ରାଜପଥରେ ଗୁରୁବାର ରାତି ୯ଟା ୨୦ରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଚାଳକ ହେଲେ ମାହାସିଂହ ଗ୍ରାମର ଜଗନ୍ନାଥ ପ୍ରଧାନ(୨୬)। ଖବର ପାଇ ରେଙ୍ଗାଲି ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ (ନଂ.ଓଆର୍୨୩ସି/୩୬୨୭)କୁ ଜବତ କରିଛି। ଏ ନେଇ ପୋଲିସ୍ ରେଙ୍ଗାଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଜବତ ମୃତଦେହକୁ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଗୋବର୍ଦ୍ଧନ ପଟ୍ଟନାୟକ କହିଛନ୍ତି । ଜଗନ୍ନାଥ ମାହାସିଂହ ଛକରେ ଏକ ବାଇକ୍ ଗ୍ୟାରେଜ୍ କରିଛନ୍ତି । ସେ ଗ୍ୟାରେଜ୍‌କୁ କେତେକ ଯନ୍ତ୍ରାଂଶ ଆଣିବା ପାଇଁ ବାଇକ୍ ଯୋଗେ ରାୟଗଡ ଯାଇଥିଲେ । ରାୟଗଡରୁ ବାଇକ୍‌ରେ ଫେରୁଥିବା ବେଳେ ପଞ୍ଚଗାଁ ନିକଟ ଏକ ଢାବା ସମ୍ମୁଖରେ ଛିଡା ହୋଇଥିବା ଏକ ୧୦ଚକିଆ ଟ୍ରକ୍ ପଛପଟେ ପିଟି ହୋଇଥିଲେ। ଖବର ପାଇ ରେଙ୍ଗାଲି ଥାନା ପୋଲିସ ଗୁରୁତର ଅବସ୍ଥାରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଲଖନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆହତଙ୍କୁ ସାକ୍ଷାତ କରୁଛନ୍ତି।

## ବଜ୍ରପାତରେ ମୃତାହତ ପରିବାରବର୍ଗଙ୍କୁ ସରକାରୀ ସହାୟତା ଦାବି

**ସୁନ୍ଦରଗଡ଼, ୧୯।୩ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ବ୍ଲକ ଘଣ୍ଟିବୁଡରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ୨ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟଜଣେ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ମୃତ ଓ ଆହତ ପରିବାରବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ସହ ଆହତ ରଘୁନନ୍ଦନ କିଷାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଗରିବ ଶ୍ରେଣୀର ୧୦ଜଣ ଶ୍ରମିକ ଅପରାହ୍ନରେ କେନ୍ଦୁପତ୍ର ଗୋଛା କାଟୁଥିବା ବେଳେ ହଠାତ୍ ଝଡପବନ ସହ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ ସେମାନେ ଏକ ଗଛମୂଳେ ଆଶ୍ରୟ ନେବାକୁ ଯାଉଥିବା ବେଳେ ସେମାନଙ୍କ ମଧ୍ୟରୁ ମଙ୍ଗଲୁ ନାଏକ ଓ ବାବୁଲା କିଷାନଙ୍କ ମୃତ୍ୟୁ ଘଟିଛି। ପୂର୍ବତନ ନଗରପାଳ ତାଣ୍ଡିଆଙ୍କ ସହିତ ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର ଓ ଜୟନାରାୟଣ ତ୍ରିପାଠୀ ପ୍ରମୁଖ ମୃତ ଓ ଆହତ ପରିବାର ଲୋକଙ୍କୁ ଡାକ୍ତରଖାନାରେ ଭେଟିଥିଲେ।

## ଡାକ୍ତରଖାନା କର୍ମଚାରୀଙ୍କୁ ମାସ୍କ ବଣ୍ଟନ

**ବ୍ରଜରାଜନଗର, ୧୯।୩ (ଡି.ଏନ.ଏ)**

ଝାରସୁଗୁଡା ଜିଲା ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଗୁରୁବାର ବିଭିନ୍ନ ସରକାରୀ ଡାକ୍ତରଖାନାରେ ମାସ୍କ ବଣ୍ଟନ କରାଯାଇଛି। ବ୍ରଜରାଜନଗର ସ୍ଥିତ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଆସୋସିଏଶନ ସଭାପତି ଜୟନ୍ତ ଦୀକ୍ଷିତ ମାସ୍କ ବଣ୍ଟନ କରିଥିଲେ । ସୁସ୍ଥ ଥିବା ଯୁବଗୋଷ୍ଠୀ ମାସ୍କ ବ୍ୟବହାର ନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କରୋନାରୁ ରକ୍ଷା ପାଇଁ ସଚେତନତା ନିହାତି ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଆଗାମୀ ଦିନରେ ଆବଶ୍ୟକ ସ୍ଥଳେ ଆହୁରି ମାସ୍କ ବଣ୍ଟନ କରାଯିବ ବୋଲି ଦୀକ୍ଷିତ କହିଥିଲେ ।



ଖଲିଆକାନୀ ଡାକ୍ତରଖାନା କର୍ମଚାରୀଙ୍କୁ ମାସ୍କ ବଣ୍ଟନ କରାଯାଉଛି ।

# ଝଡ଼ବର୍ଷା ସାଙ୍ଗକୁ କରାମାଡ଼, ବ୍ୟାପକ କ୍ଷତି

**ଝାରସୁଗୁଡା ଅଫିସ୍, ୧୯।୩**

ଝାରସୁଗୁଡା ସହର ସହ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନରେ ଝଡ ତୋଫାନ ସହ କୁଆପଥର ମାଡ ହୋଇଛି । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ସହରର ଅନେକ ସ୍ଥାନରେ ବଡ ବଡ ଗଛ ଉପୁଡି ରାସ୍ତା ଅବରୋଧ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ସମାନ ସ୍ଥିତି । ଝଡତୋଫାନ ଯୋଗୁ ବିଭିନ୍ନ ମୁଖ୍ୟ ରାସ୍ତା ଉପରେ ଗଛ ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡି ଯାଇଛି । ଅନ୍ୟପଟେ ଝାରସୁଗୁଡା ସହରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ବିଶାଳ ଗଛ ଉପୁଡି ପଡିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ ବିଭାଗ ଏବଂ ପୌର କର୍ମଚାରୀମାନେ ଗଛ କାଟି ସଫା କରିବା ପରେ ଜୀବନଯାତ୍ରା ସ୍ୱାଭାବିକ ହୋଇଥିଲା। ସେହିପରି କୁଆପଥର ମାଡ ଯୋଗୁ ବ୍ୟାପକ ପନିପରିବା ଚାଷ ନଷ୍ଟ ହୋଇଥିବା ଜଣାପଡିଛି । ସେହିପରି ଦିନ ପ୍ରାୟ ସାଢ଼େ ୩ଟାରୁ ସହର ସମେତ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ବିରାଟ ଗଛଗୁଡିକ ଉପୁଡି ପଡିବାରୁ ବିଦ୍ୟୁତ ତାର ଛିଣ୍ଡିବା ସହ ଖୁଣ୍ଟ ଗୁଡିକ ପଡିଯାଇଛି । ତେବେ ଶୀଘ୍ର ସେବା ଯୋଗାଇବାକୁ ଚେଷ୍ଟା କରାଯାଉଛି ବୋଲି ଝାରସୁଗୁଡା ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ପଣ୍ଡା କହିଛନ୍ତି।



ତେଲେନପାଲି ଗ୍ରାମରେ ଝଡତୋଫାନରେ ବିଦ୍ୟୁତ୍ ତାର ଉପରେ ପଡିଥିବା ଗଛଡାଳ (ବାମ)। ଝଡବର୍ଷା ଯୋଗୁ ଝାରସୁଗୁଡାରେ ଏକ ବିଶାଳ ଗଛ ଉପୁଡି ରାସ୍ତାରେ ପଡିଛି ।

**ବ୍ରଜରାଜନଗର, (ଡି.ଏନ.ଏ):** ହଠାତ କୁଆପଥର ସାଙ୍ଗକୁ ଝଡ ତୋଫାନ ଆସିବାରୁ ଗୁରୁବାର ସନ୍ଧ୍ୟାରେ ବ୍ରଜରଜନଗରରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଧଣ୍ଡା ଛକରେ ମିଲ ବଙ୍ଗଳା ପାଚେରୀ ଉପରେ ଗଛ ପଡିବାରୁ ବିଦ୍ୟୁତ ଖୁଣ୍ଟ ସହିତ ୫୦ ମିଟର ପାଚେରୀ ଭାଙ୍ଗି ଯାଇଛି । ଗାନ୍ଧୀଛକ ଅଞ୍ଚଳରେ ବିଭିନ୍ନ ଜାଗାରେ ତାର ଉପରେ ଗଛ ପଡିବାରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ବିଭାଗୀୟ ଅଧିକାରୀ କଳ୍ପତରୁ ନନ୍ଦଙ୍କ ଉପସ୍ଥିତିରେ ସ୍ଥାନୀୟ ଯୁବକମାନଙ୍କ ସହାୟତାରେ କରାମତି କରାଯାଇ ୪ ଘଣ୍ଟା ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା। ସେହିପରି ରାଜପୁର ଶନି ମନ୍ଦିର ପାଖରେ ରାସ୍ତା ଉପରେ ଗଛ ପଡିଯାଇଛି । ଏଥିରେ ପିଟି ହୋଇ ଏକ ଦମ୍ପତି ଗୁରୁତର ଅବସ୍ଥାରେ ମଣ୍ଡଳିଆ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।

**ଲଖନପୁର,(ଡି.ଏନ୍.ଏ):** ଝାରସୁଗୁଡା ଜିଲା ଲଖନପୁର ଅଞ୍ଚଳରେ ଗୁରୁବାର ଅପରାହ୍ନରେ ପ୍ରବଳ ଝଡତୋଫାନ, ଘଡଘଡି ସହ କୁଆପଥର ବର୍ଷା ହୋଇଛି। ପବନର ବେଗ ଏତେ ଜୋର୍ ଥିଲା ଲୋକେ ଭୟଭୀତ ହୋଇ ଘରୁ ବାହାରି ନ ଥିଲେ । ଅନେକ ସ୍ଥାନରେ ଗଛପଡି ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି । ଫଳରେ ଲଖନପୁର ବ୍ଲକ୍‌ର ବହୁ ଅଞ୍ଚଳ ଅନ୍ଧାରରେ ରହିଛି । ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ତାର ଉପରେ ଭାଙ୍ଗି ପଡିଥିବା ଡାଳକୁ କାଟିଛନ୍ତି । ରାତି ହୋଇଯିବାରୁ ଏହି କାର୍ଯ୍ୟ ଶୁକ୍ରବାର ସକାଳୁ ଆରମ୍ଭ ହେବ ବୋଲି ବିଦ୍ୟୁତ ବିଭାଗ ସୂତ୍ରରୁ ଜଣାପଡିଛି । ଝଡବର୍ଷା ଓ କୁଆପଥର ମାଡରେ ଅନେକ ଲୋକଙ୍କ ଆଜବେଷ୍ଟସ ଖପର, ଚାଳଛପର ଆଦି ଉଡାଇ ଦେଇଛି। ଫଳରେ ଲୋକେ ଖୋଲାଆକାଶ ତଳେ ରହିଛନ୍ତି । କରାମାଡରେ ଟମାଟୋ, କୋବି, ବାଇଗଣ, ପିଆଜ ଆଦି ପନିପରିବା ଫସଲ ନଷ୍ଟ ହୋଇଛି। ଲଖନପୁର ବ୍ଲକ ୧୯ଖଣ୍ଡ ମୌଜା ଚାରପାଲି ପଞ୍ଚାୟତ ମୁରଲିପାଲି ଗ୍ରାମର ରଞ୍ଜନ ସା(୪୮) ନାମକ ଜଣେ ବ୍ୟକ୍ତି ନିଜ ଘରର ଛାତ ଉପରେ ଥିଲେ । ଘରର ଆଜବେଷ୍ଟସ ଉଡାଇ ନେବାରୁ ସେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ତାଙ୍କୁ ବୁର୍ଲା ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି ବୋଲି ଜଣାପଡିଛି। ଝଡବର୍ଷାର ପ୍ରଭାବ ଲଖନପୁର ବ୍ଲକ୍, ବେଲପାହାଡ ଓ ବ୍ରଜରାଜନଗର ପୌରାଞ୍ଚଳ ଆଦିରେ ପଡିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୦ ମାର୍ଚ୍ଚ, ୨୦୨୦



ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ।
- ମହାବୀର ଜୈନ



## ସଂକ୍ଷେପରେ...

### ଧାର୍ମିକ ଅନୁଷ୍ଠାନ ପ୍ରବେଶ ଉପରେ ଲାଗିଲା ରୋକ୍

ଦେବଗଡ଼,୧୯।୩(ଡି.ଏନ.ଏ.)
ଜିଲା ପ୍ରଶାସନ ପକ୍ଷରୁ ଦେବଗଡ ଜିଲାରେ ଥିବା ସମସ୍ତ ଧାର୍ମିକ ଅନୁଷ୍ଠାନ ମନ୍ଦିର, ମସ୍‌ଜିଦ ଏବ ଚର୍ଚ୍ଚରେ ମାର୍ଚ୍ଚ ୨୦ତାରିଖଠାରୁ ଅପ୍ରେଲ ୧ ତାରିଖ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି। ହେଲେ ଧାର୍ମିକ ଅନୁଷ୍ଠାନଗୁଡିକରେ ଚାଲୁଥିବା ଦୈନନ୍ଦିନ ନୀତିକାନ୍ତି ଜାରୀ ରହିବ। ସେହିଭଳି ଜିଲାରେ ଥିବା ସମସ୍ତ ପାର୍କ, ପାଠାଗାର, ସେଲୁନ, ବିୟୁଟି ପାର୍ଲର ଏବଂ ସ୍ପା ୨୦ତାରିଖଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ ବନ୍ଦ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଜିଲା ପ୍ରଶାସନ ପକ୍ଷରୁ କରୋନା ଭାଇରସ ଉପରେ ସଚେତନତା ସୃଷ୍ଟି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ, ଗାଁ କଲ୍ୟାଣ ସମିତି, ଆଶାକର୍ମୀ, ଅଙ୍ଗନବାଡି କର୍ମୀଙ୍କୁ ନିୟୋଜିତ କରାଯିବା ସହ ୧୯ ଓ ୨୦ତାରିଖ ଦୁଇଦିନ ସମସ୍ତ ପଞ୍ଚାୟତରେ ବୈଠକ ଆୟୋଜନ କରାଯିବ। ଜିଲାର ୭୦ ପଞ୍ଚାୟତ ଏବଂ ପୌରାଞ୍ଚଳର ୩ଟି ସ୍ଥାନରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସ୍ଥାନ ଚିହ୍ନଟ କରାଯାଇଛି।

### ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଫେରିଲେ ୫ ଛାତ୍ରୀ

ରାଉରକେଲା ଅଫିସ, ୧୯।୩-ପଞ୍ଜାବ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ସୁନ୍ଦରଗଡ ଜିଲାର ୫ ଛାତ୍ରୀଙ୍କୁ ରାଉରକେଲାରେ ପହଞ୍ଚିଛନ୍ତି। ସେମାନେ ହେଲେ ଝିରପାଣିର ରଶ୍ମିପ୍ରତାପ ସିଂ, ଶକ୍ତିନଗର ଅଞ୍ଚଳର ଅୟେଶା ସିଂ, ରାଉରକେଲାର ରୁପାଲି ପଟେଲ, ରାଜଗାଙ୍ଗପୁର ଲିପ ଲୋଇ କିଶାନ ଓ ଦୀପ ଆଲସିଆ ଡୁଙ୍ଗଡୁଙ୍ଗ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନେ କିପରି ଘରକୁ ଫେରିବେ ତା'ର ବ୍ୟବସ୍ଥା କରାଯାଇଛି। ପଞ୍ଜାବ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ୬୯ ଜଣ ଛାତ୍ରୀଙ୍କୁ କରୋନା ଭାଇରସ ସତର୍କତା ପାଇଁ ଛାତ୍ରବାସ ଛାଡି ଚାଲିଯିବାକୁ କୁହାଯାଇଥିଲା। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ଛାତ୍ରୀଛାତ୍ର ସେଠି ଅଟକି ରହିଥିଲେ। ଓଡ଼ିଶା ପରିବାର ଅଧକ୍ଷ ଅରୂପ ପଟ୍ଟନାୟକଙ୍କୁ ଏନେଇ ସୂଚନା ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକ, ଭୁବନେଶ୍ୱର ବିଧାୟକ ଅନନ୍ତ ଜେନାଙ୍କ ସହଯୋଗରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ଟ୍ରେନରେ ଭୁବନେଶ୍ୱର ଅଣାଯାଇଥିଲା। ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଗୋପବନ୍ଧୁ ଦାସଙ୍କ ସହଯୋଗରେ ଭୁବନେଶ୍ୱରର ପାନ୍ଥ ନିବାସରେ ରହଣୀ ବ୍ୟବସ୍ଥା କରାଯାଇଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ଡାକ୍ତରଙ୍କ ସହଯୋଗରେ ସେମାନଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏହାପରେ ସୁସ୍ଥ ଛାତ୍ରୀଙ୍କୁ ଘରକୁ ପଠାଯିବା ବ୍ୟବସ୍ଥା କରାଯାଇଛି।

# ସିଏଏ, ଏନ୍ଆରସି, ଏନ୍ପିଆର୍ ବାତିଲ କର

## ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ସିପିଆଇ(ଏମ୍)

ରାଉରକେଲା ଅଫିସ,୧୯।୩

ସିପିଆଇ (ଏମ୍) ରାଜ୍ୟ କମିଟି ସଦସ୍ୟ ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲାଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଦେଶ ଓ ସମ୍ବିଧାନ ବିରୋଧୀ ସିଏଏ, ଏନଆରସି ଏବଂ ଏନପିଆର ବାତିଲ ନେଇ ବିଧାନସଭାରେ ବିଧେୟକ ପାସ କରିବା ପାଇଁ ଏଥିରେ ଦାବି ଉଲ୍ଲେଖ ରହିଥିଲା। ଦେଶର ଅନ୍ୟ ରାଜ୍ୟରେ ଏହାକୁ ଲାଗୁ ନ କରିବାକୁ ବିଧେୟକ ଅଣା ଯାଇଥିବା ବେଳେ ଏଠି କାହିଁକି ବ୍ୟବସ୍ଥା କରାଯିବନି ବୋଲି ଏଥିରେ କୁହାଯାଇଛି। ଏହି ଅବସରରେ କରୋନା ସମ୍ପର୍କରେ ଉଲ୍ଲେଖ କରାଯାଇ ପ୍ରତିକାର ପାଇଁ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସିପିଆଇ(ଏମ୍) କର୍ମକର୍ତ୍ତା।

ଦାବି କରାଯାଇଛି। ସୁନ୍ଦରଗଡ ଏକ ଖଣି ଖାଦାନ ବହୁଳ ଜିଲା। ଏଠାରେ କେବଳ ରାଜ୍ୟ ନୁହଁ ବରଂ ରାଜ୍ୟ ବାହାରୁ ବିଭିନ୍ନ କାର୍ଯ୍ୟରେ ଅନେକ ଶ୍ରମିକ ନିୟୋଜିତ ରହୁଛନ୍ତି। ଏକତ୍ରିତ କାମ କରୁଛନ୍ତି। ବିପଦ ନ ଟଳିବା ଯାଏ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ଉଲ୍ଲେଖ ନାହିଁ। ଏଣୁ କରୋନା ପ୍ରତିରୋଧ ପାଇଁ ଏ ଦିଗରେ କଡା ଆଭିମୁଖ୍ୟ ଆପଣାଇବାକୁ ବିଧାୟକଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ଏଥିରେ ଜିଲା ସମ୍ପାଦକ ପ୍ରମୋଦ ସାମଲ, ସମ୍ପାଦକ ମଣ୍ଡଳୀ ସଭ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା ଓ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ଲାଟଫର୍ମ ଟିକେଟ ଦର ବୃଦ୍ଧିକୁ ବିରୋଧ

ରାଉରକେଲା ଅଫିସ,୧୯।୩– ସଂପ୍ରତି କରୋନା ଭୟରେ ରାଜ୍ୟ କିମ୍ବା ଦେଶ ବାହାରୁ ଫେରୁଥିବା ଯାତ୍ରୀଙ୍କ ସମ୍ପର୍କରେ ଖବର ନେବାକୁ ଚାହୁଁଥିବା ଲୋକଙ୍କୁ ରେଳବାଇ କର୍ତ୍ତୃପକ୍ଷ ଶୋଷଣ କରିବା ଅତ୍ୟନ୍ତ ଅମାନୁଷିକ ବୋଲି ଏସୟୁସିଆଇ ପକ୍ଷରୁ ଅଭିଯୋଗ କରାଯାଇଛି। ସାଧାରଣ ଭାବେ ପ୍ଲାଟଫର୍ମ ଟିକଟ ବୃଦ୍ଧି ଏହାର ସଦ୍ୟତମ ଉଦାହରଣ ବୋଲି କୁହାଯାଇଛି। ଏହା କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାରଙ୍କ ଚକ୍ରାନ୍ତ ବୋଲି ଅଭିଯୋଗ କରାଯାଇଛି। ସୁନ୍ଦରଗଡ଼ ଜିଲା କମିଟି ଆବାହକ ଅଜିତ ନାୟକ, ବରିଷ୍ଠ ନେତା ସତ୍ୟପ୍ରିୟ ମହାନ୍ତି, ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ଅଜୟ ମହାନ୍ତି ଓ ଛବି ମହାନ୍ତି ପ୍ରମୁଖ ଏକ ବିବୃତିରେ କହିଛନ୍ତି ଯେ ଏଭଳି ଅସମୟରେ ପ୍ଲାଟଫର୍ମ ଟିକଟ ଦର ବୃଦ୍ଧି ଅମାନବୀୟ ଓ ଅଦୁରଦର୍ଶୀ ନିଷ୍ପତ୍ତି। ରେଳ ବିଭାଗ ପକ୍ଷରୁ ସହଯୋଗ ପରିବର୍ତ୍ତେ ଦାଉ ସାଧିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ସଂଗଠନ ପକ୍ଷରୁ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି।

## ପୁରୁଣାପାଣିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଦାବି



ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଦାବି କରି ଜିଲାପାଳଙ୍କ ଅଫିସକୁ ଆସିଥିବା ଜନସାଧାରଣ।

ଦେବଗଡ,୧୯।୩(ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ ପୁରୁଣାପାଣି ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଦାବି ଟେଜିଛି। କେଲଡା, କାଦୋପଡା ଓ ଝରାକଣ୍ଠଳ ପଞ୍ଚାୟତର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଜରୁରୀ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ଗୁରୁବାର ଏହିସବୁ ଅଞ୍ଚଳର ଜନସାଧାରଣ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ହରିହର ନାୟକ, ଡୋଳାକର ଭୋଇ, ହୃଷିକେଶ ସାହୁ, ଲୁଲୁ ନାଏକ, ଏରନ ଟୀଗା ଓ ଶାନ୍ତିଲତା ପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏହାର ନକଲ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଦେବଗଡ ବିଧାୟକ, ସମ୍ବଲପୁର ଏମ୍‌ପି ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି।

### ଝଡ଼ବର୍ଷା ସାଙ୍ଗକୁ କରାମାଡ଼

ବରଗଡ଼ ଅଫିସ୍,୧୯।୩

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନରେ ଝଡ଼ବର୍ଷା ସହିତ କରାମାଡ଼ (କୁଆପଥର ବୃଷ୍ଟି) ହୋଇଛି। ଜିଲାର ପ୍ରାୟ ସବୁ ଅଞ୍ଚଳରେ ହୋଇଥିବା ଅଦିନିଆ ବର୍ଷାରେ ଜନଜୀବନ ପ୍ରଭାବିତ ହୋଇଛି। ଝଡ଼ବତାସରେ କେତେକ ସ୍ଥାନରେ ଗଛ, ଡାଳ ଭାଙ୍ଗିଯିବା ଯୋଗୁ ବରଗଡ଼–ବରପାଲି, ଭଟଲି–ନୂଆଗଡ଼, ଭଟଲି–କେଶେଇପାଲି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କରାମାଡ଼ରେ ଜିଲାର ଅନେକ ସ୍ଥାନରେ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ବରଗଡ଼ ନଦୀପଡ଼ା ଭଳି ଅନେକ ସ୍ଥାନରେ ଘରଛାତ ଉପରେ ଗଛଡ଼ାଳ ଭାଙ୍ଗି ପଡ଼ିବାରୁ ଘରଛାତ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

## ଗୋଶାଳା ସମ୍ମୁଖରେ ସବୁଜ ଘାସ ପଡ଼ିଆ ନେଇ ପ୍ରୟାସ

ରାଉରକେଲା ଅଫିସ, ୧୯।୩

ବେଦବ୍ୟାସ ଗୋଶାଳା ସମ୍ମୁଖରେ ଏକ ସବୁଜ ଘାସ ପଡିଆ ପାଇଁ ପଦକ୍ଷେପ ନିଆଯାଇଛି। ଏହା ଦ୍ୱାରା ଗୋଶାଳା ଉପରେ ନିର୍ଭର କରୁଥିବା ଗାଈଙ୍କୁ ଖାଦ୍ୟାଭାବ ହେବ ନାହିଁ ବୋଲି ଆଶା ବ୍ୟକ୍ତ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଭବିଷ୍ୟତରେ ଗୋଶାଳାର ସଂପ୍ରସାରଣ ସହ ଖାଦ୍ୟାଭାବ ଦୂର କରାଯାଇ ପାରିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ଏହି ଅବସରରେ ବିନୋଦ ବାଲ୍ଲିଆଲାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ଗୋଧନ ପ୍ରେମୀ ଉପସ୍ଥିତ ଥିଲେ। ଉପାଧକ୍ଷ ବଦ୍ରିନାରାୟଣ ମାହେଶ୍ୱରୀ, ସମ୍ପାଦକ ହରିଓମ୍ ବଂଶଲ ପ୍ରମୁଖ ନିଜ ବକ୍ତବ୍ୟରେ କହିଥିଲେ ଗୋମାତାକୁ କୌଣସି ପରିସ୍ଥିତିରେ ଅବହେଳା କରାଯିବା ଅନୁଚିତ। ବରଂ ଗୋବଂଶ ବୃଦ୍ଧି ନେଇ ସମସ୍ତେ ଆଗଭର ହେବା ଉଚିତ ବୋଲି ଏଥିରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଗୋଭକ୍ତ ପ୍ରବୀଣ ଗର୍ଗ, ବିହାରୀଲାଲ ରତୋରିଆ, ଓମ୍‌ପ୍ରକାଶ ବାପୋଡିଆ, ବିଷ୍ଣୁ ଦୟାଲ ଅଗ୍ରୱାଲ, ଗୋପୀଚାନ୍ଦ ଗୁପ୍ତା, ପ୍ରବୀଣ ଜୈନ ଓ ସୁରେଶ ମିତଲ ପ୍ରମୁଖ ଉପସ୍ଥିତ ଥିଲେ।



ରୋପଣ ପାଇଁ ସଂଗହ କରାଯାଇଥିବା ଘାସଚାରା।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଥାନାରେ ମାମଲା

ଦେବଗଡ,୧୯।୩(ଡି.ଏନ.ଏ)

ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା। ପୀଡିତା ଯୁବତୀଙ୍କୁ ପ୍ରତାରକ ଯୁବକଙ୍କ ପରିବାର ଲୋକେ ହତ୍ୟା ଧମକ ଦେଇଥିବା ନେଇ ଦେବଗଡ ଜିଲା କୁଣ୍ଢେଇଗୋଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୁଣ୍ଢେଇଗୋଳା ଥାନା ଧୀରମୁଣ୍ଡାର ଅଜିତ ଘଡେଇଙ୍କର ବାରକୋଟ ଥାନା ଅନନ୍ତପିଚ୍ଛୁଳା ଗ୍ରାମର ଜଣେ ୨୫ବର୍ଷୀୟା ଯୁବତୀଙ୍କ ମଧରେ ପ୍ରେମ ସମ୍ପର୍କ ଥିଲା। ବିବାହର ପ୍ରତିଶ୍ରୁତି ଦେଇ ଅଜିତ ସମ୍ପୃକ୍ତ ଯୁବତୀଙ୍କ ସହ ମିଳାମିଶା କରୁଥିଲେ। ଗତ ୧୨ତାରିଖ ଦିନ ଆଜିତ ପ୍ରଲୋଭିତ କରି ଉକ୍ତ ଯୁବତୀଙ୍କୁ ରାଉରକେଲା ନେଇ ଏକ ହୋଟେଲରେ ରହିଥିଲେ। ତେବେ ସେଠାରେ ଯୁବତୀ ଜଣକ ବିବାହ ପାଇଁ ଜିଦ୍ ଧରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯୁବତୀଙ୍କୁ ଛାଡି ଅଜିତ ନିଜ ଘରକୁ ଚାଲି ଆସିଥିଲେ। କୌଣସିମତେ ରାଉରକେଲାରୁ ଆସି ଯୁବତୀ ଜଣକ ଗତ ୧୫ ତାରିଖ ଧୀରମୁଣ୍ଡାସ୍ଥିତ ଅଜିତଙ୍କ ଘରକୁ ଆସି ବିବାହ ପାଇଁ ଅଡି ବସିଥିଲେ। ଅଜିତଙ୍କ ପରିବାର ଲୋକେ ତାଙ୍କଠାରୁ ମୋବାଇଲ ଓ ମନିପର୍ସ ଛଡାଇ ନେବାସହ ମାଡମାରି ବାହାର କରିଦେଇଥିଲେ। ଅନ୍ୟନୋପାୟ ହୋଇ ସେ ଏ ସମ୍ପର୍କରେ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଅଜିତ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଦଫା ୩୭୬, ୨୯୭, ୩୨୩, ୨୯୪, ୫୦୬ ଓ ୩୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ରେଙ୍ଗାଲି ଡ୍ୟାମ୍‌ରେ ବୁଡ଼ିଗଲା ଡଙ୍ଗା

ଦେବଗଡ, ୧୯।୩(ଡି.ଏନ.ଏ.)

**ପହଁରି କୂଳକୁ ଆସିଲେ ୩ ମତ୍ସ୍ୟଜୀବୀ, ଜଣେ ନିଖୋଜ**

**ଜଣକୁ ଉଦ୍ଧାର କଲା ଦମକଳ ବାହିନୀ**

ଦେବଗଡ ଜିଲା ରେଙ୍ଗାଲି ଡ୍ୟାମ ଜଳଭଣ୍ଡାରକୁ ମାଛ ମାରିବାକୁ ଯାଇ ୫ଜଣ ମତ୍ସଜୀବୀ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେମାନଙ୍କର ଡଙ୍ଗା ଡ୍ୟାମରେ ବୁଡିଯାଇଛି। ତେବେ ଉକ୍ତ ୫ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୩ଜଣ ସୁରକ୍ଷିତ ଭାବେ କୂଳକୁ ପହଁରି ଫେରିଆସିଥିବା ବେଳେ ଦୁଃଖ ଧିବର ନାମକ ଜଣେ ମତ୍ସ୍ୟଜୀବୀଙ୍କୁ ଦମକଳ ବାହୀନୀ ଉଦ୍ଧାର କରିଛି। ତେବେ ପଟୁ ଧିବର ନାମକ ଅନ୍ୟଜଣେ ମତ୍ସ୍ୟଜୀବୀଙ୍କ ପତ୍ତା ମିଳିନାହିଁ। ଦମକଳବାହିନୀ ତାଙ୍କୁ ଖୋଜୁଛି। ଖବର ମୁତାବକ ଅପରାହ୍ନ ପ୍ରାୟ ସାଢେ ୪ଟାରେ ହଠାତ ପ୍ରବଳ ବେଗରେ ପବନ ବୋହିବା ଯୋଗୁଁ ବାରକୋଟ ବ୍ଲକ ଅଧିନ ବାଲିରୋଇ ନିକଟରେ ରହିଥିବା ରେଙ୍ଗାଲି ଡ୍ୟାମ ଜଳଭଣ୍ଡାର(ବ୍ରାହ୍ମଣୀ ନଦୀ)କୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀଜୀମାନଙ୍କର ଡଙ୍ଗା ବୁଡିଯାଇଥିଲା। ସେମାନେ ଜୀବନ ବଞ୍ଚାଇବା ପାଇଁ ପାଣିକୁ ଡିଆଁ ମାରିବା ସହ କୂଳକୁ ପହଁରି ଆସିବାକୁ ଉଦ୍ୟମ କରିଥିଲେ। ମାତ୍ର ବିପରୀତ ଦିଗରୁ ପବନ ବୋହିବା ଯୋଗୁଁ ସେମାନେ ପହଁରି ପାରି ନ ଥିଲେ। ଏମାନଙ୍କ ମଧ୍ୟରୁ କେତେକ ନିକଟରେ ଥିବା ଏକ ତାଳଗଛରେ ଦୀର୍ଘ ସମୟ ଧରି ଲଟକି ରହିଥିଲେ। ପବନ କମିବାରୁ କୂଳକୁ ଆସିଥିଲେ। ତେବେ ବାଲିରୋଇ ଗ୍ରାମ ପଟୁ ଧିବର ଓ ଦୁଃଖ ଧିବର ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଗ୍ରାମବାସୀ ଏ ସମ୍ପର୍କରେ ବାରକୋଟ ଦମକଳ ବାହିନୀକୁ ସୂଚନା ଦେଇଥିଲେ।

## ଗଛ ଉପୁଡ଼ିଲା, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ଦେବଗଡ,୧୯।୩(ଡି.ଏନ.ଏ)

ଗୁରୁବାର ଅପରାହ୍ନରେ ଦେବଗଡ ପୌରାଞ୍ଚଳ ସମେତ ଜିଲାର ତିନିଟିଯାକ ବ୍ଲକରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଅପରାହ୍ନରେ ପ୍ରବଳ ବେଗରେ ପବନ ସହ ବର୍ଷା ହେବାରୁ ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାତାୟତରେ ବାଧା ସୃଷ୍ଟି କରିଥିଲା। କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିବାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି କରିଥିଲା। ଦେବଗଡ ପୌରାଞ୍ଚଳର ପୁରୁଣାଗଡ ପୋଲିସ ରିଜର୍ଭ ନିକଟରେ ଥିବା ଏକ ବଡ ଗଛ ଉପୁଡି ବିଜୁଳି ତାର ଉପରେ ପଡିବାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅନ୍ଧକାରମୟ ହୋଇ ଯାଇଥିଲା। ଝଡବର୍ଷା ଯୋଗୁ ବ୍ୟାପକ ଫସଲହାନୀ ଘଟିଛି।

### ଦେବଗଡ଼ରେ କାଳବୈଶାଖୀର ତାଣ୍ଡବ



ଏକ ଗଛ ଉପୁଡି ରାସ୍ତା ଉପରେ ପଡିଛି।

# ବିଲୀନ ହେବ ୭୭ ବର୍ଷର ସ୍ମୃତି

## ଝାରସୁଗୁଡ଼ାର ଲେୱିସ ହଲ୍

ଝାରସୁଗୁଡା ଅଫିସ,୧୯।୩

ଗୋଟିଏ ଜାତିର ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ଦିଏ ପୁରାତନ କୀର୍ତ୍ତିରାଜି। ଆଗାମୀ ପିଢ଼ି ଏହି ପୁରାତନ କୀର୍ତ୍ତିରାଜକୁ ସୁରକ୍ଷିତ ରଖି ପୂର୍ବ ଗୌରବକୁ ପ୍ରଚାର ପ୍ରସାର କରିଥାଏ। ହେଲେ ଝାରସୁଗୁଡା ଜିଲାରେ ଥିବା ଏକ ପୁରାତନ ଐତିହ୍ୟକୁ ନଷ୍ଟ କରିବାକୁ ପୌର ପରିଷଦ ନିଷ୍ପତ୍ତି ନେଇଥିବ ଜଣାପଡିଛି। ଏହାକୁ ସହରର ବୁଦ୍ଧିଜୀବୀ ମହଲ ନାପସନ୍ଦ କରିବା ସହ ଏହାର ପୁନରୁଦ୍ଧାର ଦାବି କରିଛନ୍ତି।

ଝାରସୁଗୁଡା ସହର ମଙ୍ଗଳବଜାର ସ୍ଥିତ ଏବେକାର ଟାଉନ ହଲ ପୂର୍ବରୁ ଲେୱିସ ହଲ ଭାବେ ପରିଚିତ ଥିଲା। ୧୯୪୩ ମସିହା ଡିସେମ୍ବର ୩ ତାରିଖରେ ତତ୍କାଳୀନ ଓଡିଶାର ରାଜ୍ୟପାଳ ସାର୍ ୱିଲିୟମ ହାଥ୍ରୋନେ ଲେୱିସଙ୍କ ଝାରସୁଗୁଡା ଗସ୍ତ ଅବସରରେ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଲେଡି ମାର୍ଗାରେଟ ଲେୱିସ ଏହି ହଲ୍‌ର ଶିଳାନ୍ୟାସ କରିଥିଲେ। ଏହି ହଲ ନିର୍ମାଣ ପରେ ଏହାକୁ ଜନସାଧାରଣଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଭାରତ ସ୍ୱାଧୀନ ହେବା ପରେ ଏହା ଝାରସୁଗୁଡା ପୌର ପରିଷଦ ଅଧୀନକୁ ଆସିଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ପରିବର୍ତ୍ତନ କରାଯାଇ ଟାଉନ ହଲ ଭାବେ ନାମିତ କରାଯାଇଥିଲା। ଗତ ୧୯୬୨ ନଭେମ୍ବର ୭ରେ ଉତ୍ତର ପ୍ରଦେଶର ରାଜ୍ୟପାଳ ବିଶ୍ୱନାଥ ଦାସ ଏହାକୁ ବିଧିବଦ୍ଧ ଭାବେ ଉଦଘାଟନ କରିଥିଲେ। ଏହା ପରଠାରୁ ଏଠାରେ ବିଭିନ୍ନ ସଭା, ସମିତି, ସାଂସ୍କୃତିକ




ଲେୱିସ ହଲ୍ ତଥା ଟାଉନ ହଲ୍।

କାର୍ଯ୍ୟକ୍ରମ, ବିବାହ ଉତ୍ସବ ଆଦି ହୋଇଆସୁଥିଲା। ଏଥିରୁ ପୌର ପରିଷଦ ରାଜସ୍ୱ ମଧ ପାଉଛି। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ପାଇଁ ପୌର ପରିଷଦ ପକ୍ଷରୁ ପଦକ୍ଷେପ ନିଆଯାଇଛି। ହେଲେ ଏହି ହଲ୍‌କୁ ଦେଖିଲେ ଜଣାପଡେ ଯେ ନାମକୁ ମାତ୍ର ଏହାକୁ ମରାମତି କରାଯାଉଥିଲା। ଅନ୍ୟପକ୍ଷରେ ଏହି ହଲକୁ ସୁରକ୍ଷିତ ଭାବେ ସ୍ମୃତି କରି ରଖିବା ପରିବର୍ତ୍ତେ ଏହାକୁ ଭାଙ୍ଗିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏଠାରେ ତିନି ମହଲା ବିଶିଷ୍ଟ କୋଠା ନିର୍ମାଣ କରି ଅତ୍ୟାଧୁନିକ ଟାଉନ ହଲ କରିବାକୁ ଯୋଜନା ରଖାଯାଇଛି। ଏଭଳି ହେଲେ ଦୀର୍ଘ ୭୭ ବର୍ଷର ଇତିହାସ ଜନମାନସରୁ ଲିଭିଯିବ। ଆଗାମୀ ପିଢ଼ି ଏହି ଲେୱିସ ହଲ ସମ୍ପର୍କରେ ଜାଣିପାରିବେ ନାହିଁ। ସେହିପରି ଏହି ହଲ ପରିସର ଏବେ ପରିତ୍ୟକ୍ତ ହୋଇ ରହିଛି। ଏଠାରେ ପୌର ପରିଷଦର ଅଦରକାରୀ ଗାଡି ଓ ବିଭିନ୍ନ ସାମଗ୍ରୀକୁ ରଖାଯାଉଛି। ଫଳରେ ଏଠାକାର ପରିବେଶ ସମ୍ପୂର୍ଣ୍ଣ ଭାବେ ଅସ୍ୱାସ୍ଥ୍ୟକର ହୋଇପଡିଛି।




"ପୂର୍ବ ନିର୍ବାଚିତ ବୋର୍ଡ ଏହି ହଲ୍‌କୁ ଭାଙ୍ଗି ଏଠାରେ ତିନି ମହଲା ବିଶିଷ୍ଟ କୋଠା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ଆବଶ୍ୟକ ସମୟରେ ପାଣ୍ଠି ନ ଆସିବାରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇପାରି ନାହିଁ। ତେବେ ବର୍ତ୍ତମାନ ଏହାର ମରାମତି କରାଯିବା ପାଇଁ ପଦକ୍ଷେପ ନିଆଯାଉଛି।

-**ରାମଚନ୍ଦ୍ର ପ୍ରଧାନ**, ପୌର ପରିଷଦ ନିର୍ବାହୀ ଅଧିକାରୀ।



"ଦେଶକୁ ଇଂରେଜମାନେ ଶାସନ କରୁଥିବା ବେଳେ ଏହି ହଲ୍ ନିର୍ମାଣ କରାଯାଇଥିଲ। ପରବର୍ତ୍ତୀ ସମୟରେ ଏହା ଟାଉନ ହଲ୍ ଭାବେ ବ୍ୟବହାର ହେଉଛି। ଏହା କେବଳ ଝାରସୁଗୁଡା କି ଓଡିଶା ନୁହେଁ ବରଂ ଭାରତ ପାଇଁ ଗୌରବମୟ ଇତିହାସର ମୂକସାକ୍ଷୀ। ଏହାକୁ ସୁରକ୍ଷିତ ରଖି ଜିଲାବାସୀଙ୍କ ପାଇଁ ଏକ ସ୍ମୃତିସ୍ଥଳ ଭାବେ ଘୋଷଣା କରାଯିବା ଉଚିତ।

- **ମାନସୀ ପଣ୍ଡା**, ସାମାଜିକ କର୍ମୀ, ଝାରସୁଗୁଡା



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### କରୋନା ସଂକ୍ରମଣ ରୋକିବାକୁ ସଚେତନତା

**ସୋନପୁର,୧୯।୩(ନି.ପ୍ର.)**
ସୋନପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପକ୍ଷରୁ କରୋନା ସଂକ୍ରମଣ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଗୁରୁବାର କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ବିଇଓ ଘନଶ୍ୟାମ ମେହେରଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ରାସ୍ତାରେ ଯାଉଥିବା ଜନସାଧାରଣଙ୍କୁ ହାତ ଧୋଇବା ନେଇ ସଚେତନ କରିବା ସହ ସାମାଜିକ ଦୂରତା ବଜାୟ ରଖିବା ଉପରେ ବୁଝାଇଥିଲେ । ଲିଫଲେଟ ବଣ୍ଟନ ସହ କରୋନା ଭାଇରସ ସମ୍ପର୍କରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ ବୋଲି ବିଇଓ ମେହେର ପ୍ରକାଶ କରିଛନ୍ତି । ଗୀତା ଦରୱାନ, ସସ୍ମିତା ସାହୁ, ଦୋଳଗୋବିନ୍ଦ ପଣ୍ଡା, ଚିତ୍ତରଞ୍ଜନ ମେହେର, ଦୀନବନ୍ଧୁ ମିଶ୍ର, ଫକୀର ଚରଣ ଭୋଇ, ସରୋଜ ମିଶ୍ର ପ୍ରମୁଖ ସାମିଲ ଥିଲେ ।

# ପ୍ରତିରୋଧ ପାଇଁ ବ୍ୟାପକ ସଚେତନତା ଆବଶ୍ୟକ

**କରୋନା ଆତଙ୍କ**

**ଅମରପାଲି,୧୯।୩ (ଡି.ଏନ.ଏ.)**
ଭାରତ ସମେତ ସାରା ବିଶ୍ୱରେ ଏବେ କରୋନା ଭାଇରସ୍ ଭୟାବହ ସ୍ଥିତି ସୃଷ୍ଟି କରିଛି। ବିଭିନ୍ନ ଦେଶର ଲୋକ ଏବେ ଭୟ ଓ ଆଶଙ୍କାରେ ଦିନ କାଟିବା ସହ ନିଜ ଘରେ ବନ୍ଦୀ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ଯଦିଓ ଓଡିଶାରେ ଏଯାବତ୍ ଜଣେ ମାତ୍ର ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇଛନ୍ତି ତଥାପି ସରକାର ଏହାର ମୁକାବିଲା ପାଇଁ ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି। ଓଡିଶାର ବିଭିନ୍ନ ଜିଲାରେ ୧୪୪ ଧାରା ଜାରି କରାଯାଇଥିବା ବେଳେ ଅନେକ ସ୍ଥାନରେ ସଭା ସମିତି, ଧାର୍ମିକ କାର୍ଯ୍ୟକ୍ରମରେ ଏକତ୍ରିତ ହେବାକୁ ବାରଣ କରାଯାଇଛି। ଏହାସହିତ ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରାଯାଇଛି। କରୋନା ଭାଇରସ୍ ନେଇ ଲୋକେ ଆତଙ୍କିତ ଅଛନ୍ତି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଲୋକେ ଏହାକୁ ନେଇ ଦେଇଥିବା ପ୍ରତିକ୍ରିୟା।

## ସେମାନେ ଯାହା କୁହନ୍ତି.....



"କରୋନା ଭାଇରସ୍‌କୁ ଡରିବାର କୌଣସି କାରଣ ନାହିଁ। ଆମେ ଏହାକୁ ପ୍ରତିରୋଧ କରିବା ପାଇଁ ସଚେତନ ହେବା। ଏଥିପାଇଁ ଆମ ସ୍ୱାସ୍ଥ୍ୟ ବିଭାଗ ସତର୍କ ଅଛି। ଯଦି କୌଣସି ବ୍ୟକ୍ତିଙ୍କୁ ସନ୍ଦେହ କରାଯାଉଛି ତାଙ୍କୁ ସ୍ୱତନ୍ତ୍ର କକ୍ଷରେ ରଖି ଚିକିତ୍ସା କରିବାର ବ୍ୟବସ୍ଥା କରାଯାଉଛି। ସମସ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ମଧ୍ୟ ଏଥିପାଇଁ ସଜାଗ ଅଛନ୍ତି।

**–ଡା. ସଞ୍ଜୟ ମହାପାତ୍ର, ଏସଡିଏମଓ , ବୀରମହାରାଜପୁର।**



"କରୋନା ପାଇଁ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଏହାର ସୁଯୋଗ ନେଇ ଅନେକ ଖଳ ପ୍ରକୃତିର ଲୋକ ବିଭିନ୍ନ ଭ୍ରମାତ୍ମକ ମନ୍ତବ୍ୟ ଦେଉଛନ୍ତି। ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ତୁଳସୀପତ୍ର ଖାଇବା ସହିତ ଘର ଆଗରେ ପୂଜା କରି ଦୀପ ଲଗାଉଥିବା ଦେଖାଯାଉଛି। ତେବେ ଏନେଇ ଗାଁ ଗହଳିର ଲୋକଙ୍କୁ ସେଭଳି ସଚେତନ କରାଯାଉ ନାହିଁ।

**–ରାଧେଶ୍ୟାମ ମିଶ୍ର, ଖଣ୍ଡହତା ।**



"କରୋନା ଭାଇରସ ପାଇଁ ଆମେ ଭୟଭୀତ ଅବସ୍ଥାରେ ଅଛୁ। ଏହା କିଭଳି ବ୍ୟାପୁଛି ଓ ଏହାର ଲକ୍ଷଣ ଆମେ ବିଭିନ୍ନ ଗଣମାଧ୍ୟମରୁ ଜାଣିବାକୁ ପାଉଛୁ। ଏହା ସମଗ୍ର ବିଶ୍ୱ ପାଇଁ କୋକୁଆ ଭୟ ସଦୃଶ ହୋଇଛି। ଏହି ସମୟରେ ଆମେ ସମସ୍ତେ ଏହାର ପ୍ରତିରୋଧ ପାଇଁ ସଚେତନ ହେବା ଜରୁରୀ।

**–ଶେଷଦେବ ମାଝୀ, ଭାଲୁଡୁଙ୍ଗୁରୀ ।**



"ମୁଁ ଅଷ୍ଟମ ଶ୍ରେଣୀରେ ପଢୁଛି। କରୋନା ଭାଇରସ୍ ପାଇଁ ସ୍କୁଲ ବନ୍ଦ ରହିବା ସହିତ ପରୀକ୍ଷାକୁ ମଧ୍ୟ ସ୍ଥଗିତ କରାଯାଇଛି। ଆଗକୁ ପରୀକ୍ଷା ହେବା ନେଇ ସନ୍ଦେହ ଦେଖାଯାଇଛି। ପରୀକ୍ଷା ନ ହେବାରୁ ନିରାଶ ହୋଇ ଅଛି। ଯଥାଶୀଘ୍ର ଏହି ବିପତ୍ତିରୁ ରକ୍ଷା କରିବାକୁ ଭଗବାନଙ୍କୁ ପ୍ରାର୍ଥନା କରୁଛି।

**–ଅବିନାଶ ପୂଜାହାରୀ, ବୀରମହାରାଜପୁର।**



### କରୋନା ପାଇଁ ନବାହ୍ନ ପାରାୟଣକୁ ବନ୍ଦ କଲା ପ୍ରଶାସନ

**ଉଲୁଣ୍ଡା,୧୯।୩(ଡି.ଏନ.ଏ.)**
କରୋନା ସତର୍କତା ସ୍ୱରୂପ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନିମନାଠାରେ ଚାଲିଥିବା ନବାହ୍ନ ପାରାୟଣକୁ ପ୍ରଶାସନ ତରଫରୁ ବନ୍ଦ କରାଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ନବାହ୍ନ ପାରାୟଣର ଗୁରୁବାର ଥିଲା ସପ୍ତମ ଦିବସ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉଲୁଣ୍ଡା ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ମଧ୍ୟାହ୍ନରେ ଗ୍ରାମକୁ ଯାଇ ଆୟୋଜକଙ୍କ ସହିତ ଆଲୋଚନା କରିଥିଲେ। ସାମ୍ପ୍ରତିକ ସମୟରେ କରୋନା ଯୋଗୁ ଜନଗହଳି ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସରକାରୀ ନିୟମ ଅନୁସାରେ ବନ୍ଦ କରାଯାଉଛି ବୋଲି ସେ କହିଥିଲେ। ଫଳରେ ଆୟୋଜକମାନେ ବାସ୍ତବ ସମସ୍ୟାକୁ ଅନୁଭବ କରି କାର୍ଯ୍ୟକ୍ରମକୁ ବନ୍ଦ କରି ଦେଇଥିଲେ।

## ଆବାସ ଯୋଜନାରୁ ବଁଚିତ୍ ଦିବ୍ୟାଙ୍ଗ

**ଜହ୍ନାପଙ୍କ, ୧୯।୩ (ଡି.ଏନ୍.ଏ.)**
କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗରିବ୍ ଦୁଖି, ନିଆଁସି, ଦିବ୍ୟାଙ୍ଗମାନକୁ ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ବିଜୁ ପକାଘର ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ବୌଦ୍ଧ ଜିଲା ସଦର ବ୍ଲକରେ ଇ ଯୋଜନା ବାଟ୍‌ବନା ହେଇଥିବାର ଅଭିଯୋଗ ହେଉଛେ। ସୂଚନା ଅନ୍‌ସାରେ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଁଚେତ୍ ମନ୍ଦିର ସାହିର ଶମ୍ଭୁ ନାଏକଙ୍କର ଝିଁ ବାସନ୍ତୀ ନାଏକ(୩୮)। ଆଏଜ୍‌କେ ୨୦ ବଛର ତଲେ ସେ ଇ ପଁଚେତ୍ ଅଧୀନ ଡୁମୁରିବେଡ଼ା ଗାଁରେ ବିହା ହେଇଥିଲେ। ବିହାର ମାସକେତେ ଉତାରୁ ବାସନ୍ତୀଙ୍କର ମାନ୍‌ସିକ ଥିତି ଠିକ୍ ନାଇଁ ରହିଲା। ଏନ୍ତାଥି ପରିବାର



ଦିବ୍ୟାଙ୍ଗ ବାସନ୍ତି ନାଏକ।

ତରଫୁ ସମାଜର ବଇଠକ୍ ଡାକି ବାସନ୍ତୀଙ୍କର ଛାଡ଼ପତର କରାଯାଇଥିଲା। ସେ ଦିନ୍‌ଠାନୁ ଆଏଜ୍‌କେ ୧୮ ବଛର ହେଲା ବାସନ୍ତୀ ବାପ୍ ଘରେ ଆଶ୍ରେ ନେଇଛନ୍। ମାନ୍‌ସିକ ଥିତି ବିଗିଡ଼ି ଯିବାର ଲାଗି ଏହେଦେ ବାସନ୍ତୀ ଦିବ୍ୟାଙ୍ଗ ଜୀବନ୍ ବିତଉଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଶମ୍ଭୁ କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ପରିବାରକେ ସରକାରୀ ଯୋଜନାରେ ମାସିକ ୧୫ କେ.ଜି. ଚାଉଳ ଆର ୧୫ଶହ ଟଁକା ଭତା ମିଲୁଛେ। ହେଲେ ଶମ୍ଭୁ ଦିବ୍ୟାଙ୍ଗ ଝିଁକେ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଥାନୀଅ ସରପଁଚ୍‌ନୁ ବିଡିଓ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ବୌଦ୍ଧ ବିଡିଓ ସନ୍ତୋଷ କୁମାର ଜାନୀଙ୍କୁଁ ପଚ୍‌ରାଲାରୁ ଯଦି ୱେଟିଂ ଲିଷ୍ଟରେ ତାକର ନାଁ ଥିବା ତାହାକୁ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ: ୩ ଗୁରୁତର

**ମନମୁଣ୍ଡା,୧୯।୩ (ଡି.ଏନ.ଏ)**
ମନମୁଣ୍ଡା ଥାନା ଗୁନ୍ଦୁଲିଆ ପଞ୍ଚାୟତ ଟୁନିଖମାର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠୀ ମରଣାନ୍ତକ ଆକ୍ରମଣ କରିବା ଫଳରେ ଏକ ପରିବାରର ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ତିନି ଜଣ ହେଲେ ସେହି ଗ୍ରାମର କୁନ୍ତଲା କର୍ଣ୍ଣ (୪୫) ତାଙ୍କ ସ୍ୱାମୀ ଭୀମ (୫୫) ଏବଂ କୁନ୍ତଲାଙ୍କ ଶ୍ୱଶୁର ଚନ୍ଦ୍ରମଣି କର୍ଣ୍ଣ (୭୫)। ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୫ଟା ବେଳେ ଟୁନିଖମାରର ବି. କର୍ଣ୍ଣ ଏବଂ ତାଙ୍କ ସହଯୋଗୀମାନେ ଉପରୋକ୍ତ ୩ଜଣଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଏକ କୁରାଢି ବେଣ୍ଟରେ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ମନମୁଣ୍ଡା ଥାନାଠାରୁ ପ୍ରାୟ ୩୫ କିମି ଦୂରରେ ଜଙ୍ଗଲ ପାହାଡ ପରିବେଷ୍ଟିତ ଉକ୍ତ ଜାଗାରେ ସେମାନେ ଦୀର୍ଘ ୪ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପାଇ ପାରି ନ ଥିଲେ। ଏହାଛଡା କରୋନା ଭୟ ଏବଂ ଆରଟିଓ ତନଖି ଭୟରେ କୌଣସି ଘରୋଇ ଗାଡି ଚାଳକ ମଧ ସେଠାକୁ ଯିବାକୁ ମଙ୍ଗି ନ ଥିଲେ। ଶେଷରେ କୁନ୍ତଲାଙ୍କ ବାପା ନାରାୟଣ ମହାକୁଡଙ୍କ ଅନୁରୋଧ କ୍ରମେ ଦହ୍ୟାର ଜଣେ ସାମାଜିକ କର୍ମୀ ତାଙ୍କ ଗାଡି ଦେବାରୁ ଆହତ ବ୍ୟକ୍ତିଙ୍କୁ ପ୍ରଥମେ ମନମୁଣ୍ଡା ସିଏଚସିରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ସୋନପୁର ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ କର୍ମୀ ଆହତଙ୍କ ପରିବାର ତରଫରୁ ଏ ନେଇ ରାତି ପ୍ରାୟ ୮ଟାରେ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ଗୋପୀନାଥ ପ୍ରଧାନ ଏହାର ତଦନ୍ତ ଦାୟିତ୍ୱ ଶଗଡା ଫାଣ୍ଡି ଅଧିକାରୀ ଏସଆଇ ଅରୁଣ ସିଂଙ୍କୁ ପ୍ରଦାନ କରିଥିବା ଜଣାଯାଇଛି।

## ୨୦ ମିନିଟ୍ ଧରି କୁଆପଥର ବର୍ଷା : ଧାନ କ୍ଷୟକ୍ଷତି ନେଇ ଚିନ୍ତାରେ ଚାଷୀ

**ବିନିକା,୧୯।୩(ଡି.ଏନ୍.ଏ)**
ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଗୁରୁବାର ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ପ୍ରବଳ ଝଡ ତୋଫାନ ସହ ବର୍ଷା ହୋଇଛି। ଏଥିସହିତ ଅଞ୍ଚଳର ବହୁ ସ୍ଥାନରେ ୨୦ ମିନିଟ ଧରି କୁଆପଥର ବର୍ଷା ହୋଇଥିବା ଜଣାପଡିଛି । ବିନିକା ବ୍ଲକ ସିଂଘିଯୁବା ଗ୍ରାମ ପଞ୍ଚାୟତ ଏବଂ ଭଣ୍ଡାର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ କୁଆପଥର ମାଡ ହୋଇଥିବା ଦେଖା ଯାଇଥିଲା । ଝଡ ବତାସ ଯୋଗୁ ବିନିକା ବ୍ଲକର ବିଭିନ୍ନ ଗ୍ରାମରେ ଗଛ ଉପୁଡି ପଡିଛି । ତାର ଛିଣ୍ଡି ପଡିବାରୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଛି । କୁଆପଥର ମାଡରେ ଏହି ଅଞ୍ଚଳରେ ଚାଷ ହୋଇଥିବା ଧାନଫସଲର ପ୍ରଭୂତ



ସିଂଘିଯୁବା ଗାଁର ଏକ ବାଲିଗଦାରେ କୁଆପଥର ବିଛେଇ ହୋଇପଡ଼ିଛି।

କ୍ଷତି ହୋଇଛି। ଏଥିନେଇ ଚାଷୀ ମହଲରେ ଭାଳେଣି ପଡିଯାଇଛି। ସନ୍ଧ୍ୟା ୬ଟା ପରଠାରୁ କେତେକ ସ୍ଥାନରେ ଝିପି ଝିପି ବର୍ଷା ଲାଗି ରହିଛି।

### ମୁହଁରେ ରୁମାଲ ବାନ୍ଧି ଆସିବାକୁ କହିବାରୁ ଅସନ୍ତୋଷ

**ବୌଦ୍ଧ,୧୯।୩(ସ୍ୱ.ପ୍ର.):** କରୋନା ସଂକ୍ରମଣକୁ ରୋକିବା ପାଇଁ ଦେଶର ସମସ୍ତ ଷ୍ଟେଟବ୍ୟାଙ୍କରେ ଗ୍ରାହକମାନେ ପ୍ରବେଶ କରିବା ପୂର୍ବରୁ ସାନିଟାଇଜରରେ ହାତ ସଫା କରିବାକୁ କୁହାଯାଇଛି। ବୌଦ୍ଧ ଷ୍ଟେଟବ୍ୟାଙ୍କରେ ସାନିଟାଇଜର କରାଯାଉ ନ ଥିବା ବେଳେ ଗ୍ରାହକମାନଙ୍କୁ ମୁହଁରେ ମାସ୍କ କିମ୍ବା ରୁମାଲ ନ ବାନ୍ଧିଲେ ପ୍ରବେଶ କରିବାକୁ ଦିଆ ନ ଯିବାରୁ ଏହାକୁ ନେଇ ଗୁରୁବାର ଗ୍ରାହକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏପେଟ ବ୍ୟାଙ୍କ ମଧ୍ୟରେ କୌଣସି ସ୍ଥାନରେ ମଧ୍ୟ ଗ୍ରାହକମାନଙ୍କ ପାଇଁ ସାନିଟାଇଜର ବ୍ୟବସ୍ଥା ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ଏନେଇ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯିବା ପରେ କେବଳ ପ୍ରତ୍ୟେକ ଗ୍ରାହକଙ୍କ ମଧ୍ୟରେ ଦୂରତା ରଖିବା ସହିତ ବିନା ରୁମାଲ କିମ୍ବା ମାସ୍କରେ ସମସ୍ତଙ୍କୁ ଭିତରକୁ ଛାଡିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ। ଏନେଇ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଜିତେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରେ କରୋନା ସଂକ୍ରମଣ ନେଇ ଗ୍ରାହକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## କରୋନା ପାଇଁ ସଚେତନତା ସଭା ଓ ରାଲି



ଘଣ୍ଟାପଡ଼ାରେ ଶୋଭାଯାତ୍ରା।

**ଘଣ୍ଟାପଡା, ୧୯।୩ (ଡି.ଏନ.ଏ.)**
କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଗ୍ରାମପଞ୍ଚାୟତ ସଭାଗୃହରେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀଙ୍କ ତତ୍ତ୍ୱାବଧାନରେ ନାଏବ ସରପଞ୍ଚ, ପିଇଓ ଲଢୁ କିଶୋର ସାହୁ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ), ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କୁ ନେଇ କରୋନା ମୁକାବିଲା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବ୍ଲକ ପ୍ରଶାସନ ତରଫରୁ ଆସିଷ୍ଟାଣ୍ଟ ଜେଇ ସୋମନାଥ ଭୂୟାଁ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ପୁରୁଷ କର୍ମୀ ଓ ମହିଳା କର୍ମୀ ଯୋଗଦେଇ ଲୋକଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଗ୍ରାମରେ କୌଣସି ଜିଲା , ରାଜ୍ୟ କିମ୍ବା ଦେଶ ବାହାରୁ ଯେ କୌଣସି ବ୍ୟକ୍ତି ଆସିଲେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତ ବିଭାଗ କିମ୍ବା ୧୦୪କୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି କୌଣସି ବ୍ୟକ୍ତିଙ୍କୁ ଅଧିକ ଦିନ ଧରି କାଶ, ଛିଙ୍କ ହେଉଥିଲେ ତାଙ୍କଠାରୁ ଦୂରେଇ ରହି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ଅନୁରୋଧ କରିଥିଲେ। ସରପଞ୍ଚ ଦେହୁରୀ ପ୍ରକାଶ କହିଥିଲେ ଯେ, କୌଣସି ବାହାର ବ୍ୟକ୍ତି କିମ୍ବା ଏହି ଲକ୍ଷଣ କାହାଠାରେ ଦେଖାଦେଲେ ତାଙ୍କ ପାଇଁ ଉକ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରାଯାଇଛି । ଏପରି କି ସେମାନଙ୍କୁ ୧୪ ଦିନ ପାଇଁ ମାଗଣା ଖାଦ୍ୟ ଯୋଗାଇ ଦିଆଯିବ। କରୋନା ଲକ୍ଷଣ ଦେଖାଦେଲେ ତାଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଦିଆଯିବ। ନ ହେଲେ ମଧ ୧୪ ଦିନ ପାଇଁ ୧୫ ହଜାର ଟଙ୍କା ରାଜ୍ୟ ସରକାରଙ୍କ ଠାରୁ ଦିଆଯିବାର ବ୍ୟବସ୍ଥା ହୋଇଛି। ପରେ ଘଣ୍ଟାପଡା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଗ୍ରାମ ପରିକ୍ରମା କରି କରୋନା ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

## ପୃଥକ୍‌ବାସରେ ଅଛନ୍ତି ୧୨୦ ବ୍ୟକ୍ତି

**ସୁବର୍ଣ୍ଣପୁର ପ୍ରଶାସନର କରୋନା ସତର୍କତା**

**ସୋନପୁର,୧୯।୩(ନି.ପ୍ର.)**
ସୁବର୍ଣ୍ଣପୁର ଜିଲା ପ୍ରଶାସନ କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି । ମାର୍ଚ୍ଚ ୪ ତାରିଖ କିମ୍ବା ତା ପରଠାରୁ ବିଦେଶରୁ ବା ଅନ୍ୟ ରାଜ୍ୟରୁ ଜିଲାକୁ ଫେରିଥିବା ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ବିଦେଶରୁ ଫେରିଥିବା ଜିଲାର ୮ ଜଣ ବ୍ୟକ୍ତିଙ୍କ ସମେତ ମୋଟ ୧୨୦ ଜଣଙ୍କୁ ଚିହ୍ନଟ କରାଯାଇ ପୃଥକବାସ(ହୋମ ଆଇସୋଲେଶନ)ରେ ରଖାଯାଇଛି। ନିଜ ଘରେ ସେମାନେ ୧୪ ଦିନ ପର୍ଯ୍ୟନ୍ତ ଅଲଗା ରହିବେ। କାହା ସହିତ ମିଳାମିଶା ନ କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ସେମାନଙ୍କ ଉପରେ ନଜର ରଖି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ରିପୋର୍ଟ କରୁଛନ୍ତି । ଆବଶ୍ୟକ ସ୍ଥଳେ ସ୍ଥାନୀୟ ଡାକ୍ତର ପରାମର୍ଶ ପାଇଁ ଯାଉଛନ୍ତି। ଏଭଳି ପୃଥକବାସରେ ରହୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଧିକାଂଶ ଦାଦନ ଶ୍ରମିକ ବୋଲି ଜଣାପଡିଛି। ସଂକ୍ରମଣ ରୋକିବା ପାଇଁ ପୃଥକବାସରେ ରହୁଥିବା ବିଦେଶାଗତ ବ୍ୟକ୍ତିମାନଙ୍କ ପାଇଁ ପନ୍ଦର ହଜାର ଟଙ୍କାର ପ୍ରୋତ୍ସାହନ ଏବଂ ମାଗଣା ଡାକ୍ତରୀ ପରାମର୍ଶର ସୁବିଧା ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା କହିଛନ୍ତି।

# ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ

- ସୁବର୍ଣ୍ଣପୁରରେ କରୋନା ସତର୍କତା
- ମସଜିଦ୍‌ରେ ବନ୍ଦ ସାମୂହିକ ନମାଜ ପାଠ
- ଗାନ୍ଧୀ ପଡିଆରେ ବସିବ ଡେଲି ମାର୍କେଟ୍

**ସୋନପୁର, ୧୯।୩(ନି.ପ୍ର.)**
କରୋନା ଭୂତାଣୁ (କୋଭିଡ୍-୧୯)କୁ ମୁକାବିଲା କରିବା ଲାଗି ରାଜ୍ୟ ସରକାର ସମସ୍ତ ଧର୍ମାନୁଷ୍ଠାନ ପାଇଁ ଉପଦେଶନାମା ଜାରି କରିଛନ୍ତି। ଏହାକୁ ପାଳନ କରିବା ପାଇଁ ଗୁରୁବାର ବିଭିନ୍ନ ମନ୍ଦିରର ପୂଜକ, ସେବାୟତ, ପରିଚାଳନା କମିଟିର କର୍ମକର୍ତ୍ତା ଓ ମସଜିଦ୍‌ର କର୍ମକର୍ତ୍ତାଙ୍କୁ ନେଇ ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହାମାରୀ କରୋନା ଭୂତାଣୁ କବଳରୁ ସୁରକ୍ଷିତ ରହିବା ପାଇଁ ସରକାରଙ୍କ ଉପଦେଶନାମାକୁ ମାନି ଚଳିବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ପରାମର୍ଶ ଦେଇଥିଲେ। ଭକ୍ତଙ୍କ ଭିଡ ଲାଗୁଥିବା ସୋନପୁରର ସୁରେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଖମ୍ବେଶ୍ୱରୀ ମନ୍ଦିର, ଉଲୁଣ୍ଡାର ମେଟାକାନୀ ମନ୍ଦିର, କାଦୋଦରର ମା' ମାହେଶ୍ୱରୀ ମନ୍ଦିର,



ସେବାୟତ, ପୂଜକଙ୍କ ସହ ବୈଠକରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

ଚରଦା ଶିବ ମନ୍ଦିର, ତେଲେଣ୍ଡାର ମା' ରାମଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ସମ୍ପର୍କରେ ଆଲୋଚନା ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ମନ୍ଦିରଗୁଡିକରେ ରୀତିନୀତି ଅନୁଯାୟୀ ଦୈନିକ ପୂଜା ହେବ। କିନ୍ତୁ ସଂକ୍ରମଣ ଆଶଙ୍କା ଥିବାରୁ ଏହିସବୁ ମନ୍ଦିରରେ ସାଧାରଣ ଦର୍ଶନକୁ ଆସନ୍ତା ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ଜିଲାପାଳ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମସଜିଦ୍‌ଗୁଡିକରେ ସାମୂହିକ ନମାଜ ପାଠକୁ ବନ୍ଦ କରାଯାଇଛି। ମନ୍ଦିର ଓ ମସଜିଦରେ ପୋଲିସ କର୍ମଚାରୀ ନିୟୋଜିତ ରହିବେ। ମଝିପଡା ଡେଲି ମାର୍କେଟ୍‌ରେ ସ୍ଥାନାଭାବ କାରଣରୁ ଦୈନିକ ଗହଳି ସୃଷ୍ଟି ହୋଇଥାଏ। ଆସନ୍ତା ୧ତାରିଖ ପର୍ଯ୍ୟନ୍ତ ଏହି ଡେଲି ମାର୍କେଟ୍ ଗାନ୍ଧୀ ପଡିଆରେ ବସିବ। ପରିବା ବିକାଳିମାନେ ଯେପରି ନିଜ ଭିତରେ ଦୂରତା ରକ୍ଷା କରିବେ ତାହା ସୁନିଶ୍ଚିତ କରିବାକୁ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମଙ୍ଗଳବାରଠାରୁ ଗାଁ ଗାଁରେ ଆରମ୍ଭ ହେବାକୁ ଥିବା ଦଣ୍ଡ ନୃତ୍ୟ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି। ଜନଗହଳିକୁ ରୋକିବା ପାଇଁ ସମସ୍ତ ପ୍ରକାର ସଭାସମିତି, ଯାତ୍ରା, ଅପେରା ପ୍ରଦର୍ଶନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି। କଲ୍ୟାଣ ମଣ୍ଡପ, ଧର୍ମଶାଳା, ମନ୍ଦିରରେ କୌଣସି ସାମାଜିକ କାର୍ଯ୍ୟକ୍ରମ ହୋଇ ପାରିବନି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା, ଡାକ୍ତର ନବକିଶୋର ବେହେରା, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ମୁକ୍ତେଶ୍ୱର ପାଣିଗ୍ରାହୀ, ଶ୍ରୀବତ୍ସ ମଲ୍ଲିକ, ସୋମନାଥ ମିଶ୍ର, ମାନଭଞ୍ଜନ ପାଢୀ, ସୁଲେମାନ ଖାନ ଓ ଅଶୋକ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

**ଶ୍ରୀଲଙ୍କାରେ ନିର୍ବାଚନ ବନ୍ଦ**

କରୋନାକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା ସରକାର ଏପ୍ରିଲ ୨୫ରେ ହେବାକୁ ଥିବା ସଂସଦୀୟ ନିର୍ବାଚନକୁ ଗୁରୁବାର ଅନିର୍ଦ୍ଦିଷ୍ଟ କାଳ ଲାଗି ବାତିଲ କରିଦେଇଛନ୍ତି। ନିର୍ବାଚନ କମିଶନର ମହିନ୍ଦା ଦେଶପ୍ରିୟା ଏହି ସୂଚନା ଦେଇଛନ୍ତି। ୨୨୫ ଆସନ ବିଶିଷ୍ଟ ଶ୍ରୀଲଙ୍କା ପାର୍ଲାମେଣ୍ଟ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନାମାଙ୍କନପତ୍ର ଦାଖଲ ସରିଛି। ଶ୍ରୀଲଙ୍କାରେ ୫୦ କରୋନା ସଂକ୍ରମିତ ଚିକିତ୍ସାଧୀନ ଓ ୨୦୦ ସନ୍ଦିଗ୍ଧଙ୍କୁ ହସ୍ପିଟାଲରେ ରଖାଯାଇଛି।

# ଫାଶୀ ପାଇଁ ତିହାର ତିଆର

ନୂଆଦିଲ୍ଲୀ,୧୯।୩(ପି.ଟି.)

ନିର୍ଭୟା ଦୋଷୀଙ୍କୁ ଫାଶୀ ଦେବା ପାଇଁ ତିହାର ଜେଲ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ଥର ଲାଗି ତିହାର ଜେଲରେ ଏକସଙ୍ଗେ ୪ ଜଣ ଫାଶୀ ପାଇବାକୁ ଯାଉଛନ୍ତି। ମିରଟ୍‌ରୁ ଆସି ମଙ୍ଗଳବାର ତିହାର ଜେଲ୍‌ରେ ପହଞ୍ଚିଥିବା ଘାତକ ପବନ ଜହ୍ଲାଦ ଫାଶୀ ଦେବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ଜେଲର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଫାଶୀ ଦଉଡି ଓ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହା ପରେ ଡମି କରାଯାଇଥିଲା। ଅପରାଧୀଙ୍କ ଓଜନର ଦେଢ଼ଗୁଣ ଓଜନବିଶିଷ୍ଟ ବାଲିବସ୍ତାକୁ ଫାଶୀ ଦଉଡିରେ ଝୁଲାଯାଇଥିଲା।


ପବନ ଜହ୍ଲାଦ

### କେଉଁମାନେ ଉପସ୍ଥିତ ରହିବେ

ଦିଲ୍ଲୀ ଜେଲ ନିୟମାବଳୀ, ୨୦୧୮ ଅନୁଯାୟୀ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ମେଡିକାଲର ଭାରପ୍ରାପ୍ତ ଅଫିସର, ଜେଲ୍ ମେଡିକାଲ ଅଫିସର, ଜିଲା ମାଜିଷ୍ଟ୍ରେଟ କିମ୍ବା ଅତିରିକ୍ତ ଜିଲା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଫାଶୀ ଦିଆଯିବ। ଏହି ସମୟରେ ଅନ୍ୟୁନ ୧୦ କନଷ୍ଟେବଳ, ୱାର୍ଡର, ଦୁଇଜଣ ହେଡ୍ କନଷ୍ଟେବଳ, ମୁଖ୍ୟ ୱାର୍ଡର କିମ୍ବା ସମାନ ସଂଖ୍ୟକ ଜେଲ ସୁରକ୍ଷା କର୍ମୀ ଉପସ୍ଥିତ ରହିବେ। ଫାଶୀ ସମୟରେ ଦୋଷୀଙ୍କ ପରିବାର ସଦସ୍ୟଙ୍କୁ ଦେଖିବା ପାଇଁ ଅନୁମତି ଦିଆଯିବ ନାହିଁ। ଯଦି ବନ୍ଦୀ ଚାହାନ୍ତି ତେବେ ତାଙ୍କ ଧର୍ମର ଜଣେ ପୂଜକଙ୍କୁ ଫାଶୀ ସମୟରେ ସେଠାରେ ଉପସ୍ଥିତ ରହିବାକୁ ଅନୁମତି ମିଳିପାରେ। ସେହିପରି ଫାଶୀ ସରିବା ପର୍ଯ୍ୟନ୍ତ ଜେଲ୍‌ର ଅନ୍ୟ ବନ୍ଦୀମାନଙ୍କୁ ସେମାନଙ୍କ ସେଲ୍‌ରେ ବନ୍ଦ କରି ରଖାଯିବ। ଫାଶୀ ପରେ ମୃତଦେହଗୁଡ଼ିକୁ ଜେଲ ପରିସରରୁ ହଟାଇଦିଆଯିବ।

### କିପରି ଦିଆଯାଏ ଫାଶୀ

ଜେଲ ନିୟମାବଳୀ ଅନୁଯାୟୀ ଫାଶୀର ୪ ଦିନ ପୂର୍ବରୁ ମେଡିକାଲ ଅଫିସର ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ସେମାନଙ୍କୁ କେତେ ଗଭୀର ପର୍ଯ୍ୟନ୍ତ ଝୁଲାଯିବ ତାହା ରିପୋର୍ଟରେ ଉଲ୍ଲେଖ କରାଯାଇଥାଏ। ମୃତ୍ୟୁଦଣ୍ଡ ପାଇବାକୁ ଥିବା ପ୍ରତି ଦୋଷୀଙ୍କ ପାଇଁ ଦୁଇଟି ଅତିରିକ୍ତ ଦଉଡି ରିଜର୍ଭ ରଖାଯାଇଥାଏ। ଯାଞ୍ଚ ସରିବା ପରେ ଦଉଡି ଓ ଅନ୍ୟାନ୍ୟ ସରଞ୍ଜାମକୁ ଇସ୍ପାତ୍ ବାକ୍ସରେ ତାଲା ପକାଇ ସିଲ୍ କରାଯାଏ। ଏହାକୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ରଖାଯାଇଥାଏ। ଫାଶୀ ଦିନ ସକାଳେ ସୁପରିଣ୍ଟେଣ୍ଡେଣ୍ଟ, ଜିଲାପାଳ ଓ ମେଡିକାଲ ଅଫିସରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସେଲ୍‌ରେ ବନ୍ଦୀଙ୍କୁ ଭେଟିଥାନ୍ତି। ଫାଶୀ ପାଇବାକୁ ଥିବା ବ୍ୟକ୍ତିଙ୍କର କୌଣସି ୱିଲ୍(ଇଚ୍ଛାପତ୍ର) ଥିଲେ ତାହାକୁ ସ୍ୱାକ୍ଷର କରାଯାଇ ସୁପରିଣ୍ଟେଣ୍ଡେଣ୍ଟ ଓ ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଆଟେଷ୍ଟେଡ୍ କରାଯାଇଥାଏ। ଫାଶୀଖୁଣ୍ଟ ପାଖକୁ ନିଆଯିବା ପୂର୍ବରୁ ଦୋଷୀଙ୍କ ମୁହଁକୁ କପଡ଼ାରେ ଆବୃତ କରାଯାଏ। ତେଣୁ ସେ ଫାଶୀଖୁଣ୍ଟକୁ ଦେଖିପାରେ ନାହିଁ। ୱାର୍ଡେନମାନେ ବନ୍ଦୀଙ୍କୁ ଧରି ରଖନ୍ତି ଓ ସୁପରିଣ୍ଟେଣ୍ଡେଣ୍ଟ ଇସାରା ଦେଲେ ଛାଡ଼ିଥାନ୍ତି। ଏହାପରେ ଘାତକ ବୋଲ୍ଟ ଟାଣିଥାନ୍ତି। ଫାଶୀ ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥାଏ। ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ନେବା ଲାଗି ଆମ୍ବୁଲାନ୍ସ ଯୋଗାଇଦିଆଯାଇଥାଏ।

ଏହା ପୂର୍ବରୁ ୨୦୧୩ ଫେବୃୟାରୀ ୯ରେ ତିହାର ଜେଲରେ ଅଫଜଲ ଗୁରୁଙ୍କୁ ଫାଶୀ ଦିଆଯାଇଥିଲା। ଫାଶୀ ପରେ ତାଙ୍କୁ ଜେଲ ପରିସରରେ କବର ଦିଆଯାଇଥିଲା। ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଅଫଜଲଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା।



ତିହାର ଜେଲ୍

## ନିର୍ଭୟା ମାମଲା ଘଟଣାକ୍ରମ

**୨୦୧୨ ଡିସେମ୍ବର ୧୬:** ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଘରୋଇ ବସ୍‌ରେ ୬ ଜଣ ଗଣବଳାତ୍କାର କରିବା ସହ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ କରି ଚଳନ୍ତା ବସ୍‌ରୁ ଫିଙ୍ଗିଦେଇଥିଲେ। ପୀଡ଼ିତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

**ଡିସେମ୍ବର ୧୭:** ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସାରା ଦେଶରେ ଜୋର୍‌ଦାର ବିକ୍ଷୋଭ ହୋଇଥିଲା। ପୋଲିସ ଅଭିଯୁକ୍ତ ବସ୍ ଡ୍ରାଇଭର ରାମ ସିଂ, ତାଙ୍କ ଭାଇ ମୁକେଶ, ବିନୟ ଶର୍ମା ଓ ପବନ ଗୁପ୍ତାଙ୍କୁ ଚିହ୍ନଟ କରିଥିଲେ। ତା' ପରଦିନ ସେମାନଙ୍କୁ ଗିରଫ କରାଯାଇଥିଲା।

**ଡିସେମ୍ବର ୨୧:** ନାବାଳକ ଅଭିଯୁକ୍ତଙ୍କୁ ଆନନ୍ଦ ବିହାର ବସ୍ ଟର୍ମିନାଲରୁ ଧରାଯିବା ସହ ଷଷ୍ଠ ଅଭିଯୁକ୍ତ ଅକ୍ଷୟ ସିଂଙ୍କୁ ବିହାରର ଔରଙ୍ଗାବାଦ ଜିଲାରୁ ଗିରଫ କରାଯାଇଥିଲା।

**ଡିସେମ୍ବର ୨୫:** ନିର୍ଭୟାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସିଙ୍ଗାପୁରର ମାଉଣ୍ଟ ଏଲିଜାବେଥ ହସ୍ପିଟାଲକୁ ପଠାଯାଇଥିଲା। ଡିସେମ୍ବର ୨୯ରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

**୨୦୧୩ ଜାନୁୟାରୀ ୩:** ପୋଲିସ ୫ ସାବାଳକ ଅଭିଯୁକ୍ତଙ୍କ ବିରୋଧରେ ଅପହରଣ, ଗଣବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ, ଅପ୍ରାକୃତ ଅପରାଧ ଓ ଡକାୟତି ମାମଲାରେ ଚାର୍ଜଶିଟ ଦାଖଲ କରିଥିଲା।

**ମାର୍ଚ୍ଚ ୧୧:** ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିଲେ।

**ଜୁଲାଇ ୧୧:** ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ନାବାଳକ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲା ଓ ଅଗଷ୍ଟ ୩୧ରେ ୩ ବର୍ଷ ସୁଧାର ଗୃହକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲା।

**ସେପ୍ଟେମ୍ବର ୧୩:** ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ତଳକୋର୍ଟ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ସେମାନେ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**୨୦୧୪ ମାର୍ଚ୍ଚ ୧୫:** ହାଇକୋର୍ଟ ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିଥିଲେ।

**୨୦୧୭ ମେ ୫:** ସୁପ୍ରିମକୋର୍ଟ ୪ ଅପରାଧୀଙ୍କ ମୃତ୍ୟୁଦଣ୍ଡକୁ କାଏମ ରଖିଥିଲେ।

## 'ଦୁର୍ବଳ ଆଇନ ବ୍ୟବସ୍ଥା ପାଇଁ ବଳାତ୍କାର ବଢ଼ିଚାଲିଛି'

ନିର୍ଭୟା ଗଣବଳାତ୍କାର ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଏହାର ପ୍ରତିବାଦରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ମାସାଧିକ କାଳ ଧରି ବିକ୍ଷୋଭ ପ୍ରତିବାଦ ଲାଗି ରହିବା ପରେ ସରକାର ବଳାତ୍କାର ଆଇନକୁ କଠୋର କରିଥିଲେ। ଫଳରେ ଦେଶରେ ଆଉ ଯୌନ ହିଂସା ହେବନାହିଁ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଦେଶରେ ବଳାତ୍କାର, ଯୌନ ନିର୍ଯାତନା, ମହିଳାଙ୍କୁ ଜାଳିଦେବା ଭଳି ଘଟଣା ବଢ଼ିଚାଲିଥିବା ନାରୀ ଅଧିକାର କର୍ମୀ ଓ ଆଇନଜୀବୀମାନେ କହିଛନ୍ତି। ଦୁର୍ବଳ ଆଇନ ବ୍ୟବସ୍ଥା ଓ କର୍ତ୍ତୃପକ୍ଷଙ୍କୁ ଗୁରୁତ୍ୱ ଦେବାର ଭୁଲ୍ ପାଇଁ ଦେଶ ମହିଳାମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇ ରହି ନ ଥିବା ସେମାନେ ମତ ଦେଇଛନ୍ତି।

୨୦୧୨ ଡିସେମ୍ବର ୧୬ ନିର୍ଭୟା ଘଟଣା ପରେ ୨୦୧୩ ଜୁନ୍‌ରେ ପଶ୍ଚିମବଙ୍ଗର କାମଦୁନି, ଅଗଷ୍ଟରେ ମୁମ୍ବାଇର ଶକ୍ତି ମିଲ୍ ପରିସରରେ ବୀଭତ୍ସ ବଳାତ୍କାର ଘଟଣା ସାରା ଦେଶର ଗଣମାଧ୍ୟମରେ ଛାଇଯାଇଥିଲା। ଏହା ମଧ୍ୟରେ କଠୁଆଠାରୁ ଆରମ୍ଭ କରି ଉନ୍ନାଓ ପର୍ଯ୍ୟନ୍ତ ଅନେକ ଗଣବଳାତ୍କାର ଓ ହତ୍ୟା ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲେ ହେଁ ପୀଡ଼ିତାମାନଙ୍କୁ ନ୍ୟାୟ ମିଳିପାରି ନାହିଁ। ସ୍ଥିତିରେ ସୁଧାର ନ ଆସିବାର କାରଣ ହେଲା ଦୁର୍ବଳ ଆଇନ ବ୍ୟବସ୍ଥା ବୋଲି ଆଇନଜୀବୀ ବ୍ରିନ୍ଦା ଗ୍ରୋଭର କହିଛନ୍ତି। ନିର୍ଭୟା ମାମଲାର ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଫାଷ୍ଟଟ୍ରାକ୍ କୋର୍ଟକୁ ପାଖାପାଖି ୪ ବର୍ଷ ୬ ମାସ ସମୟ ଲାଗିଥିଲା। କାମଦୁନି ଓ ଶକ୍ତି ମିଲ୍ ଗଣବଳାତ୍କାର ମାମଲା ଏବେ ବି କୋଲକାତା ଓ ବମ୍ବେ ହାଇକୋର୍ଟରେ ବିଚାରାଧୀନ ରହିଛି। ଉପଯୁକ୍ତ ତଦନ୍ତ ନ ହେବା ଓ ପ୍ରମାଣ ଅଭାବରୁ ବଦାଉଁ ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ୨୦୧୮ କଠୁଆ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାରେ ୭ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରମାଣ ଅଭାବରୁ ଜଣକୁ ଦୋଷମୁକ୍ତ କରାଯାଇଥିଲା। ୩ ଜଣଙ୍କୁ ୨୫ ବର୍ଷ ଓ ଅନ୍ୟ ୩ ଜଣଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡ ମିଳିଛି। ନାବାଳିକା ବଳାତ୍କାର ମାମଲାରେ ଭାଜପା ବିଧାୟକ କୁଲଦୀପ ସେନଗାରଙ୍କୁ ଗତ ଡିସେମ୍ବରରେ ଆଜୀବନ ଜେଲ୍‌ଦଣ୍ଡ ମିଳିଥିଲା।



୨୦୧୨ ଡିସେମ୍ବରରେ ନିର୍ଭୟା ଗଣବଳାତ୍କାର ପରେ ନ୍ୟାୟ ଦାବିରେ ଦିଲ୍ଲୀରେ ବିକ୍ଷୋଭ।

### ପୁଅ ପାଇଁ ମାଆଙ୍କ ଶେଷ ଇଚ୍ଛା 'ପୁରି, ସବ୍‌ଜି, କଚୋରି'

ଫାଶୀ ପାଇବାକୁ ଯାଉଥିବା ନିର୍ଭୟା ଦୋଷୀ ବିନୟ ଶର୍ମାଙ୍କ ପାଇଁ ତାଙ୍କ ମାଆଙ୍କ ଶେଷ ଇଚ୍ଛା ହେଲା ସେ ପୁଅଙ୍କୁ ପୁରି, ସବ୍‌ଜି ଓ କଚୋରି ଖୁଆଇବେ। ଘାତକ ଫାଶୀ ପାଇଁ ପ୍ରସ୍ତୁତି ଶେଷ କରିବା ସହ ଦିଲ୍ଲୀ ହାଇକୋର୍ଟ ଜଣେ ଅପରାଧୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ବିନୟଙ୍କ କ୍ୟୁରେଟିଭ୍ ପିଟିଶନ ଜାନୁୟାରୀ ୧୪ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାବେଳେ ରାଷ୍ଟ୍ରପତି ଫେବୃୟାରୀରେ କ୍ଷମା ଆବେଦନକୁ ଖାରଜ କରିଥିଲେ। ବିନୟଙ୍କ ଘରେ ପହଞ୍ଚିଥିବା କେତେଜଣଙ୍କୁ ତାଙ୍କ ମାଆ କହିଥିଲେ, ଭଗବାନ ଚାହିଁଲେ ପୁଅକୁ ରକ୍ଷା କରିବେ। ସବୁକିଛି ଭଗବାନଙ୍କ ଇଚ୍ଛାରେ ହେଉଛି। କରୋନା ଭୂତାଣୁର ଉଦାହରଣ ଦେଇ ସେ କହିଥିଲେ, କିଏ ମରିବ ବା ବଞ୍ଚିବ ତାହା ମଣିଷ ହାତରେ ନାହିଁ। ତିହାର ଜେଲ୍ କର୍ତ୍ତୃପକ୍ଷ ପୁଅ ପାଇଁ ଖାଦ୍ୟ ନେଇଯିବା ଲାଗି ଅନୁମତି ଦେବେନାହିଁ। ଯଦି ସେମାନେ ଅନୁମତି ଦିଅନ୍ତେ ତେବେ ପୁଅ ପାଇଁ ପୁରି, ସବ୍‌ଜି ଓ କଚୋରି ନେଇ ଯାଆନ୍ତି ବୋଲି ବିନୟଙ୍କ ମାଆ କୋହଭରା କଣ୍ଠରେ କହିଥିଲେ।

## '୭ ବର୍ଷ ପରେ ଝିଅ ଆତ୍ମାକୁ ଶାନ୍ତି ମିଳିବ: ନିର୍ଭୟାଙ୍କ ମା'

ନୂଆଦିଲ୍ଲୀ,୧୯।୩(ପି.ଟି.)

୨୦୧୨ ନିର୍ଭୟା ମାମଲାର ୭ ବର୍ଷ ପରେ ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯାଉଛି। ଫାଶୀ ଘୁଞ୍ଚାଇବା ପାଇଁ ତିନି ଅପରାଧୀଙ୍କ ପିଟିଶନକୁ ପଟିଆଲା ହାଉସ୍ କୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ୭ ବର୍ଷ ପରେ ତାଙ୍କ ଝିଅର ଆତ୍ମାକୁ ଶାନ୍ତି ମିଳିବାକୁ ଯାଉଛି ଓ ତାଙ୍କୁ ନ୍ୟାୟ ମିଳିଲା ବୋଲି ନିର୍ଭୟାଙ୍କ ମା' ଆଶାଦେବୀ ଗୁରୁବାର କହିଛନ୍ତି। ୨୦୧୨ ଡିସେମ୍ବର ୧୬ରେ ଦକ୍ଷିଣ ଦିଲ୍ଲୀରେ ଘଟିଥିବା ବୀଭତ୍ସ ଗଣବଳାତ୍କାର ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଡିସେମ୍ବର ୨୯ରେ ସିଙ୍ଗାପୁର ହସ୍ପିଟାଲରେ ପୀଡ଼ିତାଙ୍କର ମୃତ୍ୟୁ ଘଟିଥିଲା।



## କୋର୍ଟ ବାହାରେ ମୂର୍ଚ୍ଛା ଗଲେ ଅକ୍ଷୟଙ୍କ ସ୍ତ୍ରୀ

ନୂଆଦିଲ୍ଲୀ,୧୯।୩(ପି.ଟି.)

**ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ**

ନିର୍ଭୟା ମାମଲାର ଦୋଷୀ ଅକ୍ଷୟ କୁମାର ସିଂଙ୍କ ସ୍ତ୍ରୀ ପୁନୀତା ଦେବୀ ଗୁରୁବାର ପଟିଆଲା ହାଉସ୍ କୋର୍ଟ ବାହାରେ ମୂର୍ଚ୍ଛା ଯାଇଥିଲେ। ସେ ଓ ତାଙ୍କ ପୁଅ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ ପୁନୀତା ଦିନକ ପୂର୍ବରୁ ଛାଡ଼ପତ୍ର ପାଇଁ ବିହାରର ଏକ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ। ସେ ଜଣେ ବଳାତ୍କାରୀଙ୍କ ସ୍ତ୍ରୀର ପରିଚୟ ନେଇ ବଞ୍ଚିବାକୁ ଚାହାନ୍ତି ନାହିଁ ବୋଲି ତାଙ୍କ ଆବେଦନରେ ଉଲ୍ଲେଖ କରିଥିଲେ। ଗୁରୁବାର ସେ କହିଛନ୍ତି, ତାଙ୍କ ସ୍ୱାମୀ ନିର୍ଦ୍ଦୋଷ। ସେ ନ୍ୟାୟ ଚାହାନ୍ତି। ମୋତେ ମାରିଦିଅ, ମୁଁ ବଞ୍ଚିବାକୁ ଚାହେଁନା ବୋଲି ସେ କୋର୍ଟ ପରିସରରେ କାନ୍ଦି କାନ୍ଦି କହିଥିଲେ। ୭ ବର୍ଷ ହେଲା ଆମେ ପ୍ରତିଦିନ ମରୁଛୁ ବୋଲି ପୁନୀତା କହିବା ସହ ନିଜକୁ ନିଜେ ଚପଲରେ ପିଟିଥିଲେ।

## ଆଜି କମଲନାଥଙ୍କ ଭାଗ୍ୟ ପରୀକ୍ଷା

ନୂଆଦିଲ୍ଲୀ,୧୯।୩(ପି.ଟି.)

**ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ମଧ୍ୟପ୍ରଦେଶ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଶୁକ୍ରବାର ଡାକି ଅପରାହ୍ନ ୫ଟା ସୁଦ୍ଧା ଆସ୍ଥାଭୋଟ କରାଇବା ଲାଗି ସୁପ୍ରିମକୋର୍ଟ ଗୁରୁବାର ବାଚସ୍ପତି ଏନ୍.ପି. ପ୍ରଜାପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ କମଲନାଥ ସରକାରଙ୍କୁ ଶକ୍ତ ଝଟକା ଲାଗିଛି। କଂଗ୍ରେସ ସରକାର ରହିବ କି ନାହିଁ ତାହା କେବଳ ଆସ୍ଥାଭୋଟ ଉପରେ ନିର୍ଭର କରୁଛି। ରାଜନୈତିକ ଅନିଶ୍ଚିତତା ଦୂର କରିବାକୁ ହେଲେ ତୁରନ୍ତ ଅଧିବେଶନ ଡାକି ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ପଡ଼ିବ। ସଦସ୍ୟମାନେ ହାତ ଟେକି ସମର୍ଥନ ସମ୍ପର୍କରେ ସେମାନଙ୍କ ମତ ଜଣାଇବେ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଶିବରାଜ ସିଂ ଚୌହାନ ଏବଂ ମଧ୍ୟପ୍ରଦେଶ କଂଗ୍ରେସ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଦୁଇଦିନର ଶୁଣାଣିରେ ଅଦାଲତ ୮ଟି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ୨୦ ତାରିଖରେ ବିଧାନସଭା ଆରମ୍ଭ ହୋଇଥିଲେ ହେଁ ରାଜ୍ୟପାଳଙ୍କ ଅଭିଭାଷଣ ପରେ କରୋନା ସଂକ୍ରମଣ ଆଳ ଦେଖାଇ ବାଚସ୍ପତି ଗୃହକୁ ୨୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଆସ୍ଥା ଭୋଟ ପାଇଁ ରାଜ୍ୟପାଳ ଦୁଇଥର କହିବା ସତ୍ତ୍ୱେ ତାଙ୍କ କଥାକୁ ବାଚସ୍ପତି ରଖି ନ ଥିଲେ।

### ଇତିହାସର ଆଇନାରେ
**ମାର୍ଚ୍ଚ ୨୦ର ପ୍ରମୁଖ ଘଟଣା**

୨୦୧୨ ମାର୍ଚ୍ଚ ୨୦ରେ ଇରାକର ୧୦ ସହରରେ ସିରିଜ ବୋମା ବିସ୍ଫୋରଣରେ ୫୨ ଲୋକ ପ୍ରାଣ ହରାଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୨୦୧୧ରେ ଆମେରିକା ସେନା ଚାଲିଯିବା ପରେ ଏଠାରେ କ୍ରମାଗତ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା।

୨୦୧୪ ମାର୍ଚ୍ଚ ୨୦ରେ ଆଫଗାନିସ୍ତାନର କାବୁଲସ୍ଥିତ ବିଳାସପୂର୍ଣ୍ଣ ସେରେନା ହୋଟେଲରେ ୪ ତାଲିବାନ ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେମାନେ ଗୁଳିମାଡ଼ କରିବାରୁ ୯ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ବିଦେଶୀ ଥିଲେ।

## ଶପଥ ନେଲେ ଗୋଗୋଇ

ଚଣ୍ଡିଗଡ଼, ୧୯।୩(ଆଇଏଏନ୍‌ଏସ୍) : ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଗୁରୁବାର ଶପଥ ଗ୍ରହଣ କରାଇଛନ୍ତି। ଶପଥଗ୍ରହଣ ବେଳେ ବିରୋଧୀ କଂଗ୍ରେସ ଓ ବାମପନ୍ଥୀ ନେତାମାନେ ହୋ ହଲ୍ଲା କରି କକ୍ଷତ୍ୟାଗ କରିବା ସହ ଗୋଗୋଇଙ୍କ ସଦସ୍ୟତାକୁ ବିରୋଧ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି, ନ୍ୟାୟପାଳିକାର ସର୍ବୋଚ୍ଚ ପଦରେ ଥିବା ଜଣେ ବ୍ୟକ୍ତିଙ୍କୁ ଭାଜପା ରାଜ୍ୟ ସଭା ଲାଗି ମନୋନୀତ କରିବା ଓ ସେହି ବ୍ୟକ୍ତି ଏଥିଲାଗି ସମ୍ମତି ଜଣାଇବା ଉଚିତ ନୁହେଁ। ମୋଦି ସରକାର ତାଙ୍କୁ ପୂର୍ବରୁ ବ୍ୟବହାର କରୁଥିଲେ ବୋଲି ଏଥିରୁ ସୂଚନା ମିଳୁଛି। ରାଜନୈତିକ ସ୍ୱାର୍ଥ ଲାଗି ନ୍ୟାୟପାଳିକାକୁ ବ୍ୟବହାର କରାଯିବା ଆଦୌ ଉଚିତ ନୁହେଁ ବୋଲି ଅମରିନ୍ଦର ପ୍ରକାଶ କରିଛନ୍ତି। ଅବସର ଗ୍ରହଣ କରିବାର ୬ ମାସ ନ ପୂରୁଣୁ ରାଷ୍ଟ୍ରପତି ତାଙ୍କୁ ରାଜ୍ୟ ସଭାକୁ ମନୋନୀତ କଲେ। ପୂର୍ବତନ ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ର ଅବସର ନେବାର ଦୀର୍ଘବର୍ଷ ପରେ ରାଜ୍ୟ ସଭାକୁ ଯାଇଥିଲେ।



## କରୋନା ନେଲାଣି ୯ ହଜାର ଜୀବନ

ପ୍ୟାରିସ୍/ବେଜିଂ, ୧୯।୩

ସାରା ବିଶ୍ୱରେ କରୋନା ଭୂତାଣୁ ୯ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ନେଲାଣି। ଏବେ ମୃତ୍ୟୁସଂଖ୍ୟା ୯,୦୨୦ରେ ପହଞ୍ଚିଛି। ୟୁରୋପରେ ୪,୧୩୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏସିଆରେ ୩,୪୧୬ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନାର ଉତ୍ପତ୍ତି ସ୍ଥଳ ଚାଇନାରେ ଜଣେ ହେଲେ କରୋନା ସଂକ୍ରମିତ ହୋଇ ନ ଥିବା ଜଣାପଡ଼ିଛି। ହେଲେ ଏବେ ବି ସେଠାରେ ୬,୬୩୬ ବ୍ୟକ୍ତି ସଂକ୍ରମିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଗତ ଡିସେମ୍ବରରେ ପ୍ରଥମେ କରୋନା ଚାଇନାର ଉହାନ ସହରରୁ ମୃତ୍ୟୁର ତାଣ୍ଡବଲୀଳା ରଚିଥିଲା। ପରେ ଦେଶରେ ଏବେସୁଦ୍ଧା ୩,୨୪୫ ମୁଣ୍ଡ ନେଲାଣି ଏହି ଭୂତାଣୁ। ଏବେ ସ୍ଥିତିରେ ସୁଧାର ଆସିଥିଲେ ହେଁ ଭୟ କମିନାହିଁ। ଅନ୍ୟପକ୍ଷରେ ୟୁରୋପ ଏବେ ଏହି ମହାମାରୀର କେନ୍ଦ୍ରସ୍ଥଳ ପାଲଟିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୭୧୨ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। କରୋନା ଭୂତାଣୁ ଏଠାରେ ଅତି ଦ୍ରୁତଗତିରେ ସଂକ୍ରମଣ ହେଉଛି। ମୋଟ ୯୦,୨୯୩ ସଂକ୍ରମିତ ବ୍ୟକ୍ତି ଏଠାରେ ଚିହ୍ନଟ କରାଯାଇଥିବା ବେଳେ କୋକୁଆ ଭୟ ସୃଷ୍ଟିହୋଇଛି।

## ଘରେ କାମ କରିବେ ୫୦% କର୍ମଚାରୀ

ନୂଆଦିଲ୍ଲୀ, ୧୯।୩ : କରୋନା ପ୍ରକୋପ ବିଶ୍ୱକୁ ଥରହର କରିପକାଇଥିବା ବେଳେ ବିଭିନ୍ନ ଦେଶ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଭାରତରେ କରୋନା ମୃତ୍ୟୁକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ସମସ୍ତ ବିଭାଗ ଓ ରାଷ୍ଟ୍ରାୟତ୍ତ ଫାର୍ମର ୫୦% ମଧ୍ୟମ ଓ କନିଷ୍ଠ ଶ୍ରେଣୀ ଅଧିକାରୀ(ଗ୍ରୁପ-ବି, ସି)ମାନେ ଏପ୍ରିଲ ୪ ପର୍ଯ୍ୟନ୍ତ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକାଠି ମେଳି ବନ୍ଦକରିବା, ପରିବହନ ସଂଖ୍ୟା କମାଇବା ଦ୍ୱାରା କରୋନାକୁ ରୋକାଯାଇ ପାରିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। କରୋନା ସଂକ୍ରମଣକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍ୟ ସଂସ୍ଥାଗୁଡ଼ିକ ଏହାକୁ ଗ୍ରହଣ କରିପାରିବେ ବୋଲି କୁହାଯାଇଛି। ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କୁ କେନ୍ଦ୍ର ପକ୍ଷରୁ ନୋଟିସ ଜାରି କରାଯାଇ କର୍ମଚାରୀଙ୍କୁ ୫୦-୫୦ରେ ଭାଗକରି ପର୍ଯ୍ୟାୟ କ୍ରମେ ଘରେ କାମକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସପ୍ତାହକରେ ଥରେ ସମୟ ସାରଣୀରେ ପରିବର୍ତ୍ତନ କରାଯିବ ବୋଲି ଦର୍ଶାଯାଇଛି। ଅତିରିକ୍ତ ସଚିବ ସୁଜାତା ଚତୁର୍ବେଦୀଙ୍କ ଦସ୍ତଖତ ଥିବା ଏହି ବିଜ୍ଞପ୍ତିରେ ସମସ୍ତ ସରକାରୀ ମନ୍ତ୍ରଣାଳୟ, ବିଭାଗ, ପିଏମ୍‌ଓ, କ୍ୟାବିନେଟ ସଚିବ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗକୁ ଅବଗତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ସମ୍ପର୍କରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ପୂର୍ବରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ଓ କରୋନା ସଂକ୍ରମଣକୁ ରୋକିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଘରେ ରହି କାର୍ଯ୍ୟ କରୁଥିବା କର୍ମଚାରୀମାନେ ସେମାନଙ୍କ ଫୋନ ଓ ବୈଦ୍ୟୁତିକ ଯୋଗାଯୋଗ ମାଧ୍ୟମ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି। ଏଭଳି ପଦକ୍ଷେପ ଅନ୍ୟ କର୍ମଚାରୀଙ୍କ ପାଇଁ ଲାଗୁ କରାଯାଇ ପାରିବ ବୋଲି ଦର୍ଶାଯାଇଛି।




**କରୋନା ଲାଗି କେନ୍ଦ୍ରର ନିର୍ଦ୍ଦେଶ**

# ହନିମୁନ୍‌ରେ ଯାଇ ଫେରିପାରୁନାହାନ୍ତି ଦମ୍ପତି

■ କରୋନା ପାଇଁ ମାଲେସିଆରେ ଫସିଲେ

■ ଓଡ଼ିଶା ଫେରାଇ ଆଣିବା ପାଇଁ ସରକାରଙ୍କୁ ଭିଡିଓ ମାଧ୍ୟମରେ କଲେ ଅନୁରୋଧ

ନବରଙ୍ଗପୁର,୧୯।୩(ବି.ପ୍ର.)

ବିମାନ ଆସୁ ନ ଥିବାରୁ ନବରଙ୍ଗପୁର ସହରରୁ ହନିମୁନ ପାଇଁ ମାଲେସିଆ ଯାଇଥିବା ନବଦମ୍ପତି ଓଡିଶା ଆସିପାରୁ ନାହାନ୍ତି। ମାଲେସିଆର କୁଆଲାଲମ୍ପୁର ବିମାନ ବନ୍ଦରରେ ଗତ ୧୭ ତାରିଖରୁ ସେମାନେ ଫସି ରହିଛନ୍ତି। ଘରକୁ ଫେରିବା ପାଇଁ ହ୍ୱାଟସଆପରେ ଭିଡିଓ ପଠାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ନବରଙ୍ଗପୁର ଇଚ୍ଛାବତୀଗୁଡାର ଗୁପ୍ତେଶ୍ୱର ମିଶ୍ରଙ୍କ ଝିଅ ପଲ୍ଲବୀ ମିଶ୍ର ଫେବୃୟାରୀ ୨୬ ତାରିଖରେ ସେହି ସାହିର ପରିମଳ ହାଲଦାରଙ୍କ ପୁଅ ଶଙ୍କର ହାଲଦାରଙ୍କୁ ବିବାହ କରିଥିଲେ। ମାର୍ଚ୍ଚ ୧୨ ତାରିଖରେ ବିଶାଖାପାଟଣାରୁ ହନିମୁନ ସକାଶେ ମାଲେସିଆ ଯାଇଥିଲେ । ୧୭ ତାରିଖରେ ଫେରିବା ପାଇଁ ସେମାନେ ଟିକେଟ କରିଥିଲେ। କରୋନା ପାଇଁ ବିମାନ ଚଳାଚଳ ବନ୍ଦ କରାଯିବାରୁ ଉଭୟ ଫେରି ପାରି ନ ଥିଲେ । ପରବର୍ତ୍ତୀ ସମୟରେ ୧୮ ତାରିଖରେ କୁଆଲାଲମ୍ପୁରରୁ ସିଙ୍ଗାପୁର ଦେଇ ବିଶାଖାପାଟଣା ବିମାନ ଯିବ ବୋଲି କୁଆଲାଲମ୍ପୁର ବିମାନ ବନ୍ଦରରେ ସେମାନଙ୍କୁ କୁହାଯାଇଥିଲା। ସେଥିରେ ବିଶାଖାପାଟଣା ଆସିବା ପାଇଁ ଟିକଟ କରିଥିଲେ। ଉକ୍ତ ବିମାନକୁ ମଧ୍ୟ ବାତିଲ କରି ଦିଆଯାଇଥିଲା। ପୁଣିଥରେ କୁଆଲାଲମ୍ପୁରରୁ ସିଙ୍ଗାପୁର-ଅମୃତସର ବିମାନ ଯିବ ବୋଲି ଜାଣିବା ପରେ ଟିକଟ କରିଥିଲେ। ତେବେ ବର୍ତ୍ତମାନ ସେହି ବିମାନକୁ ମଧ୍ୟ ବାତିଲ କରି ଦିଆଯାଇଥିବା ଜାଣିବା ପରେ ବିମାନ ବନ୍ଦରରେ ନବଦମ୍ପତି ଫସି ରହିଛନ୍ତି । ଏହାକୁ ନେଇ ପଲ୍ଲବୀ ଓ ଶଙ୍କର ଭିଡିଓ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସେମାନଙ୍କୁ ଓଡିଶା ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି । ୩ ଥର ଟିକଟ କରିବା ପରେ ନିଜ ପାଖରେ ଟଙ୍କା ଶେଷ ହୋଇ ଯାଇଥିବାରୁ ସେମାନେ ଚିନ୍ତାରେ ରହିଛନ୍ତି। ଟିକଟ ବାବଦ ଟଙ୍କା ମଧ୍ୟ ଫେରାଯାଉ ନାହିଁ । ଦମ୍ପତି ବାଙ୍ଗାଲୋରର ଏଚଡିଏଫସି ଲାଇଫରେ କାର୍ଯ୍ୟ କରନ୍ତି । ପଲ୍ଲବୀ ଓ ଶଙ୍କରଙ୍କ ସମେତ ଭାରତର ଆହୁରି ଅନେକ ନାଗରିକ ବିମାନବନ୍ଦରରେ ରହିଥିବା ସୂଚନା ମିଳିଛି । ଝିଅ ଓ ଜ୍ୱାଇଁଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଗୁପ୍ତେଶ୍ୱର ମିଶ୍ର ଅନୁରୋଧ କରିଛନ୍ତି।



ପଲ୍ଲବୀ ମିଶ୍ର ଓ ଶଙ୍କର ହାଲଦାର।

# ପୋଲିସ ଗାଡ଼ିକୁ ଧକ୍କାଦେଲା ଟ୍ରକ୍ | ଡେପୁଟି ସୁବେଦାର ମୃତ, ୩ ଗୁରୁତର

ଢେଙ୍କାନାଳ ଅଫିସ, ୧୯।୩

ଢେଙ୍କାନାଳ ସହରସ୍ଥିତ ୫୫ନଂ. ଜାତୀୟ ରାଜପଥର ଆନନ୍ଦନଗର ନିକଟରେ ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧ଟାରେ ଦୁଃଖଦ ଦୁର୍ଘଟଣା ଘଟିଛି। ଓଏସ୍‌ଏପି ଫାଷ୍ଟ ବାଟାଲିୟନର ଜିପ୍‌କୁ ଏକ ଟ୍ରକ୍ ଧକ୍କାଦେବାରୁ ଜଣେ ଡେପୁଟି ସୁବେଦାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭିକାରୀ ଚରଣ ସେଠୀ (୫୪)। ଏଥିରେ ଜିପ୍ ଚାଳକ ଅଶ୍ୱିନୀ ରାଉତ, ସିପାହି ହୃଷୀକେଶ ସିଂ, ରାଜେନ୍ଦ୍ର ବିଶ୍ୱାଳ ଗୁରୁତର ହୋଇଛନ୍ତି।

ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନେ କଟକରୁ ଏକ ଜରୁରୀ ବୈଠକ ସାରି ଉକ୍ତ ଜିପ୍‌ରେ ଢେଙ୍କାନାଳ ଫେରୁଥିଲେ। ଏହି ସମୟରେ ଟ୍ରକ୍‌ଟି ଜିପ୍‌କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସମସ୍ତ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଡେପୁଟି ସୁବେଦାରଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ୨ କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଖବର ଲେଖାଯିବା ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ପତ୍ତା ମିଳିନାହିଁ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ କେସ୍ ନଂ. ୯୦/୨୦ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଏହି ଘଟଣା ଫାଷ୍ଟ ବାଟାଲିୟନ ଏବଂ ଜିଲା ପୋଲିସ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇଦେଇଛି।

# ଯାତ୍ରା ଦେଖିବାରୁ ମହିଳାଙ୍କୁ ପିଟି ପିଟି ହତ୍ୟା

ପାଲଲହଡ଼ା, ୧୯।୩(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ସଇଡା ଗ୍ରାମ ବିଜୁସାହିରେ ମାଘେ ପର୍ବ ପାଳନ ବେଳେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ଉକ୍ତ ଗ୍ରାମର ରାନୀ କେରେଇ ଉତ୍ସବ ଦେଖିବାକୁ ଆସିଥିବାବେଳେ ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ବିରୋଧରେ ଯାଇ ମହିଳା ଜଣକ ପ୍ରେମ ବିବାହ କରିଥିବାରୁ ତାଙ୍କୁ ଉତ୍ସବ ଦେଖିବାକୁ ବାରଣ କରାଯିବାକୁ ନେଇ ଏପରି ଘଟିଥିବା ଜଣାପଡିଛି। ହତ୍ୟାକାଣ୍ଡ ପରେ ଦୁଇ ଜଣ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ପୋଲିସ ଦେଇଥିବା ସୂଚନା ମୁତାବକ, କିଛି ବର୍ଷ ତଳେ ରାନୀ କେରେଇ ତାଙ୍କ ସମ୍ପର୍କୀୟ ଭାଇ ଜଗବନ୍ଧୁ କେରେଇଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଏହାକୁ ଘର ଲୋକେ ଓ ଗ୍ରାମବାସୀ ବିରୋଧ କରିଥିଲେ। ବୁଧବାର ଗ୍ରାମର ବିଜୁସାହିରେ ମାଘେ ପର୍ବ ପାଳନ କରାଯାଉଥିଲା। ଆଦିବାସୀ ସମ୍ପ୍ରଦାୟର ବହୁ ଲୋକେ ସେଠାରେ ଯୋଗ ଦେଇଥିଲେ। ରାନୀ ଓ ଜଗବନ୍ଧୁ ମଧ୍ୟ ପର୍ବ ଦେଖିବାକୁ ସେଠାକୁ ଯାଇଥିଲେ। ସେହି ସମୟରେ ଗ୍ରାମର ବିଜୁ କେରେଇ ଓ ମଗୁସୁରିଆ କେରେଇ ସମ୍ପୃକ୍ତ ଦମ୍ପତିଙ୍କୁ ଯାତ୍ରା ଦେଖିବାକୁ ବାରଣ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବିଜୁ ଓ ମଗୁସୁରିଆ ରାନୀ ଓ ଜଗବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଜଗବନ୍ଧୁ ଘଟଣାସ୍ଥଳରୁ ପଳାଇଥିବାବେଳେ ରାନୀ ସକାଳ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳୁ ରାନୀଙ୍କ ମୃତଦେହ ପାଖ ଜଙ୍ଗଲରେ ଏକ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ଓ ଜଗବନ୍ଧୁ ପାଲଲହଡ଼ା ପୋଲିସକୁ ଖବର ଦେଇଥିଲେ। ଅନ୍ୟପଟେ ସକାଳେ ବିଜୁ ଓ ମଗୁସୁରିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ସେମାନେ ରାନୀଙ୍କୁ ଏକ କାଠରେ ପିଟି ହତ୍ୟା କରିଥିବା ଏବଂ ପରେ ମୃତଦେହ ପାଖ ଜଙ୍ଗଲକୁ ନେଇ ତାଙ୍କ ପିନ୍ଧା ଶାଢ଼ିରେ ଗଛରେ ଝୁଲାଇ ଦେଇଥିବା ପୋଲିସ ଆଗରେ ପ୍ରକାଶ କରିଥିଲେ। ଘଟଣାସ୍ଥଳକୁ ସାଇଣ୍ଟିଫିକ ଦଳ ଏବଂ ମାଜିଷ୍ଟ୍ରେଟ ତଥା ପାଲଲହଡା ତହସିଲଦାର ବ୍ରୁସିୟସ ଡୁଙ୍ଗ ଡୁଙ୍ଗ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କାଠ ମଧ୍ୟ ଜବତ କରାଯାଇଛି। ନଂ. ୫୧/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ଏବଂ ପାଲଲହଡ଼ା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି ।


## DISTRICT PROJECT OFFICE
## SAMAGRA-SIKHYA, CUTTACK (ODISHA)

Phone & Fax: 0671-2509937/2509934
E-mail: dpccuttackssa.opepa@nic.in

No.: 1257 XII-02/2020 Date: 19.03.2020

### TENDER CALL NOTICE

Sealed tenders are invited in plain paper from registered, experienced Offset Printers/Firms having valid STCC/ITCC, TIN, GST & valid PAN for printing and supply of approximately 7998 number of Teacher's ID-Card for Cuttack district. The bid document containing details specification with terms and conditions may be downloaded from OSEPA website **www.opepa.gov.in** and district website **www.cuttack.nic.in**. The sealed quotation shall be sent to undersigned through Registered Post/Speed Post only and no other means of submission shall be entertained. The quotation received after 1 P.M. of 30.03.2020 shall not be entertained. The sealed quotation will be opened on the same day at 3.30 P.M. in the presence of quotatiners or their authorized representatives & members of tender committee. The authority reserves the right to amend, alter or cancel any part or all the quotations without assigning any reason thereof.

By the Order of the Collector-cum-Chairman, SS, Cuttack

Sd./- District Project Coordinator
Samagra Shiksha, Cuttack

## OFFICE OF THE CDM & PHO, BALASORE

E-mail : dpmubal@gmail.com

Letter No.4849 Date: 19.03.2020

Sealed tenders are invited from manufacturers or their authorized distributors or suppliers / agency / retail counters for :- Supply of Medicines & Medical consumables / laboratory Chemical - reagent / Generic Medicines.

The detail list, terms and conditions and technical bid are available in **www.baleswar.nic.in**. which can be downloaded. The last date & time of submission of bid 27.03.2020 up to 4.00 P.M. & the technical bid shall be opened on Dt.27.03.2020 at 4.30 P.M. in the presence of bidders or their authorized representatives. Tender paper incomplete or received after the scheduled date & time shall be rejected.

Sd./-
CDM&PHO, Balasore

## Government of Odisha,
Office of the Executive Engineer,
Rural Works Division, Jharsuguda

No. O-1279

Email : eerw_jharsuguda@yahoo.co.in Tel. : 06645-271643

Bid Identification No. Online - EEJSG - 09 of 2019-20

### NOTICE INVITING TENDER FOR BUILDING WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the work : Building works as per DTCN available in the www.tendersorissa.gov.in
2. Total No. of Work : 02 (Eight) Nos.
3. Estimated Cost : Rs. 6.42 Lakhs to 6.43 Lakhs
4. Period of completion : 03 (Three) Calender Months
5. Period and Time of availability of bid document in the portal for bidding : Dt. **23.03.2020** at 11.00 A.M. to **03.04.2020** upto 5.00P.M.
6. Date and Time of bid opening : Dt. **06.04.2020** at 11.00 A.M.
7. Name and address of the officer inviting Bid : E.E., R.W.Division, Jharsuguda

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/- Executive Engineer
R.W. Division, Jharsuguda
OIPR-25104/11/0009/1920

## OFFICE OF THE SUPERINTENDING ENGINEER, N.H. CIRCLE, SAMBALPUR

e-mail - senhsambalpur@gmail.com, PH - 0663-2412461 No.b-88

**Cancellation to Bid Identification No.SENH (SBP)/04/2019-20**

Bid Identification No.SENH (SBP)/04/2019-20 for the work :- PR such as renewal coat with BC from 265/300 to 269/300 km of NH-49 for the year 2019-20 is hereby cancelled due to unavoidable reason.

Sd./- Superintending Engineer
N.H. Circle, Sambalpur
OIPR-34007/11/0007/1920

## EXPRESSION OF INTEREST

The District Urban Development Agency, Kalahandi invites Expression of interest (EOI) from intending registered industries/traders who involves in Plastic Waste collection i.e. PET, HDPE, PVC, PP & Misc. Plastic etc. for recycling and setting of Collection Centre in 4 ULBs of Kalahandi District. The details of eligibility Criteria scope of work, deliverables & other particulars are uploaded in the District Website **www.kalahandi.nic.in** for necessary information. The bidder who fulfill the eligiblity criteria may submit their EOI along with all self attested supporting documents, paper cost and EMD, to the Project Director, DUDA, Kalahandi, DRDA Campus Bhawanipatna, Pin Code-766001 (Kalahandi, Odisha). The EOI should reach to the undersinged on or before 03.04.2020 at 5.30 P.M. through Speed Post / Registered Post only and the same will be opened on Dated 04.04.2020 at 11.00 A.M. within the office of the PD, DUDA, Kalahandi in presence of the Committee & authorise representatives of the bidder. The sealed envelope containing the EOI must be super-scribed on the top of the Envelope as EOI for engagement of Plastic Waste collection with self-address, contact No., e-mail etc. on the left side of the envelope. The authority reserves the right to cancel any part or the whole of EOI without assigning any reason thereof.

Sd./- Project Director, DUDA, Kalahandi

No. C-590

## GOVERNMENT OF ODISHA
OFFICE OF THE SUPERINTENDING ENGINEER,
P.H. CIRCLE, NAYABAZAR, CUTTACK-753004

Ph.-0671-2440841, Fax- 0671-2440841, E-mail : sephctc@gmail.com

NATIONAL COMPETITIVE BIDDING THROUGH e-Procurement
Invitation For Bids (IFB) No.SEPHCTC-10/2019-20 Dtd.19.03.2020

| Sl. No. | Name of the work | Estimated cost (Approx) |
|---|---|---|
| 1. | WS 39 NH Crossing (At 4 Location near Gopalpur, Phulnakhara, Sky Automobile & Telengapentha. | ₹288.98 lakh |

1. Date & time of availability of bid document in the portal :- 11.00 hours of dt.30.03.2020 to 17.30 hours of dt.15.04.2020.
2. Last date / time of receipt of bids in the portal :- 15.04.2020 upto 05.30 P.M.
3. Date & time of opening of bids :- 16.04.2020 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in

Superintending Engineer,
Public Health Circle, Cuttack.
OIPR-13029/11/0011/1920

## ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At: P.O.: BARINIPUT: DIST. KORAPUT – 764006
PHONE: (06854) 242001 FAX: - (06854) 242038
e-mail: sgmel_ukhep@ohpcltd.com

No. CAD-1143

No. OHPC: SGM: UKHEP: Tech:/ /Dated, Bariniput the

### NOTICE INVITING TENDER No.38 /2019-20 Date: 19.03.2020

Sealed Tenders are invited in sealed envelopes from the reputed Manufacturers/ Authorised dealers/ Channel partners/ reputed suppliers for "Supply of Thordon SXL Bushes for UKHEP, Bariniput, Dist: Koraput, Odisha"

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | "Supply of Thordon SXL Bushes for UKHEP, Bariniput, Dist: Koraput, Odisha" | Rs. 2360/- (Rs.2000/- + 18%GST) | @ 1% of quoted value |

Sale of tender paper: - From 27.03.2020 to 13:00 Hrs. of 10.04.2020.

Last date of submission of tender – 16:00 Hrs. of 10.04.2020

Date & Time of opening of tender – 16:30 Hrs. of 10.04.2020

For details of the tender documents, terms and conditions please visit our website www.ohpcltd.com

C & P Head
UKHEP, Bariniput.
OIPR-04002/11/0072/1920

## GOVERNMENT OF ODISHA
OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR-751001
email: ceworldbankprojects@gmail.com

ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)

e-Procurement Notice

**Bid Identification No. CE-WBP(O)-16/2019-20**

**File No- CERP-RCPLWE-PH-2-14/2018**

No.B-824 :- The Chief Engineer, (World Bank Projects), Bhubaneswar, Odisha on behalf of Odisha State Rural Connectivity Project Agency invites the percentage rate bids in electronic tendering system for construction of roads using New Technology under RCPLWEA in the districts of Malkangiri & Rayagada for 2 number of packages with estimated cost as mentioned in IFB totaling to Rs.1315.16 lakhs including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement **dtd.18.03.2020.**

Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.E., (World Bank Projects), Nirman Soudha, Unit-V, Bhubaneswar-751001, Odisha, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement:07.04.2020 upto 5.00 P.M.

For further details please log on to **www.pmgsytenders.gov.in**

Sd./- Chief Engineer, World Bank Projects, Odisha
O/o E.I.C. (Civil), Odisha Nirman Soudha,
Unit-V, Bhubaneswar-751001
OIPR-34003/11/0035/1920

## OFFICE OF THE SUPERINTENDENT, CHC, MAHANGA, CUTTACK

**DIET TENDER NOTICE NO.404 / Date:19.03.2020**

Sealed tenders in the prescribed format (available in the O/o the undersigned during office hours from 20.03.2020 to 25.03.2020) are invited from the suppliers for supply of dietary and other misc contingent articles for use in the Office of the CHC, Mahanga for the year, 2020-21 as per the list given in the form.

The rates should be quoted including all taxes and the cost of the delivery at the kitchen of the hospital every day. The tenders will be received by the undersigned on or before 3 P.M. of 26.03.2020. Tenderer has to furnish sale tax clearance certificate. Samples should be produced before the Medical advisory Committee on the date of selection of the tender. The tender will be opened on 26.03.2020 at 4 P.M. in the O/o the Superintendent, CHC, Mahanga in presence of the tenderers or their authorised representatives. Any other information regarding the matter will be available in the office of the undersigned in any working day during office hours.

The Medical advisory Committee reserves the right to accept or reject any or all the tenders without assigning any reason thereof.

Sd./- Superintendent
CHC, Mahanga, Cuttack

## GOVT. OF ODISHA
DEPARTMENT OF WATER RESOURCES,
O/O THE EXECUTIVE ENGINEER,
RENGALI RIGHT CANAL DIVISION NO.II, DHENKANAL Email Id – eerrc2dkl@gmail.com

No. A-766

### 'e' Procurement Notice

The Executive Engineer, Rengali Right Canal Division No.II, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : 03 (three) nos of works
2. Tender Cost : ₹ 83.4 lakh to ₹ 70.9 lakh
3. Bid Document Cost : As per DTCN
4. Bid Security : ₹71,000.00 to ₹ 83,400.00
5. Class of Contractor : B & A Class
6. Period of Completion : 06 months
7. Other details are as follows :

| Procurement Officer | Bid Identi-fication No. | Availability of Tender On- line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Executive Engineer, Rengali Right Canal Division No.II, Dhenkanal | EERRCIIDKL-02/2019-20 | 23.03.2020 10.00 AM | 06.04.2020 5.00 PM | 07.04.2020 11.00 AM |

8. For further details and on line bidding, visit Govt. website www.tendersodisha.gov.in

Executive Engineer Rengali Right Canal Division No.II, Dhenkanal
OIPR-32084/11/0003/1920

## OFFICE OF THE CHIEF ENGINEER, NATIONAL HIGHWAYS, ODISHA
SACHIVALAYA MARGA, UNIT - 4, BHUBANESWAR - 751001
Phone No.2391519/2391677 Email: cenhorissa@gmail.com

No.b-89

NOTICE INVITING EOI

No.WB-I-Misc-HR-KP-6-19 3606 Date: 16/3/2020

1. The Chief Engineer, National Highways, Odisha, Bhubaneswar invites Expression of Interest (EOI) online for empanelment of consultants as detailed in the table below:

| Sl. No | Name of work | ELIGIBILITY CRITERIA | DURATION OF CONTRACT |
|---|---|---|---|
| 1 | 2 | 3 | 4 |
| 01 | Shortlisting of Consultants to provide Key personnel and other logistic services under Departmental Authority's Engineer for Supervision for EPC projects in NH, PWD, ODISHA | As per EOI Document. | Three Years |

2. EOI document with detailed terms and conditions will be available online on e-tendering portal www.tendersodisha.gov.in from 24.03.2020 to 16.04.2020 (up to 1700 Hrs. IST). EOI must be submitted on line only at e-tendering portal www.tendersodisha.gov.in by Due Date i.e. on or before 16.04.2020 (up to 17.00 Hrs. IST) and EOI received online will be opened on 17.04.2020 at 03.30 Hrs. IST.
3. Subsequent corrigendum/addendum if required shall only be available in web site www.tendersodisha.gov.in
4. The authority reserves the right to cancel any or all bid without assigning any reason.

Sd./- CHIEF ENGINEER, N.HS, ODISHA
OIPR-34071/11/0001/1920

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)

No. CAD-1142

'e'-PROCUREMENT NOTICE
BID IDENTIFICATION NO.20/TOLL/OBCC/2019-20.

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites **'online'** tender in **double cover system** for the toll gate as detailed in the table below from the intending bidders for collection of toll for a period of one year.

| Sl. No. | Name of the R.D. and R&B toll gates. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Badagenguti Bridge toll gate on Baruan-Balichandrapur Road,Cuttack | 14,92,786/- | 1,49,280/- | 6,000/-+ 720/-(GST) | 06.04.20 to 05.04.21 |

2. Date and time **for online bidding for the above toll gates starts from 10.00 A.M. of dt. 20.03.2020 to 11.00 A.M. of dt. 26.03.2020 .**
3. Bid shall be received **only in "online" on or before 11.00 A.M. of dt. 26.03.2020** & shall be opened at **11.30 A.M. on dt. 26.03.2020 .**
4. EMD and Cost of bid document as specified against each toll gate in the above table Column-4 & will be **transferred through online** only as per the procedure mentioned in the DTCN. Further details can be seen from the web site https://tendersodisha.gov.in .
5. Any changes/corrigendum will be displayed in the web site only.
6. Officer-in-charge of Tender: -General Manager(Civil), O.B.& C.C. Ltd., Bhubaneswar.

Sd/- GENERAL MANAGER (CIVIL)
OIPR-34106/11/0052/1920

## GOVERNMENT OF ODISHA, OFFICE OF THE SUPERINTENDING ENGINEER
## RURAL WORKS CIRCLE, KENDRAPARA-JAJPUR

e-mail- serw_kpd@yahoo.com

No. Tender Online RCK -01/20 Letter No.- 518 Date:- 17.03.2020

No. O-1276

**e-Procurement NOTICE**

1. Name of the work : Construction of Building works in the District of Kendrapara
2. Class of Contractor : A & Special Class as specified in the column 6 of the Annexure.
3. Time for Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details :

| Procurement Officer | Bid Identifi-cation No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara- Jajpur | Tender Online RCK-01/20 | 23.03.2020 at 11.00 AM | 07.04.2020 to 5.00 PM | 06.04.2020 upto 2.00PM | 08.04.2020 at 11.00 AM | Will be Intimated separately |

Further details can be seen from the website www.tendersorissa.gov.in

*Sd./- Superintending Engineer, Rural Works Circle, Kendrapara-Jajpur*
OIPR-25129/11/0013/1920

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

OPTCL Lifeline of Odisha

Regd.Office: Janpath, Bhubaneswar-751022, Telephone: (0674) 2540051 (EPABX), Website: www.optcl.co.in, CIN:U4102OR2004SGC007553

### NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

ODISHA POWER TRANSMISSION CORPORATION LTD (OPTCL), Bhubaneswar, invites bids (in e- tendering mode only) under single stage two-envelop system from reputed EPC/Turnkey Contractors for the following packages.

**(1) e-TENDER NOTICE NO.:CPC-26/2019-20**

Engineering, Supply, Erection and commissioning of 132 KV SC line on DC Tower (Two Conductor) from existing 132/33 KV Grid Sub-station, Bhawanipatna to proposed RTSS at Bhawanipatna and 132 KV feeder bay extension at Bhawanipatna "Turnkey CONTRACT BASIS"..

**(2) e-TENDER NOTICE NO.:CPC-29/2019-20**

Engineering, Supply, Erection and commissioning of 132 KV SC line on DC Tower (Two Conductor) from U/C 220/132/33 KV Grid Sub-station, Gunupur to proposed RTSS at Palasingi and 132 KV feeder bay extension at 220/132/33KV Grid Sub-Station, Gunupur on "Turnkey CONTRACT BASIS".

Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents for both the packages are available on **"www.tenderwizard.com/OPTCL"** portal from **Dt. (20.03.2020) / (11.00)** AM up to **Dt. (20.04.2020) / (12:45)** PM. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note: Bidders are requested to regularly visit Official website of OPTCL/ Tender Portal only for amendment /errata /corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.**

Sd/-
SENIOR GENERAL MANAGER (C.P.C.)
email id- sgm.cpc@optcl.co.in

CR-Advt.No.- 30/2019-20

Please connect us: optcl.odisha optcl_odisha energyodisha



ବଲିଉଡ୍ ନାୟିକା ସୋନମ କପୁର କରୋନାରୁ ଦୂରେଇ ରହିବା ପାଇଁ ସେଲ୍ଫ ଆଇସୋଲେଶନରେ ଥିବା ଜଣାପଡିଛି। ନିକଟରେ ସେ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜାଙ୍କ ସହ ଲଣ୍ଡନରୁ ଫେରିଥିବା ବେଳେ ନିଜ ଘରେ ୧୪ ଦିନ ପାଇଁ ସେଲ୍ଫ ଆଇସୋଲେଶନରେ ଥିବା ଜଣାପଡିଛି। ଏବେ ସୋନମଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନା ଭାଇରସକୁ ନେଇ ଲୋକେ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରୁଥିବାରୁ ସୋନମ ନିଜକୁ ଆଇସୋଲେଶନରେ ରଖିବାକୁ ଠିକ୍ ଭାବିଥିବା ପ୍ରକାଶ କରିଛନ୍ତି।

# ଲକ୍ଷପତି କୁକୁର

**ଦରଭଙ୍ଗା:** ଦୁର୍ନୀତି, ବଡ଼ ଧରଣର ଟେଣ୍ଡର ଫିକ୍ସିଂକୁ ନେଇ ଜାତୀୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହିଥାଏ ବିହାର। ଅପରାଧୀମାନେ ବେଆଇନ ଭାବେ ଉପାର୍ଜନ କରୁଥିବା ଟଙ୍କାକୁ ବିଭିନ୍ନ ବାଟରେ ଖର୍ଚ୍ଚ କରିବା ଲାଗି ସୁଚିନ୍ତିତ ଯୋଜନା କରିଥାନ୍ତି। ଏପରି କି ନିଜର ପୋଷା ଜନ୍ତୁଙ୍କୁ ମହଣ ମହଣ ସୁନା ଅଳଙ୍କାରରେ ସଜାଇବା ଏଠାରେ ସାଧାରଣ କଥା। ତେବେ ବେଗୁସରାଇ ଅଞ୍ଚଳର ଆପରାଧିକ



କାର୍ଯ୍ୟକଳାପ ସହିତ ଜଡ଼ିତ ଜଣେ ବ୍ୟକ୍ତି ନିଜ ପୋଷା କୁକୁରକୁ ଅଢ଼େଇ ଲକ୍ଷ ଟଙ୍କାର ସୁନାଚେନ ପିନ୍ଧାଇ ରଖିବା ଘଟଣା ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି।

ସମ୍ପୂର୍ଣ୍ଣ ଘଟଣା ଏହିପରି, ମାର୍ଚ୍ଚ ୧୩ରେ ସ୍ଥାନୀୟ ନଗର ନିଗମ କାର୍ଯ୍ୟାଳୟ ପରିସରରେ ୪ଟି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାକୁ ହାତେଇବା ଲାଗି ଦୁଇ ଗୋଷ୍ଠୀ ଏକାଠି ହୋଇଥିଲେ। ତେବେ ଘଟଣାସ୍ଥଳ ହଠାତ୍ ପାଲଟିଯାଇଥିଲା ରଣକ୍ଷେତ୍ର। ସାମାନ୍ୟ ଗଣ୍ଡଗୋଳରୁ ଗୁଳିମାଡ଼ ଯାଏ କଥା ଯାଇଥିଲା। ଏଥିରେ ଗୋଟିଏ ପକ୍ଷର ୩ଜଣ ଗୁରୁତର ହୋଇଥିଲେ। ଘଟଣା ଘଟାଇବା ପରେ ଅପରାଧୀମାନେ ଫେରାର ହୋଇଯାଇଥିଲେ। ରତନପୁର ଥାନା ଅଞ୍ଚଳରେ କେତେଜଣ କୁଖ୍ୟାତ ଅପରାଧୀ ଅପରାଧ କରିବାକୁ ଷଡ଼ଯନ୍ତ୍ର କରୁଥିବା ସୂଚନା ପାଇ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଏହି ସମୟରେ ଉକ୍ତ କୁକୁର ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲା। ତେବେ ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ପରେ ପୋଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ କେତେଜଣ ଅପରାଧୀ ଧରାପଡ଼ିଥିଲେ। ଏହାପରେ ଉକ୍ତ କୁକୁର ବିଷୟରେ ଜଣାପଡ଼ିଥିଲା। କୁକୁରଟି ଅମିତ କୁମାର ସିଂଙ୍କର ବୋଲି ଜଣାପଡ଼ିଛି। ଅମିତଙ୍କ ନାମରେ ଅନେକ ମାମଲା ରହିଛି। ଅନେକ ସମୟରେ ଉକ୍ତ କୁକୁରଟି ଅମିତଙ୍କ ଜୀବନ ବଞ୍ଚାଇଛି। ତେଣୁ କୁକୁରଟିକୁ ଅମିତ ବହୁତ ଭଲ ପାଆନ୍ତି। ତେଣୁ ତାହାର ସ୍ୱତନ୍ତ୍ର ଯତ୍ନନେବା ସହ କୁକୁରକୁ ଏକ ସୁନା ନିର୍ମିତ ଚେନ ପିନ୍ଧାଇଛନ୍ତି।

ଗୋଟିଏ ପଟେ ଏହି ଘଟଣା ମାଲିକ–କୁକୁର ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ବଖାଣୁଥିବାବେଳେ ଅନ୍ୟପଟେ ଅପରାଧୀମାନେ କିପରି ନିଜର ଅବୈଧ ଟଙ୍କାକୁ ବିନିଯୋଗ କରୁଛନ୍ତି ତାହାର ନିଛକ ଚିତ୍ର ପଦାକୁ ଆସିଛି।

# ୩୬ ବର୍ଷରେ ପାଦ ଥାପିଲେ ତନୁଶ୍ରୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଗୁରୁବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୪ ମାର୍ଚ୍ଚ ୧୯ରେ ଜାମ୍‌ସେଦ୍‌ପୁରଠାରେ ଜନ୍ମଗ୍ରହଣ କରିଥିଲେ। ଅଭିନେତା ଇମରାନ୍ ହାସମୀଙ୍କ ସହିତ ଫିଲ୍ମ 'ଆସିକି ବନାୟା ଆପ୍‌ନେ'ରେ ଲିପ୍‌ଲକ୍ ସହିତ ଅନ୍ତରଙ୍ଗ ସିନ୍ ଦେଇ ବଲିଉଡ୍‌ରେ ସେ ଚର୍ଚ୍ଚା ପରିସରକୁ ଆସିଥିଲେ। ଏହାପରେ ତନୁଶ୍ରୀଙ୍କ ପଛରେ ଫିଲ୍ମ ନିର୍ମାତାଙ୍କ ଲାଇନ୍ ଲାଗିଯାଇଥିଲା। ନାନା ପାଟେକରଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ପରେ ତାଙ୍କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।

**ନାନାଙ୍କ ବିରୋଧରେ ଆଣିଥିଲେ ଅଭିଯୋଗ**



# ଏବେ ଅନ୍‌ଲାଇନ୍ ଦର୍ଶନ



**ଜୟପୁର:** କରୋନା ଭାଇରସ୍ ଯୋଗୁ ଏବେ ଆଇସୋଲେଶନ୍ ଉପରେ ବେଶୀ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ବିଭିନ୍ନ କମ୍ପାନୀ ବି ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଏବେ ଘରେ ରହି ଠାକୁରଙ୍କୁ ବି ଦର୍ଶନ କରିପାରିବେ। ରାଜସ୍ଥାନର ଜୟପୁରରେ ଏବେ ସବୁ ବଡ଼ ବଡ଼ ମନ୍ଦିରର ଠାକୁରଙ୍କୁ ଓ ଆଳତି ଦର୍ଶନ କରିପାରିବେ। ସଂକ୍ରମଣ କାରଣରୁ ମନ୍ଦିର ଖୋଲା ରହିଲେ ବି ଶ୍ରଦ୍ଧାଳୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଜୟପୁରର ପ୍ରସିଦ୍ଧ ମନ୍ଦିର ଗୋବିନ୍ଦ ଦେବଜୀ ମନ୍ଦିରରେ ପାଦୁକ, ତୁଳସୀ ଚରଣାମୃତ, ଗଙ୍ଗାଜଳ ବିତରଣକୁ ବି ବନ୍ଦ କରି ଦିଆଯାଇଛି। ମନ୍ଦିର ସମ୍ପର୍କରେ ଏହି ସବୁ ସୂଚନା ନେଇ ୨୫୦୦ ବ୍ୟାନର ସହରର ବିଭିନ୍ନ ସ୍ଥାନରେ ଲଗାଯାଇଛି।

# ବିଦେଶରେ ବଢୁଛି ଭାରତୀୟ ଆମ୍ବ ଚାହିଦା

**ନୂଆଦିଲ୍ଲୀ:** ଫଳ ମଧ୍ୟରେ ରାଜା ଆମ୍ବ। ଭାରତୀୟ ଅର୍ଥନୈତିକ ବ୍ୟବସ୍ଥାରେ ପ୍ରମୁଖ ଅଙ୍ଗ କୁହାଯାଉଥିବା ଏହି ରସାଳ ସୁସ୍ୱାଦୁ ଫଳକୁ ନେଇ ସମସ୍ତଙ୍କ ମଧ୍ୟରେ ରହିଆସିଛି ଅହେତୁକ ଆକର୍ଷକ। ଗୁଣବତ୍ତା, ସ୍ୱାଦ, ପୌଷ୍ଟିକ ତତ୍ତ୍ୱ, ଆକର୍ଷଣୀୟ ରଙ୍ଗ ଏବଂ ଉପଯୋଗିତା ହିଁ ଏହାକୁ ଅନ୍ୟ ଫଳ ମଧ୍ୟରେ ସ୍ୱତନ୍ତ୍ର କରିଛି। କେବଳ ଦେଶ ଭିତରେ ନୁହେଁ, ବିଦେଶରେ ମଧ୍ୟ ଭାରତୀୟ ଆମ୍ବର ଖାସ୍ ଚାହିଦା ରହିଛି। ବିଶେଷକରି ଚାଇନା, ଅଷ୍ଟ୍ରେଲିଆ, ରୁଷିଆ ଭଳି ଦେଶ ଏବେ ଭାରତୀୟ ଆମ୍ବ ମୋହରେ ପଡ଼ିଛନ୍ତି। ଆମ୍ବର ବଢୁଥିବା ଏପରି ଲୋକପ୍ରିୟତା ଯୋଗୁ 'ରାଷ୍ଟ୍ରୀୟ ମ୍ୟାଙ୍ଗୋ ଡାଟାବେସ୍ ୱେବସାଇଟ୍' ପ୍ରସ୍ତୁତ କରାଯାଇଛି। ମାତ୍ର ଗୋଟିଏ ବର୍ଷରେ ଏଥିରେ ୩୪ ଲକ୍ଷ ୟୁଜର ଭିଜିଟ୍ କରିଛନ୍ତି, ଯେଉଁଥିରେ ୭ ଲକ୍ଷ ଭାରତୀୟ ଥିବାବେଳେ ଅବଶିଷ୍ଟ ୨୭ ଲକ୍ଷ ବିଦେଶୀ ଅଛନ୍ତି। ଭାରତୀୟ ଆମ୍ବ ପ୍ରତି ଆମେରିକାବାସୀଙ୍କ ମଧ୍ୟରେ ବିଶେଷ ରୁଚି ରହିଛି। ୬ଲକ୍ଷ ଆମେରିକୀୟ 'ରାଷ୍ଟ୍ରୀୟ ମ୍ୟାଙ୍ଗୋ ଡାଟାବେସ୍ ୱେବସାଇଟ୍'କୁ ହିଟ୍‌ସ୍ କରିଛନ୍ତି। ଏ ସଂକ୍ରାନ୍ତରେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସବ୍‌ଟ୍ରପିକାଲ ହର୍ଟିକଲଚର (ସିଆଇଏସ୍‌ଏଚ୍)ର ନିର୍ଦ୍ଦେଶକ ଶୈଳେନ୍ଦ୍ର ରାଜନ କୁହନ୍ତି, ରୁଷିଆ, ଅଷ୍ଟ୍ରେଲିଆ, ଚାଇନାର ଲୋକମାନେ ଅଧିକ ମାତ୍ରାରେ ୱେବ୍‌ସାଇଟ୍‌କୁ ଭିଜିଟ୍ କରିଛନ୍ତି। ଏଥିରୁ ଭାରତୀୟ ଆମ୍ବ ପ୍ରତି ରୁଚି ବଢୁଥିବା ଜଣାପଡ଼ିଛି। ମ୍ୟାଙ୍ଗୋ ଡାଟାବେସ୍‌ରେ ଭାରତର ବିଭିନ୍ନ ପ୍ରାନ୍ତରୁ ଉତ୍ପାଦନ କରାଯାଉଥିବା ୫୦୦ ପ୍ରଜାତିର ଆମ୍ବ ବିଷୟରେ ସୂଚନା ଉପଲବ୍ଧ ରହିଛି। ଏଥିସହ ଗୁଣାତ୍ମକ ଆମ୍ବ ଉତ୍ପାଦନ କରୁଥିବା ୪୫୦ ସଫଳ ଚାଷୀଙ୍କ ବିଷୟରେ ମଧ୍ୟ ତଥ୍ୟ ଉଲ୍ଲେଖ ରହିଛି। ସମ୍ପୃକ୍ତ ଚାଷୀମାନେ ଦଶନ୍ଧି ଦଶନ୍ଧି ଧରି ପାରମ୍ପରିକ ଉପାୟରେ ଆମ୍ବଚାଷ କରି ଆସୁଛନ୍ତି।



# ଆଣ୍ଟି କରୋନା ଜୁସ୍

**ଥିରୁଭାନନ୍ତପୁରମ୍:** ଆଣ୍ଟି କରୋନା ଜୁସ୍ ! ଏମିତି ଏକ ଜୁସ୍ ବିକ୍ରି ହେଉଛି କେରଳରେ। ଏହି ଜୁସ୍ ପିଇଲେ ଲାଭ ହେବ କି ନାହିଁ ତାହା ତ ପ୍ରମାଣିତ ହୋଇନାହିଁ, କିନ୍ତୁ ଏଭଳି ଏକ ନାଁରେ ଲୋକଙ୍କୁ ଠକୁଥିବା ବ୍ୟକ୍ତି ଜଣକ ଏବେ ଗିରଫ ହୋଇଛନ୍ତି। କରୋନା ଭାଇରସ୍‌କୁ ନେଇ ଏବେ ସାରା ବିଶ୍ୱ ଆତଙ୍କିତ ହୋଇଥିବାବେଳେ ବିଶେଷଜ୍ଞମାନେ ବି ଏପର୍ଯ୍ୟନ୍ତ ଏହାର ଔଷଧ ବାହାର କରିବାକୁ ସକ୍ଷମ ହୋଇନାହାନ୍ତି। କିନ୍ତୁ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କେରଳରେ ଜଣେ ବିଦେଶୀ ନାଗରିକ ଆଣ୍ଟି କରୋନା ଜୁସ୍ ବିକ୍ରି କରିବା ଆରମ୍ଭ କରି ଦେଇଛନ୍ତି। କେରଳର ଥିରୁବନନ୍ତପୁରମ୍‌ର ବର୍କଲାରେ ଏପରି ଏକ ଘଟଣା ଏବେ ଚର୍ଚ୍ଚାର କାରଣ ହୋଇଛି। ଏଠାରେ ଜଣେ ବ୍ରିଟିଶ୍ ନାଗରିକ ଏକ



କାଫେ ଚଳାଉଥିଲେ। କିନ୍ତୁ ଏବେ କରୋନା ଭାଇରସ୍ ଖବର ଆସିବା ପରେ ସେ ତାଙ୍କ କାଫେରେ ଆଣ୍ଟି କରୋନା ଜୁସ୍ ବିକିବା ଆରମ୍ଭ କରି ଦେଇଥିଲେ। ଏଇ ଜୁସର ଦାମ୍ ଲିଟର ପିଛା ୧୫୦ ଟଙ୍କା ରଖିଥିଲେ ଏବଂ ଦୋକାନ ଆଗରେ ବଡ଼ ବଡ଼ ଅକ୍ଷରରେ ବୋର୍ଡ ମଧ୍ୟ ଲଗାଇଥିଲେ। ଏଣୁ ସମ୍ପୃକ୍ତ ଦୋକାନୀଙ୍କ ପାଖରେ ଭିଡ଼ ବି ବଢ଼ି ଯାଇଥିଲା। ଏହି ଭିଡ ଖବର ପାଇ ପୋଲିସ୍ ପହଞ୍ଚି ଦୋକାନୀଙ୍କୁ ଗିରଫ କରିଛି। ତେବେ ଦୋକାନୀଙ୍କ କହିବା କଥା ହେଉଛି ସେ କେବଳ ଅଦା, ଲେମ୍ବୁ ଓ ଅଁଳାର ଜୁସ୍ ବିକ୍ରି କରୁଥିଲେ ; କିନ୍ତୁ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଏପରି ନାଁ ଦେଇଥିଲେ।

# ବିଶ୍ୱ ପଖାଳ ଦିବସ



'ଆସ... ଜୀବନ ଧନ...ମୋର ପଖାଳ କଂସା,ସଜନୀରେ ତୋ ବିହୁନେ ଉଡ଼ିଲା ହଂସା...।' କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ରଚିତ ଏ ଗୀତ ପ୍ରତ୍ୟେକ ଓଡ଼ିଆ ଘରେ ବେଶ୍ ଆଦୃତ। ଆମ ଦେଶର କେତେକ ରାଜ୍ୟରେ ପଖାଳର ପ୍ରଚଳନ ଥିଲେ ମଧ୍ୟ ଓଡ଼ିଆଙ୍କ ପଖାଳ ସବୁଠୁ ସ୍ୱତନ୍ତ୍ର। ୨୦୧୨ରୁ ପୃଥିବୀର ବିଭିନ୍ନ ସ୍ଥାନରେ ୨୦ ମାର୍ଚ୍ଚରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଉଛି। ମୁଖତଃ ଓଡିଆମାନେ ଏହାକୁ ଭିନ୍ନ ଢଙ୍ଗରେ ପାଳନ କରୁଛନ୍ତି। ପଖାଳର ଲୋକପ୍ରିୟତା ବଢାଇବା ଲାଗି ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳ ଖାଇ ଗ୍ରୀଷ୍ମଋତୁକୁ ସ୍ୱାଗତ କରିଥାନ୍ତି। ନେପାଳ, ବାଂଲାଦେଶ ଏବଂ ମ୍ୟାନ୍‌ମାରର ଅନେକାଂଶରେ ସାଧାରଣଲୋକେ ପଖାଳ ଖାଇବା ମଧ୍ୟ ଦେଖାଯାଏ। ଓଡ଼ିଶାରେ ପଖାଳ ସହିତ ପଖାଳ କଂସା ବେଲା ପାରମ୍ପରିକ ଭାବେ ଜଡ଼ିତ।

(ସୁବାସ ପଖାଳ) ପ୍ରଭୁଙ୍କୁ ଅର୍ପଣ କରାଯାଏ। ପ୍ରତିଦିନ ବଳକା ଅବଢ଼ାକୁ ଦହିପଖାଳ କରି ଭକ୍ତଙ୍କୁ ଯେଉଁ ପ୍ରସାଦ ଭାବରେ ଦିଆଯାଏ ତାହାକୁ ଅବଢ଼ା ପଖାଳ କହୁ। ଆମ ଜଗନ୍ନାଥ ସଂସ୍କୃତିରେ ଟଙ୍କ ତୋରାଣି ବି ଏକ ପ୍ରକାର ପଖାଳ। ମାଣବସା ଗୁରୁବାର ଦିନ ଲକ୍ଷ୍ମୀଠାକୁରାଣୀଙ୍କ ପାଖରେ ପଖାଳ ଶାଗଭଜା ଭୋଗ ଦେବାର ପରମ୍ପରା ରହିଛି। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ପାଖରେ ଛତ୍ରି ବଡ଼ସିଂହାର ବେଶ ସମୟରେ ଦହିପଖାଳ ଭୋଗଲାଗି ହେବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସୁଛି।

# କର୍ତ୍ତବ୍ୟ ପାଇଁ ଭୁଲିଗଲେ ବାପାଙ୍କୁ ହରାଇବାର ଦୁଃଖ

କରୋନା ସମଗ୍ର ବିଶ୍ୱରେ ମହାମାରୀ ରୂପ ଧାରଣ କରିଛି। ଏହାକୁ ମୁକାବିଲା କରିବା ପାଇଁ ସମସ୍ତେ ତତ୍ପର। ଭାରତରେ ମଧ୍ୟ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗରେ ଥିବା ଜଣେ ଆଇଏଏସ୍ ଅଧିକାରୀଙ୍କ କର୍ତ୍ତବ୍ୟ ଯଥେଷ୍ଟ ଅଧିକ ନିଶ୍ଚୟ। ହେଲେ ବାପାଙ୍କ ବିୟୋଗର ଦିନକ ପରେ କାର୍ଯ୍ୟରେ ଯୋଗଦେଇ ୧୯୯୩ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ନିକୁଞ୍ଜ ଧଳ ଏବେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ବାପାଙ୍କ ମୃତ୍ୟୁର ଦୁଃଖକୁ ପଛରେ ପକାଇ କର୍ତ୍ତବ୍ୟ ହିଁ ଆଗ ବୋଲି ସେ ପ୍ରମାଣିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଏଏସ୍ ଅଧିକାରୀ ଧଳ ଏବେ ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ରହିଛନ୍ତି। ହେଲେ ଗତ ସୋମବାର ବାପାଙ୍କ ପରଲୋକ ଘଟିଥିବାବେଳେ କରୋନାକୁ ମୁକାବିଲା କରିବା ଦିଗରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅନୁଭବ କରି ସେ ଶେଷକୃତ୍ୟ ସାରି ମଙ୍ଗଳବାର ପୁଣି କାର୍ଯ୍ୟରେ ଯୋଗଦେଇଥିଲେ। ଧଳଙ୍କ ଘର ଯାଜପୁର ଜିଲାରେ ହୋଇଥିବାବେଳେ ସେ ସୋମବାର ଦିନକ ପାଇଁ ଛୁଟି ନେଇ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଯାଇଥିଲେ। ନିଜ କର୍ତ୍ତବ୍ୟ ସାରି ୨୪ ଘଣ୍ଟା ମଧ୍ୟରେ ପୁଣି କରୋନା ମୁକାବିଲା ପାଇଁ କାର୍ଯ୍ୟରେ ଯୋଗଦେଇଥିଲେ। ଏଭଳି ଏକ ଦୁଃଖଦ ସମୟରେ ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦେଖାଇ ଧଳ ଏବେ ସବୁଠି ପ୍ରଶଂସାର ପାତ୍ର ହୋଇଛନ୍ତି। ଏ ନେଇ ଆଇଏଏସ୍ ଆସୋସିଏଶନ୍ ପକ୍ଷରୁ ଟୁଇଟ୍ କରାଯାଇଥିବାବେଳେ ଏଭଳି ଜଣେ ଅଧିକାରୀଙ୍କ ପାଇଁ ଗର୍ବ ଅନୁଭବ କରୁଥିବା ଅନେକ ଲୋକ ପ୍ରତିକ୍ରିୟା ରଖିଛନ୍ତି।



ଆଇଏଏସ୍ ଅଫିସର୍ ନିକୁଞ୍ଜ ଧଳ

# ପରମ୍ପରାରେ ପଖାଳ



ବହୁ ପ୍ରାଚୀନ କାଳରୁ ସାରା ଓଡ଼ିଶାରେ ପଖାଳ ଖାଇବା ପାଇଁ ବିଭିନ୍ନ କିସମର କଂସା ବା ପଖାଳ ବେଲା ବ୍ୟବହାର ହୋଇଆସୁଛି। ପଖାଳ ସାଧାରଣତଃ ଦୁଇ ପ୍ରକାର– ସଜ ପଖାଳ ଓ ବାସି ପଖାଳ। ପଖାଳ ଲାଳସାକୁ ନେଇ ଆମ ଢ଼ଗ ଢ଼ମାଳିରେ ଲେଖାଯାଇଛି–'ସକାଳ ପଖାଳ ଦହିକି, ଚିଙ୍ଗୁଡି ଶୁଖୁଆ ପୋଇକି'। ପଶ୍ଚିମ ଓଡ଼ିଶାରେ ଭାଇ ଜିଉନ୍ତିଆ ଓଷା ପରଦିନ ଭଉଣୀମାନେ ପଖାଳ ଖାଇବାର ପରମ୍ପରା ଅଛି। ଓଡ଼ିଶାର ଅନେକ ପ୍ରାନ୍ତରେ ଝିଅଟିଏ ବାହାଘର ପରେ ଶାଶୁଘରକୁ ଯିବା ପୂର୍ବରୁ ପାଖ ପଡ଼ୋଶୀ, ସୂର୍ଯ୍ୟବନ୍ଧୁମାନେ କନ୍ୟାକୁ ଘରକୁ ଡାକି ଖୁଆଇବାର ପରମ୍ପରା 'ତୋରାଣିଖିଆ' ଭାବେ ବେଶ୍ ଜଣାଶୁଣା।

ଆମ ପ୍ରାଚୀନ ପରମ୍ପରାରେ ପଖାଳ ବେଶ ମହତ୍ତ୍ୱ ରଖେ। ଶ୍ରୀମନ୍ଦିରରେ କାଳିଆ ଠାକୁରଙ୍କ ପାଖରେ ଲାଗୁଥିବା ଛପନ ଭୋଗ ମଧ୍ୟରେ ଦହିପଖାଳ ଅନ୍ୟତମ। ମଧ୍ୟାହ୍ନ ଧୂପ ଓ ବଡ଼ସିଂହାର ଭୋଗରେ ଦହିପଖାଳ, ଜିରାପଖାଳ, ମିଠାପଖାଳ

୧୯୩୪ ମସିହାରେ ବାପୁଜୀ ପୁରୀରୁ ଭଦ୍ରକ ପଦଯାତ୍ରା ସମୟରେ କିଛି ଗ୍ରାମରେ ରାତ୍ରିଯାପନ କରୁଥିଲେ। ତା'ଆରଦିନ ସକାଳୁ ପଦଯାତ୍ରୀଙ୍କୁ ଜଳଖିଆ ବଦଳରେ ପଖାଳ ଦିଆଯାଉଥିଲା। ଗାନ୍ଧିଜୀ ବାସିପଖାଳ ଖାଇବାରେ ବେଶ୍ ଆନନ୍ଦ ପାଇଥିଲେ ଏବଂ ସୁଆଦିଆ ବୋଲି କହିଥିଲେ।

ବାସି ପଖାଳରେ ଲୁକ୍ଟୋବାସିଲସ୍ ନାମକ ବ୍ୟାକ୍ଟେରିଆ ଲକଟିକ୍ ଏସିଡ୍ ତିଆରି କରି ତୋରାଣିରେ ଲୁକ୍‌ଟିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପଟାସିୟମ ଓ ସୋଡିୟମ୍ ବଢ଼ିବାରେ ସାହାଯ୍ୟ କରିଥାଏ। ପଖାଳରୁ ଭିଟାମିନ୍ ବି–୬, ବି–୧୨ ମିଳେ। ପଖାଳ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି, ହଜମ ଶକ୍ତି ବଢ଼ିଥାଏ ଓ ଅଂଶୁଘାତରୁ ରକ୍ଷା ମିଳିଥାଏ।

**–ସୁଦର୍ଶନ ସାହୁ, ଜାଗମରା, ଜଗମୋହନ ନଗର, ଭୁବନେଶ୍ୱର,ମୋ: ୮୮୯୫୨୯୫୧୬୫**

| Dollar | Sensex | Nifty | Gold | Silver |
|---|---|---|---|---|
| 75.10 (84) | 581.28 ↓ 28,288.23 | 205.33 ↓ 7,900.00 | ₹31 ↑ 40,718.00 | ₹190 ↓ 35,444.00 |

“ଖଦିର ରପ୍ତାନି ବୃଦ୍ଧି ସହ କେଭିଆଇସିରେ କର୍ପୋରେଟ ସଂସ୍କୃତି କାର୍ଯ୍ୟକାରୀ କରାଇବାର ଆବଶ୍ୟକତା ରହିଛି।

-ନୀତିନ ଗଡକରୀ, କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ



“ଫେବୃୟାରୀ ଶେଷ ସୁଦ୍ଧା ଦେଶର ୯୦ ପ୍ରତିଶତ ଲୋକଙ୍କୁ ଆଧାର ଯୋଗାଇ ଦିଆଯାଇଛି।

-ସଞ୍ଜୟ ଧୋତ୍ରେ, ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ



**କରୋନା ପାଇଁ ବିଗୁଡୁଛି ବଜାରସ୍ଥିତି**

# ଅଭିବୃଦ୍ଧିକୁ ଲାଗିବ ଝଟକା

**ନୂଆଦିଲ୍ଲୀ,୧୯-୩**

କରୋନା ମହାମାରୀର ପ୍ରଭାବ ଦେଶର ଅଭିବୃଦ୍ଧିକୁ ଝଟକା ଦେବ। ବ୍ୟବସାୟ, ହୋଟେଲ ଶିଳ୍ପ, ପରିବହନ ଏବଂ ଯୋଗାଯୋଗ କ୍ଷେତ୍ର ଏହି ମହାମାରୀ ଦ୍ୱାରା ଗଭୀର ଭାବେ କ୍ଷତିଗ୍ରସ୍ତ ହେବ ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏସ୍‌ବିଆଇ ଇକୋରାପ ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦେଶର ବିତ୍ତୀୟ ନିଅଣ୍ଟ ମହାମାରୀ ଯୋଗୁ ୩.୮୮% ଛୁଇଁବ। ଚଳିତ ବର୍ଷ ମାର୍ଚ୍ଚରେ ଟ୍ରାଭେଲ ଏବଂ ପରିବହନ କ୍ଷେତ୍ର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ବ୍ୟବସାୟ, ହୋଟେଲ, ପରିବହନ କ୍ଷେତ୍ର , ଯୋଗାଯୋଗ ଏବଂ ସେବା କ୍ଷେତ୍ର କ୍ଷତିଗ୍ରସ୍ତ ହେବା ଯୋଗୁ ଏହା ଜିଡିପି ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ରିପୋର୍ଟରେ କୁହାଯାଇଛି। କରୋନା ଯୋଗୁ ଆର୍ଥିକ ବର୍ଷ ୨୦୨୦ର ଚତୁର୍ଥ ତ୍ରୈମାସ ନୋମିନାଲ ଜିଡିପି ୧.୪% ଖସିବ ବୋଲି ଆଶଙ୍କା କରାଯାଇଛି। ରାଜସ୍ୱ କମିଥିବାରୁ ସରକାର ୨୦୧୯-୨୦ର ବିତ୍ତୀୟ ନିୟଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ପରିବର୍ତ୍ତନ କରି ୩.୩%ରୁ ୩.୮% କରିଛନ୍ତି। କରୋନା ଯୋଗୁ ଏଥିରେ ପୁଣି ଥରେ ପରିବର୍ତ୍ତନ ଆସିପାରେ ବୋଲି କୁହାଯାଇଛି।



ପରିବର୍ତ୍ତିତ ବିତ୍ତୀୟ ନିୟଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ୩.୮%କୁ କଡାକଡି ଭାବେ ପାଳନ କରିବାକୁ ହେଲେ ସରକାର ୧.୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକ। ବର୍ତ୍ତମାନ ସାରା ବିଶ୍ୱର ସ୍ଥିତି ବେହାଲ ହୋଇପଡିଥିବା ବେଳେ ଘରୋଇ ବଜାର ମଧ୍ୟ ସମାନ ଦଶା ସାମ୍ନା କରୁଛି। ଯଦି କରୋନା ତୃତୀୟ ଏବଂ ଚତୁର୍ଥ ଷ୍ଟେଜକୁ ଯାଏ ତେବେ ବିତ୍ତୀୟ ପ୍ୟାକେଜ ବାଦ ସରକାର ଅନ୍ୟ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଯୋଜନା କରିପାରନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ସେହିଭଳି ସରକାର ଟାକ୍ସ ମୋରାଟୋରିୟମ, ପେମେଣ୍ଟ ସମ୍ପ୍ରସାରଣ, ସୋସିଆଲ ଚାର୍ଜ, ଲୋନ ଗ୍ୟାରେଣ୍ଟି, ବେତନ ସବସିଡି ଭଳି ବିତ୍ତୀୟ ପଦକ୍ଷେପ ହାତକୁ ନେବାର ସମ୍ଭାବନା ରହିଛି। ବିଶ୍ୱ ବଜାରରେ ବର୍ତ୍ତମାନ ଅଶୋଧିତ ତେଲ ଦର କମିଥିବା ଯୋଗୁ ଇନ୍ଧନର ରିଟେଲ ମୂଲ୍ୟ ସରକାର କମାଇ ନ ପାରନ୍ତି। ସେହିଭଳି ଉତ୍ପାଦ ଟିକସ ଇନ୍ଧନ ଉପରେ ବଢିପାରେ। ଇନ୍ଧନ ଉପରେ ଉତ୍ପାଦ ଟିକସ କମାଇ ବିତ୍ତୀୟ ନିୟଣ୍ଟ କମାଇବା ଏବଂ ବଜାରକୁ ଖସିକରିବା ଭଳି ପଦକ୍ଷେପ ନ ନିଅନ୍ତୁ ବୋଲି ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଏହି ଅର୍ଥକୁ ବିତ୍ତୀୟ ପ୍ୟାକେଜ୍, ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ଲାଗି ଆୟ ସହାୟତା ଯୋଗାଣ ଦିଗରେ ସରକାର କାମ କରିବାକୁ କୁହାଯାଇଛି। ବର୍ତ୍ତମାନ ଲୋକଙ୍କ ନିଯୁକ୍ତି ଉପରେ ପ୍ରଭାବ ପଡିବାକୁ ଥିବା ବେଳେ ଏଭଳି କାର୍ଯ୍ୟକ୍ରମ ହାତକୁ ନେବାକୁ ରିପୋର୍ଟରେ କୁହାଯାଇଛି। ସାରା ବିଶ୍ୱ କଥା ବିଚାରକୁ ନେଲେ ଷ୍ଟେଟ ଲୋନ, ଇନକମ ସବସିଡି ଏବଂ ଟାକ୍ସ ଡିଫରାଲ ଭଳି ବିତ୍ତୀୟ ପ୍ୟାକେଜ ଗ୍ରହଣ କରାଯାଇଥାଏ।

- ୩.୮୮% ଛୁଇଁପାରେ ବିତ୍ତୀୟ ନିଅଣ୍ଟ
- ଅଧିକ କ୍ଷତିଗ୍ରସ୍ତ ହେବ ବ୍ୟବସାୟ, ହୋଟେଲ ଶିଳ୍ପ, ପରିବହନ, ଯୋଗାଯୋଗ କ୍ଷେତ୍ର
- ବିତ୍ତୀୟ ପ୍ୟାକେଜ ବାଦ ଆସିପାରେ ବିକଳ୍ପ ପନ୍ଥା

## ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି କ୍ଷତି



ଦେଶର ପୁଞ୍ଜି ବଜାରରେ ଲଗାତର ଭାବେ ଚତୁର୍ଥ ଦିନ ଲାଗି କାରବାର କ୍ଷତିରେ ଚାଲିଛି। ଏହି ସମୟ ମଧ୍ୟରେ ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। କରୋନାର ପ୍ରଭାବ ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ପଡିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଗୁରୁବାର ସେନ୍‌ସେକ୍ସ କାରବାର ୫୮୧.୨୮ ପଏଣ୍ଟ ନିମ୍ନରେ ରହିଛି। ଦିନ ମଧ୍ୟରେ ସୂଚକାଙ୍କ ୨୧୫୫.୦୫ ପଏଣ୍ଟ ଖସିଯାଇଥିଲା। ଗତ ୪ ଦିନ ମଧ୍ୟରେ ସେନ୍‌ସେକ୍ସ ୫,୮୧୫ ପଏଣ୍ଟ ଖସିଛି। ବିଶ୍ୱ ବଜାରରେ ନିବେଶକଙ୍କ ମନୋଭାବ ପ୍ରଭାବିତ ହେବାରୁ ସେମାନେ ନିବେଶ ଅର୍ଥ ଫେରାଇ ନେଉଛନ୍ତି। ଏହି ସମୟରେ ମଡ୍‌କ୍ୟାପ ଏବଂ ସ୍ମଲ କ୍ୟାପ ସୂଚକାଙ୍କ ଯଥାକ୍ରମେ ୩.୭୦% ଏବଂ ୪.୫୩% ଖସିଯାଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ୧୮୨୮ କମ୍ପାନୀର କାରବାର ଖସିଥିବା ବେଳେ ୫୭୪ଟିର କାରବାର ଉନ୍ନତ ଏବଂ ୧୬୪ଟିର ଅପରିବର୍ତ୍ତିତ ରହିଛି। ପ୍ରାୟ ୧୨୦୦ କମ୍ପାନୀ କାରବାର ଗୋଟିଏ ବର୍ଷ ତଳକୁ ଖସିଯାଇଛି।

## ୧୦ ଦିନ ବନ୍ଦ ହୋଇପାରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ



କରୋନା ପ୍ରଭାବ ଯୋଗୁ ଶେୟାର ବଜାରର ନିବେଶକ ଏବେ ଛାନିଆ ହୋଇ ରହିଛନ୍ତି। ଏହାକୁ ବିଚାର କରି ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ୧୦ ଦିନ ଲାଗି ବନ୍ଦ ରଖାଯାଇପାରେ ବୋଲି ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଷ୍ଟକ ବଜାରର ଜଣେ ସକ୍ରିୟ ବ୍ରୋକର ନାମ ଗୋପନ ରଖି କହିଛନ୍ତି ଯେ, ନିବେଶକଙ୍କ ମନରେ ଡର ଯୋଗୁ ଷ୍ଟକ ବଜାର ଦିନକୁ ୧୫୦୦ରୁ ୨୦୦୦ ପଏଣ୍ଟ ଖସୁଛି। ଏହାକୁ ଧ୍ୟାନରେ ରଖି ଷ୍ଟକ ବଜାରକୁ ଗୋଟିଏ ସପ୍ତାହ କିମ୍ବା ୧୦ ଦିନ ବନ୍ଦ ରଖାଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏହା ଉପରେ ଏବେ ଯାଏ କୌଣସି ନିଷ୍ପତ୍ତି ଘୋଷଣା ହୋଇ ନ ଥିବା ସେ କହିଛନ୍ତି। ମାତ୍ର ଏପରି ହେଲେ ଭାରତୀୟ ଶେୟାର ବଜାର ଲାଗି ଏହା ଐତିହାସିକ ହେବ। ଏ ନେଇ ଜଣେ ଅଧିକାରୀଙ୍କୁ ପଚାରିବାକୁ ସେ କିଛି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ଷ୍ଟକ ବଜାରର ସର୍ଟ ସେଲିଂକୁ ସେବି କିଛି ସମୟ ଲାଗି ବନ୍ଦ କରିପାରେ ବୋଲି ଏହା ପୂର୍ବରୁ ଚର୍ଚ୍ଚା ଜୋର ଧରିଥିଲା। ଷ୍ଟକ ଏକ୍ସଚେଞ୍ଜର ୫୦% କର୍ମଚାରୀ ଏବେ ଘରୁ କାମ କରୁଥିବା ଜଣାପଡିଛି।

## ଇଣ୍ଡିଗୋ କର୍ମଚାରୀଙ୍କ ବେତନ ୨୫% ହ୍ରାସ




ଦେଶର ସବୁଠାରୁ ବଡ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋ ଏହାର କର୍ମଚାରୀଙ୍କ ବେତନରେ ୨୫% ହ୍ରାସ କରିବା ପାଇଁ ଘୋଷଣା କରିଛି। କର୍ମଚାରୀମାନେ ୨୫% କମ୍ ବେତନ ନେବେ ବୋଲି ଏହାର ସିଇଓ ରାଣାଜୟ ଦତ୍ତ ସୂଚନା ଦେଇଛନ୍ତି। କରୋନା ପ୍ରଭାବକୁ ନେଇ କମ୍ପାନୀର ଆୟ ଉପରେ ଗଭୀର ପ୍ରଭାବ ପଡିଛି। ଏଥିଯୋଗୁ କମ୍ପାନୀ ଏବେ ସଙ୍କଟରେ ରହିଛଇ। ଏହାବାଦ ଏୟାର ଲାଇନ ଶିଳ୍ପରେ କାରବାର ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରଭାବିତ ରହିଛି। ଏୟାର ଇଣ୍ଡିଆ ଏହାର କର୍ମଚାରୀଙ୍କ ବେତନରେ ୫% ହ୍ରାସ କରିପାରେ। ଏ ନେଇ କମ୍ପାନୀ ବର୍ତ୍ତମାନ ଚୂଡାନ୍ତ ଘୋଷଣା କରିବାକୁ ବାକି ରହିଛି। ଗୋଏୟାର, ଭିସ୍ତାରା ଏବଂ ସ୍ପାଇସ ଜେଟ ଭଳି କମ୍ପାନୀ ଅନ୍ତର୍ଜାତୀୟ ଉଠାଣକୁ ଅନିର୍ଦ୍ଦିଷ୍ଟ ସମୟ ଲାଗି ବନ୍ଦ ରଖିଛନ୍ତି। ଆଗାମୀ ଏପ୍ରିଲ ଯାଏ ଏୟାର ଇଣ୍ଡିଆ ୭ ଦେଶକୁ ବିମାନ ସେବା ବନ୍ଦ କରିଛି। କରୋନା ଲାଗି ଏୟାର ଟ୍ରାନ୍ସପୋର୍ଟ କ୍ଷେତ୍ରକୁ ୧୧୩ ବିଲିୟନ ଡଲାର କ୍ଷତି ସହିବାକୁ ପଡିଛି। ଏହାବାଦ ଗତ ଗୋଟିଏ ମାସ ମଧ୍ୟରେ ଇଣ୍ଡିଗୋ ଶେୟାରରେ ୩୭% ହ୍ରାସ ଘଟିଥିବା ଜଣାପଡିଛି।

## ବିମାନ ଚଳାଚଳ କ୍ଷେତ୍ରକୁ ମିଳିପାରେ ୧୨ ହଜାର କୋଟି



କରୋନା ପ୍ରଭାବକୁ କମ୍ କରିବା ଲାଗି ଦେଶର ବିମାନ ଚଳାଚଳ କ୍ଷେତ୍ରକୁ ୧୨ ହଜାର କୋଟି ଟଙ୍କାର ପ୍ୟାକେଜ ମିଳିପାରେ। ଏବେ ଅଧିକାଂଶ କମ୍ପାନୀ ସେମାନଙ୍କ ବିଦେଶୀ ଉଡାଣକୁ ଅସ୍ଥାୟୀ ସମୟ ଲାଗି ବନ୍ଦ କରି ଦେଇଛନ୍ତି। ବିମାନ କମ୍ପାନୀଗୁଡିକର ନଗଦ କମିବା ଯୋଗୁ ସ୍ଥିତି ବିଗିଡିଛି। ମାର୍ଚ୍ଚ ତ୍ରୈମାସରେ ଦେଶର ବିମାନ ଚଳାଚଳ କ୍ଷେତ୍ରକୁ ୪,୫୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡିପାରେ ବୋଲି ଅନୁମାନ କରାଯାଇଛି। ଏଭଳି ସ୍ଥିତିରେ ବିମାନ ଶିଳ୍ପକୁ ସରକାର ସହାୟତା ଲାଗି ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ଏକ ନ୍ୟୁଜ ଏଜେନ୍ସି ପକ୍ଷରୁ ସୂଚନା ରହିଛି। ଏହାବାଦ ବିମାନ କ୍ଷେତ୍ରକୁ ଟିକସ ରିହାତି ଦେବାକୁ ଅର୍ଥ ମନ୍ତ୍ରଣାଳୟ ଏବେ ବିଚାର କରୁଛି। ଏହାବାଦ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ରେସକ୍ୟୁ ପ୍ୟାକେଜ ଦେବାକୁ ପ୍ରସ୍ତାବ ରହିଛି। ନଗଦ ସଙ୍କଟ ଯୋଗୁ କିଛି ବିମାନ କମ୍ପାନୀ ବନ୍ଦ ହୋଇ ପାରେ ବୋଲି ଏକ ରିପୋର୍ଟ ମଧ୍ୟ ଆସିଛି। ଏହାବାଦ ସାରା ବିଶ୍ୱର ବିମାନ ଚଳାଚଳ କ୍ଷେତ୍ର ଲାଗି ୧୫ ଲକ୍ଷ କୋଟିର ପ୍ୟାକେଜ ଆବଶ୍ୟକ ହେଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## ବିଭିନ୍ନ କ୍ଷେତ୍ରରେ ପ୍ରଭାବ

- ଇ-ନାମ ପ୍ଲାଟଫର୍ମ ବ୍ୟବହାର ଲାଗି କୃଷକଙ୍କୁ ପ୍ରୋତ୍ସାହିତ କରିବାକୁ କହିଲା କେନ୍ଦ୍ର
- ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ୟାକେଜ ଦେବାକୁ ପ୍ରସ୍ତାବ
- କରୋନା ପ୍ରଭାବ ବିମାନ ଚଳାଚଳ, ପରିବହନ କ୍ଷେତ୍ରକୁ କ୍ଷତିଗ୍ରସ୍ତ କରିଥିବାରୁ ମାର୍ଚ୍ଚ ମାସର ପ୍ରଥମ ୨ ସପ୍ତାହରେ ଭାରତର ଇନ୍ଧନ ଚାହିଦା ୧୧% ଖସିଯାଇଛି।
- କରୋନା ବ୍ୟାପି ଚାଲିଲେ ସ୍ୱଳ୍ପ ମିଆଦି ଭିତ୍ତିରେ ଦେଶର ଅଟୋମୋବାଇଲ କ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବକୁ ଏଡାଇ ଦିଆଯାଇ ନ ପାରେ ବୋଲି ଇଣ୍ଡିଆ ରେଟିଂ ଏକ ରିପୋର୍ଟରେ କହିଛି।
- ରିୟଲ ଇଷ୍ଟେଟ କ୍ଷେତ୍ରରେ ସମ୍ପତ୍ତି ବିକ୍ରି, ନିର୍ମାଣ ବାଧାପ୍ରାପ୍ତ: କ୍ରେଡାଇ
- ପ୍ରଭାବିତ ଶିଳ୍ପ ୟୁନିଟଗୁଡିକ ପୁଣି ଟ୍ରାକକୁ ଫେରିବାକୁ ୬ରୁ ୯ ମାସ ସମୟ ଲାଗିବ ବୋଲି ଶିଳ୍ପ ଜଗତ କହିଛି।
- ଶାଖାକୁ ଆସିବା ପରିବର୍ତ୍ତେ ନେଟ ବ୍ୟାଙ୍କିଙ୍ଗ ଏବଂ ମୋବାଇଲ ଆପ ବ୍ୟବହାର କରିବାକୁ ଆକ୍ସିସ ବ୍ୟାଙ୍କର ନିବେଦନ
- ୟୁରୋପରେ ଉତ୍ପାଦନ କମାଇବା ଲାଗି ଆର୍ସେଲର ମିତ୍ତଲ ଯୋଜନା ରଖିଥିବା ସୂଚନା ଦେଇଛି।
- କାର୍ଯ୍ୟ ପରିସର ଉପରେ କରୋନା ଗଭୀର ଭାବେ ପ୍ରଭାବ ପକାଇଥିବା ଟାଇମ୍ସ ଜବ୍ ସର୍ଭେରେ କୁହାଯାଇଛି।

## ଘରୋଇ ସଂସ୍ଥାଙ୍କୁ ‘ୱାର୍କ ଫ୍ରମ ହୋମ’ ନିର୍ଦ୍ଦେଶ

ଏବେ ସାରା ଦେଶରେ କରୋନାରେ ୧୭୦ ଲୋକ ଆକ୍ରାନ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ଫ୍ଲାଇଟଗୁଡିକୁ ସରକାର ଆଗାମୀ କିଛି ଦିନ ବ୍ୟାନ କରି ଦେଇଛନ୍ତି। ଘରୋଇ କମ୍ପାନୀର କର୍ମଚାରୀମାନେ ଘରୁ କାମ କରିବା ଲାଗି ସରକାର ରାଜ୍ୟଗୁଡିକୁ କହିଛନ୍ତି। ରାଜ୍ୟଗୁଡିକ ଏ ପ୍ରସଙ୍ଗକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି। ଆସନ୍ତା ଗୋଟିଏ ସପ୍ତାହ ଲାଗି ଦେଶ ମଧ୍ୟକୁ କୌଣସି ଅନ୍ତର୍ଜାତୀୟ ବିମାନ ପ୍ରବେଶ ନିଷେଧ କରାଯାଇଛି। ୧୦ ବର୍ଷରୁ କମ୍ ବୟସର ପିଲାମାନେ ଘରେ ରହିବାକୁ ନିର୍ଦ୍ଦେଶ ରହିଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଏହାର ଅଧିକାଂଶ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଛି। ଏହି ଧାରାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମଧ୍ୟ ଯୋଡି ହୋଇଛି।

## ୭୫ ସ୍ତର ଛୁଇଁଲା ଟଙ୍କା



ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୪ ପଇସା ନିମ୍ନରେ ରହିବା ଯୋଗୁ ଏହା ପ୍ରାୟ ୭୫.୧୦ ଟଙ୍କା ସ୍ତରରେ ରହିଛି। ଅର୍ଥନୈତିକ ମାନ୍ଦାବସ୍ଥା ଏବଂ କରୋନା ଭାଇରସ ଆତଙ୍କ ଯୋଗୁ ବଜାର ସ୍ଥିତି ଏଭଳି ବିଗିଡି ଯାଇଛି। ଘରୋଇ ଶେୟାର କାରବାର ଲଗାତର ଖସୁଥିବା ବେଳେ ବିଦେଶୀ ନିବେଶକମାନେ ସେମାନଙ୍କ ଜମା ଅର୍ଥ ବଜାରରୁ କାଢି ନେଉଛନ୍ତି। ଇଣ୍ଟରବ୍ୟାଙ୍କ ଏକ୍ସଚେଞ୍ଜ ବଜାରରେ ଟଙ୍କା ୭୪.୯୬ ସ୍ତରରୁ କାରବାର ଆରମ୍ଭ କରିଥିଲା। ଏହା ଦିନ ମଧ୍ୟରେ ସର୍ବାଧିକ ୭୪.୭୦ ସ୍ତରରେ ରହିଥିଲା। ଡଲାର ତୁଳନାରେ ଦିନର ନିମ୍ନ କାରବାର ସର୍ବନିମ୍ନ ସ୍ତର ୭୫.୩୦ ସ୍ତରରେ ରହିଥିଲା। ଶେଷରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ପୂର୍ବ କ୍ଲୋଜିଂ ତୁଳନାରେ ୮୪% ନିମ୍ନରେ ରହି ୭୫.୧୦ ସ୍ତରରେ ରହିଛି। ବୁଧବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୪.୨୬ ସ୍ତରରେ ରହିଥିଲା।

## ଡୁରିଆନର ଇୟର ଏଣ୍ଡ ଏକ୍ସଚେଞ୍ଜ ଅଫର

**ଭୁବନେଶ୍ୱର,୧୯-୩**

ପ୍ରମୁଖ ଫର୍ନିଚର ନିର୍ମାତା କମ୍ପାନୀ ଡୁରିଆନ ପକ୍ଷରୁ ଇୟର ଏଣ୍ଡ ଏକ୍ସଚେଞ୍ଜ ଅଫର ଘୋଷଣା କରାଯାଇଛି। ‘ପୁରୁଣା ଦିଅନ୍ତୁ, ନୂଆ ନିଅନ୍ତୁ’ ନାମରେ ଆରମ୍ଭ ହୋଇଥିବା ଅଫରରେ ପୁରୁଣା ଫର୍ନିଚର ଏକ୍ସଚେଞ୍ଜ ଉପରେ ଆକର୍ଷଣୀୟ ୪୫% ଫ୍ଲାଟ ନିଶ୍ଚିତ ରିହାତି ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଛି। ଷ୍ଟୋରରେ ଲିଭିଂ, ଡାଇନିଂ, ବେଡରୁମ୍, ଷ୍ଟୋରେଜ ଏବଂ ଅଫିସ ବର୍ଗରେ ଫର୍ନିଚର ପ୍ରଦାନ କରାଯାଉଛି। ସବୁ ବର୍ଗର ଫର୍ନିଚର ଉପରେ ଗ୍ରାହକ ଏହି ଲାଭ ଉଠାଇ ପାରିବେ। ବିସ୍ତୃତ ବର୍ଗର ଫର୍ନିଚର ଗ୍ରାହକ ଏହି ସମୟରେ ଚୟନ କରିବାର ମଧ୍ୟ ସୁବିଧା ପାଇପାରିବେ। ଗ୍ରାହକଙ୍କ ଘରକୁ ଟ୍ରାନ୍ସଫର୍ମ କରିବା ଦିଗରେ ବିଭିନ୍ନ ଡିଜାଇନର ପ୍ରଡକ୍ଟ କମ୍ପାନୀ ପ୍ରସ୍ତୁତ କରିଛି। ଏହି ସବୁ ପ୍ରଡକ୍ଟଗୁଡିକ ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତା ପୂରଣ ଦିଗରେ ସହାୟକ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏବେ ଗ୍ରାହକମାନେ ବିଭିନ୍ନ ପ୍ରଡକ୍ଟ ଡିଜାଇନ ପସନ୍ଦ କରୁଥିବାରୁ ସେହି ଆଧାରରେ ଫର୍ନିଚର ପ୍ରସ୍ତୁତ କରାଯାଉଛି। ଏହାବାଦ ୫ ବର୍ଷର ୱାରେଣ୍ଟି, କ୍ରେଡିଟ କାର୍ଡରେ ସହଜ ଇଏମ୍‌ଆଇ, ପେଟିଏମ୍‌ରେ କ୍ୟାଶବ୍ୟାକ, ବଜାଜ ଫିନସର୍ଭ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କାର୍ଡରେ ବିଭିନ୍ନ ସୁବିଧା ମିଳୁଛି। ସେହିଭଳି ଫ୍ରି ହୋମ୍ ଡେଲିଭରି ଏବଂ ପିକଅପ୍ ସୁବିଧା (ସର୍ତ୍ତସହ) ଗ୍ରାହକଙ୍କ ଲାଗି ରହିଥିବା ବେଳେ ଏହା ଲିମିଟେଡ ସମୟ ପର୍ଯ୍ୟନ୍ତ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ହୋମ୍ ଟାଉନରେ ଆକର୍ଷଣୀୟ ରିହାତି

**ଭୁବନେଶ୍ୱର,୧୯-୩:** ହୋମ ଟାଉନ ପକ୍ଷରୁ ବହୁ ପ୍ରତିକ୍ଷିତ ବାର୍ଷିକ ବିନିମୟ ଏବଂ ଅଭିବୃଦ୍ଧିୟ ବିକ୍ରୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋର ପକ୍ଷରୁ ସବୁ ପ୍ରକାରର ଆସବାବପତ୍ର, ଗୃହ ଉପକରଣ, ବୈଦ୍ୟୁତିକ ଉପକରଣ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସେହିଭଳି ବିନିମୟ ଉପରେ ଅତିରିକ୍ତ ୨୫% ରିହାତି ରହିଛି। ଏହି ଅଫର ମାର୍ଚ୍ଚ ମାସ ଶେଷ ଯାଏ ରହିଛି। ଗ୍ରାହକମାନେ ନିଜର ପୁରୁଣା ଗୃହ ଉପକରଣ ଆସବାବପାଇଁ ଆକର୍ଷଣୀୟ ମୂଲ୍ୟ ପାଇପାରିବେ। ନିଜର ଆବଶ୍ୟକୀୟ ସମସ୍ତ ନୂତନ ଜିନିଷ ପାଇଁ ଆକର୍ଷଣୀୟ ରିହାତିରେ ସୁବିଧା ନେଇ ପାରିବେ। ଷ୍ଟୋରରେ ଡାଇନିଂ ରୁମ୍, ବେଡରୁମ୍, ପାରମ୍ପରିକ, ସମସାମୟିକ ଏବଂ ଆଧୁନିକ ଡିଜାଇନ ରହିଛି। ଆଧୁନିକ ସାଜସଜା ପ୍ରଚଳିତ ଫ୍ୟାଶନରେ ୫ ହଜାରରୁ ଅଧିକ ଡିଜାଇନ, ଆଧୁନିକ ମଡ୍ୟୁଲାର ସଲ୍ୟୁଶନ, ୧୦୦ରୁ ଅଧିକ ଡିଜାଇନ, ନିର୍ଭରଯୋଗ୍ୟ ୱାରେଣ୍ଟି ଏହା ଦେଉଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି।

## ବଜାଜର ବିଏସ୍-୬ ବାଣିଜ୍ୟିକ ଯାନ



**ନୂଆଦିଲ୍ଲୀ,୧୯-୩:** ବଜାଜ ଅଟୋ ଲିମିଟେଡ ପକ୍ଷରୁ ୩ ଚକିଆ ବିଏସ୍-୬ ବାଣିଜ୍ୟିକ ଯାନ ବଜାରକୁ ଆସିଛି। କମ୍ପାନୀ ପକ୍ଷରୁ ଏହା ବ୍ରାଣ୍ଡ ଆର୍‌ଆଇ, ମାକ୍ସିମା ଏବଂ ମାକ୍ସିମା କାର୍ଗୋର ବହୁବିଧ ରେଞ୍ଜ ଏହା ମଧ୍ୟରେ ସାମିଲ ରହିଛି। ଏହି ସବୁ ବର୍ଗଗୁଡିକରେ ୧୪ଟି ମଡେଲ ସାମିଲ ରହିଛି। କମ୍ପାନୀ ଏହାର ସବୁ ୩ ଚକିଆ ରେଞ୍ଜକୁ ବିଏସ୍-୬ରେ ରୂପାନ୍ତରିତ କରିଛି। ଆର୍‌ଇ ବ୍ରାଣ୍ଡ ବର୍ତ୍ତମାନ ଫୁଏଲ ଇଞ୍ଜେକଶନ ଟେକ୍ନୋଲୋଜି, ୨୩୬ ସିସି ଇଞ୍ଜିନ ଏବଂ ୩ ଇନ୍ଧନ ବିକଳ୍ପ ସହ ଆସୁଛି। ମାକ୍ସିମା ବ୍ରାଣ୍ଡ ସମାନ ଇଞ୍ଜିନ ଦକ୍ଷତା ସହ ଆସୁଥିବା ବେଳେ ନିରନ୍ତର ଶକ୍ତି ଏବଂ ଇନ୍ଧନ ଦକ୍ଷତା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୩ ହ୍ୱିଲର ବର୍ଗରେ କମ୍ପାନୀ ପ୍ରମୁଖ ବଜାର ଅଂଶୀଦାର ଥିବା କହିଛି। ବିଏସ୍-୬ ନିର୍ଗମନ ନିୟମକୁ ଧ୍ୟାନରେ ରଖି କମ୍ପାନୀ ଆଗୁଆ ନୂଆ ମଡେଲଗୁଡିକୁ ବଜାରକୁ ଛାଡିଛି। ବିଶ୍ୱସ୍ତରୀୟ ଗବେଷଣା ଏବଂ ଉନ୍ନତିକରଣ ଟିମ୍ ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ ମଡେଲଗୁଡିକ ବଜାରରେ ପ୍ରମୁଖ ସ୍ଥାନ ହାସଲ କରିବାକୁ ସହାୟତା କରିବା ନେଇ ଆଶାବାଦୀ ବୋଲି ବଜାଜ ଅଟୋ ଲିମିଟେଡର ଯୁଗ୍ମ ସଭାପତି ସମରଦୀପ ସୁବନ୍ଧ ସୂଚନା ଦେଇଛନ୍ତି।

## ବିଏସ୍-୪ ଟୁହ୍ୱିଲର୍ସ କିଣିବା ଲାଗି ଶେଷ ସୁଯୋଗ

**ନୂଆଦିଲ୍ଲୀ,୧୯-୩**

ବିଏସ୍-୪ ଯାନ କିଣିବା ଲାଗି ଚଳିତ ସପ୍ତାହରେ ଶେଷ ସୁଯୋଗ ରହିଛି। ବିଏସ୍ -୪ ଟ୍ରାଞ୍ଜିଶନ ଲାଗି ମାର୍ଚ୍ଚ ୩୧ କୁ ଶେଷ ସୀମା ଭାବେ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ବିଏସ୍-୪ ଯାନ କ୍ରୟ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏହି ଯାନ କ୍ରୟ ଉପରେ ଅନ୍ତତଃ ପକ୍ଷେ ୧୦ ହଜାର ଟଙ୍କାର ସୁବିଧା ଗ୍ରାହକ ପାଇପାରିବେ। ଏହା ବାଦ କିଛି ପ୍ରଡକ୍ଟ ଉପରେ ଏହା ୧୫ ହଜାର ଟଙ୍କା ରହିଛି। ବର୍ତ୍ତମାନ ହିରୋ ମୋଟୋକର୍ପ, ହୋଣ୍ଡା ଟୁହ୍ୱିଲର୍ସ,ଟିଭିଏସ୍ ଭଳି କମ୍ପାନୀ ବିଏସ୍-୬ ଯାନ ବଜାରକୁ ଛାଡିଛନ୍ତି। ନୂଆ ମଡେଲଗୁଡିକର ମୂଲ୍ୟ ବିଏସ୍-୪ ତୁଳନାରେ ପ୍ରାୟ ୭ରୁ ୧୫ ହଜାର ଟଙ୍କା ଯାଏ ଅଧିକ ରହୁଛି। ନୂଆ ନିର୍ଗମନ ନିୟମ କାର୍ଯ୍ୟକାରୀ ହେବା ଯୋଗୁ ଯାନଗୁଡିକର ଇନପୁଟ ଖର୍ଚ୍ଚ ବଢିଛି। ଏହାକୁ ନଜରରେ ରଖି ବିଏସ୍-୬ ମଡେଲ ଦର ଉଚ୍ଚରେ ରହୁଛି। ଏକ ପ୍ରମୁଖ କମ୍ପାନୀର ଜଣେ ଡିଲର କହିଛନ୍ତି ଯେ, ଗତ ୨ ମାସ ହେବ ବିଏସ୍ -୪ ଯାନଗୁଡିକର ବିକ୍ରି ଉନ୍ନତ ରହିଛି। ଷ୍ଟକ ଶେଷ ହେବା ଉପରେ ରହିଛି। ବିକ୍ରି ଲାଗି ରହିଥିବା ଧାର୍ଯ୍ୟ ସୀମା ଶେଷ ହେବାକୁ ଯାଉଥିବାରୁ ଲୋକଙ୍କ ମଧ୍ୟରେ ଚାହିଦା ଲାଗି ରହିବ। ବିଏସ୍-୪ ଯାନ କ୍ରୟରେ ମୂଲ୍ୟ ସୁବିଧା କଣ ରହିଛି ତାହା ଲୋକଙ୍କୁ ଜଣାଥିବାରୁ ଷ୍ଟକ ପ୍ରାୟତଃ ରହିବନି ବୋଲି ଆଶା ରହିଛି।

## ରେନୋ ପକ୍ଷରୁ ନୂଆ ଡଷ୍ଟର

**ନୂଆଦିଲ୍ଲୀ,୧୯-୩**



ପ୍ରମୁଖ ୟୁରୋପିଆନ ଯାନ ନିର୍ମାତା ବ୍ରାଣ୍ଡ ରେନୋ ଇଣ୍ଡିଆ ପକ୍ଷରୁ ନୂଆ ବିଏସ୍-୬ ମାନକ ଯୁକ୍ତ ଡଷ୍ଟର ବଜାରକୁ ଆସିଛି। କମ୍ପାନୀ ଚଳିତ ବର୍ଷ ବିଏସ୍-୬ ବର୍ଗରେ ଟ୍ରାଇବର ଏବଂ କ୍ୱିଡ ମଡେଲକୁ ଶୁଭାରମ୍ଭ କରିବା ପରେ ଏହି ମଡେଲଟି ଆଣିଛି। ଏହା ୧.୫ ଲିଟର ପେଟ୍ରୋଲ ଇଞ୍ଜିନ ଏବଂ ୫ ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ଆସୁଛି। ଆର୍‌ଏକ୍ସଇ, ଆର୍‌ଏକ୍ସଏସ୍ ଏବଂ ଆର୍‌ଏକ୍ସଜେଡ ଭର୍ଜନରେ ଏହା ଉପଲବ୍ଧ। ଏହାର ପାୱାର ଆଉଟପୁଟ ଏବଂ ଟର୍କରେ ବିଶେଷ କିଛି ପରିବର୍ତ୍ତନ କରାଯାଇନାହିଁ। ମଡେଲଟିର ବଜାର ଦର ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଯାନଟିର ଇନ୍ଧନ ଦକ୍ଷତା ୧୪.୨୬ କିମି ପ୍ରତି ଲିଟର ରହିଛି। ରେନୋ ଇଣ୍ଡିଆର ପ୍ରଡକ୍ଟ ପୋର୍ଟଫୋଲିଓରେ ଏହି ମଡେଲଟି ଏକ ପ୍ରମୁଖ ସ୍ଥାନରେ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତାକୁ ପୂରଣ ଦିଗରେ ସବୁ ପ୍ରସଙ୍ଗକୁ ବିଚାର କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମଡେଲଟିରେ ଆକର୍ଷଣୀୟ ଏକ୍ସଟେରିୟର, ମନଲୋଭା ଇଣ୍ଟେରିୟର, ନୂତନ ଷ୍ଟାଣ୍ଡାର୍ଡ ଏସ୍‌ୟୁଭି ସେଗମେଣ୍ଟ ଗ୍ରାହକଙ୍କ ଲାଗି ଉପଲବ୍ଧ।

“ ସତର୍କତା ଅବଲମ୍ବନ କରିବା ସହ ନିଜ ଘରେ କିଛି ଦିନ ରହିପାରିଲେ କରୋନା ଭାଇରସ୍ ଭୟ ଦୂର ହେବା ସହ ଇଟାଲିଆନ ଫୁଟ୍‌ବଲ ଆରମ୍ଭ ହୋଇପାରିବ ।

–ଫ୍ରାନ୍ସିସ୍କୋ କାପୁଟୋ, ଫୁଟ୍‌ବଲ ଖେଳାଳି



“ ସ୍ୱଦେଶୀ ଖେଳ କବାଡ଼ିକୁ କିପରି ଅଲିମ୍ପିକ୍ସରେ ସାମିଲ କରାଯାଇ ପାରିବ ସେ ନେଇ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରଖାଯାଇଛି ।

–କିରେନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ



## ସଂକ୍ଷେପରେ

### ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ନେଭିଲେଙ୍କ ହୋଟେଲ ଫ୍ରି

ଲଣ୍ଡନ, ୧୯।୩- ମାରାତ୍ମକ କରୋନା ଭାଇରସ୍ ବିଶ୍ୱରେ ଏହାର କାୟା ବିସ୍ତାର କରି ଚାଲିଛି। ଏଭଳି ଏକ ଦୁର୍ଦ୍ଦିନ ସମୟରେ ଇଂଲଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ଫୁଟ୍‌ବଲ ଖେଳାଳି ଗ୍ୟାରୀ ନେଭିଲେ ସହାୟତାର ହାତ ବଢ଼ାଇଛନ୍ତି। ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍) ଷ୍ଟାଫ୍‌ଙ୍କ ଲାଗି ନେଭିଲେ ମାଞ୍ଚେଷ୍ଟରରେ ଥିବା ନିଜର ୨ଟି ହୋଟେଲରେ ମାଗଣା ରହିବା ବ୍ୟବସ୍ଥା ଉପଲବ୍ଧ କରିଛନ୍ତି। ଏହି ହୋଟେଲ ୨ଟି ଏବେ ସାଧାରଣ ଲୋକଙ୍କ ପାଇଁ ବନ୍ଦ ହୋଇଯାଇଛି। ଦୁଇଟି ଯାକ ହୋଟେଲରେ ୧୭୬ ବେଡ୍ ରହିଛି, ଯେଉଁଥିରେ ଏନ୍‌ଏଚ୍‌ଏସ୍ ଓ ଅନ୍ୟ ମେଡିକାଲ ଷ୍ଟାଫ୍ ମାଗଣାରେ ରହିପାରିବେ ବୋଲି ଏହି ଡିଫେଣ୍ଡର ଖେଳାଳି ଘୋଷଣା କରିଛନ୍ତି। ସାଧାରଣଙ୍କ ଲାଗି ହୋଟେଲ ବନ୍ଦ ହୋଇଯାଇଥିଲେ ମଧ୍ୟ ଏହାର କର୍ମଚାରୀ ସେଠାରେ ରହି ଡାକ୍ତର, ନର୍ସ, ମେଡିକାଲ ଷ୍ଟାଫ୍‌ଙ୍କୁ ସର୍ଭିସ ଯୋଗାଇବେ। ‘ଏହା ଏଭଳି ଏକ ସମୟ ଯେତେବେଳେ କି ସମଗ୍ର ଉଦ୍ୟୋଗ ଜଗତ ଏକଜୁଟ ହେବା ଆବଶ୍ୟକ ରହିଛି। ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଆଗାମୀ ଦିନରେ ଅଧିକ ଆବାସ ଆବଶ୍ୟକ କରିବେ’ ବୋଲି ନେଭିଲେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବତନ ସାଥୀ ଖେଳାଳି ର୍‍ୟାନ୍ ଗିଜିଙ୍କ ସହ ମିଶି ନେଭିଲେ ଏହି ୨ଟି ହୋଟେଲ ପ୍ରତିଷ୍ଠା କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡରେ ‘ହୋଟେଲ ଫୁଟ୍‌ବଲ’ ଏବଂ ସିଟି ସେଣ୍ଟରରେ ‘ଦି ଷ୍ଟାକ୍ ଏକ୍ସଚେଞ୍ଜ ହୋଟେଲ’ ନାମରେ ଏହି ୨ଟି ହୋଟେଲ ରହିଛି।

### ସଞ୍ଜୟ ବାଙ୍ଗରଙ୍କ ଅଗ୍ରାହ୍ୟ

ନୂଆଦିଲ୍ଲୀ,୧୯।୩ (ପି.ଟି.)- ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗର ବାଂଲାଦେଶ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି। ବ୍ୟକ୍ତିଗତ ଓ ବ୍ୟବସାୟିକ ପ୍ରତିବଦ୍ଧତା ଲାଗି ଏହି ପ୍ରସ୍ତାବକୁ ସେ ମନା କରିଦେଇଥିବା ବାଙ୍ଗର କହିଛନ୍ତି। ‘ସେମାନେ ମୋତେ ୮ ସପ୍ତାହ ତଳେ ବାଂଲାଦେଶ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପଦ ପାଇଁ ଅଫର୍ ଦେଇଥିଲେ। କିନ୍ତୁ ମୁଁ ଷ୍ଟାର ସ୍ପୋର୍ଟ୍ସ ସହ ୨ ବର୍ଷିଆ ଚୁକ୍ତି କରିଛି। ଯାହାକି ମୋତେ ବ୍ୟକ୍ତିଗତ ତଥା ବ୍ୟବସାୟିକ ପ୍ରତିବଦ୍ଧତାକୁ ସନ୍ତୁଳନ ରକ୍ଷା କରିବାର ସୁଯୋଗ ଦେଇଛି। ତେବେ ଭବିଷ୍ୟତରେ ବାଂଲାଦେଶ କ୍ରିକେଟ୍ ବୋର୍ଡ ସହ କାମ କରିବାକୁ ଅପେକ୍ଷା କରିଛି’ ବୋଲି ବାଙ୍ଗର ଏକ ସାକ୍ଷାତ୍‌କାରରେ କହିଛନ୍ତି। ବାଙ୍ଗର ଏଥିପୂର୍ବରୁ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଭାରତୀୟ ପୁରୁଷ କ୍ରିକେଟ ଦଳର ବ୍ୟାଟିଂ କୋଚ୍ ପଦରେ ଦାୟିତ୍ୱ ତୁଲାଇଥିଲେ। ଗତବର୍ଷ ସେପ୍ଟେମ୍ବରରେ ବାଙ୍ଗରଙ୍କ ସ୍ଥାନରେ ବିକ୍ରମ ରାଠୋରଙ୍କୁ ଏହି ପଦରେ ରଖାଯାଇଥିଲା। ରବି ଶାସ୍ତ୍ରୀଙ୍କ ନେତୃତ୍ୱାଧୀନ କୋଚିଂ ଷ୍ଟାଫ୍ ମଧ୍ୟରେ କେବଳ ବାଙ୍ଗର ତାଙ୍କ ପଦ ବଜାୟ ରଖିବାରେ ବିଫଳ ହୋଇଥିଲେ।






**ଅଲିମ୍ପିକ୍ ମଶାଲ ହସ୍ତାନ୍ତର ଉତ୍ସବ:** ଏଥେନ୍ସଠାରେ ଗୁରୁବାର ହେଲେନିକ୍ ଅଲିମ୍ପିକ୍ କମିଟି ସଭାପତି ସ୍ପାଇରସ କାପ୍ରାଲୋସ(ବାମ) ପୂର୍ବତନ ଜାପାନିଜ ସନ୍ତରଣକାରୀ ନାଓକୋ ଇମୋତୋଙ୍କୁ ଟୋକିଓ ୨୦୨୦ ଅଲିମ୍ପିକ୍ସ ମଶାଲ ହସ୍ତାନ୍ତର କରୁଛନ୍ତି। ଉତ୍ସବରେ ଅଂଶଗ୍ରହଣ କରିଥିବା ଗ୍ରୀକ୍ ପୋଲଭଲ୍ଟ ଅଲିମ୍ପିକ୍ ଚାମ୍ପିୟନ କାଟେରିନା ଷ୍ଟିଫାନିଡି।

# ଅଲିମ୍ପିକ ମଶାଲ ଟୋକିଓ ଗେମ୍ସ ଆୟୋଜକଙ୍କୁ ହସ୍ତାନ୍ତର

ଏଥେନ୍ସ, ୧୯।୩ (ଏଏଫ୍‌ପି)

ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରୀସ୍ ଟୋକିଓ ୨୦୨୦ ଗେମ୍ସ ଆୟୋଜକଙ୍କୁ ଅଲିମ୍ପିକ ମଶାଲ ହସ୍ତାନ୍ତର କରିଛି। ରୁଦ୍ଧଦ୍ୱାର ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦର୍ଶକଙ୍କ ଅନୁପସ୍ଥିତିରେ ଅଲିମ୍ପିକ ଜିମ୍ନାଷ୍ଟିକ୍ସ ଚାମ୍ପିୟନ ଲେଫ୍ଟରିସ୍ ପେଟ୍ରୋନିଆସ୍ ମଶାଲ ସହ ଗୋଟିଏ ପର୍ଯ୍ୟାୟ ଦୌଡ଼ିଥିଲେ। ପରେ ଅଲିମ୍ପିକ ପୋଲ୍‌ଭଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଅଲ୍ ମାର୍ବଲ ପାନାଥେନାଇକ୍ ଷ୍ଟାଡିୟମରେ ରହିଥିବା କଲଡ୍ରନ୍‌ରେ ଅଗ୍ନି ସଂଯୋଗ କରିଥିଲେ। ଏହି ଷ୍ଟାଡିୟମରେ ୧୮୯୬ରେ ପ୍ରଥମ ଆଧୁନିକ ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଥିଲା। ପରେ ଏହି ମଶାଲକୁ ଟୋକିଓ ୨୦୨୦ ପ୍ରତିନିଧି ନାଓକୋ ଇମୋତୋଙ୍କୁ ହସ୍ତାନ୍ତର କରାଯାଇଥିଲା। ଇମୋତୋ ହେଉଛନ୍ତି ଜଣେ ସନ୍ତରଣକାରୀ। ସେ ୧୯୯୬ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ସେ ୟୁନିସେଫ୍‌ର ଜଣେ ପ୍ରତିନିଧି ମଧ୍ୟ। ସେ ପୂର୍ବରୁ ଗ୍ରୀସ୍‌ରେ ଉପସ୍ଥିତ ଥିବାରୁ ତାଙ୍କୁ



ପାରମ୍ପରିକ ପୋଷାକ ପରିହିତ ଗ୍ରୀକ୍ ଅଭିନେତ୍ରୀ କାନଥି ଜର୍ଜ୍ଜ୍ୟୁ ଅଲିମ୍ପିକ୍ ମଶାଲରେ ଅଗ୍ନି ସଂଯୋଗ କରୁଛନ୍ତି।

ଶେଷ ମୁହୂର୍ତ୍ତରେ ନିଯୁକ୍ତି ଦିଆଯାଇଥିଲା। ଫଳରେ ମଶାଲ ଆଣିବା ଲାଗି ଜାପାନରୁ କାହାରିକୁ ଗ୍ରୀସ୍ ଯିବାକୁ ପଡ଼ି ନ ଥିଲା। ଗତ ସପ୍ତାହରେ ପୁରାତନ ଅଲିମ୍ପିଆରେ ମଶାଲରେ ଅଗ୍ନି ସଂଯୋଗ ଉତ୍ସବ ବିନା ଦର୍ଶକରେ ଅନୁଷ୍ଠିତ ହୋଇଥିଲା। ଗ୍ରୀସ୍‌ରେ ମାରାତ୍ମକ କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇ ଗୁରୁବାର ଜଣଙ୍କର ମୃତ୍ୟୁ ଘଟିଛି। ଗ୍ରୀକ୍ ଅଲିମ୍ପିକ କମିଟି ଚେୟାରମ୍ୟାନ ସ୍ପାଇରସ୍ କାର୍ପାଲସ୍ କୋଭିଡ୍-୧୯ର ଆବିର୍ଭାବ ଯୋଗୁ ଆମକୁ କିଛି କଠୋର ପଦକ୍ଷେପ ନେବାକୁ ହୋଇଛି। ନିର୍ଦ୍ଧାରିତ ଯୋଜନାରେ କେତେକ ପରିବର୍ତ୍ତନ କରିବାକୁ ହୋଇଛି। ଏଥିପାଇଁ ଆମେ ଦୁଃଖିତ। ଗୁରୁବାର ଆୟୋଜିତ ଉତ୍ସବରେ ଟୋକିଓ ଆୟୋଜକ ଅନୁପସ୍ଥିତ ଥିଲେ। ଗତ ସପ୍ତାହରେ ସ୍ପାର୍ଟାଠାରେ ଅନୁଷ୍ଠିତ କଲଡ୍ରନ ଅଗ୍ନି ସଂଯୋଗ ଉତ୍ସବରେ କଟକଣା ସତ୍ତ୍ୱେ ହଲିଉଡ୍ ଅଭିନେତା ଜେରାର୍ଡ ବଟଲରଙ୍କୁ ଦେଖିବା ଲାଗି ଜନସମାଗମ ହୋଇଥିଲା। ଖବର ଅନୁସାରେ ସମଗ୍ର ବିଶ୍ୱରେ କୋଭିଡ୍-୧୯ ଦ୍ୱାରା ୨୦୦,୦୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ୧୫୦ଟି ଦେଶରେ ମୋଟ ୮,୦୦୦ରୁ ଅଧିକ ମୃତ୍ୟୁବରଣ କରିସାରିଲେଣି। କେବଳ ଗ୍ରୀସ୍‌ରେ ୫ଜଣଙ୍କର ପ୍ରାଣହାନି ଘଟିସାରିଲାଣି। ଗୁରୁବାର ୭ମ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ବିଶ୍ୱବ୍ୟାପୀ ପ୍ରମୁଖ ସ୍ପୋର୍ଟିଂ ଇଭେଣ୍ଟଗୁଡ଼ିକ ସ୍ଥଗିତ ଅବା ବାତିଲ କରାଯାଇଛି। ଅଲିମ୍ପିକ୍ସ ଆୟୋଜନ ହୋଇ ପାରିବ କି ନା ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଏଣେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଦୃଢତାର ସହିତ କହିଆସୁଛିଯେ, ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୨୪ରୁ ଅଲିମ୍ପିକ୍ସ ଆୟୋଜନ ଲାଗି ଯୋଜନା ଚାଲିଛି। ବିଶ୍ୱର କେତେଜଣ ଟପ୍ ଆଥ୍‌ଲେଟ କହିଛନ୍ତି, କରୋନା ଭାଇରସ୍ ଯୋଗୁ ସେମାନଙ୍କ ଟ୍ରେନିଂ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗେମ୍ସରେ ଭାଗ ନେଲେ ସ୍ୱାସ୍ଥ୍ୟଗତ ରିସ୍କ ରହିଛି।

## ‘ବିଳମ୍ବ ହୋଇପାରେ ଅଲିମ୍ପିକ୍ସ’

ଲଣ୍ଡନ,୧୯।୩ (ଏଏଫ୍‌ପି)



ସେବାଷ୍ଟିଆନ କୋ’

ଆଗକୁ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାର ବିଳମ୍ବ ହୋଇପାରେ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ମୁଖ୍ୟ ସେବାଷ୍ଟିଆନ କୋ’ ସ୍ୱୀକାର କରିଛନ୍ତି। ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏବେଠାରୁ କିଛି ପୂର୍ବାନୁମାନ କରିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ସ ପାଇଁ ସେଭଳି କିଛି ଉନ୍ନତ ପ୍ରକାର ସମାଧାନ ହେବାର ସମ୍ଭାବନା ନାହିଁ ବୋଲି ବୁଧବାର ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) କହିଥିଲା।

କରୋନା ଭାଇରସ୍ ବା କୋଭିଡ-୧୯ ସମ୍ପୂର୍ଣ୍ଣ ଭାବେ ବିଶ୍ୱ କ୍ରୀଡ଼ା କ୍ୟାଲେଣ୍ଡରକୁ ପ୍ରଭାବିତ କରିଛି। ୟୁରୋ ୨୦୨୦ ସହିତ ପୂରା ଟେନିସ ସେସନକୁ ମଧ୍ୟ ସ୍ଥଗିତ ରଖାଯାଇଛି। ତେବେ ଜୁଲାଇ ୨୪ ତାରିଖରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଆରମ୍ଭ କରିବା ନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଅଧ୍ୟକ୍ଷ ଥୋମାସ ବ୍ୟାକ୍ ଆଶାବାଦୀ ଥିବା କଥା କହିଛନ୍ତି। ଟୋକିଓ ଅଲିମ୍ପିକ୍ସ କୋର୍ଡିଅନେଶନ କମିଶନ ସଦସ୍ୟ ଥିବା କୋଏ ବିବିସିକୁ ଦେଇଥିବା ସାକ୍ଷାତ୍‌କାରରେ ଏହି ମେଗା ଇଭେଣ୍ଟ ବିଳମ୍ବ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସକୁ ସେପ୍ଟେମ୍ବର କିମ୍ବା ଅକ୍ଟୋବରକୁ ଘୁଞ୍ଚାଯିବା ନେଇ ପ୍ରଶ୍ନର ଉତ୍ତର ଦେଇ କୋ’ ଏହି କଥା କହିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ ସବୁକିଛି ସମ୍ଭବ। ଏ ସଂକ୍ରାନ୍ତରେ ବର୍ତ୍ତମାନ କିଛି ନିଷ୍ପତ୍ତି ନିଆଯିବା ଠିକ୍ ନୁହେଁ। ତେବେ ୨୦୨୧କୁ ଅଲିମ୍ପିକ ଘୁଞ୍ଚାଗଲେ ସମସ୍ୟା ସୃଷ୍ଟି ହେବ। ଏହା ଦ୍ୱାରା ୨୦୨୧ କ୍ରୀଡ଼ା କ୍ୟାଲେଣ୍ଡର ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ଏକ ଦୃଢ଼ ନିଷ୍ପତ୍ତି ନେବାର ସମୟ ଆସି ଉପନୀତ ହୋଇଛି ବୋଲି ବ୍ରିଟେନର ୪ଥର ରୋଇଂ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ମାଥ୍ୟୁ ପିନ୍‌ସେଣ୍ଟ କହିଛନ୍ତି। ଅଲିମ୍ପିକ୍ସକୁ ବାଦ ଦେଲେ ଅନ୍ୟ କାର୍ଯ୍ୟ ମଧ୍ୟ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଆମ ପାଖରେ କୌଣସି ବିକଳ୍ପ ନାହିଁ। ତେଣୁ ଅଲିମ୍ପିକ୍ସକୁ ସ୍ଥଗିତ କିମ୍ବା ବାତିଲ କରାଯିବା ନେଇ ଦୃଢ଼ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଇଂଲିଶ ଫୁଟ୍‌ବଲ ଏପ୍ରିଲ ୩୦ ପର୍ଯ୍ୟନ୍ତ ବନ୍ଦ

ଲଣ୍ଡନ,୧୯।୩(ଏଏଫ୍‌ପି)

କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଇଂଲିଶ ଫୁଟବଲ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଫୁଟବଲର ସବୁ ପ୍ରକାର କାର୍ଯ୍ୟକଳାପକୁ ସ୍ଥଗିତ ରଖାଯାଇଛି। ଗୁରୁବାର ଇଂଲିଶ ଫୁଟବଲ ଲିଗ୍ (ଇଏଫ୍‌ଏଲ) ଓ ପ୍ରିମିୟର ଲିଗ୍ ଏକ ଜରୁରିକାଳୀନ ବୈଠକରେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଏହାପୂର୍ବରୁ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ୟୁରୋ ୨୦୨୦କୁ ୧୨ ମାସ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡର ସବୁ ପ୍ରକାର ପେସାଦାର ଫୁଟବଲ ମ୍ୟାଚ୍‌କୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଫୁଟବଲ ଆସୋସିଏଶନ, ପ୍ରିମିୟର ଲିଗ, ଇଏଫ୍‌ଏଲ, ଖେଳାଳି ଓ ମ୍ୟାନେଜରମାନଙ୍କ ତରଫରୁ ମିଳିତ ଭାବେ କୁହାଯାଇଛି। ତେବେ ପୁଣି ଖେଳ ଆରମ୍ଭ ହେଲେ ସେସନ ଶେଷ ହୋଇପାରିବ ବୋଲି କେତେକ ଆଶାପ୍ରକାଶ କରିଛନ୍ତି। ୨୦୧୯-୨୦ ଫୁଟବଲ ସେସନକୁ ପୁଣିଥରେ ଆରମ୍ଭ କରିବା ନେଇ ଆମେ ମିଳିତ ଭବେ ଆଶାବାଦୀ ଅଛୁ। ନିରାପତ୍ତାର ସହ ସବୁ ଘରୋଇ ଓ ୟୁରୋପିଆନ୍ କ୍ଲବ ଲିଗ୍ ଏବଂ କପ୍ ମ୍ୟାଚ୍ ଯେତେଶୀଘ୍ର ସମ୍ଭବ ଆରମ୍ଭ କରିବାକୁ ଆମେ ପ୍ରୟାସ କରିବୁ ବୋଲି ଏହି ମିଳିତ ବିବୃତିରେ କୁହାଯାଇଛି।

## କରୋନା ସତ୍ତ୍ୱେ ସିରିଜ ପାଇଁ ଇଂଲଣ୍ଡକୁ ଆମନ୍ତ୍ରଣ କଲା ୱେଷ୍ଟଇଣ୍ଡିଜ

ଲଣ୍ଡନ, ୧୯।୩


ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଜୁନ୍ ୪ରୁ ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ କରୋନା ଭାଇରସ୍ ଯୋଗୁ ଏହି ସିରିଜ ଆୟୋଜନ ଏବେ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ପରବର୍ତ୍ତୀ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ କ୍ରିକେଟ୍ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ବାତିଲ କରିଛି। ଫଳରେ ଜୁନ୍‌ରେ ହେବାକୁ ଥିବା ଏହି ଦ୍ୱିପାକ୍ଷିକ ସିରିଜ ପ୍ରଭାବିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଏଭଳି ଏକ ସମୟରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ ଏହି ସିରିଜକୁ ୱେଷ୍ଟଇଣ୍ଡିଜରେ ଆୟୋଜନ ନେଇ ପ୍ରସ୍ତାବ ରଖାଯାଇଛି। ସେହିଭଳି ଜୁଲାଇ ୩୦ରୁ ପାକିସ୍ତାନ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ମଧ୍ୟ ଆୟୋଜନ ନେଇ କ୍ରିକେଟ୍ ୱେଷ୍ଟଇଣ୍ଡିଜ ଆଗ୍ରହ ପ୍ରକାଶ କରିଛି। ‘ଗତ କିଛିଦିନ ହେବ ଇସିବିର ପ୍ରମୁଖ ଅଧିକାରୀଙ୍କ ସହ ମୁଁ ଲଗାତର ସମ୍ପର୍କରେ ରହିଛି। ଇସିବି ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ଏଥିସହ ଯଦି ସମର୍ଥନ ଓ ସହାୟତା ମିଳିବ ତା’ହେଲେ କ୍ୟାରିବୀୟ ମାଟିରେ ଏହି ସିରିଜ ଆୟୋଜନ କରିବା ନେଇ ଆଗ୍ରହୀ ରହିଛୁ’ ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜର ସିଇଓ ଜନୀ ଗ୍ରେଭ କହିଛନ୍ତି। ଇଂଲଣ୍ଡ ପାଖରେ ଏହି ସିରିଜର ବ୍ୟବସାୟିକ ଓ ପ୍ରସାରଣ ଅଧିକାର ରହିଛି।

## ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ

କୋଲକାତା, ୧୯।୩(ପି.ଟି.)– ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ପି.କେ. ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ଥିବା ତାଙ୍କର ପରିବାର ସୂତ୍ରରୁ ପ୍ରକାଶ। ନିମୋନିଆରେ ପୀଡ଼ିତ ଯୋଗୁ ତାଙ୍କର ଏକାଧିକ ଅଙ୍ଗ ଅଚଳ ହୋଇପଡ଼ିଛି। ଗୁରୁବାର ତାଙ୍କର ବ୍ଲଡ ଟ୍ରାନ୍ସଫ୍ୟୁଜନ କରାଯାଇଛି। ତାଙ୍କୁ ହେମୋ ଡାଏଲିସିସ୍‌ରେ ରଖାଯାଇଛି। ଦୁଇଥର ଅଲିମ୍ପିଆନ ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଏକମାତ୍ର ଗୋଲସ୍କୋରର ଭାବେ ଜୀବିତ ଅଛନ୍ତି। ଦୁଇ ସପ୍ତାହ ହେଲା ତାଙ୍କୁ ଭେଣ୍ଟିଲେଟର ସହାୟତାରେ ଇଣ୍ଟେନସିଭ୍ କେୟାର ୟୁନିଟ୍‌ରେ ରଖାଯାଇଛି। ୮୩ ବର୍ଷୀୟ ବାନାର୍ଜୀ ଫେବୃୟାରୀ ୭ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ପାର୍କିନସନ ଓ ଡିମେଣ୍ଟିଆରେ ମଧ୍ୟ ପୀଡ଼ିତ। ତାଙ୍କର ହୃଦ୍‌ରୋଗ ସମସ୍ୟା ମଧ୍ୟ ରହିଛି।

## ନ୍ୟୁଜିଲାଣ୍ଡ କ୍ରିକେଟର୍ ଏଲିସ୍‌ଙ୍କ ଅବସର

ୱେଲିଂଟନ, ୧୯।୩



ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀ ତଥା ନ୍ୟୁଜିଲାଣ୍ଡ ବୋଲିଂ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଏଲିସ୍ ୧୮ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ଗୁରୁବାର ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ଏଲିସ୍ ୨୦୧୨ରେ ଜିମ୍ବାୱେ ବିପକ୍ଷରେ ଦିନିକିଆ ପଦାର୍ପଣ କରି ଅନ୍ତର୍ଜତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସୀମିତ କ୍ୟାରିୟରରେ ସେ ନ୍ୟୁଜିଲାଣ୍ଡ ପାଇଁ ୧୫ ଦିନିକିଆ ଓ ୫ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୫୪ ଓ ୨୫ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ବୋଲିଂରେ ଦିନିକିଆରେ ୧୨ ଓ ଟି୨୦ରେ ୨ଟି ଉଇକେଟ୍ ସଫଳତା ପାଇଛନ୍ତି। ତେବେ ଘରୋଇ କ୍ରିକେଟ୍‌ରେ ଏଲିସ୍ ବେଶ୍ ସକ୍ରିୟ ରହିଥିଲେ। ସେ ୧୦୫ ପ୍ରଥମ ଶ୍ରେଣୀ, ୧୦୯ ଲିଷ୍ଟ-ଏ ମ୍ୟାଚ୍ ଏବଂ ୧୧୭ ଟି୨୦ ମ୍ୟାଚ୍ ଖେଳିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ସେ ମୋଟ୍ ୮୬୪୪ ରନ୍ ଏବଂ ୪୯୪ ଉଇକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ୍ ଇତିହାସରେ ୨ୟ କ୍ରିକେଟର୍ ଭାବେ ଏଲିସ୍ ଘରୋଇ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର କୃତିତ୍ୱ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ଟଡ୍ ଆଷ୍ଟଲ ଏହି କ୍ଲବରେ ସାମିଲ ହୋଇଥିଲେ। କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀର ସେ ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ମଧ୍ୟ ରହିଥିଲେ। ଏଲିସ୍ ବୋଲିଂ କରୁଥିବାବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧିଥାନ୍ତି। ଏଥିଲାଗି ସେ ବେଶ୍ ଚର୍ଚ୍ଚାରେ ମଧ୍ୟ ରହିଥିଲେ। ତେବେ ତାଙ୍କ ହେଲ୍‌ମେଟ୍ ପିନ୍ଧା ପଛରେ ଏକ କାରଣ ରହିଛି। ୨୦୧୮ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡର ଘରୋଇ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଏଲିସ୍‌ଙ୍କ ବଲ୍‌କୁ ଜିତ୍ ରାଭାଲ ଜୋର୍‌ଦାର ପ୍ରହାର କରିଥିଲେ। ଶଟ୍‌ଟି ଏତେ ଶକ୍ତିଶାଳୀ ଥିଲା ଯେ ଫଲୋଥ୍ରୁ’ରେ ଏଲିସ୍‌ଙ୍କ ମୁଣ୍ଡରେ ବାଜି ପଡ଼ିଆ ବାହାରକୁ ଚାଲିଯାଇଥିଲା। ଅମ୍ପାୟର ଏହାକୁ ଛକା ଘୋଷଣା କରିଥିଲେ। ରାଭାଲ ଏଥିରେ ସାମାନ୍ୟ ଆଘାତ ପାଇଥିଲେ ମଧ୍ୟ ପରେ ବୋଲିଂ କଲାବେଳେ ସର୍ବଦା ବେସ୍‌ବଲରେ ବ୍ୟବହାର କରାଯାଉଥିବା ହେଲ୍‌ମେଟ୍ ପିନ୍ଧିଥାନ୍ତି।

## ଜର୍ମାନ ଫୁଟ୍‌ବଲର୍‌ଙ୍କ ବଦାନ୍ୟତା

ବର୍ଲିନ, ୧୯।୩ (ଏଏଫ୍‌ପି)



ସାରା ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଥିବାବେଳେ ଏହାକୁ ମୁକାବିଲା କରିବା ପାଇଁ ଜର୍ମାନ ଜାତୀୟ ଫୁଟ୍‌ବଲ ଦଳର ଖେଳାଳିମାନେ ଆଗେଇ ଆସିଛନ୍ତି। ଏହି ମହାମାରୀରୁ ସୃଷ୍ଟି ହୋଇଥିବା ସଙ୍କଟକୁ ମୁକାବିଲା କରିବା ପାଇଁ ଜର୍ମାନୀ ଖେଳାଳିମାନେ ମିଳିତ ଭାବେ ୨.୭ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨୦ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କା) ଅର୍ଥ ଦାନ କରିଛନ୍ତି ବୋଲି ଜଣାପଡ଼ିଛି। ‘ଏହି ସମୟରେ ଆମେ ପରସ୍ପରର ଦେଖାଶୁଣା କରିବା ଆବଶ୍ୟକ। ଆମେ ଜାତୀୟ ଦଳର ଖେଳାଳିମାନେ ଏନେଇ ଚିନ୍ତା କରି ଗୋଟିଏ ଭଲ କାରଣ ଲାଗି ଦାନ କରିଛୁ’ ବୋଲି ଜର୍ମାନୀ ଜାତୀୟ ଫୁଟ୍‌ବଲ ଦଳର ଅଧିନାୟକ ମାନୁଏଲ୍ ନେଉର୍ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଏହା କହିଛନ୍ତି। ଅନ୍ୟ ଜର୍ମାନ ଖେଳାଳିଙ୍କ ମଧ୍ୟରେ ଜୋଶୁଆ କିମ୍ମିଚ, ଲିଓନ ଗୋରେଟଜକା, ମାଥିଆସ ଗିଣ୍ଟର, ଲୁକାସ କ୍ଲୋଷ୍ଟରମାନ୍ ମଧ୍ୟ ସମାନ ଭିଡିଓ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ଏଭଳି ଦୁର୍ଦ୍ଦିନ ସମୟରେ ଅନ୍‌ଲାଇନ ପ୍ଲାଟଫର୍ମ ‘ୱିର୍ ହେଲଫେନ୍’ (ୱି ହେଲ୍ପ) ନାମକ ଏକ ଅର୍ଗାନାଇଜେଶନରେ ଅର୍ଥ ଦାନ କରିବା ପାଇଁ ଜର୍ମାନ ଖେଳାଳିମାନେ ଜାଗରଣ ସୃଷ୍ଟି କରୁଛନ୍ତି। ଲୋକମାନେ ତାଙ୍କ ବ୍ୟବହାରରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ଜର୍ମାନୀ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ଜୋଚିମ ଲୋୱି ନିକଟରେ ଆହ୍ୱାନ ଦେଇଥିଲେ।

# ସମୟସୀମା ବଢ଼ାଇଲା ଏଫ୍ଆଇଏଚ୍

## ଭାରତର ଜର୍ମାନୀ, ବ୍ରିଟେନ ବିପକ୍ଷ ମ୍ୟାଚ୍ ସ୍ଥଗିତ

**ଲାଉସାନେ, ୧୯।୩**

କୋଭିଡ-୧୯ ସଂକ୍ରମଣ ଯୋଗୁ ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ୯୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍ଆଇଏଚ୍) ଚଳିତ ହକି ପ୍ରୋ ଲିଗ୍ ମ୍ୟାଚକୁ ମେ ୧୭ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ପୂର୍ବରୁ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ୧୨ଟି ମ୍ୟାଚ ସ୍ଥଗିତ ରଖାଯାଇଥିଲା। ସମୟସୀମା ମେ ୧୭ ତାରିଖ ପର୍ଯ୍ୟନ୍ତ ବଢ଼ିବାରୁ ଆଉ ୧୨ଟି ମ୍ୟାଚ ପ୍ରଭାବିତ ହୋଇଛି। ଇତିମଧ୍ୟରେ ଭାରତ ଜର୍ମାନୀ ଯାଇ ବର୍ଲିନରେ ଏପ୍ରିଲ ୨୫, ୨୬ ଏବଂ ଇଂଲଣ୍ଡ ଯାଇ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଲଣ୍ଡନରେ ମେ ୨ ଓ ୩ରେ ୨ଟି ଲେଖାଏ ମ୍ୟାଚ ଖେଳିବାର ଥିଲା। ମାତ୍ର ତାହା ଏବେ ସ୍ଥଗିତ ରହିଛି। '' କୋଭିଡ-୧୯ ସଂକ୍ରମଣର ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ଏଫଆଇଏଚ୍ ମେ ୧୭ ପର୍ଯ୍ୟନ୍ତ ପ୍ରୋ ଲିଗ୍ ମ୍ୟାଚକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଏହାକୁ ବିଶ୍ୱସ୍ତରରେ ଅଂଶଗ୍ରହଣକାରୀ ସମସ୍ତ ଦେଶ ସମର୍ଥନ ଜଣାଇଛନ୍ତି'' ବୋଲି ଏଫଆଇଏଚ୍ ପକ୍ଷରୁ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏଫଆଇଏଚ୍ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ମେ ୧୭ ପରେ ସ୍ଥିତିକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରାଯାଇଛି। ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷ ମ୍ୟାଚ ପରେ ଭାରତ ମେ ୨୩ ଓ ୨୪ରେ ଘରୋଇ ପରିବେଶରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜୁନ ୫ ଓ ୬ରେ ଟୁକୁମାନଠାରେ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ। ଚଳିତ ସିଜନରେ ଭାରତ ଏହାର ଶେଷ ମ୍ୟାଚ ଜୁନ ୧୩ ଓ ୧୪ରେ ଭାଲେନ୍ସିଆଠାରେ ସ୍ପେନ ବିପକ୍ଷରେ ଖେଳିବ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୟୁରୋପ ଯାଇ ସେମାନଙ୍କ ମ୍ୟାଚ ଖେଳିବାକୁ ମନା କରିଦେଇଛନ୍ତି। ଭାଇରସ ଦ୍ୱାରା ୨,୦୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାରୁ ବିଶ୍ୱବ୍ୟାପୀ ଅନେକ କ୍ରୀଡ଼ା ପ୍ରତିଯୋଗିତାକୁ ବାତିଲ କରାଯାଉଛି କିମ୍ବା ସ୍ଥଗିତ ରଖାଯାଉଛି।

ଏଫ୍ଆଇଏଚ୍‌ର ପରବର୍ତ୍ତୀ ନିଷ୍ପତ୍ତି ଅନୁସାରେ ଭାରତ ମ୍ୟାଚ ବ୍ୟତୀତ ଏପ୍ରିଲ ୨୮ ଓ ୨୯ରେ ନେଦରଲାଣ୍ଡ୍ସ-ଗ୍ରେଟ୍ ବ୍ରିଟେନ(ଉଟ୍ରେଚ୍), ମେ ୧୫ରେ ବେଲଜିୟମ-ସ୍ପେନ(ଆଣ୍ଟ୍ୱେର୍ପ), ମେ ୧୬ରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ(ପର୍ଥ), ଗ୍ରେଟ ବ୍ରଟେନ-ଆର୍ଜେଣ୍ଟିନା(ଲଣ୍ଡନ) ଏବଂ ମେ ୧୭ରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ(ପର୍ଥ), ଗ୍ରେଟ ବ୍ରିଟେନ-ଆର୍ଜେଣ୍ଟିନା(ଲଣ୍ଡନ) ଓ ବେଲଜିୟମ-ସ୍ପେନ(ଆଣ୍ଟ୍ୱେର୍ପ) ମ୍ୟାଚ ପ୍ରଭାବିତ ହେବ।



ପ୍ରୋ ଲିଗ ଟ୍ରଫି ସହ ଭାରତୀୟ ଦଳ ଅଧିନାୟକ ମନପ୍ରୀତ ସିଂ ଓ କୋଚ୍ ଗ୍ରାହାମ ରିଡ୍।

**ହକି ପ୍ରୋ ଲିଗ୍**

## ଜୁନ୍ ୭ ପର୍ଯ୍ୟନ୍ତ ଡବ୍ଲ୍ୟୁଟିଏ, ଏଟିପି ସିଜନ ବନ୍ଦ

ୱାଶିଂଟନ, ୧୯।୩ (ଏପି)- କରୋନା ଭାଇରସ୍‌ର ଆତଙ୍କକୁ ନଜରରେ ରଖି ସମସ୍ତ ପୁରୁଷ ଓ ମହିଳା ପ୍ରଫେଶନାଲ ଟେନିସ ଟୁର୍ନାମେଣ୍ଟକୁ ଜୁନ୍ ୭ ପର୍ଯ୍ୟନ୍ତ ବାତିଲ କରାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତିଯୋଗିତା ଆୟୋଜନ ହୋଇପାରିବ ନାହିଁ ବୋଲି ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ (ଏଟିପି) ଓ ମହିଳା ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ପକ୍ଷରୁ କୁହାଯାଇଛି। ଏହା ଫଳରେ ମାଡ୍ରିଡ୍ ଓ ରୋମରେ ହେବାକୁ ଥିବା ମିଳିତ ପୁରୁଷ ଓ ମହିଳା ପ୍ରତିଯୋଗିତା ସମେତ ଷ୍ଟ୍ରାସବର୍ଗ,ଫ୍ରାନ୍ସ, ମରୋକ୍କୋ ଭଳି ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ଏବଂ ମ୍ୟୁନିକ, ଏଷ୍ଟୋରିଲ, ପର୍ତ୍ତୁଗାଲ, ଜେନେଭା, ଫ୍ରାନ୍ସରେ ହେବାକୁ ଥିବା ଏଟିପି ପ୍ରତିଯୋଗିତା ପ୍ରଭାବିତ ହେବ। ଏଥିପୂର୍ବରୁ ଫ୍ରେଞ୍ଚ୍ ଓପନ୍‌କୁ ମଧ୍ୟ ମେ'ରୁ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଥିଲା।







# ମନେ ପଡ଼ନ୍ତି




**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
୨୦।୦୩।୨୦୨୦ (ଶୁକ୍ରବାର)



**ସ୍ୱର୍ଗତ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ**
ବାନାବଗିଚା, ଶେଖବଜାର, କଟକ
ଆବିର୍ଭାବ: ୨୧।୦୩।୧୯୪୯
ତିରୋଧାନ: ୦୧।୦୪।୨୦୧୯
ଆପଣଙ୍କ ସରଳ ହୃଦୟର ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପତ୍ନୀ: ପୁଷ୍ପାଞ୍ଜଳି, ପୁତ୍ର: ଶିଳାଦିତ୍ୟ, ଝିଅ: ଅନୁରୂପା, ଅନୁରାଧା, ନାତି: ଅୟସ୍କାନ୍ତ, ବିଶ୍ୱାସରଞ୍ଜନ, ରୂପେଶ, ନିଖିଳେଶ୍ ଓ ପରିବାରବର୍ଗ।
ଧ-୬୮୬୩

**11th Day Remembrance**



**Retd. Prof. Jharana Roy**
Wife of Advocate Dinesh Roy
N1, Plot No - 282, IRC Village, BBSR
BIRTH - 06.80.1940
DEATH - 10.03.2020
You Are Loved
Beyond Words
And Missed
Beyond Measure
*Shall Always remain in the hearts of all Friends & Relatives*
Shradh and Prayer on 20.03.20 (Friday)
ଧ-୧୭୨୦୫

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଗୁପ୍ତେଶ୍ୱର ଜେନା**
ବାଙ୍ଗରା, ସିଂହପୁର, ଯାଜପୁର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ତୋ କଥା, ମୁହଁ ଆମ ଆଖିରେ ସର୍ବଦା ମନେରହିବ।
-:ଶୋକସନ୍ତପ୍ତ:-
ବାପା- ବୀର କିଶୋର ଜେନା, ମାଆ- ବିଳାସିନୀ ଜେନା, ଭ୍ରାତା- ସୌଭାଗ୍ୟ, ବିବେକ, ରାଜ କିଶୋର
ଧ-୧୭୨୦୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବ୍ରଜ କିଶୋର ମହାନ୍ତି**
ପ୍ଲଟ୍ ନଂ-୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ତିରୋଧାନ: ୨୦।୦୩।୨୦୧୫
ବର୍ଷ ପରେ ବର୍ଷ ବିତିଗଲା, ଆଜି ଆପଣଙ୍କ ଶ୍ରାଦ୍ଧଦିବସ ଏହି ଅବସରରେ ଆପଣଙ୍କ ସ୍ମୃତିକୁ ମନେ ପକାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଆପଣଙ୍କ ଭଗବତ୍ ଚିନ୍ତାଧାରା, ସନ୍ତାନ ବତ୍ସଳତା, ଅତିଥି ପରାୟଣତା ଆଜି ମଧ୍ୟ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି। ଆପଣ ଚିରନମସ୍ୟ।
-:ଶୋକସନ୍ତପ୍ତ:-
ପୁଅ: ଲୁଲୁ, ବୋହୂ: ମଧୁମିତା
ଧ-୫୬୧୮୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁରେନ୍ଦ୍ର କୁମାର ମହାପାତ୍ର**
ଡାକ ବଙ୍ଗଳା ଛକ, ଓଲ୍ଡ ଟାଉନ, ଭୁବନେଶ୍ୱର-୨
ଆବିର୍ଭାବ: ୧୯୭୩
ତିରୋଧାନ: ୦୭।୦୩।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ, ପରିଜନ ଏବଂ ପରିବାରବର୍ଗ।
ଧ-୬୮୭୮

**ଶ୍ରଦ୍ଧାଞ୍ଜଳି**



**Late. Smt Kamal Kumari Basa**
ଆବିର୍ଭାବ: ୧୯୪୫
ତିରୋଧାନ: ୧୮।୦୩।୨୦୧୨
(ଦ୍ୱାଦଶୀ ତିଥି)
ଆଜିର ଏହି ପୁଣ୍ୟ ତିଥିରେ ଆମ ସମସ୍ତଙ୍କର ଅଶେଷ ପ୍ରଣାମ, ଆଶୀର୍ବାଦ ରହିଥାଉ। ତୋର ନିଜର ଆମେ ସମସ୍ତେ।
୧୭୨୮୫

**ସପ୍ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ସ୍ୱର୍ଗତ ବଦ୍ରିନାରାୟଣ ହୋତା**
ଜନ୍ମ- ୨୨ଅଗଷ୍ଟ ୧୯୮୦
ଆଖି ପିଛୁଳାକେ ସାତ ବର୍ଷ ବିତିଗଲା। ତୋର ଅନୁପସ୍ଥିତି ଏବେବି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ୍ୟ ଲାଗୁଛି ତୁ ଆମ ସମସ୍ତଙ୍କ ହୃଦୟରେ ଅଛୁ। ତୋର ସପ୍ତମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାପା, ମାଆ, ସ୍ତ୍ରୀ, ପୁଅ, ବନ୍ଧୁ ଓ ପରିବାର ବର୍ଗ।
ଧ-୧୭୨୦୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



# ମିଳିମିଶି ଆମେ କୋଭିଡ-୧୯କୁ ପରାସ୍ତ କରିପାରିବା

**ସମସ୍ତ ବିନିର୍ମାତା ଏବଂ ଖୁଚୁରା ବିକ୍ରେତାମାନେ କୋଭିଡ-୧୯ ଲଜିଷ୍ଟିକ୍ସର ପରିଚାଳନା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଯୋଗାଣକୁ ବଜାୟ ରଖିବାରେ ନିମ୍ନଲିଖିତ ସହାୟତାକୁ ସୁନିଶ୍ଚିତ କରିବା ଆବଶ୍ୟକ:**

- ମାସ୍କ (୨ ପ୍ଲାଏ ଓ ୩ ପ୍ଲାଏ ସର୍ଜିକାଲ୍ ମାସ୍କ, ଏନ୍୯୫ ମାସ୍କ) ଓ ହ୍ୟାଣ୍ଡ ସାନିଟାଇଜର୍‌ର ଉତ୍ପାଦନ, ଗୁଣବତ୍ତା, ବିତରଣ ଓ ଲଜିଷ୍ଟିକ୍ସକୁ ଅତ୍ୟାବଶ୍ୟକ ପଣ୍ୟଦ୍ରବ୍ୟ ଅଧିନିୟମ, ୧୯୫୫ ଅଧୀନକୁ ଅଣାଯାଇଛି ।
- ଉପଯୁକ୍ତ ବିତରଣ ଓ ଖୁଚୁରା ବିକ୍ରୟକୁ ସୁନିଶ୍ଚିତ କରିବା ପାଇଁ ମାସ୍କ ଓ ସାନିଟାଇଜର୍‌ର ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବେ ।
- ସାନିଟାଇଜର୍‌ର ଗୁଣବତ୍ତା କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଏବଂ ମାସ୍କର ଗୁଣବତ୍ତା ବିଆଇଏସ୍ ମାନକ ଅନୁରୂପ ହେବା ଆବଶ୍ୟକ ।
- ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର୍‌ଗୁଡ଼ିକର ସର୍ବାଧିକ ଖୁଚୁରା ବିକ୍ରୟ ମୂଲ୍ୟ (ଏମ୍‌ଆର୍‌ପି) ସେହି ସ୍ତରରେ ହେବା ଆବଶ୍ୟକ, ଯେଉଁ ସ୍ତରରେ କୋଭିଡ୍ ମହାମାରୀ ପୂର୍ବରୁ ସେଗୁଡ଼ିକ ବିକ୍ରି ହେଉଥିଲା ।
- କରୋନା ଭାଇରସ୍, କୋଭିଡ୍-୧୯ ଏବଂ ଏହି ନାମର ଅନ୍ୟାନ୍ୟ ରୂପକୁ ବ୍ୟବହାର କରି ଉତ୍ପାଦ ଓ ସେବାଗୁଡ଼ିକ ସମ୍ପର୍କରେ ଭ୍ରମାତ୍ମକ ଦାବିଗୁଡ଼ିକୁ ଭ୍ରମାତ୍ମକ ବିଜ୍ଞାପନ ବିବେଚନା କରାଯିବ ଏବଂ ଖାଉଟି ସୁରକ୍ଷା ଅଧିନିୟମ ଅଧୀନରେ ଦଣ୍ଡିତ କରାଯିବ।
- ଆତଙ୍କିତ ହୋଇ ସାମଗ୍ରୀ କ୍ରୟ କରିବା ସମସ୍ୟାକୁ ଦୂର କରିବା ପାଇଁ ଖୁଚୁରା ବିକ୍ରେତାମାନେ ପ୍ରତ୍ୟେକ ଗ୍ରାହକଙ୍କୁ ସୀମିତ ସଂଖ୍ୟାରେ ସାମଗ୍ରୀ ବିକ୍ରି କରିବା ଆବଶ୍ୟକ। ଏହି କଟକଣା ପ୍ରଧାନ ଖାଦ୍ୟସାମଗ୍ରୀ, ଦୈନନ୍ଦିନ ଆବଶ୍ୟକତା ଏବଂ ବ୍ୟକ୍ତିଗତ ପରିଚ୍ଛନ୍ନତା ଉତ୍ପାଦ ଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ପ୍ରତି ମଧ୍ୟ ପ୍ରଯୁଜ୍ୟ ।
- ଖୁଚୁରା ଦୋକାନ ଓ ସଙ୍ଗଠିତ ଖୁଚୁରା ବିକ୍ରୟ-ଶୃଙ୍ଖଳଗୁଡ଼ିକ ଦିନରେ ଏପରି ନିର୍ଘଣ୍ଟ ନିର୍ଦ୍ଧାରିତ କରିପାରନ୍ତି, ଯେଉଁ ସମୟରେ କେବଳ ବୃଦ୍ଧଜନ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ବ୍ୟକ୍ତିମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କରାଯିବ। ଏହାଦ୍ୱାରା ସେମାନେ ଅଧିକ ଜନଗହଳି ସଂସ୍ପର୍ଶକୁ ଏଡ଼ାଇପାରିବେ।
- ଇକମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ସେମାନଙ୍କର ଶେଷ ମାଇଲ୍ ଡେଲିଭରି କର୍ମଚାରୀ, କିଚେନ୍, ପ୍ୟାକିଂ ଏରିଆ ଓ ଡେଲିଭରି ଗାଡ଼ିଗୁଡ଼ିକର ଉପଯୁକ୍ତ ପରିଚ୍ଛନ୍ନତା ଓ ସାନିଟାଇଜେଶନ୍‌କୁ ସୁନିଶ୍ଚିତ କରିବେ । ସେଗୁଡ଼ିକୁ ସମୟ ସମୟରେ ସଫା ଓ ସଂକ୍ରମଣମୁକ୍ତ କରାଯିବା ଆବଶ୍ୟକ। ସାଧାରଣ ଥଣ୍ଡା ଓ ଫ୍ଲୁର ଲକ୍ଷଣ ଭୋଗୁଥିବା ସମସ୍ତ ଶେଷ ମାଇଲ୍ ଡେଲିଭରି କର୍ମଚାରୀଙ୍କୁ ସାମୟିକ ଭାବେ କର୍ତ୍ତବ୍ୟରୁ ହଟାଇ ନିଆଯିବା ଆବଶ୍ୟକ।
- ଘରେ ପୃଥକବାସ ବା କ୍ୱାରାଣ୍ଟାଇନ୍‌ରେ ରହିଥିବା ବ୍ୟକ୍ତି ଓ ବୃଦ୍ଧଜନଙ୍କ ପାଇଁ ସଉଦାପତ୍ର ଓ ରନ୍ଧାଖାଦ୍ୟ ପହଞ୍ଚାଇବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରେ। ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ରେସିଡେଣ୍ଟ ୱେଲଫେୟାର୍ ଆସୋସିଏଶନ୍ (ଆର୍‌ଡବ୍ଲ୍ୟୁଏ) ଓ ସାହିବାସିନ୍ଦା ସ୍ୱେଚ୍ଛାସେବୀ ସମୂହ ଗଠନ କରିପାରନ୍ତି।
- କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ତଥା ରାଜ୍ୟ ସରକାରଙ୍କ ମାଧ୍ୟମରେ ବୈଧ ମାପବିଜ୍ଞାନ ନିର୍ଦ୍ଦେଶକମାନେ ମହଜୁଦକାରୀ ଓ ସର୍ବାଧିକ ଖୁଚୁରା ବିକ୍ରୟ ମୂଲ୍ୟ (ଏମ୍‌ଆର୍‌ପି)ରୁ ଅଧିକ ମୂଲ୍ୟରେ ବିକ୍ରୟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

କୋଭିଡ୍୧୯ ଲଜିଷ୍ଟିକ୍ସର ପରିଚାଳନା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଯୋଗାଣକୁ ବଜାୟ ରଖିବା ସମ୍ପର୍କରେ ଅଭିଯୋଗ ଓ ମତାମତ ନିମ୍ନପ୍ରଦତ୍ତ ଖାଉଟି ହେଲ୍‌ପଲାଇନ୍‌ରେ କରାଯାଇପାରିବ।

**ନିଃଶୁଳ୍କ କଲ୍ କରନ୍ତୁ**

**1800-114000** କିମ୍ବା
**1800-114404**

ଜନହିତରେ ମିଳିତ ଭାବେ ଜାରି କରିଛନ୍ତି-

ଖାଉଟି ବ୍ୟାପାର ବିଭାଗ
**ଭାରତ ସରକାର**

CDSCO NPPA AFFORDABLE MEDICINES FOR ALL

davp 08101/13/0014/1920




# ସମ୍ବଲପୁରରେ ଝଡତୋଫାନ

**ସମ୍ବଲପୁର, ୧୯।୩ (ବ୍ୟୁରୋ)**

- ଗଛ ପଡି ରାସ୍ତା ଅବରୋଧ
- ବିଦ୍ୟୁତ୍ ସରବରାହ ବ୍ୟାହତ

ସମ୍ବଲପୁର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଝଡତୋଫାନ ସହ ବର୍ଷା ହୋଇଥିଲା। ଫଳରେ ରାସ୍ତାକଡରେ ଥିବା ବଡବଡ଼ ଗଛଗୁଡିକ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଥିଲା। ଏପରି କି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିବା ବେଳେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ମିଳିଥିବା ସୂଚନା ମୁତାବକ ଅପରାହ୍ନ ୪ଟାରେ ଝଡତୋଫାନ ହୋଇ ଘଡଘଡି ସହ ବର୍ଷା ହୋଇଥିଲା। ଏଥିରେ ସେନପାର୍କ ରାସ୍ତା, ବିଇଡି କଲେଜ ହଷ୍ଟେଲ ନିକଟ ରାସ୍ତା, ବରେଇପାଲି ଶିଳ୍ପାଞ୍ଚଳ, ରିଂରୋଡ ଅଞ୍ଚଳରେ ଥିବା ଗଛଗୁଡିକ ଭାଙ୍ଗିପଡିଛି। ରାତି ୮ଟା ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ୍ ଗଛ କାଟି ରାସ୍ତା ସଫା କରିଥିଲେ। ସେହିପରି ସହରର କେତେକ ଅଞ୍ଚଳରେ ରାତି ସାଢ଼େ ୯ଟା ସୁଦ୍ଧା ବିଦ୍ୟୁତ୍‌ଯୋଗାଣ ହୋଇପାରି ନ ଥିଲା।




ଝଡତୋଫାନ ଯୋଗୁ ଗୁରୁବାର ସମ୍ବଲପୁର ସେନପାର୍କ ରାସ୍ତାରେ ଏକ ଗଛ ଭାଙ୍ଗି କାର ଉପରେ ପଡିଛି (ବାମ)। ବିଇଡି ହଷ୍ଟେଲ ନିକଟ ରାସ୍ତାରେ ଗଛ ଭାଙ୍ଗି ପଡି ରହିଛି।

# ୫ ବଛର ହେଲା ଖଟେ ପଡ଼ିଛନ୍ ଲମ୍ବୋଦର

**ବିନିକା, ୧୯।୩ (ଡି.ଏନ୍.ଏ.)**

- ଅଭାବ ଅନାଟନ ଲାଗି ଅଟ୍‌କିଛେ ଚିକିଛା
- ଖୁରିଗିନା ମାଜି କୁଟୁମ୍ ପୁଷୁଛନ୍ ମା'ଝି
- ୧୫ କେ.ଜି. ସରକାରୀ ଚାଉଲ ସାହାଭରସା
- ଆବାସ ଯୋଜନାରୁ ବଁଚିତ୍ ପରିବାର

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା କଲୋନୀ ପଡ଼ାର ଲମ୍ବୋଦର ବାଘ(୪୫)। ସେ ଅନେକ୍ ବଛର ହେଲା ମଧୁମେହ ରୋଗ୍‌ରେ ପୀଡ଼ିତ ଅଛନ୍। ଅଭାବ ଅନାଟନ ଲାଗି ଉଷୋକଷା କରି ନାଇଁ ପାରୁଥିଲାବେଲେ ଭିନେ ଭିନେ ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଥିବାର ସେ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ସିଂଘିଯୁବା କଲୋନୀ ପଡ଼ାର ଲମ୍ବୋଦର ବାଘ(୪୫)କଁର ପରିବାର କହେଲେ ମାଏକିନା ମନ(୪୨) ଆର ଗୁଟେ ବଲି ଝି' ପ୍ରଭାସିନୀ(୯)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ସଁପତି କହେଲେ ୪ ଡେସିମିଲ ଘର ଡିହ। ସେଟା ବି ସରକାରୀ। ବଛର କେତେଟା ଆଗରୁ ଲମ୍ବୋଦର କୁଲିମଜୁରି କରି ନିଜର କୁଟୁମ ପୁଷୁଥିଲେ। ହେଲେ ଆଏଜ୍‌କେ ୫ ବଛର ତଲେ ସେ ମଧୁମେହ ରୋଗ୍‌ରେ ପଡ଼ଲେ। ପଛେ ସେ ଟିବି ରୋଗ୍‌ରେ ଆକ୍‌ରାଁତ ହେଲେ। ଏନ୍‌ତାଥି ମାଏକିନା ମନ ଘରର ଖୁରିଗିନା, ଗହନାଗାଁଠି ବିକାଭଂଗା କରି ୨୦ ହଜାର ଟଁକାରେ ଆପ୍‌ନେକେ ବୁର୍ଲା, ସୁବର୍ଣ୍ଣପୁର, ବରଗଡ଼ ଆର ବରପାଲି ଡାକ୍‌ତରଖାନାକେ ନେଇ ଚିକିଛା କରାଲେ। ହେଲେ ଟଁକା ପଏସା ଅଭାବୁ ସେ ଚିକିଛା ପୂରା କରି ନାଇଁପାରିଥିବାର କହିଛନ୍। ଇଆଡ଼େ ଚିକିଛା, ପୁଷ୍ଟିକର ଖାଏଦ୍ ଅଭାବୁ ଲମ୍ବୋଦର ଦିନୁଦିନ୍‌କେ ଶୁଖି ଦୁରବଲ ହେଇଯାଉଛନ୍। ଏନ୍‌ତା ପରିସ୍ଥିତିରେ ମାଏକିନା ମନ ଆର ନାବାଲିକ ଝି' ପରହର ଖୁରିଗିନା ମାଜି ପରିବାର ଚଲଉଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଲୁଥିବାର ୧୫ କେ.ଜି. ଚାଉଲ ନ ସାହାଭରସା। ଲମ୍ବୋଦର ଝନେ ନିହାତି ଗରିବ୍ ଲୋକ୍ ହେଇଥିଲେ ବି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତାଥି ଉପେ ଶୂଇନ୍ ମନ ଆପ୍‌ନେର ଚିକିଛା ସାହାଯ୍ ଆର ଆବାସ ଯୋଜନାରେ ଘର ଖଁଡ଼େ ଲାଗି ଗଣମାଧ୍ୟମ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିଛା ଅଧିକାରୀ ରବୀନ୍ଦ୍ର ପଣ୍ଡାକୁଁ ପଚ୍‌ରାଲାରୁ ରୁଗୀକଁର ଘରକେ ଯାଇ ଥିତି ଅନୁଧିଆନ କରାଯିବା। ସେ ହିସାବେ ତାହାକୁ ଚିକିଛା ସାହାଯ୍ ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା। ବହୁତ୍ ଜଲଦି ରୁଗୀକଁର ଥିତି ଅନୁଧିଆନ୍ ଲାଗି ଗୁଟେ ଡାକ୍‌ତରୀଦଲ ଯିବେ ବଲି ସେ କହିଥିଲେ।



ନିଜର ପରିବାର ସଂଗେ ରୋଗରେ ପୀଡ଼ିତ ଲମ୍ବୋଦର।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଦିଗପହଣ୍ଡି (ଡି.ଏନ.ଏ.)/ପାଟପୁର,୧୯।୩ ଏକ ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ମାମଲା ନଂ. ଜି.ଆର ୩୭/୧୪ର ଶୁଣାଣୀ କରି ସାନଖେମୁଣ୍ଡି ନ୍ୟାୟାଳୟର ମାଜିଷ୍ଟ୍ରେଟ ବିଷ୍ଣୁ ପ୍ରସାଦ ଦେବତା ଗୁରୁବାର ୧ ବର୍ଷ ସଶ୍ରମ କାରାଦଣ୍ଡ ଦେଇଛନ୍ତି। ସେ ହେଲେ ପାଟପୁର ଥାନା ସାମନ୍ତରାପୁର ଗ୍ରାମର ସୁବାସ ବେହେରା। ୨୦୧୪ ଫେବୃୟାରୀରେ ପାରିବାରିକ ବିବାଦକୁ କେନ୍ଦ୍ରକରି ପଟିଗୁଡ଼ା ଗ୍ରାମର ନାରାୟଣ ବେହେରା ଓ ତାଙ୍କ ସମ୍ପର୍କୀୟ ସୁବାସ ବେହେରା ୨ ପରିବାର ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁବାସ ନାରାୟଣଙ୍କୁ କାତିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ନାରାୟଣଙ୍କ ସ୍ତ୍ରୀ ଉର୍ମିଳାଙ୍କ ଏତଲା କ୍ରମେ ପୋଲିସ ମାମଲା ନଂ.୧୭/୧୪ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଏଏସ୍ଆଇ ଲକ୍ଷ୍ମୀନାରାୟଣ ବେହେରା ୨୦୧୪ ମାର୍ଚ୍ଚରେ ନଂ.୩୯ ଅନୁଯାୟୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ସମୁଦାୟ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମାଜିଷ୍ଟ୍ରେଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସତ୍ୟନାରାୟଣ ରଥ ଓ ଦୀପକ କୁମାର ସେଠୀ ମାମଲା ପରିଚାଳନା କରୁଥିଲେ।

# ଖୋଲିଲା ୧୨ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ୱାର୍ଡ

- ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା
- ଜିଲାରେ ୪୫ ଟିମ୍ ଗଠନ କରାଯାଇଛି
- ଅନ୍ୟ ରାଜ୍ୟରୁ ଆସିଥିବା ୩୧୦ ଯାତ୍ରୀଙ୍କ ଯାଞ୍ଚ
- କରୋନା ମୁକାବିଲା ପ୍ରସ୍ତୁତି

ଭବାନୀପାଟଣା, ୧୯।୩ (ଡି.ଏନ.ଏ.)

ଓଡ଼ିଶାରେ କରୋନାରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ସରକାରଙ୍କ ଚିନ୍ତା ବଢ଼ି ଥିବା ବେଳେ କଳାହାଣ୍ଡି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ କରୋନା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। କଳାହାଣ୍ଡି ଜିଲାରେ ୪୫ଟି ଟିମ୍ ଗଠନ କରାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ଅନ୍ୟ ରାଜ୍ୟରୁ ଆସିଥିବ ୩୧୦ଜଣ ଯାତ୍ରୀଙ୍କୁ ଯାଞ୍ଚ କରାଯାଇଛି। ସେହିପରି ଜିଲାର ୧୬୮ଟି ଗ୍ରାମକୁ ଯାଇ ୨୨୪୭ଟି ପରିବାରରେ ପହଞ୍ଚି ଏହି ସ୍କ୍ରିନିଂ ଦଳ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରିଛନ୍ତି। ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ





ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର କରୋନା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି।

୧୨ ଶଯ୍ୟା ବିଶିଷ୍ଟ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। କୌଣସି କରୋନା ସନ୍ଦିଗ୍ଧ ଆସଲେ ତାଙ୍କୁ ରଖିବା ବ୍ୟବସ୍ଥା ହୋଇଛି।


୨୪ ଘଣ୍ଟିଆ ଓପିଡି ବ୍ୟବସ୍ଥା ରହିବା ସହ ସଫାସୁତୁରା, ପାଣି ସୁବିଧା, ବିଦ୍ୟୁତ ସଂଯୋଗ, କଣ୍ଟ୍ରୋଲ ରୁମ ମଧ୍ୟ କରାଯାଇଛି। ଜିଲାର ସମସ୍ତ ସିଏଚସିରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ହୋଇଛି। ଜଣେ ଡାକ୍ତର, ଦୁଇଜଣ ଷ୍ଟାଫ୍ ନର୍ସ ଓ ଦୁଇଜଣ ଏଟେଣ୍ଡେଣ୍ଟ କରୋନା ସ୍ୱତନ୍ତ୍ର ୱାର୍ଡ ଦାୟିତ୍ୱରେ ରହିଛନ୍ତି। ସେହିପରି ଲୋକଙ୍କୁ ସଚେତନ କରିବା ପାଇଁ ଜିଲାର ଜନଗହଳି ସ୍ଥାନରେ ବ୍ୟାନର ଓ ଫେକ୍ସ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଜିଲା ବାହାରକୁ ଯାଇଥିବା ଦାଦନ ଶ୍ରମିକଙ୍କ ତାଲିକା ପ୍ରସ୍ତୁତ ହୋଇଛି। ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ ପ୍ରଥମେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ରହିଛି। ଏହା ଉପରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗୁଲାଲ ଅଗ୍ରୱାଲଙ୍କୁ ପଚାରିବାରୁ କହିଛନ୍ତି ଯେ, କରୋନା ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଏହାର ନିୟନ୍ତ୍ରଣ ପାଇଁ ମାସ୍କ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁତ ରହିଛି। ଆବଶ୍ୟକ ପଡିଲେ ନମୁନା ସଂଗ୍ରହ କରି ଭୁବନେଶ୍ୱର ପଠାଯିବ। ବର୍ତ୍ତମାନ ସୁଦ୍ଧା କୌଣସି ସନ୍ଦିଗ୍ଧ ଆସି ନାହାନ୍ତି ବୋଲି କହିଥିଲେ। ସେହିପରି କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ମଧ୍ୟ ଏଡିଏମ୍‌ପିଏଚ୍ ଡ. ରାକେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣା ସହରର ୨୦ଟି ୱାର୍ଡର ଜନସାଧାରଣଙ୍କୁ କରୋନା ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟର ମାଇକ୍ରୋ ବାୟୋଲୋଜିଷ୍ଟ ଆଇ.ଡି.ଏସ୍.ପି. ନଳିନୀ ଦାସ, ସାନିଟେସନ୍ ଏକ୍ସପର୍ଟ ତପନ କୁମାର ନାୟକ, ଭବାନୀପାଟଣା ପୌର ସଂସ୍ଥାର କମ୍ୟୁନିଟି ଅର୍ଗାନାଇଜର ଗୀତାଶ୍ରୀ ଦାସ ଓ ଦେବାଶିଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ନେଇ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୧୯।୩ (ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଏକ ସ୍କୁଲରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଓଁଧୋନୀ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ସାମାଜିକ କର୍ମୀ ସୁତମ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଶିବରାମ ନାୟକଙ୍କ ନେତୃତ୍ୱରେ ସ୍କୁଲ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଏବଂ ସ୍କୁଲ ସମସ୍ତ କର୍ମକର୍ତ୍ତା ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

କୌଣସି କାମ କରିବା ପୂର୍ବରୁ ହାତକୁ ସାନିଟାଇଜର ବା ସାବୁନରେ ଭଲ ଭାବରେ ଧୋଇବା, କାଶ, ଛିଙ୍କ ହେଲେ ମାସ୍କ ପିନ୍ଧିବା, ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ନ ଯିବା, ଖାଦ୍ୟକୁ ଭଲରେ ସିଝେଇ ଖାଇବା ଇତ୍ୟାଦି ବିଷୟରେ ସଚେତନତା ଅବଲମ୍ବନ କଲେ ନିଜକୁ ସୁସ୍ଥ ଓ ସୁରକ୍ଷିତ କରିପାରିବା ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ କନ୍ୟାକୁମାରୀ ନାୟକ ଧନ୍ୟବାଦ ଦେଇଥିଲେ।



କରୋନା ଭୟ: ଲୋକେ ବଜାରକୁ ଆସି ଜିନିଷ କିଣିବାକୁ ଭୟ କରୁଥିବା ବେଳେ କେସିଙ୍ଗା ସହରର ଜଣେ ତରଭୁଜ ବ୍ୟବସାୟୀ ବିକ୍ରି ପାଇଁ ଗ୍ରାହକଙ୍କ ଅପେକ୍ଷାରେ ରହିଛନ୍ତି ।

# ଜୋରରେ ପବନ ସହ କୁଆପଥର ବର୍ଷା

**କାଳବୈଶାଖୀର ପ୍ରଭାବ**

- ଭାଙ୍ଗିଲା ଗଛ, ପନିପରିବା ଚାଷ ନଷ୍ଟ ଆଶଙ୍କା

କୁନାଗଡ,୧୯।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଗୁରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ସହ କୁଆପଥର ବର୍ଷା ହୋଇଥିଲା। ଫଳରେ ଅନେକ ଗଛ ଭାଙ୍ଗିପଡିବା ସହ ବର୍ଷା ଯୋଗୁ ଡାଲି ଜାତୀୟ ଫସଲ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ଜୁନାଗଡ ବ୍ଲକର ବିଭିନ୍ନ ଅଞ୍ଚଳରେ ପନିପରିବା ଚାଷ କରିଥିବା ଚାଷୀଙ୍କ ଫସଲ କୁଆପଥର ମାଡରେ କ୍ଷତି ହୋଇଛି। ସେହିପରି ଡାଲିଜାତୀୟ ଫସଲ ବର୍ତ୍ତମାନ ଅମଳ ହେଉଥିବାବେଳେ ଜମିରେ ରହିଥିବା ମୁଗଗୁଡ଼ିକ ବର୍ଷାରେ ଗଜା ହେବା ଆଶଙ୍କା କରାଯାଉଛି। ଜୋରରେ ପବନ ବୋହିବାରୁ ରାସ୍ତା ପାର୍ଶ୍ୱରେ ଥିବା ଅନେକ ଗଛ ଭାଙ୍ଗିପଡିଛି। ଜୁନାଗଡ-ଭବାନୀପାଟଣା ୨୬ ନଂ. ଜାତୀୟ ରାଜପଥ କୁଟୁଖମା ଛକ ନିକଟ ରାସ୍ତା କଡରେ ଥିବା କିଛି ଗଛ ଭାଙ୍ଗି ପଡ଼ିଯାଇଥିଲା। ଫଳରେ କିଛି ସମୟ ଧରି ଏହି ରାସ୍ତାରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା। ପରେ ସ୍ଥାନୀୟ ଲୋକ ଓ ପ୍ରଶାସନ ପକ୍ଷରୁ ଗଛଗୁଡିକୁ ଉଠାଇଲା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ପବନ ଯୋଗୁ କିଛି ଘର ଟିଣ ଗୁଡିକ ଉଡିଯାଇଥିବା ଜଣାପଡିଛି। କାଳବୈଶାଖୀର ପ୍ରବାଭାରେ କିଛି ଘଣ୍ଟା ଧରି ବିଦ୍ୟୁତ ସରବରାହ ମଧ୍ୟ ବନ୍ଦ ରହିଥିଲା।



୨୬ ନଂ. ଜାତୀୟ ରାଜପଥ କୁଟୁଖମାର ଛକ ନିକଟ ରାସ୍ତାରେ ଗଛ ପଡିଯାଇଛି।

## କରୋନା ପାଇଁ ଜିଲା କ୍ରୀଡ଼ା ସଂସ୍ଥାର ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ

ଭବାନୀପାଟଣା,୧୯।୩ (ଡି.ଏନ.ଏ.)

କରୋନା ମହାମାରୀର ପ୍ରତିରୋଧ କରିବା ପାଇଁ ଆବଶ୍ୟକୀୟ ପ୍ରତିଷେଧକ ମୂଳକ ପଦକ୍ଷେପ ସକାଶେ କଳାହାଣ୍ଡି କ୍ରୀଡା ସଂସ୍ଥାର ସମସ୍ତ କ୍ରୀଡା ପ୍ରତିଯୋଗିତା, ପ୍ରଶିକ୍ଷଣ ଶିବିର, ସଭାସମିତି, ମାସିକ କାର୍ଯ୍ୟକାରୀ କମିଟି ବୈଠକ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅସ୍ଥାୟୀ ରୂପେ ବାତିଲ କରାଯାଇଛି। ଯେଉଁ ଖେଳାଳିମାନେ ନିୟମିତ ଷ୍ଟାଡିୟମରେ ଖେଳ ଅଭ୍ୟାସ କରୁଛନ୍ତି, କରୋନା ଭାଇରସ୍‌ରୁ ନିଜକୁ ମୁକ୍ତ ରହିବା ପାଇଁ ସମସ୍ତ ପ୍ରତିଷେଧକ ନିୟମ ପାଳନ କରିବା ପାଇଁ ଅନୁରୋଧ କରାଯାଇଛି।

## ନବବର୍ଷ କାର୍ଯ୍ୟକ୍ରମ ବାତିଲ

ଭବାନୀପାଟଣା,୧୯।୩ (ଡି.ଏନ.ଏ.)

ସଂସ୍କାର ଭାରତୀ ନଗର ଶାଖାର ଏକ ସ୍ୱତନ୍ତ୍ର ବୈଠକ ସଭାପତି ଜ୍ୟୋତିରାଣୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କରୋନା ଭାଇରସ ସଂକ୍ରମଣ ସକାଶେ ରାଜ୍ୟ ସରକାରଙ୍କ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ସମ୍ମାନ ଦେଇ ଆସନ୍ତା ତା ୨୫।୩।୨୦୨୦ରିଖରେ ପାଳିତ ହେବାକୁ ଥିବା ଭାରତୀୟ ନବବର୍ଷର ସାଂସ୍କୃତିକ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରକୁ ବାତିଲ କରାଯାଇଛି। କେବଳ ବ୍ୟକ୍ତିଗତସ୍ତରରେ ମନ୍ଦିରରେ ଦୀପ ପ୍ରଦାନ ଓ ସୂର୍ଯ୍ୟ ପୂଜନ ପାଳନ ପାଇଁ ସ୍ଥିର କରାଯାଇଛି।

# ସତର୍କତା ଅବଲମ୍ବନ ପାଇଁ ଆହ୍ୱାନ

**ଲାଞ୍ଜିଗଡ଼ ବ୍ଲକ**

- କରୋନାକୁ ନେଇ ସବୁ ପଞ୍ଚାୟତରେ ବୈଠକ

ଲାଞ୍ଜିଗଡ଼,୧୯।୩ (ଡି.ଏନ.ଏ.)

କରୋନା ଭାଇରସ ନେଇ ସବୁଠି ଆତଙ୍କ ଦେଖାଦେଇଥିବା ବେଳେ ସଚେତନତା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ଓଡିଶା ସରକାର। ରାଜ୍ୟଠାରୁ ଜିଲା ଓ ବ୍ଲକଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ନିଜେ ସଚେତନ ହେବା ସହ ଲୋକଙ୍କୁ ସଚେତନ କରିବା ପାଇଁ ଅନୁରୋଧ କରାଯାଇଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଗାଁ ଗାଁ ବୁଲି ଲିଫଲେଟ୍ ବାଣ୍ଟି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ବୁଧବାରଠାରୁ ବ୍ଲକ କର୍ମଚାରୀ, କେକେଡିଏ କର୍ମଚାରୀ, ଶିକ୍ଷକ ଓ କିଛି ଏନିଜିଓ କର୍ମଚାରୀମାନେ ରେଲୱେ ଷ୍ଟେଶନରେ ରାଜ୍ୟ ବାହାରୁ ଆସୁଥିବା ଶ୍ରମିକମାନଙ୍କ ତଥ୍ୟ ସଂଗ୍ରହ କରିଥିଲେ। ସେହିଭଳି ଗୁରୁବାର ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ବ୍ଲକର ୨୬ଟି ପଞ୍ଚାୟତରେ କରୋନା ମୁକାବିଲା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବୈଠକ କରିଥିଲେ। ଏଥିରେ ପଞ୍ଚାୟତରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକ ଓ ପ୍ରତ୍ୟେକ ୱାର୍ଡର ୱାର୍ଡସଭ୍ୟମାନଙ୍କୁ ନେଇ କରୋନା ମୁକାବିଲା ପାଇଁ ଆଲୋଚନା ହୋଇଥିଲା। ଗାଁର ଯେଉଁମାନେ ବାହାର ରାଜ୍ୟକୁ ଯାଇଛନ୍ତି, ସେମାନେ ଗାଁକୁ ଫେରିଲେ ସେମାନେ କାହା ସହିତ ମିଳାମିଶା ନ କରିବା, ୧୪ ଦିନ ପର୍ଯ୍ୟନ୍ତ ଗୋଟିଏ ରୁମରେ ରହିବା ଏଭଳି ବିଭିନ୍ନ ସର୍ତକତା ଅବଲମ୍ବନ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ କୁହାଯାଇଥିଲା। ଗୁରୁବାର କାନକୁଟ୍ରୁ ପଞ୍ଚାୟତରେ ଅନେକ ଶ୍ରମିକ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ନିର୍ବାହୀ ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ ସମସ୍ତ ୱାର୍ଡସଭ୍ୟମାନଙ୍କୁ ଗାଁରେ ନଜର ରଖିବା ପାଇଁ କହିଛନ୍ତି। ମଧୁବାବୁ ପେନସନରେ ମିଳୁଥିବା ଭତ୍ତା ଏକକାଳିନ ୪ ମାସର ପ୍ରଦାନ କରାଯିବ ଏବଂ ଯଥାଶୀଘ୍ର ପିଡିଏସ୍ ସାମଗ୍ରୀ ମଧ୍ୟ ଦିଆଯିବ ବୋଲି କହିଥିଲେ। ବୈଠକରେ ସରପଞ୍ଚ ସରସ୍ୱତି ମାଝି, ଗ୍ରାମରୋଜଗାର ସେବକ ଭାଗବତ ପ୍ରସାଦ ସାହୁ, ସ୍ୱାସ୍ଥ୍ୟ କର୍ମୀ ଲିଲି ମହାପାତ୍ର, ନାଏବ ସରପଞ୍ଚ ଲବଣି ପ୍ରଧାନୀ, ଅଙ୍ଗନୱାଡି କର୍ମୀ ଚଞ୍ଚଳା ସାହୁ, ବନିତା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ବୈଠକରେ ସିଡିପିଓ କୁସୁମ କୁମାରୀ ପ୍ରହରାଜ ଯୋଗଦେଇ ନିଜେ ସଚେତନ ହେବା ସହ ସମସ୍ତଙ୍କୁ ସଚେତନତା କରାଇବା ପାଇଁ ଅନୁରୋଧ କରିଥିଲେ। ଏହିଭଳି ଲାଞ୍ଜିଗଡ, ବାତେରଲିମା, ଛତ୍ରପୁର, ଜଗନ୍ନାଥପୁର, ବସନ୍ତପଡା, ତ୍ରିଲୋଚନପୁର, ବିଜେପୁର, ପାହାଡପଦର, ମାଲିଗୁବାଙ୍ଗ, ପୋଖରୀବନ୍ଧ ଏଭଳି ପ୍ରତ୍ୟେକ ପଞ୍ଚାୟତରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।





ଲାଞ୍ଜିଗଡ଼ ବ୍ଲକର ଏକ ପଞ୍ଚାୟତରେ କରୋନା ମୁକାବିଲା ପାଇଁ ବୈଠକରେ ଆଲୋଚନା କରାଯାଉଛି।

# ପୋରଛାହନ୍, ସୂତା ଅଭାବ ମୁଖିଆ ସମସିଆ

**ସଁକଟ୍‌ରେ ହସ୍ତତନ୍ତ ଶିଳ୍ପ, କାରିଗର**

ଭବାନୀପାଟଣା,୧୯।୩ (ଡି.ଏନ୍.ଏ.)

ସରକାରୀ ପୋରଛାହନ୍ ଆର ସୂତା ଅଭାବ ଲାଗି ହସ୍ତତନ୍ତ ଶିଳ୍ପ ସଁକଟରେ ରହିଛେ। ଇଥିରେ ଖାଲି ଶିଳ୍ପ ନୁହେ କାରିଗରମାନକର ଜିବ୍‌କା ବି ବୁଡୁଛେ। କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗାଁରେ ଇତାର ପରଭାବ୍ ଦେଖିବାକେ ମିଳିଛେ। ସୂଚନା ଅନ୍‌ସାରେ ଜୟନ୍ତପୁର ଗାଁରେ ମେହେର ସମାଜର ଶତାଧିକ୍ କାରିଗର ପରିବାର ବାସ କରୁଛନ୍। ଇ କାରିଗର ପରିବାରମାନ୍‌କୁ ଜିବ୍‌କା ଦେବାକେ ୧୯୮୫ ସାଲେ ଥାପ୍‌ନା ହେଇଥିଲା ମହିମା ହସ୍ତତନ୍ତ ବୟନ ଶିଳ୍ପ କେନ୍ଦ୍ର। କପ୍‌ଡା ବୁନ୍‌ବାର ଲାଗି କାରିଗରମାନକୁ ୧୭ଟା ହସ୍ତତନ୍ତ ମେଶିନ ଯୁଗେଇ ଦିଆଯାଇଥିଲା। ଦିନ୍‌ଥିଲା ଇଠାନେ ତିଆର ହେଉଥିବାର ଗାମ୍‌ଛା, ଲୁଙ୍ଗି, ପେଁଟ୍‌ସାର୍ଟ କପଡ଼ା, ପାଟ୍ ଶାଢ଼ୀ ଲେଖେଁ ହସ୍ତତନ୍ତ ତିଆରି ଜିନିଷ୍ ଦେଶ ବିଦେଶରେ ନାଁ କରିଥିଲା। ହେଲେ ସୂତା ଅଭାବଟା ଇ ଶିଳ୍ପ ଉପରେ ପରଭାବ ପକେଇଛେ। ଏନ୍ତାଥି ହସ୍ତତନ୍ତ ଶିଳ୍ପ ବଁନ୍ଦ୍ ହେବାର ଉପରେ ରହିଛେ। ଏହେଦେ ଓଡ଼ିଶାରେ ସୂତା ନାଇଁ ମିଳବାର ଲାଗି କାରିଗରମାନେ ଛତିଶଗଡ଼ ଉପରେ ନିରଭର କରୁଛନ୍। କାରିଗରମାନେ ଛତିଶଗଡ଼ରୁ ସୂତା ଆନି ମିଟର ପିଛା ଲୁଗାବୁନା ବାବ୍‌ଦେ ୨୦ ଟଁକା ହିସାବେ ପାଉନା ପାଉଛନ୍। ପରିଶ୍ରମ ହିସାବେ ଲାଭ ନାଇଁ ହେଉଥିଲେ ବି କାରିଗରମାନେ ପୁରଖାପାତିକେଁର ଇ ପରମ୍ପରାକେ ଆଏଜ୍ ବି ବଁଚେଇ ରଖିଛନ୍। ଇଠାନେ ଲୋକ୍‌ମାନେ ମେଶିନରେ ଲୁଗା ବୁନୁଥିଲାବେଲେ ମହିଲାମାନେ ଅରଟରେ ସୂତା କାଟି ଦୁଇପଏସା ରୁଜଗାର କରୁଛନ୍। ହେଲେ ସରକାରୀ ପୋରଛାହନ୍, ସୂତା ଅଭାବ୍‌କେ ବିଦ୍ୟୁତ୍ ସଂଯୋଗ ସମସିଆଟା କାରିଗରମାନକର ମୁଡ଼ଦୁଖାର କାରନ୍ ସାଜିଛେ। ଯେନ୍‌ଥିରଲାଗି କାରିଗରମାନେ ଲୁଗାବୁନା କାମ୍ ଠିକ୍ ହିସାବେ କରି ନାଇଁପାରବାର। ଇ ସମସିଆର ସମାଧାନ ଲାଗି ସେମାନେ ଅନେକଥର ଥାନୀଅ ରାଜନେତାମାନକୁ ଭେଟି ନିରାଶ ହେଇଥିବାର କହିଛନ୍। ରାଜ୍ୟ ହସ୍ତ ଓ ବୟନ ଶିଳ୍ପ ବିଭାଗ ଇ ଦିଗେ ଦୃଷ୍ଟି ଦେଇ ସମସିଆର ସମାଧାନ କରବାକେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛେ।



ଝନେ କାରିଗର ମେଶିନ୍‌ରେ ଲୁଗାବୁନୁଛନ୍।

# ଆସୁନାହାନ୍ତି ଡାକ୍ତର, ରୋଗୀ ସେବା ବାଧାପ୍ରାପ୍ତ

**ବାଲସି ହୋମିଓପାଥିକ ଚିକିତ୍ସାଳୟ**

- କରୋନା ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ
- ୬ମାସ ହେଲା ନିୟମିତ ଆସୁନାହାନ୍ତି ଡାକ୍ତର

କେସିଙ୍ଗା,୧୯।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମରେ ଥିବା ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ଦୀର୍ଘ ୬ ମାସ ହେବ ଡାକ୍ତର ଠିକ୍ ଭାବେ ଆସୁନାହାନ୍ତି। ଏଥିଯୋଗୁ ରୋଗୀ ସେବାରେ ବାଧା ସୃଷ୍ଟି ହେଉଛି। ପୂର୍ବରୁ ମଧ୍ୟ ଏଠାରେ ଦୀର୍ଘ ବର୍ଷ ଧରି ଡାକ୍ତର ପଦବୀ ଖାଲିପଡ଼ିଥିଲା। ଜଣେ ସ୍ଥାନୀୟ ରାତ୍ର ଜଗୁଆଳି ରହିଛନ୍ତି। ଔଷଧ ବିତରକ ମଧ୍ୟ ନିଯୁକ୍ତି ଦିଆଯାଇ ନାହିଁ। ବାଲସି ଗ୍ରାମର ବୁଢ଼ିପଦର, ମଶାଣିବନ୍ଧ, କୋକୋଡମାଲ, କଲୋନୀପଡା, ରେଙ୍ଗାଲ, କଛାରପଦର, ଧୂଙ୍ଗିଆମୁଣ୍ଡା, ବାଲସି ଓ କଲୋନୀପଡା ଆଦି ଗ୍ରାମର ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ହୋମିଓପାଥିକ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ଗତ ୧୯୮୯ରେ ଏହି ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ଚିକିତ୍ସାଳୟ ହେବା ଦିନଠାରୁ ଡାକ୍ତର ସମସ୍ୟା ଲାଗି ରହିଛି। ଗତ ୧୯୯୮ରେ ନୂତନ ଗୃହ ଉଦ୍‌ଘାଟନ କରାଯାଇ ଗତ ୨୦୦୨ରେ ଡାକ୍ତର, କମ୍ପାଉଣ୍ଡର ଓ ରାତ୍ରି ଜଗୁଆଳି ରହିବା ପାଇଁ ୬ଲକ୍ଷ ବ୍ୟୟ ଅଟକଳରେ ନୂତନ ଗୃହ ନିର୍ମାଣ କରାଯାଇଛି। ଏହି ଚିକିତ୍ସାଳୟରେ ଆବଶ୍ୟକ ବିଦ୍ୟୁତ ସଂଯୋଗ, ପାନୀୟ ଜଳ, ଗମନାଗମନ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ଆଦି ସୁବିଧା ଥିଲେ ମଧ୍ୟ କର୍ମଚାରୀମାନେ ରହୁନାହାନ୍ତି। ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ୬ ମାସ କାର୍ଯ୍ୟ କରିବା ପରେ ଏବେ ଠିକ୍ ଭାବେ ଆସୁନାହାନ୍ତି। ଫଳରେ ଏହି ଅଞ୍ଚଳର ରୋଗୀମାନେ କେସିଙ୍ଗା, ଭବାନୀପାଟଣା, ବିଶମକଟକ ଭଳି ଦୂର ଦୂରାନ୍ତକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗ ତଥା ରାଜ୍ୟ ସରକାର କରୋନା ରୋକିବା ଦିଗରେ ପଦକ୍ଷେପ ନେଉଥିବା ବେଳେ ବାଲସି ହୋମିଓପାଥିକ ଚିକିତ୍ସାଳୟରେ ଡାକ୍ତର ରହୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଗ୍ରାମବାସୀ ଜିଲାପାଳ, ଜିଲା ନିରୀକ୍ଷକଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଆଗାମୀ ଦିନରେ ଗ୍ରାମବାସୀ ଜିଲା ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଘେରାଉ କରିବା ପାଇଁ ଚେତାବନୀ ନେଇଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ହୋମିଓପାଥିକ ନିରୀକ୍ଷକଙ୍କୁ ପଚାରିବାରୁ ସେଠାରେ ଡାକ୍ତର ରହିବାକୁ ଚାହୁ ନାହାନ୍ତି ବୋଲି ପ୍ରକାଶ କରିଥିଲେ ।





ବାଲସି ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ଦୀର୍ଘଦିନରୁ ତାଲା ପଡ଼ିଛି ।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୨୦ ମାର୍ଚ୍ଚ, ୨୦୨୦



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ



## ସଂକ୍ଷେପରେ

### ମା' ମାଣିକେଶ୍ୱରୀ ମନ୍ଦିରରେ ପୂଜା ଚାଲିବ

**ଭବାନୀପାଟଣା,୧୯।୩ (ଡି.ଏନ.ଏ.):** ଭବାନୀପାଟଣାସ୍ଥିତ କଳାହାଣ୍ଡିର ଆରାଧ୍ୟାଦେବୀ ମା' ମାଣିକେଶ୍ୱରୀଙ୍କ ପୀଠରେ ସବୁଦିନ ପରି ପୂଜାର୍ଚ୍ଚନା କରାଯିବ। କେବଳ ମଙ୍ଗଳବାର ଓ ଶନିବାର ପ୍ରବଳ ଭିଡ ହେଉଥିବାରୁ ଭିଡକୁ ଦୃଷ୍ଟିରେ ରଖି ଓ ଲୋକଙ୍କୁ ଛାଡି ଛାଡି ମନ୍ଦିର ଭିତରକୁ ପ୍ରବେଶ କରାଇବା ପାଇଁ ଭବାନୀପାଟଣାର ରାଧାଗୋବିନ୍ଦଧାମ୍‌ର ସଦ୍‌ସଙ୍ଗ ବୃନ୍ଦଙ୍କ ସାହାଯ୍ୟ ନିଆଯାଉଥିବା ପ୍ରକାଶ। ଉକ୍ତ ସଦ୍‌ସଙ୍ଗବୃନ୍ଦ ଭକ୍ତମାନଙ୍କୁ ଶୃଙ୍ଖଳିତ ହିସାବରେ ମା'ଙ୍କୁ ଦର୍ଶନ ପାଇଁ ମନ୍ଦିରକୁ ଛାଡିବେ ବୋଲି କୁହାଯାଇଛି। ଏଠାରେ କରୋନା ପାଇଁ କୌଣସି ପ୍ରତିବନ୍ଧକ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।

### ବଜ୍ରପାତରେ ଛେଳି ଚରାଳି ଗୁରୁତର

**ଜଗନ୍ନାଥପ୍ରସାଦ,୧୯।୩ (ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ବ୍ଲକ ରାଉତି ଗ୍ରାମରେ ଗୁରୁବାର ବଜ୍ରପାତ ଘଟି ଜଣେ ଛେଳି ଚରାଳି ଗୁରୁତର ହୋଇଛନ୍ତି। ସେ ହେଲେ ରାଉତି ଗାଁର ଅଭି ନାଇକଙ୍କ ପୁଅ ସମୀର (୧୫)। ସମୀର ଘର ନିକଟରେ ଛେଳି ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ।

# ଭୁଞ୍ଜିଆଙ୍କ ଉନ୍ନୟନ ନାଁରେ କୋଟିଏ ଟଙ୍କାର ଦୁର୍ନୀତି

- ସିବିଡିଏ, ଓପିଲିପି ସଂସ୍ଥାର ମଧୁଚନ୍ଦ୍ରିକା
- କାମର ଫାଇଦା ପାଉନାହାନ୍ତି ଆଦିବାସୀ

**ନୂଆପଡା ଅଫିସ,୧୯।୩**

ନୂଆପଡା ଜିଲାରେ ଚକୋଟିଆ ଭୁଞ୍ଜିଆ ଭଳି ଆଦିବାସୀଙ୍କ ଉନ୍ନୟନ ସକାଶେ ସରକାର ଏକ ସ୍ୱତନ୍ତ୍ର ସଙ୍ଗଠନ ସିବିଡିଏର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓପେଲିପ, ଏଫଏନଜିଓ ଭଳି ସଙ୍ଗଠନ ସବୁ ଅବସ୍ଥାପିତ କରାଯାଇଛି । ହେଲେ ଏହି ତିନିସଂସ୍ଥା ମଧୁ ଚନ୍ଦ୍ରିକା କରି ମିଥ୍ୟା କାଗଜାତ କରି ଲୁଟ ତରାଜ କରୁଥିବା ଅଭିଯୋଗ ହେଉଛି ।

ପ୍ରକାଶ ଯେ ଆଜକୁ ପ୍ରାୟ କୋଡିଏ ବର୍ଷରୁ ଊର୍ଦ୍ଧ୍ୱ ହେବ ସୁନାବେଡା ଅଭୟାରଣ୍ୟରେ ସକୋଟିଆ ଭୁଞ୍ଜିଆଙ୍କ ଉନ୍ନତି ସକାଶେ ସିବିଡିଏ ନାମକ ସଂସ୍ଥା କାମ କରି ଆସୁଥିଲା । ହେଲେ ବର୍ତ୍ତମାନ ସରକାର ଏହାସହ ଓପେଲିପ (ଓଡିଶା ପ୍ରିମିଟିଭ ଟ୍ରାଇଭ ଏମପାୱାରମେଣ୍ଟ ଆଣ୍ଡ ଲିଭଲିହୁଡ ଇମ୍ପ୍ରୁଭମେଣ୍ଟ ପ୍ରୋଗ୍ରାମ) ଏବଂ ଏକ ଏଏଫଏନଜିଓକୁ ସଂଶ୍ଳିଷ୍ଟ କରିଛନ୍ତି। ଏଥିରେ ସୁନବେଡା, ସୋସେଙ୍ଗ ଓ ମିଛାପାଲି ଗ୍ରାମପଞ୍ଚାୟତରେ ଗ୍ରାମବାସୀମାନଙ୍କୁ ନେଇ ମୋଟ ୨୩ଟି ଭିଲେଜ ଡେଭଲେପମେଣ୍ଟ କମିଟି (ଭିଡିସି) ଗଠନ କରି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଛି । ନିୟମାନୁଯାୟୀ ପ୍ରତ୍ୟେକ କାର୍ଯ୍ୟ ଏହି ଭିଡିସିର ନିଷ୍ପତ୍ତି ଅନୁଯାୟୀ କରାଯିବାକୁ ଥିବାବେଳେ ଭିଡିସିକୁ ସମସ୍ତ ପାଣ୍ଠି ହସ୍ତାନ୍ତର କରାଯିବା କଥା । ହେଲେ ତୃଣମୂଳସ୍ତରକୁ କର୍ମଚାରୀମାନେ ନ ଯାଇ କେତେକ ମୁଷ୍ଟିମେୟ ସ୍ଥାନୀୟ ଲୋକଙ୍କୁ ହାତବାରିସି କରି ଲୁଟ କରୁଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ ୨୩ଟି ଭିଡିସିକୁ ୨୦୧୯–୨୦ଆର୍ଥିକ ବର୍ଷରେ ମୋଟ ୧ କୋଟି ୨୦ଲକ୍ଷ ଟଙ୍କା ଭିଡିସି ଜରିଆରେ ଟଙ୍କା ମଞ୍ଜୁରୀ କରି ଖର୍ଚ୍ଚ କରାଯାଇଛି । ଏଥିରେ ମାଛଚାଷ, ଆଳୁ ଚାଷ, ସପୁରୀ ଚାଷ, ଛେଳିଚାଷ ଆଦି କରି ଲୋକଙ୍କ ଜୀବନଧାରଣର ମାନକୁ ବୃଦ୍ଧି କରିବା ଲକ୍ଷ୍ୟ ରହିଛି । ହେଲେ ବହୁ ଯୋଜନାରେ ଲୋକଙ୍କ ଅଜ୍ଞତାର ସୁଯୋଗ ନେଇ କର୍ମଚାରୀମାନେ ମିଥ୍ୟାକାଗଜାତ ପ୍ରସ୍ତୁତ କରି ଭିଡିସିର ଖାତାକୁ ଟଙ୍କା ଦେଇ ତାକୁ ପରବର୍ତ୍ତି ସମୟରେ ଉଠାଣ କରି ନେଉଥିବା ଅଭିଯୋଗ ହୋଇଛି । ତେବେ ଉଦାହରଣ ଭାବେ ସୋସେଙ୍ଗ ଗ୍ରାମପଞ୍ଚାୟତର ଭାଓସିଲ ଏକ ଅନୁନ୍ନତ ଭୁଞ୍ଜିଆ ଗାଁ । ଏଠାରେ ଗତବର୍ଷ ସପୁରୀ ଚାଷ ନାଁରେ ୯ ଲକ୍ଷ ଟଙ୍କାର ପାଣ୍ଠି ମଞ୍ଜୁରୀ ହୋଇଥିଲା। ଏଥିରେ ଏନଜିଓ କର୍ମଚାରୀଙ୍କ ନିର୍ଦ୍ଦେଶକ୍ରମେ ଚାଷୀମାନେ ଅନ୍ୟୁନ ୫ ଏକର ଜମିରେ ସପୁରୀ ଚାଷ କରିଥିଲେ। ଚାଷୀମାନଙ୍କୁ ପାରିଶ୍ରମିକ ଭାବେ ଦିନ ପିଛା ମାତ୍ର ଶହେ ଟଙ୍କା ହିସାବରେ ପ୍ରଦାନ କରାଗଲା । ହେଲେ ବଗିଚାଗୁଡିକରେ ଏଥିପାଇଁ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା କରା ନ ଯିବାରୁ ଗଛ ସବୁ ମରିଗଲାଣି । ଏହିଭଳି ୧୦ଜଣ ଚାଷୀ ନିଜ ଖର୍ଚ୍ଚରେ ଫାର୍ମ ପଣ୍ଡ ନିର୍ମାଣ କରି ମଜୁରି ପାଇଁ ଆଜକୁ ୩ ମାସ ହେବ ଜଗି ରହିଛନ୍ତି । କୁକୁଡା, ଛେଳି ଚାଷ ନାଁରେ ଲକ୍ଷାଧିକ ଟଙ୍କା ଦିଆଯାଇଥିବା ସରକାରୀ ରିପୋର୍ଟରେ ଥିଲେ ମଧ୍ୟ ନା ଅଛି ଗୁହାଳ କି ଛେଳି, କୁକୁଡା ଛୁଆ। ଆଦିବାସୀଙ୍କ ନାଁରେ କୋଟି କୋଟି ଟଙ୍କା ଲୁଟ ତରାଜ ହେଉଛି । ପ୍ରତିବାଦ ପାଇଁ ଗ୍ରାମବାସୀ ମେଳିବାନ୍ଧୁଛନ୍ତି । ଏହା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଆମ ଆଦମୀ ପାର୍ଟିର ରାଜ୍ୟ ସଂପାଦକ ଅଂଶୁମାନ ଦାବି କରିଛନ୍ତି । ଏହା ଉପରେ ସିବିଡିଏର ସ୍ୱତନ୍ତ୍ର ଅଧିକାରୀ ବୁଦ୍ଧଦେବ ପଣ୍ଡାଙ୍କୁ ପଚାରିବାରୁ ସେ କୌଣସି ପ୍ରକାର ମତାମତ ଦେଇପାରିବେ ନାହିଁ । ତାଙ୍କୁ ଉପରିସ୍ଥ ଅଧିକାରୀ ମନା କରିଛନ୍ତି ବୋଲି ଏଡାଇ ଦେଇଛନ୍ତି । ଆଦିବାସୀଙ୍କ ନାଁରେ ଏଭଳି ଶୋଷଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।



ଭାଓସିଲଗାଁରେ ଉଜୁଡିଯାଇଥିବା ସପୁରି ବଗିଚାରେ ଚାଷୀମାନେ ।

## ଗଠନ ହେଲା ଡିଷ୍ଟ୍ରିକ୍ଟ ରିପୋର୍ଟର୍ସ ଫୋରମ: ଜିଲାପାଳଙ୍କୁ ଭେଟିଲେ

**ନୂଆପଡା ଅଫିସ,୧୯।୩**

ନୂଆପଡା ଜିଲା ତଥା ରାଜ୍ୟ କୋଭିଡ–୧୯ଭଳି ଭୁତାଣୁ ସହ ସଂଘର୍ଷ କରୁଥିବାବେଳେ ଜିଲାର ସମସ୍ତ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନେ ଆଗକୁ ଆସି ଜିଲାରେ ସତର୍କ ରହି ଅହରହ ନିଃସ୍ୱାର୍ଥ କାମ କରିବାକୁ ଡିଷ୍ଟ୍ରିକ୍ଟ ରିପୋର୍ଟର୍ସ ଫୋରମ ଗଠନ କରିଛନ୍ତି । ଏଥିରେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ସାମିଲ ରହିଛନ୍ତି । ଘନଶ୍ୟାମ ଭୋଇଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଜରୁରୀକାଳୀନ ବୈଠକ ବସିଥିଲା । ଏଥିରେ ମାୟାଧର ସରାଫ, ବିଜୟ କୁମାର ସହିସ, କୁନୁ କରୁଆଁ, ଗଜେନ୍ଦ୍ର ନିଆଲ, ସୁରେନ୍ଦ୍ର ତିୱାରୀ, ଶିଶିର ଭୁୟାଁ, ରତନ କେତକୀ, ଆମୋଦ ଗୁରୁ, ଦୀପକ ମିଶ୍ର, ତାଲେଶ୍ୱର ଦେୱାଙ୍ଗନ, ଅଶ୍ୱିନୀ ପାଣିଗ୍ରାହୀ, ସୁଶାନ୍ତ କର, ପ୍ରଶାନ୍ତ କାଣ୍ଡ, ସାମ୍ବ ସରାଫ, ରିତେଶ ରାଠୋଡ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କୁ ଭେଟି ସମସ୍ୟାଗୁଡିକ ଉପରେ ଆଲୋଚନା କରିଥିବାବେଳେ କରୋନାକୁ କିପରି ମୁକାବିଲା କରାଯାଇ ପାରିବ ସେ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

## ବରିଷ୍ଠ ନାଗରିକ ସଂଘର ଆଲୋଚନା, ସଚେତନତା

**ଖଡିଆଳ,୧୯।୩ (ଡି.ଏନ.ଏ.)**

**ଖଡ଼ିଆଳର ବିଭିନ୍ନ ସମସ୍ୟା**

ନୂଆପଡା ଜିଲା ଖଡିଆଳ ସହରର ବିଭିନ୍ନ ସମସ୍ୟାକୁ ନେଇ ଖଡିଆଳ ବରିଷ୍ଠ ନାଗରିକ ସଂଘ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଏନଏସି କାର୍ଯ୍ୟାଳୟଠାରେ ଆଲୋଚନା କରିଛନ୍ତି । ଏଥିରେ ମୁଖ୍ୟତଃ ଏନଏଚର ଡ୍ରେନ ବ୍ୟବସ୍ଥା, ବିଭିନ୍ନ ୱାର୍ଡର ରାସ୍ତା, ଡାକ୍ତରଖାନା, ଡ୍ରେନ ଓ ତାର ସଫେଇ, ରାସ୍ତା ଉପରେ ଠେଲା ରହୁଥିବାରୁ ରୋଡ ଜାମ ଓ ଗାଈଗୋରୁ ପାଇଁ ହେଉଥିବା ଦୁର୍ଘଟଣା ଏବଂ କରୋନା ସଚେତନତା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ପ୍ରଥମ ପର୍ଯ୍ୟାୟରେ ୫ଟି ବିଷୟ କହିବାକୁ କହି ନିଜ ଯୋଜନାରେ ସାମିଲ କରି ଆର୍ଥିକ ସହାୟତା ଆଣିପାରିବି ବୋଲି କହିଥିଲେ । ଏଥିରେ ବରିଷ୍ଠ ନାଗରିକ ମେଜର ଡ. ରାମଚନ୍ଦ୍ର ମିଶ୍ର, ଜଗଦିଶ ପ୍ରସାଦ ତ୍ରିବେଦୀ, ସଞ୍ଜିବ ପାଢ଼ୀ, ପ୍ରଦୀପ ତ୍ରିବେଦୀ, ଜନାର୍ଦ୍ଦନ ପାତ୍ର, ସୁକେଶ ପଟ୍ଟନାୟକ, ଦାମୋଦର ନାୟକ, ପ୍ରଦୀପ ଖମାରୀ ପ୍ରମୁଖ ଯୋଗଦେଇଥିଲେ ।



ଖଡ଼ିଆଳର ବିଭିନ୍ନ ସମସ୍ୟା ନେଇ ବରିଷ୍ଠ ନାଗରିକ ସଂଘର ଆଲୋଚନା ।

## ଆଡ଼ିବନ୍ଧ ନିର୍ମାଣରେ ନିମ୍ନମାନର କାମ ଅଭିଯୋଗ

**ପର୍ଲା, ୧୯।୩ (ଡି.ଏନ.ଏ)**

କଳାହାଣ୍ଡି ଜିଲା କ୍ଷୁଦ୍ର ଜଳସଚେନ ବିଭାଗ ତତ୍ତ୍ୱାବଧାନରେ ଦଣ୍ଡପାଟ ଅଞ୍ଚଳର ବେହେରା ପଞ୍ଚାୟତ, ଟେଣ୍ଡାପାଲି ଓ ଜୟନ୍ତପୁର ପଞ୍ଚାୟତ ବିଭିନ୍ନ ସ୍ଥାନରେ ଆଡିବନ୍ଧ ନିର୍ମାଣ ଚାଲିଛି । କିନ୍ତୁ ଆଡିବନ୍ଧ ନିର୍ମାଣରେ ନିମ୍ନମାନ କାମ ହୋଇଥିବା ଅଭିଯୋଗ ହୋଇଛି । ବେହେରା ପଞ୍ଚାୟତ ଆମେରିଗୁଡା ୨୮ ଲକ୍ଷ ୨୦ ହଜାର ୩ଶହ ୭୫ ପଇସା ଥିବା ବେଳେ ଜଣେ (ସି) ଶ୍ରେଣୀ ଠିକାଦାର କାର୍ଯ୍ୟ କରୁଛନ୍ତି। ସେହିପରି ଗୁର୍ଲାପଡା ଆଡିବନ୍ଧ ପାଇଁ ୩୬ ଲକ୍ଷ ୮୧ ହଜାର ୧୮୬ ଟଙ୍କା ୭ ପଇସା ବ୍ୟୟ ବରାଦ ଥିବା ବେଳେ ଜଣେ (ଏ) ଶ୍ରେଣୀ ଠିକାଦାର କାମ କରୁଥିବା ଜଣାପଡ଼ିଛି। ନିମ୍ନମାନ କାମ ଯୋଗୁ ଆରମ୍ଭରୁ ବହୁ ସ୍ଥାନରେ ଫାଟ ଦେଖାଦେଇଛି।

ଏପରିକି ନିର୍ମାଣ ଅବସ୍ଥା ଭାଙ୍ଗି ପଡିଥିବା ବେଳେ ସିମେଣ୍ଟ ବସ୍ତାରେ ବାଲି ଭର୍ତ୍ତି କରି ତାଉପରେ ମେଟାଲିଂ କରି ଅଟକ ରଖାଯାଇଥିବା ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି। ସିମେଣ୍ଟ ପରିମାଣ କମ ଥିବା ଯୋଗୁ ଏବେ ବି ଏପଟରୁ ଆରପଟକୁ ପାଣି ବାହାରି ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଜଣେ ମୁଂସିଙ୍କ ନିର୍ଦ୍ଦେଶକ୍ରମେ କାମ ହେଉଛି। ସରକାର ଚାଷୀଙ୍କ ସୁବିଧା ପାଇଁ ବନ୍ଧ, ନଇଁ, ନାଳ ଉପରେ ଆଡିବନ୍ଧ ନିର୍ମାଣ କରି ସେଥିରୁ ପାଣି ନେଇ ଚାଷ ନିବେଶ କରିବା ଆଶ ବାନ୍ଧିଥିବା ବେଳେ ସମ୍ପୃକ୍ତ ବିଭାଗ ଓ ଠିକାଦାର ନିମ୍ନମାନ କାମ କରୁଥିବା ଅଞ୍ଚଳରେ ସମାଲୋଚନା ହେଉଛି। ସେହିପରି ଅଞ୍ଚଳର ଟେଣ୍ଡାପାଲି ଓ ଜୟନ୍ତପୁର ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଆଡିବନ୍ଧ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଉପଖଣ୍ଡ ଜଳସେଚନ ଅଧିକାରୀ ଗତ ମାସରେ କାମ ତଦାରଖ କରି ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ୱିକାର କରି ଏଭଳି ପୁଣି ଥରେ ହେବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ହେଲେ ଏବେ ମଧ ପୂର୍ବ ଭଳି ନିମ୍ନମାନର କାର୍ଯ୍ୟ ଜାରି ରହିଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି । ପ୍ରଶାସନ ଜାଣିଶୁଣି ଠିକାଦାରଙ୍କୁ ପ୍ରୋତ୍ସାହନ ଯୋଗାଉଥିବାରୁ ବୁଦ୍ଧିଜୀବୀମାନେ ନିନ୍ଦା କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି । ଏ ନେଇ ଧର୍ମଗଡ ଉପଖଣ୍ଡ ଜଳସେଚନ ଅଧିକାରୀ ଧିରେନ କୁମାର ନାଏକଙ୍କୁ ପଚାରିବାରୁ ଏ ବିଷୟ ନେଇ ଅନେକ ଅଭିଯୋଗ ଆସିଛି। ଏହାର ଠିକ୍ ତଦାରଖ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।



ଦଣ୍ଡପାଟ ଅଞ୍ଚଳର ବେହେରା ପଞ୍ଚାୟତରେ ନିର୍ମାଣାଧୀନ ଏକ ଆଡିବନ୍ଧ ।



ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଲୋକଙ୍କୁ ସଚେତନ କରାଯାଉଛି।

## ପଞ୍ଚାୟତ କାର୍ଯ୍ୟାଳୟରେ କରୋନା ସଚେତନତା କାର୍ଯ୍ୟକ୍ରମ

**କୋମନା,୧୯।୩ (ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ କରୋନା ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନସାଧାରଣଙ୍କୁ କରୋନା ଭୁତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସର୍ବଦା ସଫା ସୁତୁରା ରହିବା, ସାବୁନରେ ହାତ ଧୋଇବା, ଭୋଜି, ଜନ ସମାଗମ, ସଭାସମିତି ଭଳି ଅନ୍ୟାନ୍ୟ ସ୍ଥାନଠାରୁ ଦୂରରେ ରହିବା ପାଇଁ ସତର୍କତା ଅବଲମ୍ବନ କରାଯାଇଛି। ଅନ୍ୟ ରାଜ୍ୟରୁ ଆସୁଥିବା ଲୋକ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟରେ ସାକ୍ଷାତ କରି ଘରକୁ ଯିବା ପାଇଁ ଜନସାଧାରଣଙ୍କୁ ସଚେତନତା କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କରୋନାକୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ ବରଂ କରୋନାର ନିରାକରଣ ନିୟମାବଳିଗୁଡିକୁ ପାଳନ କରିବାକୁ ବୋଲି କହିଥିଲେ।

## ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

**ରସାଳପୁର, ୧୯।୩ (ଡି.ଏନ.ଏ.)**

ବାଲେଶ୍ୱର ସଦର ଥାନା ବଣପାରିଆ ଗ୍ରାମର ଶମ୍ଭୁଆ ଭୋଇ (୬୫)ସାଇକେଲ ଯୋଗେ ନିକଟସ୍ଥ କୁରୁଡ଼ା ଛକକୁ ଯାଉଥିବା ବେଳେ ୧୬ନଂ. ଜାତୀୟ ରାଜପଥ ଶାନ୍ତି ହୋଟେଲ ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତରଖାନା ପକ୍ଷରୁ ବ୍ୟବଚ୍ଛେଦ କରାଯାଇଛି।

## ମାଟ୍ରିକ ପରୀକ୍ଷା ମୂଲ୍ୟାଙ୍କନ ବନ୍ଦ ହେଲା

**ବଲାଙ୍ଗୀର ଅଫିସ, ୧୯।୩**

ବୁଧବାରଠାରୁ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କରୋନା ସଂକ୍ରମଣକୁ ଆଖି ଆଗରେ ରଖି ତିନୋଟି ଭିନ୍ନ ସମୟ ନିର୍ଘଣ୍ଟରେ ମୂଲ୍ୟାଙ୍କନକୁ ଆରମ୍ଭ କରିଥିଲେ ମଧ ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସରକାର ବନ୍ଦ କରି ଦିଆଯାଇଛି । ଫଳରେ ଶୁକ୍ରବାରଠାରୁ ମୂଲ୍ୟାଙ୍କନ ପ୍ରକ୍ରିୟା ବନ୍ଦ ରହିବ । ଶିକ୍ଷା ବିଭାଗର ନିର୍ଦ୍ଦେଶ ମୁତାବକ ବୁଧବାର ସକାଳୁ ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଟିଟିଲାଗଡର ବାଳକ ଉଚ୍ଚ ବିଦ୍ୟାଳୟର ଦୁଇ ମୂଲ୍ୟାଙ୍କନ କେନ୍ଦ୍ରରେ ପରୀକ୍ଷା ଖାତା ମୂଲ୍ୟାଙ୍କନ ଆରମ୍ଭ ହୋଇଥିଲା । ମୂଲ୍ୟାଙ୍କନ ପାଇଁ ତାଲିକାଭୁକ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସକାଳ ୮ଟାରୁ ଆସି ଦୁଇ ମୂଲ୍ୟାଙ୍କନ କେନ୍ଦ୍ରରେ ପହଞ୍ଚିଥିଲେ । ସାଢ଼େ ୮ଟାରୁ ପ୍ରଥମ, ସାଢ଼େ ୯ଟାରୁ ଦ୍ୱିତୀୟ ଓ ସାଢ଼େ ୧୦ଟାରୁ ତୃତୀୟ ମୂଲ୍ୟାଙ୍କନ ଟିମ୍‌ଙ୍କ ଖାତା ମୂଲ୍ୟାଙ୍କନ ଆରମ୍ଭ ହୋଇଥିଲା । ତେବେ କରୋନ ସଂକ୍ରମଣକୁ ନେଇ ଅଧିକ ସୁରକ୍ଷା ଓ ସଚେତନତା ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ମୂଲ୍ୟାଙ୍କନ ପ୍ରକ୍ରିୟାକୁ ବନ୍ଦ କରିଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ । ଏନେଇ ନିର୍ଦ୍ଦେଶ ଜାରି କରିବା ପରେ ଶୁକ୍ରବାରଠାରୁ ମୂଲ୍ୟାଙ୍କନ ପ୍ରକ୍ରିୟା ବନ୍ଦ ରହିବ ବୋଲି ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସୂଚନା ଦେଇଛନ୍ତି । ବୁଧବାର ସକାଳୁ କରୋନା ଭୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସାବୁନ୍‌ରେ ହାତ ଧୋଇ ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ରକୁ ପଶିଥିଲେ । ଏହା ପୂର୍ବରୁ ଶ୍ରେଣୀ ଭିତରେ ଥିବା ଡେସ୍କ ଓ ବେଞ୍ଚକୁ ଡେଟଲ ପାଣିରେ ପୋଛା ଯାଇଥିଲା । ମୂଲ୍ୟାଙ୍କନ ବନ୍ଦ ହେବା ପରେ ସମସ୍ତ ୯୦୦ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଘରେ ରହିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି ।

## ଚିକିତ୍ଛା ଲାଗି ଟଁକା ବାଧକ

**ଖଡିଆଲ, ୧୯।୩ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଗୋଇମୁଣ୍ଡି ଗାଁର ଅଶୋକ ଚଲାନ(୪୨)। ସେ ଆଏଜ୍‌କେ ୧୫ ଦିନ୍ ତଲେ ପକ୍ଷାଘାତ ରୋଗ୍‌ରେ ଆକ୍‌ରାଁତ ହେଇଛନ୍। ହେଲେ ଟଁକା ପଏସା ଅଭାବୁ ଚିକିତ୍ଛା କରେଇ ନାଇଁପାରି କରି ଭଗବାନ ଭରସାରେ ଘରେ ପଡ଼ି ରହିଛନ୍। ସୂଚନା ଅନ୍‌ସାରେ ଗୋଇମୁଣ୍ଡି ଗାଁର ଅଶୋକ ଚଲାନକଁର ପରିବାର କହେଲେ ମାଏକିନା ଝୁନିତା ଆର ପୁଓ ଅନୁଜକୁଁ ନେଇ ସଁସାର। ଅଶୋକ ଝନେ ଛୋଟ୍ ଚାଷୀ, କୁଲିମଜୁରି କରି ନିଜର କୁଟୁମ ପୁଷୁଥିଲେ। ସେ ଘରର ଝନେ ବଲି ରୁଜ୍‌ଗାରିଆ ଲୋକ୍। ହେଲେ ମାର୍ଚ୍ଚ ୨ ତାରିଖ ହଠାତ୍ ସେ ପକ୍ଷାଘାତ ରୋଗ୍‌ରେ ପଡ଼ଲେ। ତାକର ଡେବ୍‌ରି ଫାଲର ଗୋଡ଼ହାତ୍ ପଡ଼ିଯାଇଛେ। ସେ ଚାଲବୁଲ କରି ନାଇଁପାରବାର। ଏନ୍‌ତାଥି ମାଏକିନା ଝୁନିତା ଧାରଉଧାର କରି ତାହାକୁ ଆସର ପାସର ଡାକ୍‌ତରଖାନା ନେଇ ଚିକିତ୍ଛା କରେଇଥିଲେ। ହେଲେ ଡାକ୍‌ତର ଅଶୋକକୁଁ ଭଲ କରବାକେ ହେଲେ ଉଚ ଚିକିତ୍ଛା ଦରକାର ଆର ଲକ୍ଷାଧିକ୍ ଟଁକା ଖରଚ୍ ହେବା ବଲି କହିଥିଲେ। ଇଆଡ଼େ ଘରର ପରିସ୍ଥିତି ଏନ୍‌ତା ଯେ ଅଶୋକକଁର ଚିକିତ୍ଛା ତ ଦୂରର କଥା ଦୁଇବେଲା ଦୁଇମୁଠା ଖାଏବାରଟା ଯୁଟାବାକେ ଝୁନିତା ଯୁଝୁଛନ୍। ଇ ଦିଗେ ଥାନୀଅ ପରଶାସନ ଦୁରୁଷ୍‌ଟି ଦେଇ ଅଶୋକକୁଁ ଚିକିତ୍ଛା ସାହାଯ୍, ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ଆର ଆବାସ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ମହେନ୍ଦ୍ର ଚଲାନ, ପ୍ରଦୀପ ଚଲାନ ପରମୁଖ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଖଡିଆଲ ବିଡିଓ ଉତ୍ତମ ବାଗକୁଁ ପଚ୍‌ରାଲାରୁ ସରକାରକଁର ନିୟମ ଅନ୍‌ସାରେ ଅଶୋକକୁଁ ଚିକିତ୍ଛା ସୁବିଧା ସଂଗେ ଆବାସ ଯୋଜନାରେ ସାମିଲ କରାଯିବା ବଲି କଥା ଦେଇଛନ୍।

**ପକ୍ଷାଘାତରେ ପୀଡ଼ିତ ଅଶୋକ**



ନିଜର ପରିବାର ସଂଗେ ପକ୍ଷାଘାତ ପୀଡ଼ିତ ଅଶୋକ ଚଲାନ।

## ଝଡ଼ତୋଫାନ ବର୍ଷା ସହ କୁଆପଥର ମାଡ଼

- ଭବାନୀପାଟଣା ସହର ଆଖପାଖ ଅଞ୍ଚଳ
- ଗଛ ଉପୁଡି ରାସ୍ତା ଅବରୋଧ
- ଘରଛାତ ଉଡ଼ିଲା, ବିଦ୍ୟୁତ୍ ସରବରାହ ବନ୍ଦ, ବ୍ୟାପକ କ୍ଷୟକ୍ଷତି

**ଭବାନୀପାଟଣା,୧୯।୩ (ଡି.ଏନ.ଏ.)**

ଗୁରୁବାର ଅପରାହ୍ଣ ୪ଟାରେ ଭବାନୀପାଟଣା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଝଡତୋଫାନ ବର୍ଷା ସହ କୁଆପଥର ମାଡ ହୋଇଛି। ଏହାର ପ୍ରଭାବରେ ଅନେକ ଗଛ ଉପୁଡି ଡାଳପତ୍ର ଭାଙ୍ଗି ରାସ୍ତା ଉପରେ ପଡିଛି। ଫଳରେ ୨୬ ନଂ. ଜାତୀୟ ରାଜପଥ ନକଟିଗୁଡା ବାଣିଭଘାର ନିକଟରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଝଡତୋଫାନରେ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପରେ ଗଛପତ୍ର ପଡି ବିଜୁଳି ସରବରାହ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ବିପଦ ସଙ୍କୁଳ ଅବସ୍ଥାରେ ବିଜୁଳି ତାରଗୁଡିକ ଛିଣ୍ଡି ପଡିଥିବାରୁ ବିଜୁଳି ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରଖାଯାଇଛି। ସନ୍ଧ୍ୟା ସମୟରେ ଝଡ ତୋଫାନ ହେବା ଯୋଗୁ ଲୋକେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖିନ ହେଉଥିବା ଦେଖାଯାଉଛି। ଝଡତୋଫାନରେ ବ୍ୟାପକ ଭାବେ ଆମ୍ବ ଫସଲ, ପନିପରିବା, ପିଆଜ, ତରଭୁଜ, ହରଡ, ମୁଗ, ବିରି, ଶୋରିଷ, କୋଳଥ, ଡାଲି ଜାତୀୟ ଫସଲ ବହୁ ଟଙ୍କାର କ୍ଷତି ହୋଇଥିବା ଆଶଙ୍କା ଦେଖାଦେଇଛି। କୃଷି ବିଭାଗ ଓ ଉଦ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳ କରିବା ପରେ କ୍ଷୟକ୍ଷତିର ପ୍ରକୃତ ତଥ୍ୟ ଜଣାପଡିବ। ଝଡତୋଫାନ ଫଳରେ ଭବାନୀପାଟଣା ସହରର ବହୁ ହୋର୍ଡିଂ ଭାଙ୍ଗିଯିବା, ବ୍ୟାନର ଆଦି ଉଡିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ବିଦ୍ୟୁତ ସରାବରାହ ବନ୍ଦ ଥିବା ବେଳେ ଝଡତୋଫାନରେ କ୍ଷୟକ୍ଷତି ଓ ଧନଜୀବନ ନଷ୍ଟ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ୱେସ୍କୋ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଚାଲିଛି ବୋଲି ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପଟ୍ଟନାୟକ ଓ ଏସ୍‌ଡିଓ ବିନାୟକ ରାଉତ ପ୍ରକାଶ କରିଛନ୍ତି।



ଗଛ ଭାଙ୍ଗିବା ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୦ ମାର୍ଚ୍ଚ, ୨୦୨୦



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ

### କରୋନା ଆତଙ୍କ: ତୁଷୁରାରେ ମିଳୁନି ମାସ୍କ, ସାନିଟାଇଜର

**ଗୁଡଭେଲା,୧୯।୩ (ଡି.ଏନ.ଏ.):** ରାଜ୍ୟ ସରକାର କରୋନାକୁ ରାଜ୍ୟ ବିପର୍ଯ୍ୟୟ ଘୋଷାଣା କରିଛନ୍ତି। ଏପରିକି ସାମାଜିକ ଦୂରତା ବଜାୟ ରଖିବା, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବା ସହ ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ବଲାଙ୍ଗୀର ଜିଲା ତୁଷୁରା ସହରରେ ମାସ୍କ ଓ ସାନିଟାଇଜର ମିଳୁ ନାହିଁ। ଏନଏସି ପକ୍ଷରୁ ସଚେଚନତା କାର୍ଯ୍ୟକ୍ରମ ଏ ପର୍ଯ୍ୟନ୍ତ ନିଆଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏପରିକି ନାଳନର୍ଦ୍ଦମାରେ ଫିନାଇଲ ପକାଯାଉ ନାହିଁ କିମ୍ବା ମଶାମରା ତେଲ ପର୍ଯ୍ୟନ୍ତ ବ୍ୟବହାର କରାଯାଇନାହିଁ। ଏହି ପରିସ୍ଥିତିରେ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ନାଳନର୍ଦ୍ଦମାରେ ଫିନାଇଲ ଓ ମଶାମରା ତେଲ ପକାଇବା ସହ ମାଗଣା ମାସ୍କ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତୁଷୁରା କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା କହିଛନ୍ତି।

### କରୋନା ସଚେତନତା ବୈଠକ

**ଗୁଡଭେଲା,୧୯।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଚିଞ୍ଚେଡ ପଞ୍ଚାୟତରେ କରୋନା ସଚେତନତା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଗୋପାଳ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭୟ ନ କରି କରୋନାର ମୁକାବିଲା କରିବାକୁ ପଡିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ ନାଏକ ହାତକୁ ସାବୁନରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଧୋଇବା, ଦେଢ଼ମିଟର ପର୍ଯ୍ୟନ୍ତ ବ୍ୟବଧାନ ରଖିବା, ପରିବେଶ ସଫାସୁତୁରା ରଖିବା ଇତ୍ୟାଦି ବୈଠକରେ ଆଲୋଚନା କରିଥିଲେ। ଚିଞ୍ଚେଡ ପଞ୍ଚାୟତର ମାଧିଆପାଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯାଇଛି। ସେହିପରି ଗୁଡଭେଲା ବ୍ଲକରେ ଥିବା ସମସ୍ତ ପଞ୍ଚାୟତ ଅଧିନରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲଯାଇଛି। ଏହି ବୈଠକରେ ଚିଞ୍ଚେଡ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ରୁଷୁଡା ସରପଞ୍ଚ ସବିତା ବେହେରା ଉପସ୍ଥିତ ଥିଲେ।

### ଅଦିନିଆ ବର୍ଷା, ଚାଷୀ ମହଲରେ ଭାଳେଣି

**ଟିକ୍ରାପଡା ୧୯।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ପବନ ସହ ଅଦିନିଆ ବର୍ଷା ହୋଇଛି। ବର୍ଷା, ପବନ ଫଳରେ ମହୁଲ ଫୁଲ, ଟୋଲ, କାଜୁ, ଆମ୍ବ, ଜାମୁ, କୁସୁମ, ତରଭୁଜ ଚାଷ ପ୍ରଭାବିତ ହୋଇଛି। ଏସବୁ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ମହଲରେ ଭାଳେଣି ପଡିଯାଇଛି। ଆମ୍ବ ଓ କାଜୁ ଗଛର ବଉଳ ଝଡି ପଡିଛି। ଅଞ୍ଚଳର ଅଧିକାଂଶ ଲୋକେ ମହୁଲ ଫୁଲ ସଂଗ୍ରହ ଓ ବିକ୍ରୟ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ବର୍ଷା, ପବନ ଓ କରକାପାତ ଫଳରେ ସେମାନଙ୍କ ଆୟର ଏକ ପ୍ରମୁଖ ସ୍ରୋତ ବିପନ୍ନ ହୋଇଛି।

# ସବୁ ଧାର୍ମିକ ଅନୁଷ୍ଠାନ ଉପରେ ଲାଗିଲା ରୋକ୍

**ବଲାଙ୍ଗୀର ଅଫିସ, ୧୯।୩**

ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଥିବା କରୋନା ସଂକ୍ରମଣକୁ ଆଖିଆଗରେ ରଖି ଓଡିଶା ସରକାର ସର୍ବସାଧାରଣଙ୍କ ଅବଗତି ଓ ସଚେତନତା ନିମନ୍ତେ ନିର୍ଦ୍ଦେଶାବଳୀ ଓ ମାର୍ଗଦର୍ଶିକା ଜାରି କରିଛନ୍ତି । ନୂଆ ନିର୍ଦ୍ଦେଶାବଳୀ ଜାରି ହେବା ପରେ ବଲାଙ୍ଗୀର ଉପଜିଲାପାଳ ତଥା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ସଞ୍ଜୟ କୁମାର ମିଶ୍ର ଗୁରୁବାର ସନ୍ଧ୍ୟାରେ ବଲାଙ୍ଗୀର ସହରର ବିଭିନ୍ନ ମନ୍ଦିର, ମସଜିଦ୍, ଗୀର୍ଜା ଓ ଗୁରୁଦ୍ୱାରା ପରିଦର୍ଶନ କରି ଏହି ନିର୍ଦ୍ଦେଶାବଳୀ ସମ୍ପର୍କରେ କମିଟି ସଦସ୍ୟଙ୍କୁ ଅବଗତ କରିଥିଲେ । ସରକାରଙ୍କ ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଶୁକ୍ରବାରଠାରୁ ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ମନ୍ଦିର, ମସଜିଦ୍, ଗୀର୍ଜା ଓ ଗୁରୁଦ୍ୱାରାକୁ ଯିବା ଉପରେ ସରକାର ରୋକ ଲଗାଇଥିବା ଜଣାଇଥିଲେ। ସେଠାରେ କୌଣସି ସାମୂହିକ ପୂଜା, ଉପାସନା କରିବା ଦ୍ୱାରା କରୋନା ସଂକ୍ରମଣ ଭୟ ଥିବାରୁ ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ କମିଟି ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ସଂକ୍ରମଣ ଅଧିନିୟମ କାର୍ଯ୍ୟକାରୀ ହେଉଥିବାରୁ କେହି ବି ଯେପରି ଏହାକୁ ଉଲ୍ଲଂଘନ ନ କରନ୍ତି ଓ ସଚେତନ ନାଗରିକଭାବେ ସେମାନଙ୍କ ଦାୟିତ୍ୱ ପାଳନ କରିବାକୁ ଉପଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ । ମସ୍‌ଜିଦ୍‌ପଡାର ସୁନ୍ନି ସଦର ମସଜିଦ୍‌କୁ ଯାଇ ସେଠାରେ ମୁସଲମାନ୍ ଭାଇମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜଣାଇଥିଲେ । ଶୁକ୍ରବାରଠାରୁ ଆସନ୍ତା ୧ ଏପ୍ରିଲ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଯେପରି ମସଜିଦ୍‌କୁ ନମାଜ ପାଠ ପାଇଁ ନ ଆସିବା ପାଇଁ କହିଥିଲେ । ମୌଲବୀ କିମ୍ବା ଅନ୍ୟ ଜଣେ ଦୁଇଜଣ କେବଳ ମସଜିଦ୍‌କୁ ଆସି ନମାଜ ପାଠ, ଅନ୍ୟାନ୍ୟ ଧର୍ମୀୟ ବିଧି ପାଳନ ଓ ସଫେଇ କରିପାରିବେ ବୋଲି କହିଥିଲେ । ମାତ୍ର କୌଣସି ପରିସ୍ଥିତିରେ ସାମୂହିକ ନମାଜ ପାଠ ପାଇଁ ଅନୁମତି ନାହିଁ ବୋଲି ସେ ଜଣାଇ ଥିଲେ । ମୁସଲିମ୍ ସମୁଦାୟର ସଭାପତି ଏମ୍‌ଡି ନାସିର ଖାନ୍, ପୂର୍ବତନ କାଉନସିଲର ମୁନ୍ନା ଖାନ୍ ଓ ଅନ୍ୟମାନେ ସରକାରଙ୍କ ନିର୍ଦ୍ଦେଶନାମାକୁ ନିଶ୍ଚିତ ପାଳନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ସେମାନଙ୍କ ପରିବାରରେ ମଧ ସଚେତନ କରିବେ ବୋଲି କହିଥିଲେ। ଏହାପରେ ସୁଦପଡା ଜାମା ମସଜିଦ୍‌କୁ ଯାଇ ସେଠାରେ ମଧ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରିଥିଲେ । ସେଠାରେ ମହମ୍ମଦ ସଦ୍ଦିକୀ, ଏମ୍‌ଡି ମୁଓାହିଦ୍ଦୀନ ଓ ଅନ୍ୟମାନେ ମଧ ନିର୍ଦ୍ଦେଶନାମା ପାଳନ କରିବେ ବୋଲି କହିଥିଲେ । ଏହାପରେ ମିଶନ୍ ପଡିଆ ନିକଟ ସେଣ୍ଟ୍ରାଲ ଚର୍ଚ୍ଚକୁ ଯାଇ ସେଠାରେ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଭାଇଙ୍କ ସହ ଉପଜିଲାପାଳ ମିଶ୍ର ଆଲୋଚନା କରିଥିଲେ। ସରକାରଙ୍କ ନିର୍ଦ୍ଦେଶନାମାକୁ ସେମାନେ ମଧ କଡାକଡି ଭାବେ ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ସେଣ୍ଟ୍ରାଲ ଚର୍ଚ୍ଚ ଅନ୍ତର୍ଗତ ଅନ୍ୟ ୮ଟି ଚର୍ଚ୍ଚର ପାଷ୍ଟର ଓ ଅନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ । ସମଗ୍ର ବିଶ୍ୱକୁ କରୋନା ଭଳି ମାରାତ୍ମକ ମହାମାରୀରୁ ରକ୍ଷା କରିବା ପାଇଁ ଉପଜିଲାପାଳ ମିଶ୍ରଙ୍କ ଉପସ୍ଥିତିରେ ପ୍ରଭୁ ଯୀଶୁଙ୍କୁ ପ୍ରାର୍ଥନା କରାଯାଇଥିଲା । କମିଟି ସମ୍ପାଦକ ପ୍ରଦୀପ ତାଣ୍ଡି, ଭଞ୍ଜ କିଶୋର ନାଗ, ସୁଧୀର କୁମାର, ଏଲିୟ କୁମାର, ପାଷ୍ଟର ଶୋଭାକର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସହରର ସମସ୍ତ ମନ୍ଦିରରେ ମଧ ଗୁରୁବାରଠାରୁ କୌଣସି ପ୍ରକାର ସାମୂହିକ ପୂଜା ପାଠ ନକରିବା ପାଇଁ ଉପଜିଲାପାଳ ମିଶ୍ର ସମାନ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଗୁରୁଦ୍ୱାରରେ ମଧ ସମାନ ନିର୍ଦ୍ଦେଶନାମା ଜାରି କରାଯାଇଛି। ଓଡିଶାରେ କରୋନାକୁ ନେଇ ଜିରୋ କ୍ୟାଜୁଆଲିଟି ଲକ୍ଷ୍ୟ ହାସଲ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଆହ୍ୱାନକୁ ସମସ୍ତେ ପୂରଣ କରିବା ଦିଗରେ ଆଗେଇ ଆସିବାକୁ ସେ ଜଣାଇଥିଲେ।



କରୋନା ମୁକ୍ତ ବିଶ୍ୱ ପାଇଁ ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ଉପଜିଲାପାଳଙ୍କ ଉପସ୍ଥିତିରେ ଖ୍ରୀଷ୍ଟିଆନ ସଦସ୍ୟମାନେ ପ୍ରାର୍ଥନା କରୁଛନ୍ତି।

**କରୋନା ସଂକ୍ରମଣ ସଚେତନତା**

- ଉପଜିଲାପାଳ କଲେ ଧର୍ମୀୟ କମିଟି ସଦସ୍ୟ ସହ ଆଲୋଚନା
- ସାମାଜିକ ଦୂରତା ପାଳନ କରିବାକୁ ପରାମର୍ଶ
- ଏପ୍ରିଲ ୧ ପର୍ଯ୍ୟନ୍ତ ନିର୍ଦ୍ଦେଶାବଳୀ ଲାଗୁ

## କ୍ୱାରେଣ୍ଟାଇନ୍ ସେଣ୍ଟର ଖୋଲିବା ପାଇଁ ତତ୍ପରତା

- ଖପ୍ରାଖୋଲ ବ୍ଲକର ସବୁ ପଞ୍ଚାୟତରେ ଖୋଲିବ
- ୧୪ଦିନ ରହିବେ ବିଦେଶ ଫେରନ୍ତା, ହେବ ସ୍ୱାସ୍ଥ୍ୟ ପରୀକ୍ଷା

**ଖପ୍ରାଖୋଲ, ୧୯।୩(ଡି.ଏନ.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ସମସ୍ତ ୨୧ ପଞ୍ଚାୟତରେ କ୍ୱାରେଣ୍ଟାଇନ ସେଣ୍ଟର ଖୋଲିବ । ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚାଲିଛି। ପ୍ରତି ସେଣ୍ଟରରେ ୧୦୦ଟି ଶଯ୍ୟା ରହିବ । ଏଥିସହିତ ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା ରହିବ। ଭିତ୍ତିଭୂମି ସଜାଡିବା ପାଇଁ ସରକାରଙ୍କ ତରଫରୁ ୫ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ମଞ୍ଜୁର କରାଯାଇଛି। ସମସ୍ତ ଗୃହକୁ ହ୍ୱାଇଟ ୱାସିଂଗ କରାଯିବା ସହିତ ଫ୍ୟାନ, ଲାଇଟ, ବେଡସିଟ,ବାଲଟି, ମଗ ଆଦି ବ୍ୟବସ୍ଥା କରାଯାଇଛି । ଯେଉଁମାନେ ରାଜ୍ୟ ବା ଦେଶ ବାହାରୁ ଫେରିବେ ସେମାନଙ୍କୁ ଏଠାରେ ପ୍ରଥମେ ରଖାଯିବ ଓ ଡାକ୍ତରୀ ଦଳଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଅନ୍ୟପକ୍ଷରେ ବିଦେଶ ଫେରନ୍ତା ଲୋକ ସେମାନଙ୍କ ଘର ଭିତରେ ପୃଥକ ବାସ କରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି। ସେହିପରି ଗାଁ ଗାଁରେ ମଧ୍ୟ ସଚେତନତା କରାଯାଉଛି। ଏ ସମ୍ପର୍କରେ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ କ୍ୱାରେଣ୍ଟାଇନ ସେଣ୍ଟର ପ୍ରସ୍ତୁତି ଚାଲିଛି। ଦୁଇଦିନ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ ବୋଲି କହିଛନ୍ତି।

# କାଗଜକଲମରେ ଜମିରେ ମାଡୁଛି ପାଣି

**ଦେଓଗାଁ,୧୯।୩(ଡି.ଏନ.ଏ.)**

**ଫଟାମୁଣ୍ଡା ଜଳସେଚନ ପ୍ରକଳ୍ପ**

- ଚାଷୀ ଥାନାର ଦ୍ୱାରସ୍ଥ, ତଦନ୍ତ ଦାବି
- ୨୨ଚାଷୀଙ୍କ ୫୧ଏକରରୁ ଊର୍ଦ୍ଧ୍ୱ ଜମି ଜଳସେଚିତ ହେଉଛି : ଆରଟିଆଇ ତଥ୍ୟ
- ନାମକୁ ମାତ୍ର ପାଣି ପଞ୍ଚାୟତ ଗଠନ


ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ଫଟାମୁଣ୍ଡାର ଚାଷୀ ଜୀବର୍ଦ୍ଧନ ନାଏକଙ୍କ ପରିବାରକୁ ଉଠାଜଳସେଚନ ପ୍ରକଳ୍ପ ଯୋଜନାରୁ ବାଦ ଦିଆଯାଇଛି। ହେଲେ କାଗଜକଲମରେ ତାଙ୍କ ଜମିରେ ପାଣି ମାଡୁଥିବା ଦର୍ଶାଯାଇଥିବା ସେ ଅଭିଯୋଗ କରିଛନ୍ତି । ଏ ନେଇ ବାରମ୍ବାର ଅଭିଯୋଗ କରି କୌଣସି ସୁଫଳ ନ ମିଳିବାରୁ ଶେଷରେ ଚାଷୀ ଜଣକ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାନୁସାରେ, ଗତ ୨୦୧୩-୧୪ ମସିହାରେ ଚାଷୀଙ୍କ ଆବେଦନକୁ ନଜରରେ ରଖି ଗାଁ ନିକଟରେ ଓଡିଶା କୃଷି ଶିଳ୍ପ ନିଗମ ତରଫରୁ ୧୩ଲକ୍ଷ ଟଙ୍କା ବ୍ୟୟରେ ଏକ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ସରକାରୀ ନିୟମାନୁସାରେ ଚାଷୀଙ୍କ ୧୦ ପ୍ରତିଶତ ସ୍ୱରୂପ ଶ୍ରମଦାନ ଓ ସରକାରଙ୍କ ୯୦ପ୍ରତିଶତ ଅର୍ଥ ପ୍ରକଳ୍ପରେ ଖର୍ଚ୍ଚ ହେବ। ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଗଠନ କରାଯିବ ପାଣି ପଞ୍ଚାୟତ। ତେବେ ଏଠାରେ ମଧ ସେ ସମୟରେ ଏକ ପାଣି ପଞ୍ଚାୟତ ଗଠନ ହୋଇ ଅଦ୍ୟାବଧି ଉକ୍ତ ପ୍ରକଳ୍ପ ପରିଚାଳିତ ହେଉଛି । ଏହାର ସଭାପତି ରହିଛନ୍ତି ଗଙ୍ଗାରାମ ପଟେଲ । ଏଥିପାଇଁ ୧୦ ଏଚପି କ୍ଷମତା ବିଶିଷ୍ଟ ମୋଟର ଲଗାଯାଇଛି । ତେବେ ଏ ନେଇ ଜାନୁୟାରୀ ୧୧ତାରିଖରେ ସୂଚନା ଅଧିକାରୀ କର୍ମୀ ମଙ୍ଗନ ରାଏ ସୂଚନା ଅଧିକାର ଆଇନରେ ଉକ୍ତ ପ୍ରକଳ୍ପରୁ କେତେଜଣ ଚାଷୀଙ୍କ ଜମିକୁ ପାଣି ମାଡୁଛି ସେ ବିଷୟରେ ସୂଚନା ମାଗିଥିଲେ। ମୋଟ ୨୨ଜଣ ଚାଷୀଙ୍କ ୫୧ଏକର ୨୪ଡେସିମିଲ ଜମିକୁ ଉଭୟ ଖରିଫ ଓ ରବି ଋତୁରେ ପାଣି ମାଡୁଥିବା ତଥ୍ୟ ମିଳିଥିଲା । ଫଳରେ ବଞ୍ଚିତ ହୋଇ ଆସୁଥିବା କେତେକ ଚାଷୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଚାଷୀ ଜୀବର୍ଦ୍ଧନଙ୍କ ସମେତ ମଙ୍ଗଲୁ ନାଏକ, ପଞ୍ଚାନନ ନାଏକ, ବିଘ୍ନରାଜ ନାଏକ, ବିକାଶ ନାଏକ, ସୁଶାନ୍ତ ପଟେଲ, ନିତ୍ୟାନନ୍ଦ ପଟେଲ ଆଦିଙ୍କ ଜମିକୁ ଏହି ପ୍ରକଳ୍ପରୁ ପାଣି ମାଡୁ ନଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀ ଜୀବର୍ଦ୍ଧନଙ୍କ କହିବାନୁସାରେ କେତେକ ବ୍ୟକ୍ତି ନିଜ ପରିବାର ସଦସ୍ୟଙ୍କ ନାମ ଉକ୍ତ ତାଲିକାରେ ଅନ୍ତର୍ଭୁକ୍ତ କରି ଉକ୍ତ ପ୍ରକଳ୍ପକୁ ପରିଚାଳିତ କରୁଛନ୍ତି । ଫଳରେ ଆମେ ଉକ୍ତ ସୁବିଧାରୁ ବଞ୍ଚିତ ରହିଛୁ। ଏହାର ବିଭାଗୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ନେଇ ପାଣି ପଞ୍ଚାୟତ ସମ୍ପାଦକ ଧବଳେଶ୍ୱର ନାଏକଙ୍କୁ ପଚାରିବାରୁ ଚାଷୀ ଜୀବର୍ଦ୍ଧନ ତଥା ତାଙ୍କ ପରିବାର ସଦସ୍ୟ ସେ ସମୟରେ ଶ୍ରମଦାନ ପାଇଁ ଆସିଲେ ନାହିଁ। ଏ ପର୍ଯ୍ୟନ୍ତ ଜମିକୁ ଜଳସେଚନ ପାଇଁ ଆବେଦନ ବି କରିନାହାନ୍ତି। ସମସ୍ୟା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଶୁଭକାନ୍ତ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଚାଷୀଙ୍କ ଅଭିଯୋଗ ପାଇଛୁ। ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କଲା ପରେ ବିଭାଗୀୟ ପଦକ୍ଷେପ ନେବୁ ବୋଲି କହିଥିଲେ।

## କରୋନା ଭୟ : ସ୍ଥଗିତ ହେଲା ନିର୍ଦ୍ଧାରିତ କାର୍ଯ୍ୟକ୍ରମ

**ଦେଓଗାଁ,୧୯।୩(ଡି.ଏନ.ଏ.)**

କରୋନା ସତର୍କତା ପାଇଁ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଆସନ୍ତା ମାସକ ମଧରେ ନିର୍ଦ୍ଧାରିତ ହୋଇଥିବା ସାମାଜିକ କାର୍ଯ୍ୟକ୍ରମଗୁଡିକକୁ ସ୍ଥଗିତ କରାଯାଇଛି। ଗାଇବାହାଲରେ ୭୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଅପ୍ରେଲ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାମଲୀଳା ମହୋତ୍ସବ ଓ ନାମଯଜ୍ଞକୁ ସ୍ଥଗିତ ରଖାଯାଇଥିବା ମହୋତ୍ସବ କମିଟି ସଭାପତି ଶିରୋମଣୀ ସାହୁ ସୂଚନା ଦେଇଛନ୍ତି । ସେହିପରି ଚଳିତ ମାସ ୨୫ରୁ ୩୦ତାରିଖ ପର୍ଯ୍ୟନ୍ତ ଉପରଝର କୁହିମୁଣ୍ଡାରେ ହେବାକୁ ଥିବା ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସ୍ଥଗିତ ରଖାଯାଇଥିବା କମିଟି ସୂତ୍ରରୁ ସୂଚନା ଦିଆଯାଇଛି । ତଦ୍ରୂପ ଦେଓଗାଁ କଲ୍ୟାଣ ମଣ୍ଡପଠାରେ ୨୨ ତାରିଖରେ ହେବାକୁ ଥିବା ୧୮ ମୌଜା ବୈଶ୍ୟହଟୁଆ ସମାଜ ବଲାଙ୍ଗୀର ଅଞ୍ଚଳ ମହାସଭା କମିଟି ଗଠନ କାର୍ଯ୍ୟକ୍ରମକୁ ମଧ ସ୍ଥଗିତ କରାଯାଇଥିବା ନିର୍ବାଚନ କମିଟି ତରଫରୁ ସୂଚନା ଦିଆଯାଇଛି।



ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଉଡାନ ଯୋଜନାରେ ତୁଷୁରା ଏୟାରଷ୍ଟ୍ରିପକୁ ସାମିଲ କରିବାକୁ ସଙ୍ଗୀତାଙ୍କ ଦାବି

**ଗୁଡଭେଲା,୧୯।୩(ଡି.ଏନ.ଏ.)**

ଉଡାନ ଯୋଜନାରେ ତୁଷୁରା ଏୟାଷ୍ଟ୍ରିପକୁ ସାମିଲ କରିବାକୁ ଦାବି କରିଛନ୍ତି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ। ଏ ନେଇ ସେ ନୂଆଦିଲୀଠାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରଛନ୍ତି। ପଶ୍ଚିମ ଓଡିଶାର ଅନ୍ୟତମ ପ୍ରମୁଖ ଜିଲାଭାବେ ପରିଚିତ ବଲାଙ୍ଗୀର ଜିଲାର ଏହି ଉଡାଜାହାଜ ପଡିଆ ଉଡାନ୍ ଯୋଜନାରେ ସାମିଲ ହେଲେ ଏହାର ବିକାଶ ହୋଇପାରିବ ବୋଲି ସେ ଜଣାଇଛନ୍ତି । ଏହି ଯୋଜନାରେ ସାମିଲ ହେଲେ ତୁଷୁରାରୁ ଯାତ୍ରୀମାନେ ବିମାନ ଚଳାଚଳ କରିବାର ସୁବିଧା ପାଇପାରିବେ। ଏଦିଗରେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପୁରୀ ପ୍ରତିଶ୍ରୁତି ଦେଇଥିବା ଏମପି ସିଂଦେଓଙ୍କ ସ୍ଥାନୀୟ ଅଫିସ ସୂତ୍ରରୁ ଜଣାପଡିଛି।

# କରୋନା ସଚେତନତା ସଭା

**ଟିକ୍ରାପଡ଼ା ୧୯।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କରୋନା ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଟୁନୁ ରାଜପଲିଆ ଏଥିରେ ଅଧକ୍ଷତା କରିଥିଲେ। ଜିଆରଏସ ଜାନକୀବଲ୍ଲଭ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ । ଟିକ୍ରାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଶୋକ କୁମାର ମେହେର କରୋନାର ସ୍ଥିତି ଓ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ସମ୍ବନ୍ଧରେ ବୁଝାଇଥିଲେ । ଅଙ୍ଗନୱାଡି କର୍ମୀ କଲ୍ୟାଣୀ ବାଗ, ଅଦୀପ ପାତ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ଉପେନ୍ଦ୍ର ରାଜପଲିଆ, ଭକ୍ତ ରାଜପଲିଆ ଅଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ କରୋନା ସମ୍ବନ୍ଧରେ ସଚେତନ କରାଯିବାର ଆବଶ୍ୟକତା ରହିଥିବା ନେଇ ମତପ୍ରକାଶ ପାଇଥିଲା । ପ୍ରମୋଦ କୁମାର ପସାୟତ ଧନ୍ୟବାଦ ଅର୍ପଣ କରିଥିଲେ।



ଅନୁଷ୍ଠିତ ସଚେତନତା ସଭାରେ କରୋନାର ମୁକାବିଲା ପାଇଁ ଆଲୋଚନା କରାଯାଉଛି।

# ତହସିଲ, ସବ୍‌ରେଜିଷ୍ଟ୍ରି ଅଫିସରେ ଦଲାଲରାଜ

**ବଲାଙ୍ଗୀର ଅଫିସ, ୧୯।୩**





- ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କଲେ ଓକିଲ
- ସର୍ବସାଧାରଣଙ୍କୁ ଶୋଷଣ କରୁଥିବା ଅଭିଯୋଗ
- ପୋଲିସ ପକ୍ଷରୁ ଚଢ଼ାଉ
- ୫-ଟି କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ

ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନ ପାଇଁ ରାଜ୍ୟ ସରକାର ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଲାଗୁ କରିଛନ୍ତି । ଜନସାଧାରଣଙ୍କୁ ଶୋଷଣମୁକ୍ତ ପ୍ରଶାସନ ଓ ସୁବିଧା ଦେବାର ଲକ୍ଷ୍ୟ ରଖି ବିଭିନ୍ନ ମାର୍ଗଦର୍ଶିକା ଜାରି କରିଛନ୍ତି । ଏସବୁ ସତ୍ତ୍ୱେ ବଲାଙ୍ଗୀର ତହସିଲ ଅଫିସ ଓ ସବ୍‌ରେଜିଷ୍ଟ୍ରି ଅଫିସରେ ଦଲାଲରାଜ ଚାଲିଥିବା ଅଭିଯୋଗ ହୋଇଛି । ଏନେଇ ଓକିଲ ସଂଘ ସଦସ୍ୟମାନେ ବଲାଙ୍ଗୀର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କର ଦଲାଲଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଣାଇଛନ୍ତି । ଓକିଲମାନଙ୍କଠାରୁ ଅଭିଯୋଗ ପାଇବା ପରେ ଟାଉନ୍ ଥାନା ପୋଲିସ ପକ୍ଷରୁ ବଲାଙ୍ଗୀର ତହସିଲ ଅଫିସ ଓ ସବ୍‌ରେଜିଷ୍ଟ୍ରୀ ଅଫିସ ପରିସରରେ ଚଢ଼ାଉ କରାଯାଇଥିଲା। ଦୁଇଜଣ ଯୁବକଙ୍କୁ ପୋଲିସ ଉଠାଇ ମଧ ଆଣିଥିଲା । ତେବେ ସେହି ଦୁଇ ଜଣ ଅନ୍ୟ କେତେକ ଓକିଲଙ୍କ ସହଯୋଗୀ ବୋଲି ଜଣାପଡିବା ପରେ ସେମାନଙ୍କୁ ପୋଲିସ ପରେ ଛାଡି ଦେଇଥିବା ଜଣାପଡିଛି । ଅନ୍ୟପକ୍ଷେ ପୋଲିସ ଚଢ଼ାଉ ବିଷୟରେ ଜାଣିପାରି କେତେକ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଥିବା ଅଭିଯୋଗ ହୋଇଛି । ଓକିଲମାନେ ଅଭିଯୋଗ କରିଛନ୍ତି ଯେ, କେତେକ ଦଲାଲ ତହସିଲ ଅଫିସ ଓ ସବ୍‌ରେଜିଷ୍ଟ୍ରୀ ଅଫିସ ପରିସରରେ ସକ୍ରିୟ ରହି ବିଭିନ୍ନ କାମରେ ଆସୁଥିବା ଲୋକଙ୍କୁ ହଇରାଣ ହରକତ କରିବା ସହ ଶୋଷଣ କରୁଛନ୍ତି । ଅଫିସ ଭିତରେ ସେମାନଙ୍କ କାମ କରାଇ ଦେବେ କହି ଲୋକଙ୍କଠାରୁ ଟଙ୍କା ଲୁଟ୍ କରୁଛନ୍ତି । ଯେଉଁମାନେ ଏଭଳି କାର୍ଯ୍ୟ କରୁଛନ୍ତି ସେମାନଙ୍କ ପାଖରେ କୌଣସି ଆଇନଗତ ଲାଇସେନ୍ସ ନାହିଁ କି ସେମାନେ କୌଣସି ଓକିଲ ମଧ ନୁହନ୍ତି । ଏହାସତ୍ତ୍ୱେ ସେମାନେ ବିଭିନ୍ନ ଲୋକଙ୍କ କାମ କରିଦେବେ କହି ବିଭିନ୍ନ ଲୋକଙ୍କ କାଗଜପତ୍ର ଧରି ଅଫିସର ପାଖକୁ ଯାଇ ସମସ୍ତ କାମ କରୁଛନ୍ତି । ସବ୍‌ରେଜିଷ୍ଟ୍ରୀ ଅଫିସରେ ଜମି ରେଜିଷ୍ଟ୍ରି କାରବାର ବେଳେ ସବୁଠୁ ବେଶୀ ଦଲାଲ ସକ୍ରିୟ ରହୁଛନ୍ତି । ଓକିଲମାନେ ଏନେଇ ପାଟି ଫିଟାଇଲେ ସେମାନେ ଯୁକ୍ତିତର୍କ କରୁଛନ୍ତି । ତହସିଲ ଅଫିସ ଓ ସବ୍‌ରେଜିଷ୍ଟ୍ରୀ ଅଫିସରେ ସକ୍ରିୟ ଥିବା ଏହି ଦଲାଲମାନଙ୍କୁ କାବୁ କରିବା ପାଇଁ ବାର ଆସୋସିଏଶନ୍‌ର ସଦସ୍ୟମାନେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଚଢ଼ାଉ ମଧ କରିଥିଲା । ତେବେ ଯେଉଁ ଦୁଇଜଣଙ୍କୁ ପୋଲିସ ଉଠାଇ ଆଣିଥିଲା ସେମାନେ ଓକିଲ ହୋଇ ନ ଥିଲେ ମଧ କେତେକ ଓକିଲଙ୍କ ସହଯୋଗୀ ବୋଲି ପରେ ଜଣାପଡିଛି। ଅନ୍ୟ ଦଲାଲମାନେ ଫେରାର ହୋଇଯାଇଛନ୍ତି । ଏନେଇ ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ପଚାରିବାରୁ ତହସିଲ ଓ ସବ୍‌ରେଜିଷ୍ଟ୍ରୀ ଅଫିସରେ ଦଲାଲ ସକ୍ରିୟ ରହୁଥିବା ନେଇ ଓକିଲ ସଂଘ ସଦସ୍ୟଙ୍କ ଅଭିଯୋଗ ପରେ ଚଢ଼ାଉ କରାଯାଇଥିଲା । ଆଗାମୀ ଦିନରେ ମଧ ଦଲାଲଙ୍କ ଉପରେ କଡା ନଜର ରଖାଯିବ ବୋଲି ସେ କହିଛନ୍ତି। ଏନେଇ ତହସିଲଦାର ଲଲାଟ ଲୁହାଙ୍କୁ ପଚରାଯିବାରୁ ଏବେ ଅନେକ ଅଫିସିଆଲ କାମ ଅନ୍‌ଲାଇନ୍‌ରେ ହେଉଛି। ଏଣୁ ଲୋକେ ଆଉ ଠକାମିରେ ପଡିବାର କଥା ନୁହେଁ । ତେବେବି ଓକିଲମାନେ ଦଲାଲ ସକ୍ରିୟ ଥିବା କଥା କହିଛନ୍ତି। ଏ ଦିଗରେ ସେମାନେ ଟାଉନ୍ ଥାନାରେ ଅଭିଯୋଗ କରିଥିବା ତାଙ୍କୁ ଜଣାଇଥିଲେ ବୋଲି ସେ କହିଛନ୍ତି।



ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ।

- ମହାବୀର ଜୈନ



## ସଂକ୍ଷେପରେ...

### ୨୩ରେ ଚାଷୀଙ୍କ ଧାରଣା

ପଦ୍ମପୁର, ୧୯।୩ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡର ଚାରପାଲି, କନସିଂହା, ସର୍ଗିବାହାଲ ଅଞ୍ଚଳର ଚାଷୀମାନେ ଆଗାମୀ ୨୩ ତାରିଖରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦିପ୍ତିପୁର ଶାଖା ସମ୍ମୁଖରେ ଧାରଣା ଦେବେ ବୋଲି ଉପଜିଲାପାଳଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଚାଷୀମାନେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ୨୦୧୮ ଖରିଫ ଋତୁର ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ଧାରଣା ଦିଆଯିବ ବୋଲି ଦଳଗଞ୍ଜନ ଧରୁଆ, ରଜନୀ କୁମାର ସାହୁ, ଗୃପଧର ପ୍ରଧାନ, ଦେବେନ୍ଦ୍ର ଧରୁଆ, ମୀନକେତନ ବିଶ୍ୱାଳ ସୂଚନା ଦେଇଛନ୍ତି।

### ପରିବା ଫସଲ ନଷ୍ଟ

ବିଜେପୁର, ୧୯।୩ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଅଞ୍ଚଳରେ ଗୁରୁବାର ଝଡତୋଫାନ ସହ ବର୍ଷା ହୋଇଛି। ଅପରାହ୍ନ ୪ଟାରେ ହଠାତ ଖୁବ୍ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା । ଏହା ସାଙ୍ଗକୁ କରକାପାତ ମଧ ହୋଇଥିଲା । ଫଳରେ ଏହି ଅଞ୍ଚଳରେ ହୋଇଥିବା ପନିପରିବା ଫସଲ ନଷ୍ଟ ହୋଇଛି । ଚଳିତ ବର୍ଷ ଏହି ଅଦିନିଆ ବର୍ଷା ବିପ୍ରାତ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି । ବାରମ୍ବାର କରକାପାତ ଯୋଗୁ ପନିପରିବା ଫସଲ ନଷ୍ଟ ହେଉଛି। ପ୍ରତିକୂଳ ପାଗ ଲାଗି ରହିଥିବାରୁ ଆମ୍ବ, ମହୁଲ, ଚାର ଫୁଲ କଷି ଝଡି ଯାଉଥିବା ଜଣାପଡିଛି ।

# କରୋନା କରିଛି ବେରୋଜଗାର

ମହାମାରୀ କରୋନା ସଭିଁଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହା କେବଳ ଆତଙ୍କ ଆଉ ଆଲୋଡ଼ନ ସୃଷ୍ଟି କରିଛି, ତାହା ନୁହେଁ । କରୋନାକୁ ନେଇ ଗତ ପ୍ରାୟ ସପ୍ତାହେ ହେଲା ସବୁଆଡ଼େ ଚର୍ଚ୍ଚା, ସବୁଠି ଶୂନ୍‌ଶାନ। ସଚେତନତା ଦୃଷ୍ଟିରୁ ସରକାର, ପ୍ରଶାସନ ପକ୍ଷରୁ ସ୍କୁଲ, କଲେଜ, ସପିଂ ମଲ୍ ଗୁଡ଼ିକୁ ବନ୍ଦ କରି ଦିଆଯାଇଛି । ଅନ୍ୟପଟେ କରୋନାରେ ଫୁଟ୍‌ପାଥ୍‌ର ଚା, ଗୁପଚୁପ୍, ପରିବା ବିକାଳିଠାରୁ ଆରମ୍ଭ କରି ଫଳ ଓ ତେଜରାତି ଦୋକାନ ଗୁଡ଼ିକ ମଧ୍ୟ ଯଥେଷ୍ଟ ପ୍ରଭାବିତ ହୋଇଛି। ସେହିପରି ଦୋକାନୀ, ବ୍ୟବସାୟୀଙ୍କ ରୋଜଗାର ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି ଏବଂ ତାହା ସେମାନଙ୍କ ଜୀବନ ଜୀବିକା ପାଇଁ ଚିନ୍ତାର କାରଣ ପାଲଟିଛି ।



ବରଗଡ଼ ପରିବାର ବଜାର ଶୂନଶାନ ହୋଇ ପଡ଼ିଛି ।

### ବେପାର ମାନ୍ଦା ପଡ଼ିଛି



ଦୁଇ ପଇସା ରୋଜଗାର ପାଇଁ ଆମେ ଛତିଶଗଡ଼ରୁ ଆସିଛୁ। ଦେଓଗାଁ ନିକଟ ଜିରା ନଦୀ ବାଲିଶଯ୍ୟାରେ ପରିବା ଚାଷ କରିଥାଉ । ସେଠାରୁ ଅମଳ ପରିବା ନିୟମିତ ବରଗଡ଼ ହାଟକୁ ବିକ୍ରି ପାଇଁ ଆଣିଥାଉ । ହେଲେ ଗତ କିଛିଦିନ ହେଲା ବେପାର ପୂରାପୂରି ମାନ୍ଦା ପଡ଼ିଛି ।

-ଫୁଲଶନ ଯାଦବ, ପରିବା ବିକାଳି

### ୪୦ ପ୍ରତିଶତ ରୋଜଗାର କମିଛି



ଆଗରୁ ଦିନକୁ ପ୍ରାୟ ୧୦ହଜାର ଟଙ୍କାର ବିକ୍ରିବଟା ହେଉଥିଲା । ହେଲେ ଗତ ୭ଦିନ ହେଲା ତାହା ୬ହଜାର ମଧ୍ୟରେ ସୀମିତ ରହୁଛି । ୪୦ ପ୍ରତିଶତ ରୋଜଗାର କମି ଯାଇଛି । ଯେଉଁଭଳି ହେଲାଣି, ଆଗକୁ ଏହା ଆହୁରି ହ୍ରାସ ପାଇବ ବୋଲି ଆଶଙ୍କା ରହିଛି ।

-ନିରଞ୍ଜନ ବେହେରା, ତେଜରାତି ଦୋକାନୀ

### ଗରାଖ ସଂଖ୍ୟା କମିଛି



ଆଗରୁ ଦିନକୁ ୩ରୁ ୪ହଜାର ଟଙ୍କାର ବିକ୍ରି ହେଉଥିଲା । କିନ୍ତୁ ଗତ ଏକ ସପ୍ତାହ ହେଲା ତାହା ବହୁତ ମାତ୍ରାରେ କମି ଯାଇଛି । ଦିନକୁ ୨୨୦୦ରୁ ୨୫୦୦ ଟଙ୍କା ମଧ୍ୟରେ ବିକ୍ରିବଟା ହେଉଛି। ଦୋକାନରେ ଆଗଭଳି ଭିଡ଼ ନାହିଁ । କିଛିଦିନ ହେଲା ଗରାଖ ସଂଖ୍ୟା କମିଛି।

-ସିଲୁ ପ୍ରଧାନ, ଫଳ ଦୋକାନୀ

(ରିପୋର୍ଟ- ପ୍ରେମାନନ୍ଦ ଖମାରୀ)

# ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା



ରାଜାରାମ ମେହେର ଶୋଭିତ ଶୁଭମ ସାହୁ ମଧୁସ୍ମିତା ଧରୁଆ କ୍ଷିତିସୂତା ଭୋଇ

**ଆଇଆଇଟି-ଜାମ୍ ପ୍ରବେଶିକା ପରୀକ୍ଷା**

ବରଗଡ଼ ଅଫିସ୍, ୧୯।୩

ଚଳିତବର୍ଷ ଆଇଆଇଟି-ଜାମ୍ ୨୦୨୦ ପ୍ରବେଶିକା ପରୀକ୍ଷାରେ ବିକାଶ ଡିଗ୍ରୀ ମହାବିଦ୍ୟାଳୟରୁ ୪ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ତୃତୀୟ ବର୍ଷ ପଦାର୍ଥ ବିଜ୍ଞାନ ବିଭାଗର ରାଜାରାମ ମେହେର, ଶୋଭିତ ଶୁଭମ ସାହୁ, ପ୍ରାଣୀବିଜ୍ଞାନ ବିଭାଗର ମଧୁସ୍ମିତା ଧରୁଆ ଏବଂ କ୍ଷିତିସୂତା ଭୋଇ ବୋଲି ଡିଗ୍ରୀ ମହାବିଦ୍ୟାଳୟର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ସୂଚନା ଦେଇଛନ୍ତି । ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରିଛନ୍ତି। ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ପ୍ରମୁଖ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବରଗଡ଼ରେ ଝଡ଼ବର୍ଷା ସାଙ୍ଗକୁ କରାମାଡ଼

ବରଗଡ଼ ଅଫିସ୍, ୧୯।୩

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଝଡ଼ବର୍ଷା ସହିତ କରାମାଡ଼ (କୁଆପଥର ବୃଷ୍ଟି) ହୋଇଛି । ଜିଲାର ପ୍ରାୟ ସବୁ ଅଞ୍ଚଳରେ ଏଭଳି ହୋଇଥିବା ଅଦିନିଆ ବର୍ଷା, କରାମାଡ଼ରେ ଜନଜୀବନ ପ୍ରଭାବିତ ହୋଇଛି। ଝଡ଼ବତାସରେ କେତେକ ସ୍ଥାନରେ ଗଛ, ଡାଳ ଭାଙ୍ଗିଯିବା ଯୋଗୁ ବରଗଡ଼-ବରପାଲି, ଭଟଲି-ନୂଆଗଡ଼, ଭଟଲି-କେଶେଇପାଲି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । କରାମାଡ଼ରେ ଜିଲାର ଅନେକ ସ୍ଥାନରେ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି । ସେହିପରି ବରଗଡ଼ ନଦୀପଡ଼ା ଭଳି ଅନେକ ସ୍ଥାନରେ ଘରଛାତ ଉପରେ ଗଛଡ଼ାଳ ଭାଙ୍ଗି ପଡ଼ିବାରୁ ଘରଛାତ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପଟେ ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ଏପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ଯୋଗୁ ବର୍ଷାରେ ବସଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇ ପଡ଼ିଥିଲା ଏବଂ ଯାତ୍ରୀମାନଙ୍କୁ ବହୁ ହଟହଟା ହେବାକୁ ପଡ଼ିଥିଲା । ସେହିପରି ବିଭିନ୍ନ ସ୍ଥାନରେ ବିଦ୍ୟୁତ ସରବରାହ ଦୀର୍ଘ ସମୟ ଧରି ଠପ୍ ପଡ଼ି ଯାଇଥିଲା ।



ଝଡବର୍ଷାରେ ବରଗଡ଼ ସରକାରୀ ବସଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇ ପଡ଼ିଛି ।



ବରଗଡ଼-ବରପାଲି ରାସ୍ତାରେ ପଡ଼ିଥିବା ଗଛ ।

# କରୋନା ପାଇଁ ପୋଲିସର ସଚେତନତା

ବରଗଡ଼ ଅଫିସ୍, ୧୯।୩

କରୋନା ମୁକାବିଲା ପାଇଁ ଗୁରୁବାର ବରଗଡ଼ ସଦର ଥାନା ପୋଲିସ ପକ୍ଷରୁ ସ୍ଥାନୀୟ ଏକାମ୍ର ଛକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦର ଥାନାର ପୋଲିସ ଅଧିକାରୀ, କର୍ମଚାରୀମାନେ ଯାତ୍ରୀମାନଙ୍କୁ ଅଟକାଇ ଲିଫଲେଟ୍ ବାଣ୍ଟିଥିଲେ । ଏହା ସହିତ ସାବୁନରେ ହାତଧୁଆ ଉପରେ ସେମାନେ ସଚେତନତା ସୃଷ୍ଟି କରିଥିଲେ ।



ଏକାମ୍ର ଛକରେ ପୋଲିସର ସଚେତନତା କାର୍ଯ୍ୟକ୍ରମ ।

# ଯୁବକଙ୍କ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍, ୧୯।୩

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତୋରା ଗ୍ରାମରେ ବୁଧବାର ରାତ୍ରିରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଯୁବକ ଜଣକ ଉକ୍ତ ଗ୍ରାମର ଘନଶ୍ୟାମ ମହାପାତ୍ର ବୋଲି ବରଗଡ଼ ଟାଉନ ଥାନା ପୋଲିସ କହିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହାର ଅଧିକ ତଦନ୍ତ ଚାଲିଥିବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି ।

# କଅଁଳି ବଏସେ ପେଟ୍‌ପୁଷା ଚିନ୍‌ତା

ବିଜେପୁର, ୨୦।୩ (ଡି.ଏନ୍.ଏ.)

ଆଖିର୍ ଦୁନିଆଁଥି କିଛି ଅସମ୍ଭବ୍ ନୁହେ। ବାହାଜାଂଗଲ ମାଜ୍‌ଲେ ପେଟ୍ କେଭେ ଅପୁଷା ନାଇଁ ରହେ। ହେଲେ ଏଛେନ୍ ବି ନିଜର୍ ଭାଏଗ୍‌କେ ଦୋଷ ଦେଇ କିଛି ଲୋକ୍ କବାର୍‌ବୁତା ନାଇଁକରି କରି ଅଭାବ୍ ଅସୁବିଧାଥି ଦିନ୍ ବିତଉଥିବାର ଦେଖିବାକେ ମିଲୁଛେ। ଏନ୍‌ତା ସମିଆଥି କଅଁଳି ବଏସେ ବହିପତର୍ ଧର୍‌ବାର ଜାଗାରେ ପରିବାରର ବୋଝ୍ ଉଠଉଛନ୍ ଝନେ ନାବାଲକ୍।

ବରଗଡ଼ ଜିଲା ବିଜେପୁର ଏନ୍‌ଏସି ସଦର ମହକୁମାଥି ବମ୍ବେ ଲଡ୍ଡୁ ବିକୁଥିବାର ଇ କମିହାଁ ନାବାଲକ୍‌କୁଁ ଭେଟିଥିଲେ ଆମର୍ ବିଜେପୁର ଖବରଦାତା। ସେ ହେଉଛନ୍ ବରୁଣ ଗୁପ୍ତା(୧୧)। ଜନମ୍ ଠାନ୍ ଉତ୍ତରପ୍ରଦେଶ୍ ରାଏଜ୍‌ର କାନପୁର। ପଏସା ପତର୍‌ର ଅଭାବ ଲାଗି ସେ ସାତ୍ କିଲାସନୁ ପାଠ୍ ଛାଡ଼ିଛନ୍। ଗଲା ବଛର୍ କମେଇ କୁଡ଼େଇ ଖାଏବାକେ କାନ୍‌ପୁରରୁ ବରଗଡ଼କେ ଆସିଛନ୍। ଅମାପାଲିଠାନେ ଘରଭଡ଼ା ନେଇ ସେ ନିଜର ପରିବାର ସଂଗେ ରହୁଛନ୍। ମା' ପୁଲା, ବାପା ସିନ୍ଧୁ, ଭାଏ ଅନିକେତ ଆର ଦେଢ଼ ବଛର୍‌ର ବହେନ୍ ପ୍ରାଂଶୀକୁଁ ନେଇ ତାକର ପରିବାର। ଫିଦିନ୍ କୁକ୍‌ରା ଡକା ଆଗ୍ରୁ ବାପ୍‌ପୁଓ ଘରେ ବମ୍ବେ ଲଡ୍ଡୁ ତିଆରିବାର ଆରମ୍ କରସନ୍। ତାକେ ଜରିଥି ପେକିଂ କରସନ୍ । ଇ ଫିଦିନିଆଁ କାମ୍ ସାରି ବାପ୍ ପୁଓ ଲଡ୍ଡୁ ବିକି ବାହାରସନ୍। ବାପ୍ ସିନ୍ଧୁ ବରଗଡ଼ ସହରରେ ରହୁଥିଲାବେଲେ ପୁଓ ବରୁଣ ବେପାର ଲାଗି ୨୮ କି.ମି. ବସ୍‌ରେ ବିଜେପୁର ଏରିଆକେ ଆସୁଛନ୍। ସେ ଖଁଦେ ବମ୍ବେ ଲଡ୍ଡୁର ଭାର ବୁହି ହାତେ ହରନ୍ ବଜେଇ ବଜେଇ ଗଲିକଁଦି ବୁଲି ଲଡ୍ଡୁ ବିକୁଛନ୍। ଲାଲେ ଲାଲ୍ ବମ୍ବେ ଲଡ୍ଡୁ, ଖାଏଲେ ସୁଆଦ ଜାନବ୍ ସତ୍ତୁ ମିତାର ଅନେକ ମଜାକିଆ କଥା କହି ଛୁଆପୁତାନୁ ବୁଢ଼ାତ ତକ୍ ମନ୍‌ମୁହି ଲଡ୍ଡୁ ବିକୁଛନ୍। ତାକର କଥା ଶୁନି ଛୁଆମାନେ ବି ଉଷତ୍‌ରେ ଦଶ ଟଁକାକେ ଦୁଇଟା ଲେଖାଁ ଲଡ୍ଡୁ ଘିନି ନେଉଥିବାର ଦେଖିବାକେ ମିଳିଥିଲା । ଆଏଜକେ ୩ରୁ ୪ ମାସ ହେଲା ବରୁଣ ଇ ଏରିଆକେ ବେପାର କରି ଆସୁଛନ୍। ଫିଦିନ ୩ଶହରୁ ୪ଶହ ଟଁକା ତକ୍ ସେ ବେପାର କରୁଛନ୍। ସେନ୍‌ତା ଇଥି ଦେଢ଼ଶହନୁ ଦୁଇଶହ ତକ୍ ଲାଭ ମିଲୁଥିବାର ସେ କହିଛନ୍। ତାକର ପାଠ ପଢ଼ା ବାବ୍‌ଦେ ପଚ୍‌ରାଲାରୁ କାଁକରବେ ଆଗିଆଁ ପଢ଼ବାର ମନ୍‌ଥିଲେ ବି ଅଭାବ୍ ଅନାଟନ ସବୁବେଲେ ଘାଁଟି ମାରୁଛେ। କାହାର ଠାନେ ହାତ ପତାଲେ ସିନେ ଲାଜ୍ ଲାଗ୍‌ବା। ଖରାତରା ସହି ଗଲିକଁଦି ବୁଲି ଯେନ୍ ଦୁଇ ପଏସା ମିଲୁଛେ ହେଥି ବଡା ଖୁସି ଲାଗୁଛେ ବଲି ବରୁଣ ହଁସ ହଁସ ମୁହେଁ କହିଥିଲେ।



# ମିଳୁନି ଗୁହାଳ ନିର୍ମାଣ ପ୍ରାପ୍ୟ

ବରଗଡ଼ ଅଫିସ୍, ୧୯।୩

ବରଗଡ଼ ବ୍ଲକ ଅନ୍ତର୍ଗତ କଲାପାଣି ପଞ୍ଚାୟତର ୭ ଜଣ ଚାଷୀ ସରକାରୀ ଯୋଜନା ମୁତାବକ ଗୁହାଳ ନିର୍ମାଣ କରିଥିବାବେଳେ ଏପର୍ଯ୍ୟନ୍ତ ସେମାନଙ୍କୁ ପ୍ରାପ୍ୟ ମିଳି ନଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମାତ୍ର କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, କଲାପାଣି ପଞ୍ଚାୟତର ସୋମନାଥ ସାହୁ, ଅକ୍ରୁର ସାହୁ, ତେଜରାଜ ସାହୁ, ବିହାରୀ ପ୍ରଧାନ, ଏନ.ରାମବାବୁ, ଡୋଲାମଣି ପ୍ରଧାନ ଏବଂ ସାଧୁ ବାଗ ସରକାରଙ୍କ ଯୋଜନା ମୁତବକ ଗୁହାଳ ନିର୍ମାଣ କରିଛନ୍ତି । ତତ୍କାଳୀନ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ଅନୁମତିକ୍ରମେ ସେମାନେ ତାହା ନିର୍ମାଣ କରିଛନ୍ତି ଏବଂ ନିର୍ମାଣ ସରିବା ପରେ କୁଆଡ଼େ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ସେମାନଙ୍କୁ ପ୍ରାପ୍ୟ ମିଳିବ ବୋଲି କହିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ତାହା ପାଇ ପାରି ନ ଥିବା ଯୋଗୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ସୋମନାଥ ସାହୁ, ଏକାଦଶିଆ ସାହୁ, ସୁରେଶ ନେକେଣ୍ଟି, ବିହାରୀ ପ୍ରଧାନ ଗୁରୁବାର ଜିଲାପାଳଙ୍କୁ ଗୁହାରି କରିଛନ୍ତି ।



ଗୁହାଳ ନିର୍ମାଣ ପ୍ରାପ୍ୟ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

# କରୋନା ସଚେତନତା ଶୋଭାଯାତ୍ରା

ଜାମଟିକ୍ରା, ୧୯।୩ (ଡି.ଏନ.ଏ)

ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତରେ ସରପଞ୍ଚ ସବିତା ଦୀପଙ୍କ ନେତୃତ୍ୱରେ କରୋନା ମୁକାବିଲା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଯୋଗ ଦେଇ କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସାବୁନରେ ବାରମ୍ବାର ହାତ ଧୋଇବା, କାଶ ଛିଙ୍କ ସମୟରେ ନାକ ଓ ମୁହଁକୁ ରୁମାଲ କିମ୍ବା ଟିସୁ ପେପର ଦ୍ୱାରା ଘୋଡାଇ ରଖିବା, ଜ୍ୱର କାଶ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଓ ଡାକ୍ତରଖାନାକୁ ଯିବା ସମୟରେ ମାସ୍କ ବ୍ୟବହାର କରିବା, ଜନଗହଳି ସ୍ଥାନଠାରୁ ନିଜକୁ ଦୂରେଇ ରଖିବା ଏବଂ ବିଶେଷ କରି ଶିକ୍ଷାନୁଷ୍ଠାନ ମାନଙ୍କରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ସଚେତନ କରିଥିଲେ। ଏହି ଶୋଭାଯାତ୍ରାରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା ଯୋଗ ଦେଇଥିଲେ ।



ମହିଳାମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

# ଭତା, ଆବାସ ଯୋଜନାରୁ ବଁଚିତ୍ ପରିବାର

ଅତାବିରା, ୧୯।୩ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗରିବ୍ ଦୁଖିକର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ସର୍ଭେରେ ଭୁଲଭଟକା, ସରକାରୀ ଅଧିକାରୀ, କରମ୍‌ଚାରୀକଁର ଖାମ୍‌ଖିଆଲି ମନଭାବ ଲାଗି ହକ୍‌ଦାର ହିତାଧିକାରୀ ସରକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ୍ ଗମ୍ଭାରୀପାଲି କୃଷିଫାର୍ମ ପାସର ଲିଟୁପଡ଼ାରେ।

ସୂଚନା ଅନ୍‌ସାରେ ବରଗଡ ଜିଲା ବେହେରାଟିକ୍ରାର ମୂଳବାସିନ୍ଦା ନୀଳ ଜଗଦଲା (୬୬)। ପରିବାର କହିଲେ ମାଏକିନା ଯଜ୍ଞ, ଦୁଇପୁଓ ସୁରେନ, ରବି, ବହ ଆର ନାତିନାତେନକୁଁ ନେଇ ସଁସାର। ନୀଳକଁର ବାପା ଗୋପାଳ ଆଏଜ୍‌କେ ୫୦ ବଛର ତଳେ କମେଇ ଖାଏବାର ଲାହାଁସେ ଗମ୍ଭାରୀପାଲି ପାସର ଲିଟୁପଡ଼ାକେ ପଳେଇ ଆସିଥିଲେ। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି, ଘରଡିହ, ସଁପତି ବଲି କିଛି ନାଇଁ। ନୀଳ ବାଡୁନ୍ ବେପାର କରି ଦୁଇ ପଏସା ରୁଜଗାର କରୁଛନ୍। ସେଥିରେ ସେ ପିଲାଛୁଆକୁ ପାଠ୍ ପଢ଼ାବାର ସଂଗେ ବିହାଟୁରା କରିଛନ୍। ଏହେଦେ ଇ ବୁଢ଼ୁଧି ଦମ୍ପତି ସାନପୁଓ ରବିକଁର ସଂଗେ ରହୁଥିଲାବେଲେ ବଡ଼ପୁଓ ବିହାଟୁରା ହେଲା ଉତାରୁ ଭିନେ ହେଇ ରହୁଛନ୍। ନୀଳକଁର ଆଧାରକାର୍ଡ, ଭୋଟ ପରିଚଏପତର, ରାଶନକାର୍ଡ ରହିଛେ।



ନୀଳ ଜଗଦଲା ସାଇକେଲରେ ଗାଁ ଗାଁ ବୁଲି ବାଡୁନ୍ ବିକୁଛନ୍।

**ବାଡୁନ୍ ବେପାର ଦେଉଛେ ପରିବାରକେ ଦାନା**

ସରକାରୀ ଯୋଜନାରେ ପରିବାରଟା ମାସିକ ୧୫ କେ.ଜି. ଚାଉଳ ପାଉଛନ୍। ହେଲେ ବୁଢ଼ୁଧି ଦମ୍ପତି ଭତା ଆର ରୟତି ଜାଗା ଅଭାବୁ ଆବାସ ଯୋଜନାରୁ ବଁଚିତ୍ ହେଇ ରହିଥିବାର କହିଛନ୍। ସେନ୍‌ତା ପରିବାରଟା ସୁଖବାସୀ ହେଇଥିଲେ ବି ବସୁନ୍ଧରା ଯୋଜନାରେ ୪ ଡେସିମିଲ ଘର ଡିହ ପାଏବାରୁ ବଁଚିତ୍ ଥିବାର ନୀଳ କହିଛନ୍। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦ ଆର ତହସିଲଦାର ହୃଦାନନ୍ଦ ଅଡ୍ଡାକୁଁ ପଚ୍‌ରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ଉଭଏ କହିଥିଲେ।